ଉତ୍କଳାୟନ

UTKALAYANA

2026



ALUMNI ASSOCIATION
UTKAL UNIVERSITY

5th ANNUAL DAY FUNCTION OF ALUMNI ASSOCIATION

21.08.2025

Chief Guest Dr. Hari Babu Kambhampati, Hon’ble Governor of Odisha and Chancellor of Utkal University, and other Dignitaries .

Launching of UTKALAYANA-2025, the Magazine of Alumni Association

ଉତ୍କଳାୟନ

UTKALAYANA

2026

ALUMNI ASSOCIATION
Utkal University

Printed & Published by :
Alumni Association, Utkal University, Bhubaneswar

Printed at :
Maruti Printech Industry, Bhubaneswar
Contact : 943700 3344

EDITORIAL BOARD

Dr. Hiranmayee Mishra
1989, Pol. Science

Mr. Nilambar Biswal
1979, Mathematics

Dr. Bira Kishore Dash
1988, Sociology

Dr. Ganeswar Jena
1989, Pol. Science

Dr. Mitali Mohanty
1992, Psychology

Mr. Tapan Ku. Jena
1993, Law

Mr. Satrujit
1996, Law

MESSAGE

RAJ BHAVAN
BHUBANESWAR - 751 008

सत्यमेव जयते

No. 501/2026

Dr. Hari Babu Kambhampati
Governor, Odisha

28th July 2026

I am pleased to learn that the Alumni Association, Utkal University, Vani Vihar, Bhubaneswar is celebrating its **06th Annual Foundation Day on 21st August 2026** and is bringing out its annual souvenir, **"Utkalayana"** to commemorate the occasion.

Utkal University has made significant contributions to higher education and nation-building by nurturing generations of accomplished alumni who have excelled in diverse fields. Such initiatives by the Alumni Association strengthen the enduring bond between the University and its alumni while inspiring the younger generation.

I extend my heartfelt greetings and best wishes to the Alumni Association, its office-bearers, members and participants for a successful Foundation Day celebration. I also wish the souvenir **"Utkalayana"** every success and hope it reflects the rich legacy of Utkal University and the achievements of its alumni.I wish the Association continued success in all its future endeavors.

(Hari Babu Kambhampati)

Phone : 91-674-2536111/2536222, Fax : 91-674-2536582
E-mail : govodisha@nic.in, Website : www.rajbhavanodisha.gov.in

MOHAN CHARAN MAJHI
CHIEF MINISTER, ODISHA

सत्यमेव जयते

LOKASEVA BHAVAN
BHUBANESWAR

MESSAGE

I am glad to know that the Alumni Association of Utkal University, Bhubaneswar is celebrating its 6th Annual Foundation Day on 21st August 2026 and bringing out a magazine **'Utkalayana'** in commemoration.

Standing as a majestic pillar of higher education in Odisha, Utkal University has nurtured generations of scholars, thinkers, and nation-builders. Its timeless ethos of wisdom and service continues to illuminate the path for aspiring minds across the country. It remains a vibrant hub of intellectual growth, empowering students to lead and excel in a rapidly changing world. I hope this collaborative endeavour will propel Utkal University to even greater heights of excellence, inspiring future generations to come.

I extend my warm greetings to the members of the Alumni Association on this occasion and wish the event a grand success.

(Mohan Charan Majhi)

Phone : Office : { 0674-2531100, 2531500, 2535100 (Fax)

MESSAGE

Phone Office : 0674-2536916
D.O. No............../ MoSHES&YSOLL&C
Bhubaneswar

SURYABANSHI SURAJ
MINISTER OF STATE (IND.)
Higher Education, Sports & Youth Services
Odia Language, Literature & Culture, Odisha

I am pleased to know that the Alumni Association, Utkal University is celebrating its 6th Annual Foundation Day on 21st August, 2026 and is bringing out its annual magazine, **"Utkalayana".**

Utkal University has played a pioneering role in the advancement of higher education in Odisha, nurturing generations of scholars, professionals, administrators, entrepreneurs and leaders who have made significant contributions to the society. The Alumni Association serves as a vital bridge between the University and its graduates, fostering a lifelong bond while strengthening the institution through collective wisdom, experience and commitment.

The publication of "Utkalayana" is a commendable initiative that will showcase the achievements of alumni, document the association's activities and provide a meaningful platform for the exchange of ideas. I am confident that this publication will inspire the younger generation to uphold the university's rich legacy of academic excellence, innovation and social responsibility.

I extend my heartfelt congratulations to all the members of the Alumni Association for successfully completing six years of dedicated service. I convey my best wishes for the grand success of the Foundation Day celebration and hope that the Alumni Association continues to contribute significantly to the growth and advancement of Utkal University.

(Suryabanshi Suraj)

Address. : Res. Office: QR No-6R-2, Unit-VI, Bhubaneswar-751001
Office: Room No.MB-I-006 & 007, Lok Seva Bhawan, Bhubaneswar, Odisha-751001
e-Mail id.: suryabanshi.suraj@gov.in

Prof. Chandi Prasad Nanda
Vice-Chancellor
Tel: (0674) 2567700
Email: vc@utkaluniversity.ac.in

UTKAL UNIVERSITY
NACC Accredited 'A+'

GREETINGS FROM THE VICE-CHANCELLOR

It gives me immense pleasure to greet and congratulate the Alumni Association of Utkal University on the occasion of its 6th Annual Day and the release of its annual magazine, Utkalayana.

An alumni association is often understood through the language of remembrance-of friendships, classrooms, teachers and a shared institutional past. Yet, to my mind, the deeper meaning of alumni engagement lies elsewhere. Alumni represent not simply the memory of a University, but its continuing presence in the world. Through the lives they build, the institutions they lead, the professions they shape and the communities they serve, the University travels far beyond the geographical boundaries of its campus.

The relationship between a university and its alumni must therefore be reimagined not through nostalgia alone, but as a living continuum between memory and possibility, legacy and renewal, belonging and responsibility. Alumni can become not merely participants in commemorating the past, but active partners in reimagining the future of the University.

It is here that alumni engagement can acquire a new institutional meaning. The idea of a Professor of Practice, for instance, becomes far more meaningful when accomplished alumni are able to bring into the classroom forms of knowledge generated through practice and professional experience. The classroom can then encounter the world of work not from a distance, but through those who have inhabited and transformed it.

There is also a larger possibility around Corporate Social Responsibility. Many of our alumni today occupy positions of leadership in corporations, public institutions and professional organisations. Their association with Utkal can help create meaningful CSR partnerships in areas such as student support, research infrastructure, innovation, digital transformation.

Sustainability, scholarships, community engagement and the strengthening of learning environments. Philanthropy, in this sense, need not be understood merely as giving resources; it can become an act of institutional co-creation.

Such engagement also invites us to reimagine mentorship. Mentoring is not simply advising a student about a career. At its best, it is an intergenerational conversation about choices, values, uncertainties and responsibilities. Alumni can help younger generations understand not only how to enter professions, but how to inhabit them with integrity and imagination.

I therefore see the Alumni Association as occupying a special space within Utkal: between the University we inherited and the University we are yet to create. Its strength will ultimately lie not merely in the number of alumni it connects, but in the depth of relationships it enables-between generations, disciplines, professions, institutions and ideas.

In this context, Utkalayana should be seen as more than an annual record of activities. It can become a space where institutional memory converses with contemporary experience; where alumni journeys become resources for younger generations; and where new ideas for reimagining the future of Utkal are articulated, debated and shared.

I congratulate the editorial team and all those associated with this publication. May Utkalayana continue to carry the many voices of the Utkal community while opening new pathways of engagement between the University and its alumni across the world.

As we move forward, the aspiration could perhaps be captured in a simple movement: from alumni connection to alumni participation; from participation to partnership; and from partnership to the co-creation of Utkal's future.I extend my warmest wishes to the Alumni Association on its 6th Annual Day and wish Utkalayana continuing distinction and success.

(Professor Chandi Prasad Nanda)

ବାର୍ତ୍ତା

ଡକ୍ଟର ସତ୍ୟଜିତ୍ ମହାନ୍ତି
ସଭାପତି, ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘ
ପ୍ରାକ୍ତନ ଅଧ୍ୟକ୍ଷ, ଓଡ଼ିଶା ଲୋକସେବା ଆୟୋଗ
ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ, ଓଡ଼ିଶା

ଆମ ପାଇଁ ଅତ୍ୟନ୍ତ ଆନନ୍ଦର ବିଷୟ ଯେ, ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘ କ୍ରମାଗତ ଭାବେ ସଫଳତାର ସହିତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବା ସହିତ ଏବେ ନିଜର ଷଷ୍ଠ ବାର୍ଷିକୋତ୍ସବ ପାଳନ କରୁଛି । ପୁରାତନ ଛାତ୍ରସଂଘର ମୁଖପତ୍ର **'ଉତ୍କଳାୟନ'** ମଧ୍ୟ ପ୍ରତ୍ୟେକ ବର୍ଷ ପରି ଏହି ବାର୍ଷିକୋତ୍ସବ ଅବସରରେ ପ୍ରକାଶ ପାଇବା ଆମ ପାଇଁ ଖୁସିର କଥା । ଏହି ମୁଖପତ୍ରରେ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀମାନଙ୍କ ଛାତ୍ର ଜୀବନର ଅଭିଜ୍ଞତା ଏବଂ ଅନ୍ୟାନ୍ୟ ସୃଜନଶୀଳ ଆଲେଖମାନ ପ୍ରକାଶିତ ହୋଇଛି ।

ରାଜ୍ୟର ସର୍ବ ପୁରାତନ ବିଶ୍ୱବିଦ୍ୟାଳୟ ଭାବରେ ଉତ୍କଳ ବିଶ୍ୱବିଦ୍ୟାଳୟର ଏକ ସ୍ୱତନ୍ତ୍ର ପରିଚିତି ରହିଛି । ଆମ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଭାରତବର୍ଷରେ ଏବଂ ସମଗ୍ର ବିଶ୍ୱରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରି ନିଜର ସ୍ୱତନ୍ତ୍ର ପରିଚିତି ସୃଷ୍ଟି କରିପାରିଛନ୍ତି । ସେମାନଙ୍କର ସଫଳତା ଓ ଅବଦାନ ଆମ ବିଶ୍ୱବିଦ୍ୟାଳୟ ଏବଂ ଏହାର ପୁରାତନ ଓ ବର୍ତ୍ତମାନର ଅଧ୍ୟୟନରତ ଛାତ୍ରଛାତ୍ରୀ ସମୁଦାୟଙ୍କ ପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ । ଆମମାନଙ୍କ ସୌଭାଗ୍ୟ ଯେ, ଆମେ ଏହି ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଭାବେ ଗର୍ବର ସହିତ ନିଜକୁ ପରିଚିତ କରାଇପାରୁଛେ । କିନ୍ତୁ ଏହା ସହିତ ବିଶ୍ୱବିଦ୍ୟାଳୟ ପ୍ରତି ଆମମାନଙ୍କର କର୍ତ୍ତବ୍ୟ ମଧ୍ୟ ରହିଛି । ତାହାହେଲା, ଏହାର ଉନ୍ନତିରେ ଆମେମାନେ ବ୍ୟକ୍ତିଗତ ଭାବେ ଓ ସାମୂହିକ ଭାବେ ନିଜର ଅବଦାନ ଦେବା ଆବଶ୍ୟକ । ଛାତ୍ରଛାତ୍ରୀମାନଙ୍କ ପ୍ରତିନିଧି ଭାବରେ ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘ ସେହି ସାମୂହିକ ଅବଦାନର ଦାୟିତ୍ୱ ନିର୍ବାହ କରୁଛି । ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣକୁ ସମୃଦ୍ଧ କରିବା ପାଇଁ ପୁରାତନ ଛାତ୍ରସଂଘ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ସହଯୋଗ କରି ଆସୁଛି । ବିଭିନ୍ନ ସମୟରେ ପୁରାତନ ଛାତ୍ରସଂଘ ପକ୍ଷରୁ ଭିନ୍ନଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଉଥିବା ବେଳେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମଧ୍ୟ ଆମକୁ ସବୁ କ୍ଷେତ୍ରରେ ସହଯୋଗ କରି ଆସୁଛନ୍ତି । ସେଥିପାଇଁ ଏହି ଅବସରରେ କୁଳପତି ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରୁଛି ।

ପୁରାତନ ଛାତ୍ରସଂଘ ଆମ ବିଶ୍ୱବିଦ୍ୟାଳୟର ଉନ୍ନତି ପାଇଁ ନିଜର ଯୋଗଦାନ ଆଗକୁ ମଧ୍ୟ ଅବ୍ୟାହତ ରଖିବ । ଆମର ସମସ୍ତ ସଦସ୍ୟସଦସ୍ୟା ଏଥିରେ ପୂର୍ଣ୍ଣପ୍ରାଣରେ ସହଯୋଗ କରିବେ ବୋଲି ଆଶା ଓ ଭରସା ରହିଛି । ଶେଷରେ ପୁଣିଥରେ ବାର୍ଷିକୋତ୍ସବ ପାଳନ ଅବସରରେ ପୁରାତନ ଛାତ୍ରସଂଘର ସମସ୍ତ ସଦସ୍ୟସଦସ୍ୟାଙ୍କୁ ଅଭିନନ୍ଦନ ଜଣାଇବା ସହିତ ଉତ୍ସବର ସଫଳତା କାମନା କରୁଛି ।

ସତ୍ୟଜିତ୍ ମହାନ୍ତି

(ଡକ୍ଟର ସତ୍ୟଜିତ୍ ମହାନ୍ତି)

ALUMNI ASSOCIATION - UTKAL UNIVERSITY

ADVISORS

Mr. Dharmendra Pradhan
1990, Anthropology

Dr. Achyuta Samanta
1986, Chemistry

Dr. Arun Kumar Sahoo
1990, History

Mr. Prasad harichandan
1985, Political Science

Mr. Sarat Kumar Acharya
1979, PM & IR



Dr. Ajay Kumar Mohanty
1975, Physics

Mr. Bijaya Kumar Patnaik
1974, Political Science

Prof. Ashoka Das
1971, Physics

ALUMNI ASSOCIATION - UTKAL UNIVERSITY

OFFICE BEARERS

Dr. Satyajit Mohanty
President
1983, Geology

Mr. Debendra P. Das
General Secretary
1979, Political Science

Mr. Raghunath Prusty
Vice President
1978, PMIR

Dr. Bira Kishore Dash
Joint Secretary
1988, Sociology

Mr. Amiya Ku. Mohanty
Treasurer
1977, History

Mr. Santosh Ku. Mohapatra
Joint Treasurer
1997, A & A Economics

ALUMNI ASSOCIATION - UTKAL UNIVERSITY

EXECUTIVE COMMITTEE MEMBERS

Anindita Das

Ajaya Ku. Mohapatra

Ananta P. Samantray

Ashok Ku. Nayak

Arup Srichandan

Bijaya Ku. Sahoo

Biswajit Biswal

Chinmay Ku. Sahoo

Debasish Dasgupta

Dillip Ku. Mishra

Gadadhar Rath

Dr. Ganeswar Jena

Girija Sankar Jena

Harekrushna Sial

Dr. Hiranmayee Mishra

ALUMNI ASSOCIATION - UTKAL UNIVERSITY

EXECUTIVE COMMITTEE MEMBERS

Hitesh Ku. Nayak

Laxmidhar Chand

Manoj Ku. Biswal

Dr. Manoranjan Bhuyan

Manoranjan Swain

Dr. Mitali Mohanty

Dr. Narayan Tripathy

Nilambar Biswal

Nityananda Das

Pradeepta Ku. Bisoi

Dr. Pradip Ku. Rath

Dr. Prasanna Ku. Jena

Priyabrata Mohanty

Radha Kanta Pani

ALUMNI ASSOCIATION - UTKAL UNIVERSITY

EXECUTIVE COMMITTEE MEMBERS

Rajalaxmi Panda

Dr. Rajeshraj Swain

Rajiblochan Tarai

Ram Sankar Pattanayak

Ramesh Ch. Dash

Sangram Keshari Das

Dr. Santosh Ku. Kamila

Santosh Ku. Sethy

Smita Samanta

Soumya R. Mohapatra

Subrat Ku. Biswal

Susmita Tripathy

Dr. Tanmaya Ku. Swain

Tapan Ku. Jean

5th ANNUAL DAY FUNCTION OF ALUMNI ASSOCIATION

21.08.2025

Chief Guest Dr. Hari Babu Kambhampati, Hon'ble Governor of Odisha and Chancellor of Utkal University, and other Dignitaries on the Dais.

Chief Guest Hon'ble Governor Dr. Hari Babu Kambhampati

5th ANNUAL DAY FUNCTION OF ALUMNI ASSOCIATION

21.08.2025

Prof. Jagneshwar Dandapat,
Esteemed Vice Chancellor (I/C)

Sri Pitambar Acharya, Advocate General,
Government of Odisha

Dr. Satyajit Mohanty
President, Alumni Association

Mr. Debendra Prasad Das
General Secretary, Alumni Association

5th ANNUAL DAY FUNCTION OF ALUMNI ASSOCIATION

21.08.2025

Felicitation to the Chief Guest Dr. Hari Babu Kambhampati, Hon’ble Governor of Odisha

Felicitation to Prof. Jagneshwar Dandapat
V. C. (I/C)

Felicitation to the Sri Pitambar Acharya,
A.G., Govt. of Odisha

5th ANNUAL DAY FUNCTION OF ALUMNI ASSOCIATION

21.08.2025

Prize Distribution

Esteemed Audience

Esteemed Audience

ANNUAL GET TOGETHER OF ALUMNI ASSOCIATION

08-02-2026

ANNUAL GET TOGETHER OF ALUMNI ASSOCIATION

08-02-2026

ANNUAL GENERAL BODY MEETING OF ALUMNI ASSOCIATION

16.11.2025

EXECUTIVE COMMITTEE MEETING OF ALUMNI ASSOCIATION

10.07.2026

31.07.2026

ACTIVITIES OF ALUMNI ASSOCIATION

The group photograph of participants of Odia & English Debate Competitions
held on 05.08.2026 with Judges, Members and Office bearers of Alumni Association

The group photograph of participants of Song Competition
held on 05.08.2026 with Judges, Members and Office bearers of Alumni Association

SCROLL OF HONOUR

ଡକ୍ଟର ଗିରୀଶ ଚନ୍ଦ୍ର ମୁର୍ମୁ

ମହାଭାଗ, ଆପଣ ଓଡ଼ିଶା ମାଟିର ଏକ ଅଖ୍ୟାତ ପଲ୍ଲୀରେ ଜନ୍ମ ଗ୍ରହଣ କରି ସ୍ୱକୀୟ ପ୍ରତିଭା ଓ ଜ୍ଞାନ ବଳରେ ଦେଶ ଦୁନିଆର ବିଭିନ୍ନ ଉଚ୍ଚ ପଦପଦବୀରେ ଅଭିଷିକ୍ତ ହୋଇ ନିଜର କର୍ମ କୁଶଳତା ପ୍ରତିପାଦନ କରିଛନ୍ତି। ନିଜର ଅଦମ୍ୟ ପରିଶ୍ରମ ଓ ଚେଷ୍ଟା ବଳରେ ଜଣେ ମେଧାବୀ ଛାତ୍ର ହିସାବରେ ସମ୍ମାନଯୁକ୍ତ ଭାରତୀୟ ପ୍ରଶାସନିକ ସେବାରେ ଗୁଜୁରାଟ କ୍ୟାଡରରେ ଯୋଗ ଦେଲେ। ନିଜର ପ୍ରଶାସନିକ କର୍ମକୁଶଳତା ଦ୍ୱାରା ସରକାରଙ୍କ ଦୃଷ୍ଟିରେ ଜଣେ କର୍ମଠ ଅଧିକାରୀ ହିସାବରେ ପରିଗଣିତ ହୋଇ, ବର୍ତ୍ତମାନର ପ୍ରଧାନମନ୍ତ୍ରୀ ତଥା ଗୁଜୁରାଟ ରାଜ୍ୟର ତଦାନୀନ୍ତନ ମୁଖ୍ୟମନ୍ତ୍ରୀଙ୍କ ଶ୍ରଦ୍ଧା ଭାଜନ ହୋଇ ମୁଖ୍ୟମନ୍ତ୍ରୀଙ୍କର ପ୍ରମୁଖ ସଚିବ ଭାବରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଭାର ସୁଚାରୁ ରୂପେ ପରିଚାଳନା କରିଥିଲେ। ଭାରତ ସରକାରଙ୍କ ଅର୍ଥ ବିଭାଗରେ ସଚିବ ହିସାବରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରିଥିଲେ। ନିଜର ବଳିଷ୍ଠ କର୍ମପ୍ରବଣତାର ପୁରସ୍କାର ସ୍ୱରୂପ ନବ ଗଠିତ ଜାମ୍ମୁ ଓ କାଶ୍ମୀର କେନ୍ଦ୍ର ଶାସିତ ଅଞ୍ଚଳର ପ୍ରଥମ ଉପ-ରାଜ୍ୟପାଳ ପଦ ଅଳଙ୍କୃତ କରି ନିଜର ଶାସନ ଦକ୍ଷତା ପ୍ରଦର୍ଶନ କରିଥିଲେ। ଭାରତର ଚତୁର୍ଦ୍ଦଶ ସିଏଜି ଭାବରେ ଦକ୍ଷତା ପ୍ରତିପାଦନ ସାଙ୍ଗକୁ ସାରା ଓଡ଼ିଶାର ଗର୍ବ ଓ ଗୌରବର ଅଧିକାରୀ ହୋଇଛନ୍ତି। ଆନ୍ତର୍ଜାତୀୟ କ୍ଷେତ୍ରରେ ବିଭିନ୍ନ ସମ୍ମାନପୂର୍ଣ୍ଣ ପଦବୀ ଯଥା Chairman, United Nations Panel of External Auditors; External auditor, Inter-Parliamentary Union, Geneva; Chairman, Asian Organization of Supreme Audit Institutions; External auditor, International Labour Organisation ଇତ୍ୟାଦି ଅଳଙ୍କୃତ କରିଛନ୍ତି। External auditor, World Health Organisation ଭାବେ ବର୍ତ୍ତମାନ କାର୍ଯ୍ୟରତ ଅଛନ୍ତି। ଆପଣଙ୍କର ଜନସାଧାରଣଙ୍କ ସେବା କ୍ଷେତ୍ର ଖାଲି ଭାରତରେ ସୀମିତ ନ ରହି ବିଶ୍ୱ ବ୍ୟାପ୍ତୀ ହୋଇଛି।

ଆମ ସଭିଙ୍କ ପ୍ରିୟ ଶିକ୍ଷାନୁଷ୍ଠାନ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଆପଣ ୧୯୮୧ ମସିହାରେ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ଲାଭ କରିଥିଲେ। ଆପଣଙ୍କର ଯଶକୀର୍ତ୍ତିର ପରାକାଷ୍ଠା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ର ସଂଘ ତାହାର ଷଷ୍ଠ ବାର୍ଷିକ ଉତ୍ସବ ଅବସରରେ ଆପଣଙ୍କୁ ସମ୍ମାନିତ କରି ଆନନ୍ଦିତ ଓ ଗର୍ବିତ। କୋଟି କୈବଲ୍ୟନାଥ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଆଶୀର୍ବାଦ ଆପଣଙ୍କର ଚଲାପଥକୁ କୁସୁମିତ କରୁ, ଏତିକି ପ୍ରାର୍ଥନା।

ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ର ସଂଘ, ବାଣୀବିହାର

SCROLL OF HONOUR

ଶ୍ରୀମତୀ କୁଙ୍କୁମ ମହାନ୍ତି

ମହାଶୟା, ଓଡ଼ିଶାର ନୃତ୍ୟ ଓ କଳା କ୍ଷେତ୍ରରେ ଆପଣ ଜଣେ ଉଜ୍ଜ୍ୱଳ ଆଲୋକ ବର୍ତ୍ତିକା । ପ୍ରତିଟି ଓଡ଼ିଆର ଗର୍ବ, ଓଡ଼ିଆ ଅସ୍ମିତାର ଧ୍ୱନି ପ୍ରତିଧ୍ୱନି, ଓଡ଼ିଶୀ ନୃତ୍ୟର ପ୍ରସିଦ୍ଧ ନୃତ୍ୟଗୁରୁ, ଦିଗ୍‌ଦର୍ଶକ, ଉଚ୍ଚକୋଟିର ନୃତ୍ୟାଙ୍ଗନା ହିସାବରେ ଆପଣ ସାରା ବିଶ୍ୱରେ ପରିଚିତ । ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଆପଣଙ୍କର ମାନସ ସୃଷ୍ଟ । ଏହାର ପରିକଳ୍ପନା, ସ୍ଥାପନା, ରୂପକଳ୍ପ ଏବଂ ପରିଚାଳନାରେ ଆପଣ କର୍ଣ୍ଣଧାର ଭୂମିକା ଗ୍ରହଣ କରି ଜୀବନର ମୂଲ୍ୟବାନ ସମୟ ଏହା ପାଇଁ ଉତ୍ସର୍ଗ କରିଛନ୍ତି । ଫେଷ୍ଟିଭାଲ ଅଫ୍ ଇଣ୍ଡିଆ ଓ ଅନେକ ସମ୍ମାନଜନକ କାର୍ଯ୍ୟକ୍ରମରେ ଭାଗ ନେଇ ବିଶ୍ୱ ଦରବାରରେ ଓଡ଼ିଶୀ ସଂସ୍କୃତିକୁ ପ୍ରତିଷ୍ଠିତ କରାଇଛନ୍ତି । ଓଡ଼ିଶୀ ନୃତ୍ୟ ସାଧିକା ଭାବରେ ଏବେ ମଧ୍ୟ ନୃତ୍ୟକଳା ଓ ନୃତ୍ୟଶିକ୍ଷା ଆପଣଙ୍କର ଧ୍ୟେୟ ହୋଇ ରହିଅଛି ଓ ଉତ୍ତର ପିଢ଼ିଙ୍କୁ ନବ ସୃଜନରେ ଆପଣ ଉଦ୍‌ବୁଦ୍ଧ କରୁଛନ୍ତି । ଆପଣଙ୍କର ଏହି ମହାନ ଅବଦାନ ପାଇଁ ଅନେକ ସମ୍ମାନରେ ଭୂଷିତ ହେବା ସହ ଆପଣ ପଦ୍ମଶ୍ରୀ ଉପାଧିରେ ମଧ୍ୟ ମଣ୍ଡିତ ହୋଇଛନ୍ତି । ଭାରତୀୟ ଡାକ ସେବା ଅଧିକାରୀ ଭାବେ ଓ ପରବର୍ତ୍ତୀ ସମୟରେ ଓଡ଼ିଶା ଶାସନରେ ସଂସ୍କୃତି ବିଭାଗ ସ୍ୱତନ୍ତ୍ର ସଚିବ ଭାବରେ ଆପଣଙ୍କର ଅବଦାନ ଚିର ସ୍ମରଣୀୟ ହୋଇ ରହିବ ।

ଆପଣ ଉତ୍କଳ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗରେ ଶିକ୍ଷା ଲାଭ କରି ୧୯୬୭ ମସିହାରେ ସ୍ୱର୍ଣ୍ଣ ପଦକ ସହ ଉତ୍ତୀର୍ଣ୍ଣ ହୋଇ ନିଜକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରି ଆମ ସମସ୍ତଙ୍କୁ ଓ ଆମର ପ୍ରିୟ ବିଶ୍ୱବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି । ଆଜି ନିଜର ଷଷ୍ଠ ପ୍ରତିଷ୍ଠା ଦିବସ ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ର ସଂଘ ଆପଣଙ୍କୁ ସମ୍ବର୍ଦ୍ଧିତ କରି ଗର୍ବିତ ଓ ଆନନ୍ଦିତ । କୋଟି ଓଡ଼ିଆଙ୍କର ମଉଡ଼ମଣୀ ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଚଲାପଥ ସୁଗମ କରନ୍ତୁ, ଏତିକି ପ୍ରାର୍ଥନା ।

ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ର ସଂଘ, ବାଣୀବିହାର

SCROLL OF HONOUR

ଡକ୍ଟର ପ୍ରଶାନ୍ତ ନନ୍ଦ

ମହାଭାଗ, ଆପଣଙ୍କର ଅଭିନୀତ ଓ ନିର୍ଦ୍ଦେଶିତ ଶେଷ ଶ୍ରାବଣ ସମସ୍ତ ଦର୍ଶକଙ୍କ ଚକ୍ଷୁରେ ଶ୍ରାବଣର ଧାରା ଝରାଇ ଦେଇଥିଲା। ସେ ଧାରାର ଶେଷ ନାହିଁ। ଆପଣଙ୍କର କୁଶଳୀ ଅଭିନୟ ଓ ନାଟ୍ୟକାରିତା ସମସ୍ତ ଜନମାନସକୁ ଉଦ୍‌ବେଳିତ କରେ, ଆମୋଦିତ କରେ। ଜୀବନ ସଂଗ୍ରାମର ନାୟକ ଭାବରେ ଆପଣ ଅନ୍ୟମାନଙ୍କୁ ଅନୁପ୍ରାଣିତ କରନ୍ତି। ମାତ୍ର ପନ୍ଦର ବର୍ଷ ବୟସରୁ ସିନେମା ଜଗତରେ ପାଦ ଥାପି ଦସ୍ୟୁ ରତ୍ନାକର, ନୂଆବୋଉ, ମାଟିର ମଣିଷ, ଅଦିନ ମେଘ, ଶେଷ ଶ୍ରାବଣ ପରି ଅସଂଖ୍ୟ ଓଡ଼ିଆ ଚଳଚ୍ଚିତ୍ର, ସିନେପ୍ରେମୀଙ୍କୁ ଅମୂଲ୍ୟ ଭେଟି ଭାବେ ଦେଇଛନ୍ତି। ହିନ୍ଦୀ ଚଳଚ୍ଚିତ୍ର ନୈୟା ଓ ଗ୍ରହସ୍ଥି ଆପଣଙ୍କୁ ଜାତୀୟ ସ୍ତରରେ ପରିଚିତ କରିଛି। ସାଧାରଣ ଜନତାଙ୍କର ଆଦର୍ଶ ଓ ଆଦରର କଳାକାର ଭାବେ ପ୍ରିୟ ସନିଆ ଭାଇ ହୋଇ ରହିଛନ୍ତି। କଳା କ୍ଷେତ୍ରରେ ଅସୁମାରି ଜାତୀୟ ଓ ପ୍ରାନ୍ତୀୟ ସମ୍ମାନ ଓ ପୁରସ୍କାରରେ ବିଭୂଷିତ ହୋଇଛନ୍ତି। ଆପଣ ଏକାଧାରରେ ଜଣେ କଥାକାର, କଳାକାର, କବି, ସ୍କ୍ରିପ୍ଟ ଲେଖକ, ନିର୍ଦ୍ଦେଶକ, ସଙ୍ଗୀତକାର ଓ ରାଜନୈତିକ କର୍ଣ୍ଣଧାର। ଆପଣଙ୍କ କଲମ ମୂନରୁ ଅଜସ୍ର ସାହିତ୍ୟ ସୃଷ୍ଟି ହୋଇଛି। ଆପଣ ଛଅ ଶହରୁ ଅଧିକ ସଙ୍ଗୀତ ଭେଟି ଦେଇଛନ୍ତି। ଲୋକପ୍ରିୟତା ବଳରେ ଜନମାନସର ହୃଦୟ ଜିଣି ଜନନେତା, ବିଧାୟକ, ମନ୍ତ୍ରୀ ଓ ସାଂସଦ ପଦବୀ ମଣ୍ଡନ କରିଛନ୍ତି। କିନ୍ତୁ ଅକପଟ, ସରଳ ହୃଦୟର ସେଇ ସନିଆ ଭାଇ ହିସାବରେ ଆପଣ ଯୁବ ପ୍ରାଣରେ ସର୍ବଦା ବିଦ୍ୟମାନ।

ଆମର ପବିତ୍ର ଶିକ୍ଷାନୁଷ୍ଠାନ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଆପଣ ୧୯୬୯ ମସିହାରେ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଓ ପରେ ପିଏଚ୍‌ଡି ଲାଭ କରି ବିଶ୍ୱ ଦରବାରରେ ନିଜକୁ ପ୍ରତିଷ୍ଠିତ କରି ନିଜର ଶିକ୍ଷାନୁଷ୍ଠାନକୁ ଗର୍ବିତ କରିଛନ୍ତି। ଆପଣ ଆମର ବଡ଼ଭାଇ ହିସାବରେ ସବୁବେଳେ ଆଦର୍ଶ ଓ ପ୍ରଣମ୍ୟ। ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ର ସଂଘ ଆପଣଙ୍କୁ ତା'ର ଷଷ୍ଠ ବାର୍ଷିକ ଉତ୍ସବ ଅବସରରେ ସମ୍ମାନିତ କରି ଗର୍ବିତ ଓ ଆନନ୍ଦିତ। ଜଗତର ନାଥ ଜଗନ୍ନାଥ ଆପଣଙ୍କର ସୁସ୍ଥ, ନିରାମୟ ଜୀବନ ସାଙ୍ଗକୁ ଆପଣଙ୍କ ଚଲାପଥ କୁସୁମିତ କରନ୍ତୁ।

ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ର ସଂଘ, ବାଣୀବିହାର

SCROLL OF HONOUR

ପ୍ରଫେସର ଉମା ଚରଣ ମହାନ୍ତି

ମହାଶୟ, ଭାରତବର୍ଷର ଜଣେ ସ୍ୱନାମଧନ୍ୟ ବୈଜ୍ଞାନିକ ଓ ପାଣିପାଗ ବିଜ୍ଞାନୀ ହିସାବରେ ଆପଣ ସୁପରିଚିତ । ଆଜିର ଏହି ଅସ୍ଥିର, ଚଳଚଞ୍ଚଳ ବିଶ୍ୱ ପରିବେଶ ସାଙ୍ଗକୁ ପାଣିପାଗରେ ଅସାମାନ୍ୟତା ମଣିଷ ସମାଜକୁ ନାନା ବିପଦ ଆଡ଼କୁ ଠେଲି ଦେଇଛି । ବିଶେଷ କରି ଆମର ଜନ୍ମମାଟି ଓଡ଼ିଶା ପ୍ରକୃତିର ତାଣ୍ଡବ ଲୀଳାର ଶରବ୍ୟ ହୋଇଛି । ଭୀଷଣ ବନ୍ୟା, ବାତ୍ୟା, ମରୁଡ଼ିର ଶିକାର ହୋଇଛି । ଏହି ପରିପ୍ରେକ୍ଷୀରେ ଆପଣଙ୍କର ବୈଜ୍ଞାନିକ ଜ୍ଞାନଚର୍ଯ୍ୟା ଏହିସବୁ ବିପଦରୁ ରକ୍ଷା ପାଇବା ପାଇଁ ବିଶେଷ ସହାୟକ ହୋଇଛି । ପ୍ରାକୃତିକ ଦୁର୍ବିପାକକୁ ମୁକାବିଲା କରିବାରେ ଓଡ଼ିଶା ସାରା ବିଶ୍ୱକୁ ଦିଗଦର୍ଶନ ଦେଉଛି । ଆପଣ କ୍ରାନ୍ତୀୟ ଅବା ଗ୍ରୀଷ୍ମ ମଣ୍ଡଳୀୟ ପାଣିପାଗ ସଂକ୍ରାନ୍ତୀୟ ବୈଜ୍ଞାନିକ ଗବେଷଣା, ପାଣିପାଗ ସମ୍ବନ୍ଧୀୟ ଭବିଷ୍ୟ ଗଣନା, ମୌସୁମୀ ପ୍ରବାହ, ଆଞ୍ଚଳିକ ପାଣିପାଗ ଶିକ୍ଷା, ଭାରତ ଉପରେ ଚରମ ପାଣିପାଗ ପରିସ୍ଥିତିର ମଧ୍ୟମ ସ୍ତରୀୟ ମଡେଲିଙ୍ଗ ଉପରେ ବିଶେଷ ଗବେଷଣା କରି ତାହା ଦେଶବାସୀଙ୍କ ଉନ୍ନତି କଳ୍ପେ ବ୍ୟବହାର ପାଇଁ ଦିଗଦର୍ଶନ ଦେଇଛନ୍ତି । ସୁଦୀର୍ଘ ପାଞ୍ଚ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଗବେଷଣା, ଶିକ୍ଷା ପ୍ରଦାନ ବିଶେଷ କରି ଦେଶର ପ୍ରଖ୍ୟାତ ଅନୁଷ୍ଠାନ ଯଥା ଆଇଆଇଟି ଦିଲ୍ଲୀ, ଆଇଆଇଟି ଭୁବନେଶ୍ୱର, ସୋଆ ବିଶ୍ୱବିଦ୍ୟାଳୟ ଇତ୍ୟାଦିରେ ଜ୍ଞାନ ପ୍ରସାର ଅଭିଯାନ ଆପଣଙ୍କୁ ଜଣେ ତୁଙ୍ଗ ବିଜ୍ଞାନୀ ଭାବେ ପ୍ରସିଦ୍ଧି ଦେଇଛି । ଆପଣ ଓଡ଼ିଶା ବିଜ୍ଞାନ ଏକାଡେମୀର ସଭାପତି ପଦ ଅଳଙ୍କୃତ କରିଛନ୍ତି । ବିଭିନ୍ନ ଗବେଷଣାମୂଳକ ଜର୍ଣ୍ଣାଲରେ ଆପଣ ଅଜସ୍ର ପ୍ରବନ୍ଧ ଲେଖି ପ୍ରଶଂସିତ ହୋଇଛନ୍ତି । ବିଜ୍ଞାନ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ସମ୍ମାନଜନକ ଶାନ୍ତି ସ୍ୱରୂପ ଭଟ୍ଟନାଗର ପୁରସ୍କାର, ବିଜୁ ପଟ୍ଟନାୟକ ପୁରସ୍କାର, ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର ଇତ୍ୟାଦି ଅନେକ ସମ୍ମାନରେ ଆପଣ ଭୂଷିତ ହୋଇଛନ୍ତି ।

ଆପଣ ୧୯୭୧ ମସିହାରେ ଆମ ସମସ୍ତଙ୍କ ପ୍ରିୟ ଉତ୍କଳ ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗରୁ ସ୍ନାତକୋତ୍ତର ଶିକ୍ଷା ଲାଭ କରି ଦେଶ ବିଦେଶରେ ସୁନାମ ଅର୍ଜନ କରି ଆମ ବିଶ୍ୱବିଦ୍ୟାଳୟକୁ ଗୌରବ ମଣ୍ଡିତ କରିଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ର ସଙ୍ଘ ତାହାର ଷଷ୍ଠ ବାର୍ଷିକ ଉତ୍ସବ ଅବସରରେ ଆପଣଙ୍କୁ ସମ୍ମାନିତ କରି ଗର୍ବିତ ଓ ଆନନ୍ଦିତ । ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ସୁସ୍ୱାସ୍ଥ୍ୟ ସହ ଚଲାପଥ ସୁଗମ କରନ୍ତୁ ଏତିକି ପ୍ରାର୍ଥନା ।

ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ର ସଂଘ, ବାଣୀବିହାର

With Best Compliments From :

OMC

ODISHA MINING
CORPORATION LTD.

Mining Happiness

**WITH BEST COMPLIMENTS
FROM
A WELL WISHER**

With Best Compliments From :

imfa

With Best Compliments From :

ujjivan

UJJIVAN SMALL FINANCE BANK

Build a Better Life

With Best Compliments From :

नालको NALCO

Powering Odisha's tryst with safe and sustainable power

We ensure:

- Generation of clean, safe, and reliable power
- Adopting best global practices
- Contributing to national growth
- Strengthening the power sector of the state and economy
- Committing to environment-friendly practices

OPGC
Power for Progress

Odisha Power Generation Corporation Ltd.
(A Government Company of the State of Odisha)
CIN : U40104OR1984SGC001429
7th Floor, Fortune Towers, Bhubaneswar - 751023

www.opgc.co.in

GUIDELINES FOR UTKALAYANA

1. Utkalayana is published on the occasion of Annual Function of Alumni Association, Utkal University as its Annual Magazine.
2. It is bi-lingual - articles in Odia and English find a place in Utkalayana.
3. It hosts articles from the Alumni, the faculty, current students of the University and eminent writers.
4. While promoting and propagating talent in literary writings such as Poems and Short stories, Utkalayana also encourages articles on contemporary socio-economic issues and on policy initiatives particularly in the field of education. Reminiscences and anecdotal articles on Utkal University are welcome. Utkalayana will not publish any article directly or indirectly promoting political agenda, or conflicts on caste, community or religious lines.
5. All efforts should be made by the contributors to ensure that the language of the articles should not be offensive, or indecent in any manner.
6. All submissions should be accompanied by a passport size photograph and a short biodata of the writer. The biodata should be limited to 100 words and should clearly mention the years and the Department in which the contributor studied in the university.
7. Decision of the Editorial Board in selection and editing of the articles is final.
8. The views and opinions expressed in the articles are entirely and unequivocally of the writer. Neither the Editorial Board of Utkalayana nor the office bearers of the UU Alumni Association are responsible for them in any manner.

ସଂପାଦକୀୟ

ସ୍ୱପ୍ନ ପୂରଣର ଭୂସ୍ୱର୍ଗ

ହିରଣ୍ମୟୀ ମିଶ୍ର

ଆମେ ଏବେ ଏମିତି ସମୟରେ ଯେ ପୃଥିବୀର ଅର୍ଦ୍ଧେକ ଦେଶ ଯୁଦ୍ଧ ବା ଯୁଦ୍ଧ ପଛର ଷଡ଼୍‌ଯନ୍ତ୍ରରେ ସଂପୃକ୍ତ। ଆହୁରି ଅଧିକ ଦେଶ ଓ ଦେଶବାସୀଙ୍କ ଜୀବନ ଯୁଦ୍ଧର ପ୍ରଭାବରେ ପ୍ରଭାବିତ। ତଥାପି ବାଣୀବିହାରରେ ପଢୁଥିବା ଛାତ୍ରଛାତ୍ରୀମାନେ ବାଣୀବିହାରକୁ ନେଇ ଆଜି ବି ଆବେଗସିକ୍ତ। ଜୀବନ ପଥରେ କେତେ କ'ଣ ଆସେ ଓ ଯାଏ। କିଛିକଥା ଆମ ମନରେ ରହିଯାଏ ଗାର ହେଇ। କିଛିକଥା ସମୟ ହାଲକା କରିଦିଏ ତା'ର ହାତର ସାର୍ଥକ ସ୍ପର୍ଶରେ। କିନ୍ତୁ ବାଣୀବିହାରରେ ପଢ଼ିଥିବା ଦିନସବୁକୁ ଆମେ ବାଣୀବିହାରର ପୁରାତନ ଛାତ୍ରଛାତ୍ରୀମାନେ ପ୍ରୟାସ କରିଚାଲିଛୁ ଚିରକାଳ ଆୟୁଷ୍ମାନ କରି ଛାତି ତଳେ ଧରି ରଖିବା ପାଇଁ। ସେ ସାମୂହିକ ପ୍ରୟାସର ଫଳଶ୍ରୁତି ଆମ ପୁରାତନ ଛାତ୍ର ସଂଘ ଓ ଏହାର ମୁଖପତ୍ର 'ଉତ୍କଳାୟନ'।

ବାଣୀବିହାର କହିଲେ ପଲକ ପଡ଼ିବାର ଅବଧିରେ ଆଖି ସାମ୍ନାରେ ଠିଆ ହୁଏ ଅଗଣନ ସ୍ମୃତି। ଏପ୍ରିଲ୍ ମାସର ଖରାକୁ ପଛକରି ଆକାଶକୁ ଉଜ୍ଜ୍ୱଳ କରୁଥିବା ଫୁଲଭର୍ତ୍ତି କୃଷ୍ଣଚୂଡ଼ା ଗଛସବୁର ମନୋରମ ଦୃଶ୍ୟ, ପରିଜା ଲାଇବ୍ରେରୀର ବାରଣ୍ଡାରେ କାହା ପାଇଁ ଅଳସ ଅପେକ୍ଷା ବା ସେଣ୍ଟ୍ରାଲ କ୍ୟାଣ୍ଟିନରେ ସାଙ୍ଗମାନଙ୍କ ସହ ଚା' ପିଇବା- ସବୁ ଦିଶେ କାଲି ପରି। ଆମ ଭିତରୁ ଅନେକଙ୍କୁ ବାଣୀବିହାର କେବଳ ଡିଗ୍ରୀ ଦେଇ ନାହିଁ, ବରଂ ଦେଇଛି ଜୀବନକୁ ନୂଆ କରି ଦେଖିବାର ଦୃଷ୍ଟି ଓ ଦିଗଦର୍ଶନ। ଆମ ଓଡ଼ିଶାର ପ୍ରଥମ ଓ ଦେଶର ସତରତମ ଏହି ବିଶ୍ୱବିଦ୍ୟାଳୟ ରେଭେନସା ମହାବିଦ୍ୟାଳୟର କ୍ୟାମ୍ପସ ଭିତରେ ଦିନେ ଆରମ୍ଭ ହେଇଥିଲା। ଆଜି ନିଜର ଚାରିଶହ ଏକର ପରିମିତ ଜମି ଉପରେ ସହସ୍ର ସହସ୍ର ତରୁଣ, ତରୁଣୀଙ୍କର ସ୍ୱପ୍ନ ଓ ସ୍ୱପ୍ନ ପୂରଣର ଭୂସ୍ୱର୍ଗ ସାଜି ଠିଆ ହେଇଛି ଦୃପ୍ତ ଆତ୍ମସନ୍ତୋଷର ସହିତ।

ବାଣୀବିହାରରେ ପଢୁଥିବା ବେଳେ ତା'ର ସମ୍ମୋହନ ଯେତିକି ବିଭୋର କରି ରଖେ, ବାଣୀବିହାର କ୍ୟାମ୍ପସ ଛାଡ଼ିବା ପରେ ତା'ର ଡାକରା ସେତିକି ସମର୍ଥ କରେ ଋଣ ସ୍ୱୀକାର ପାଇଁ। ବାଣୀବିହାର ଛାଡ଼ିବାର ଅନେକ ବର୍ଷ ଯାଏଁ ବି କିଛି ସ୍ମୃତି ସତେଜ ହେଇ ରହିଥାଏ, ଯାହା ଉପରେ ଜମିବାକୁ ସାହସ କରିପାରେନା ବି ସମୟର ଧୂଳି। ଶିଳ୍ପୀ କଳ୍ପନାର ଲବଙ୍ଗଦ୍ୱୀପ ଇଏ।

ଏଥରର ଉତ୍କଳାୟନ ପୃଷ୍ଠାରେ ପାଠକମାନଙ୍କ ପାଇଁ ସେମିତି କିଛି ତଥାପି ସତେଜ ଥିବା ସ୍ମୃତି ପାଖକୁ ଫେରିଯାଇଛନ୍ତି ଆମ ସମୟର ବିଶିଷ୍ଟ ଲେଖକ ଓ ସିନେମା ମଣିଷ ଶ୍ରୀଯୁକ୍ତ ପ୍ରଶାନ୍ତ ନନ୍ଦ। ପ୍ରାୟ ଛଅ ଦଶନ୍ଧି ତଳର ସମୟକୁ ସେ ମନେ ପକାଇବାର ଛଳଛଳ ଅନୁଭବ ସମସ୍ତଙ୍କୁ ବାଣୀବିହାରମନସ୍କ କରିବ ନିଶ୍ଚିତ। ସୀମିତ ସମୟରେଖା ଭିତରେ ଉତ୍କଳାୟନ ଭଳି ପତ୍ରିକାର ସଂପାଦନା ଟିକିଏ କଷ୍ଟକର ହେଲେ ବି ଅନେକ ଭାବରେ ସୁଖପ୍ରଦ। ଗତ ଦୁଇବର୍ଷ ଭଳି ଏବର୍ଷ ମଧ୍ୟ ମୋ ଉପରେ ଭରସା କରି ମୁଖ୍ୟ ସଂପାଦକର ଦାୟିତ୍ୱ ମତେ ଦେଇଥିବାରୁ ପୁରାତନ ଛାତ୍ରସଂଘର ସଭାପତି ଡକ୍ଟର ସତ୍ୟଜିତ ମହାନ୍ତି ଓ ସମସ୍ତ ସମ୍ମାନନୀୟ କର୍ମକର୍ତ୍ତାଙ୍କ ନିକଟରେ ମୁଁ କୃତଜ୍ଞ। ସଂପାଦକ ମଣ୍ଡଳୀର ସଦସ୍ୟ ଅନୁଜ କବି ଓ ଲେଖକ ଶତ୍ରୁଜିତ ପତ୍ରିକା ପ୍ରକାଶନର ଗୁରୁ ଦାୟିତ୍ୱଟି ବହୁ କଷ୍ଟ ସ୍ୱୀକାର କରି ତୁଲାଉଥିବାରୁ ଆମ ସମସ୍ତଙ୍କ ତରଫରୁ ତାଙ୍କୁ ଅସୁମାରୀ କୃତଜ୍ଞତା ଜଣାଉଛି। ଏ ଅବସରରେ ପୁରାତନ ଛାତ୍ରସଂଘର ଯୁଗ୍ମ ସମ୍ପାଦକ ତଥା ଉତ୍କଳାୟନର ସଂପାଦକ ମଣ୍ଡଳୀର ସଦସ୍ୟ ଶ୍ରୀଯୁକ୍ତ ବୀରକିଶୋର ଦାସ, ସଂପାଦକ ମଣ୍ଡଳୀର ଅନ୍ୟ ସଦସ୍ୟଗଣ ଶ୍ରୀଯୁକ୍ତ ନୀଳାମ୍ବର ବିଶ୍ୱାଳ, ଶ୍ରୀଯୁକ୍ତ ଗଣେଶ୍ୱର ଜେନା, ଶ୍ରୀଯୁକ୍ତ ତପନ କୁମାର ଜେନା ଓ ଶ୍ରୀମତୀ ମିତାଲି ମହାନ୍ତିଙ୍କୁ ଧନ୍ୟବାଦ ଜଣାଉଛି।

ସମୟର ସୀମିତତା ମଧ୍ୟରେ ଆମେ ବାଣୀବିହାରର ବହୁ ପୁରାତନ ଛାତ୍ରଛାତ୍ରୀମାନଙ୍କ ସହ ଯୋଗାଯୋଗ କରିପାରିନାହୁଁ। ବିଭିନ୍ନ ସ୍ଥାନରେ ଥିବା ବାଣୀବିହାରର ସମସ୍ତ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ଉତ୍କଳାୟନ ପ୍ରକାଶର ଏକ ଶୁଭ ମୁହୂର୍ତ୍ତରେ ଅଭିନନ୍ଦନ ଜଣାଉଛି। ଆପଣମାନେ ସମସ୍ତେ ପୁରାତନ ଛାତ୍ରସଂଘର ଆଜୀବନ ସଦସ୍ୟ ହେଇ ବାଣୀବିହାରର ସଫଳତାର ଯାତ୍ରାକୁ ଅଧିକ ସହଜ ଓ ସମର୍ଥ କରନ୍ତୁ। ମାଆ ବାଗ୍‌ଦେବୀ ଆମ ସମସ୍ତଙ୍କୁ ଅମୃତ ଦୃଷ୍ଟିରେ ଦେଖୁଥାନ୍ତୁ।

ବନ୍ଦେ ଉତ୍କଳ ଜନନୀ।

GENERAL SECRETARY'S REPORT

Good evening every one,

Esteemed President of Alumni Association Dr. Satyajit Mohanty, Distinguished Chief Guest of the evening, Hon'bel Governor of Odisha Dr. Hari Babu Kambhampati, Esteemed Chief Speaker, noted Film personality, former Minister, Former M.P. Dr. Prashanta Nanda, Respected Guest of Honour, Former Lieutenant Governor of the Union Territory of Jammu & Kashmir and Former CAG Dr. Girish Chadnra Murmu, Estemeed Vice Chancellor of Utkal University, Prof. Chandi Prasad Nanda, Joint Secretary of Alumni Association Dr. Birakishore Dash, Dignitaries on the Dais and off the Dais, Dear students, Ladies and gentlemen.

It gives me immense pleasure to place before you in nutshell the objective and activities of Alumni Association for the Year 2025-26.

As you all know that Utkal University called the Mother University in Odisha has a glorious history and has the association of many illustrious personalities. Universities are lamp post of ideas, research and innovation impacting generational transformation that has lasting bearing upon civilisational journey of mankind. Thus a Country which has a number of Universities of World Class standing and eminence ultimately happens to be stealing a march over rest others, in terms of matric of development and frontier of knowledge. A University is known by the quality of its faculty, diversity of its students, and contribution of its alumni in varying field of human endeavour. In this context our Alumni Association is a fledging organisation of Six years existence in relation to standing of our University for 83 Years. No doubt our alma matter has produced quite a good number of alumni who have distinguished themselves in diverse domain of human enterprise. Unfortunately so far we have not succeeded in roping in the vast proportion of those passed out students to our association fold, but non the less our ceaseless manoeuver continues how to enlarge the collection of alumni data set.

Another task that is entrusted on all of us to find out how leverage this cross section of the alumni in contributing to an enhancing academic excellence. The

real virtue of any individual is how to remain earnest and grateful, thus it enforces upon us self inducing obligation to do our best in paying back to our alma matter in whatever way or in whatever measure we are capable of. So that our University profile grows larger.

1. The year 2025-26 will be written in golden letter in University history as the alumni association has taken the initiative to write down the history of Utkal University, which was never done earlier. Esteemed Vice Chancellor Prof. Nanda after joining the University has exhibited his keen interest to write such thing in close collaboration with the University which is laudable step on his part. I extend my heartfelt thanks to him.
2. For the first time Alumni Association has created its own website which is being inaugurated by the Hon'ble Governor of Odisha today evening. This would provide a better platform to connect the Alumni across the World.
3. Debate club for the University students has been formally put in place by the Alumni Association in order to enhance competitive and eloquent skill among students.
4. Formation of Eco- club in University Campus is in the pipe line. Alumni association has been striving hard to make it happen in the shortest possible time.
5. I am happy to place it on record that due to our persistent endeavour the Govt. of Odisha has incorporated a provision in the University Act for representation of Members of Alumni Association in the senate of the University. For this we convey our sincere thanks to the Govt. of Odisha as well as to the Chancellor of the University.

Lastly I conclude with a remark of the great African Leader, Dr. Nelson Mandela on education who once said that, "Education is the most powerful weapon on which you can change the world." Education is not only about text book study or the examination it is about shaping the life of the students and feel them confident and nurturing knowledge. This is the call of the Association today to which all of us must rise and meet the expectation. It is as much a challenge as an opportunity we should not fail to make use of window of opportunity that present itself.

I beg to conclude

Jai Hind

Jai Jagannath.

(Debendra Prasad Dash)

ସୂଚୀପତ୍ର

ଓଡ଼ିଆ ବିଭାଗ

ସାକ୍ଷାତ୍‌କାର

ବାଣୀବିହାର ମତେ ଗଢ଼ିଛି	ଡକ୍ଟର ପ୍ରଶାନ୍ତ ନନ୍ଦ	୧୦

ଗଳ୍ପଗୁଚ୍ଛ

ଜହ୍ନ ବଗିରୀ	ଡକ୍ଟର ସରୋଜିନୀ ସାହୁ	୨୦
ଅନ୍ଧାର	ଯଶୋଧାରା ମିଶ୍ର	୨୬
ଆଷାଢ଼ର କଦମ୍ବ	ସୁପ୍ରିୟା ପଣ୍ଡା	୩୦
ପରମ ବନ୍ଧୁ	ସୁନୀତା କର	୩୫
ନାଭିସୂତ୍ର	ଚିରଶ୍ରୀ ଇନ୍ଦ୍ରସିଂ	୩୮
ଶୈବାଳ ସାଗରରେ ଭାସୁଭାସୁ ...	ହେମନ୍ତ କୁମାର ଘୋଷାଲ	୪୪
ସାମୁଦ୍ରିକ	ସୁନନ୍ଦା ପ୍ରଧାନ	୪୯
ପରିହାସ	ଦିଲ୍ଲୀପ ଶତପଥୀ	୫୨

କବିତା କଲ୍ଲୋଳ

କୋଟି ନମସ୍କାର, ହେ ବାଣୀବିହାର	ସଂଘମିତ୍ରା ମିଶ୍ର	୫୬
ଚୋରା ଚଇତାଳି : ବଡ଼ ସୁଲୁସୁଲି	ନୀଳାମ୍ବର ବିଶ୍ୱାଳ	୫୭
ସ୍ୱପ୍ନ	ରାଧାକାନ୍ତ ପାଣି	୫୮
କ୍ଲାନ୍ତ ଯମୁନା	ଶ୍ରୀ ଦେବେନ୍ଦ୍ର ପ୍ରସାଦ ଦାସ	୫୯
ସ୍ମୃତିସବୁ ସଜଳ ପାଖୁଡ଼ା ପରି	ଡକ୍ଟର ମିହିର କୁମାର ରାୟ	୬୦
ଅନେକ ବର୍ଷ ପରେ	ଶିଶିର ନାୟକ	୬୧
ମୁଁ ଅଟଳ : ଆତ୍ମା ମୋ ଭାରତବର୍ଷ	ଅଧ୍ୟାପକ ଶଶାଂକ ଚୂଡ଼ାମଣି	୬୨
ବାଣୀବିହାର: ମୋ ମାନସ ପଟରେ	ରାମକୃଷ୍ଣ ମିଶ୍ର	୬୩
ବାଣୀବିହାର	ଡକ୍ଟର ରଶ୍ମି ଦାସ	୬୪
ମନେପଡ଼େ ବାଣୀବିହାର	ଡକ୍ଟର ଆଲୋକ କୁମାର ରାୟ	୬୫
ପଚାରିଲି ପବନକୁ	ଡକ୍ଟର ଗଣେଶ୍ୱର ଜେନା	୬୬
ପ୍ରଜ୍ଞା-ପ୍ରାଙ୍ଗଣେ ପ୍ରଣୟ	ଡକ୍ଟର ଦୁଃଖିଶ୍ୟାମ ମିଶ୍ର	୬୭
ତୁଷାର ପ୍ଲାବିତ ସ୍ୱର୍ଗୀୟ ସୁଷମା ଓ ସ୍ତବ୍ଧ ପଥଚାରୀ	ଶ୍ରୀ ତପନ କୁମାର ଜେନା	୬୮
ବୋଉ	ପ୍ରଣବ ମିଶ୍ର	୬୯
ବାଣୀ ବନ୍ଦନା	ହରେକୃଷ୍ଣ ଶିଅଳ	୭୦

ସୂଚୀପତ୍ର

ଦରଜର କରଜ	ନାରାୟଣ ଚନ୍ଦ୍ର ଧଳ	୭୧
ମିଛକଥା	ଗୌରୀ ସାହୁ	୭୨

ପ୍ରବନ୍ଧ ପ୍ରବାହ

ମେଘର ଲୁଚକାଳି ଓ ଓଡ଼ିଶା...	ଡକ୍ଟର ପ୍ରଦୀପ କୁମାର ରଥ	୭୪
ପାଉଡ଼ିର ପ୍ରେମ ସଙ୍ଗୀତ	ସଂଗ୍ରାମ ମହାପାତ୍ର	୭୬
ଉତ୍କଳମଣି ଗୋପବନ୍ଧୁଙ୍କ କବିତାର ଭାଷା	ଡକ୍ଟର ଦେବାଶିଷ ମହାପାତ୍ର	୭୮
ମୁଁ, ଯୋଗ ଓ ବାପା	ଡକ୍ଟର ମିତାଲି ମହାନ୍ତି	୮୨
ଜୀବନ ଦର୍ଶନ	ଡକ୍ଟର ଚିନ୍ତାମଣି ରାଉତ	୮୪
ବାଣୀବିହାର- ଛାତ୍ର ଜୀବନର କିଛି ସ୍ମୃତି ଓ ଅନୁଭୂତି	ପ୍ରଫେସର କବିଚନ୍ଦ୍ର ବେହେରା	୮୮

ENGLISH SECTION

SHORT STORIES

Flesh	Mrutyunjay Sarangi	91
Echoes of an Unsaid Love	Phalguni Sahu	95

POETRY

In The End	Pradeep Biswal	99
When a Transwoman Speaks	Swapna Behera	100
A Bare Stump	Dr. Ratikanta Mishra	101
The Campus Never Leaves Us	Swetapadma Mohapatra	102

ARTICLES

Utkal and Its Alumni : In Search for Synergy	Asoka Kumar Das	104
Incredible Odisha	Rama Sankar Patnaik	108
The Mysterious Death	Dr. Santosh Kumar Kamila	111
Postcrossing...	Pradeepta Kumar Bisoi	114
The Many Shades of Literacy	Ramanath Dash	116
The Quell Between Jagannath and Laxmi...	Col. Pratap Nayak	118
Wings	Satyabrata Mohapatra	119
Vani Vihar: The Best Chapters of Life	Mr. Biswajit Biswal	121
Governance in Transition...	Ashutosh Das	123

ଓଡ଼ିଆ

ବିଭାଗ

ସାକ୍ଷାତ୍କାର



ବିଶିଷ୍ଟ ସିନେ ବ୍ୟକ୍ତିତ୍ୱ ଡକ୍ଟର ପ୍ରଶାନ୍ତ ନନ୍ଦଙ୍କ ଦୃଷ୍ଟିରେ ବାଣୀବିହାର

ବାଣୀବିହାର ମତେ ଗଢ଼ିଛି

ବାଣୀବିହାର – ଏକ ଅପୂର୍ବ ସମ୍ମୋହନ। ସହସ୍ରସହସ୍ର ମଣିଷର ତାରୁଣ୍ୟୋତ୍ତର ଜୀବନର ସ୍ମୃତିର ସିନ୍ଦୁକ ଏ ମାଟି। ବାଣୀବିହାର ଗଢ଼ିପାରେ, ଭାଂଗିପାରେ, ଆକାଶରେ ଉଡ଼ିବାର ସ୍ୱପ୍ନ ଦେଖାଇପାରେ, ପୁଣି ସାହସ ଦିଏ ସାତ ସମୁଦ୍ର ତେର ନଈ ପାର ହେବାର। ଏ ମାଟିରେ ଯିଏ ଥରେ ପାଦ ଦେଇଛି, ସେ ଏ ମାଟିର ବାସ୍ନାକୁ ସାରା ଜୀବନ ଭୁଲିପାରେନା। ବାଣୀବିହାର ହିସାବ ନିକାଶ କରେନା ଭଲ ଆଉ ମନ୍ଦର। ବାଣୀବିହାର ମାଆ ଭଳି ମମତା ଢାଳିଦିଏ, ମାଟିର ମଣିଷକୁ ଗୀତ ଶୁଣାଇ ପାରେ ସ୍ୱପ୍ନ ସାଗରର। ବାଣୀବିହାରରେ ପାଠ ପଢ଼ିବା ଆଜି ବି ଅନେକଙ୍କର ସ୍ୱପ୍ନ। ଆଉ ଯିଏ ଥରେ ତା' ବନ୍ଧନରେ ପଡ଼ିଛି, ସେ ଶୁଝିପାରେନା ତା'ର ଋଣ। ବାଣୀବିହାରକୁ ଖୁବ୍ ଭଲ ପାଇଥିବା ଓ ଆଜୀବନ ଝୁରୁଥିବା ଜଣେ ବ୍ୟକ୍ତିତ୍ୱ ହେଉଛନ୍ତି ଆମ ସମୟର ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ, ଅଭିନେତା, ସଂଗୀତ ନିର୍ଦ୍ଦେଶକ, ଲେଖକ ***ଶ୍ରୀଯୁକ୍ତ ପ୍ରଶାନ୍ତ ନନ୍ଦ।*** *ଏକ ବର୍ଷାଭିଜା ରବିବାରର ସକାଳରେ ତାଙ୍କର ବାସଭବନରେ ତାଙ୍କ ସହ ଆଳାପ କରିଥିଲେ ଉତ୍କଳାୟନର ମୁଖ୍ୟ ସଂପାଦିକା* ***ହିରଣ୍ମୟୀ ମିଶ୍ର।***

ବାଣୀବିହାର କହିଲେ କଣ ମନେପଡ଼େ ଆଜି ?

ଉତ୍ତର: ଗୋଟିଏ ସବୁଜିମା ଭରା କ୍ୟାମ୍ପସ, ସରଳ ଚପଳାମି ଭରା ଦୁଷ୍ଟାମିର ବୟସ, ଲେଡିଜ୍ ହଷ୍ଟେଲ ଓ ଖରାଦିନେ ଲାଲ୍‌ଲାଲ୍ ଫୁଲରେ ଭର୍ତ୍ତି ହୋଇଯାଉଥିବା ଅସଂଖ୍ୟ କୃଷ୍ଣଚୂଡ଼ା ଗଛ।

ବାଣୀବିହାରରେ ପଢ଼ିବା ସମୟରେ ପ୍ରେମ ହେଇନି ?

ଉତ୍ତର: ନା, ନା, ସେତେବେଳେ ପ୍ରେମ ପାଇଁ ଝିଅଙ୍କ ପଛରେ ଗୋଡ଼େଇବା ଅଣପୁରୁଷା କାମ ଭଳି ଲାଗୁଥିଲା। ମୋ ପାଖରେ ସେତେବେଳେ, ଆଗରେ ଓ ପଛରେ ହେଇ ଗୁଡ଼ାଏ ସାଂଗ ଥିଲେ। ସେମାନେ ସବୁବେଳେ ମତେ କହୁଥିଲେ ଯେ ତୁ ଦିନେ ବହୁତ ବଡ଼ ହେବୁ। ଆମେ ସାଂଗ ହେଇ ଯାଉଥିଲୁ ଲେଡିଜ ହଷ୍ଟେଲ ଓ ସେଠି ଯୋଡ଼ିଯୋଡ଼ି ହୋଇ ଠିଆ ହୋଇଥିବା ପିଲାମାନଙ୍କୁ ବହୁତ ଚିଡ଼ାଉ, ହଇରାଣ କରୁ ବହୁତ ପ୍ରକାର।

ବାଣୀବିହାର ସମୟରେ ତା'ହେଲେ କେମିତି ପଢ଼ାପଢ଼ି ହେଉଥିଲା ?

ଉତ୍ତର: ମୁଁ ସେ ଦୁଇବର୍ଷ ଜମାରୁ ପାଠ ପଢ଼ିନି। ପଢୁନଥିଲି ମାନେ ବହିପତ୍ର ସହ ଅନେକଦିନ ଯାଏଁ ସଂପର୍କ ହିଁ ନଥିଲା। ସେତେବେଳେ ମୋର ସିନେମା ଅଭିନୟ ଆରମ୍ଭ ହେଇ ସାରିଥିଲା। ସାଙ୍ଗମାନଙ୍କ ସହ ଖଟି, ବୁଲାବୁଲି, ସିନେମା, ଅଭିନୟ, ଲେଖାଲେଖି କରିବା- ଏସବୁ ଥିଲା ମୋର ବାଣୀବିହାର ସମୟ।

ପୁଣି ପରୀକ୍ଷା କେମିତି ଦେଉଥିଲେ ?

ଉତ୍ତର: ପ୍ରଥମେ କହିଦିଏ ମୁଁ କେମିତି ବାଣୀବିହାର ଆସିଲି। ମୋ ନନା (ନନା ମାନେ ମୋ ବାପା) ଚାହୁଁଥିଲେ ତାଙ୍କର

ବଡ଼ପୁଅ ଇଞ୍ଜିନିୟର ହେବ, ସାନପୁଅ ଡାକ୍ତର ହେବ। କିନ୍ତୁ ମୁଁ ଜମାରୁ ଚାହୁଁନଥିଲି ଡାକ୍ତର ହେବାକୁ। ମେଡ଼ିକାଲ କଲେଜରେ ମୋର ନାମଲେଖା ବି ହେଇଗଲା। କିନ୍ତୁ ମୁଁ ସେଠୁ ପାଠ ଛାଡ଼ି ଲୁଚିକି ପଳାଇଗଲି ବମ୍ବେ। ବମ୍ବେର ସୋମାୟା କଲେଜରେ ଜୁଲୋଜୀ ଅନର୍ସରେ ନାମ ଲେଖାଇ ଦେଲି। ନନା ଶୁଣିଲେ ତ ଭାରି ବିଗିଡ଼ିଲେ ଓ ସେଠୁ ମତେ ଫେରାଇ ଆଣିବା ବେଳକୁ ଓଡ଼ିଶାରେ ନାମଲେଖା ସମୟ ସରିଗଲାଣି। ସେଠୁ ମତେ ନେଇ ସେ ଶରତ ପୂଜାରୀଙ୍କ ପାଖରେ ଛାଡ଼ିଦେଲେ। ଶରତ ପୂଜାରୀଙ୍କ ସହ ଆଗରୁ ମୁଁ ଅଭିନୟ କରିଥିଲି, ନନା ତାଙ୍କୁ ଚିହ୍ନିଥିଲେ। ସେତେବେଳେ ଶରତ ପୂଜାରୀ ଥିଲେ ବରଗଡ଼ ପଞ୍ଚାୟତ କଲେଜର ଅଧକ୍ଷ। ସେ ସେଠି ମୋର ନାଁ ଲେଖାଇଦେଲେ।

ଆପଣ ବରଗଡ଼ରେ ବି ପଢ଼ିଛନ୍ତି ?

ଉତ୍ତର: ସେଠି ନାମଲେଖା ହେଲା। କିନ୍ତୁ ସେଠି ବି କୋଉ ମୁଁ ପାଠ ପଢ଼ିଲି ? ମୋର ପାଠ ପଢ଼ିବାର ହିଁ ନାହିଁ। ବରଗଡ଼ କଲେଜର ପଛପଟେ ଗୋଟିଏ ଗାଁ ଅଛି, ଯାହା ଡାଲଖାଇ ନାଚ ପାଇଁ ଭାରି ପ୍ରସିଦ୍ଧ। ସେମାନେ ମାସମାସ ଧରି ଗ୍ରୁପ୍ ହେଇ ବୁଲନ୍ତି ନାଚ ଦେଖେଇବାକୁ। ମୁଁ ତାଙ୍କ ଟିମ୍‌ର ମ୍ୟାନେଜର ହେଇ ତାଙ୍କ ସହ ବୁଲିଲି। ସେତେବେଳେ ମୋ ବଡ଼ ଭାଇନା ପଢୁଥାଏ ବୁର୍ଲା ଇଞ୍ଜିନିୟରିଙ୍ଗ କଲେଜରେ। ସେ ଏକଥା ଦେଖି ମତେ ସେଠୁ ଆଣି ପରବର୍ଷ ରେଭେନସା କଲେଜରେ ନାଁ ଲେଖାଇ ଦେଲେ। ସେଠି ମୁଁ ଫାଷ୍ଟ କ୍ଲାସ୍ ସେକେଣ୍ଡ ହେଇଗଲି ଜୁଲୋଜୀରେ। ନନା ଭାରି ଖୁସି ହୋଇଗଲେ। ସେ ଭାବିଲେ, ଡାକ୍ତର ନହେଲା ନାହିଁ, ଭଲ ଟିଚର୍ ହେଇଯିବ। ମୁଁ କିନ୍ତୁ ଭାବିଲି, ଏ କ୍ୟାରିୟର ବି ତ ବହୁତ ଖରାପ। ମୋର ହେବାର ନାହିଁ। ଯା ହେଉ, ଏମିତିରେ ମୁଁ ଆସିଲି ବାଣୀବିହାର।

ପ୍ରଶ୍ନ : ଜୁଲୋଜୀରୁ ପୁଣି ରାଜନୀତି ବିଜ୍ଞାନର ଛାତ୍ର କାହିଁକି ହେବାକୁ ମନ ବଳାଇଲେ ?

ଉତ୍ତର: ମୁଁ ନିଜେ ୧୯୬୭ ମସିହାରେ ନାମ ଲେଖାଇଲି ପଲିଟିକାଲ୍ ସାଇନ୍ସରେ, ଯୋଉଥିରେ ଜମାରୁ କ୍ୟାରିୟର ହବନି। ସେତେବେଳେ ଶ୍ରୀରାମ ଦାଶ ମତେ ପଚାରିଲେ, ତୁ ଜଗନ୍ନାଥ ନନ୍ଦଙ୍କ ପୁଅଟି ? ମୁଁ ତୋର ମାମୁ ହେବି। ମୁଁ ମାମୁଘର ଯାଇ ନଥାଏ କେବେ। ତେଣୁ ଭାବିଲି ହେଇଥିଲେ ହେଇଥିବେ। ମୋର କ'ଣ ଅଛି ?

ବାଣୀବିହାରରେ ପହଞ୍ଚିଯିବା ପରେ ଜୀବନ ବଦଳିଗଲା। ସେତେବେଳେ ମୁଁ ସକାଳେ ଲ' ପଢ଼ିବାକୁ ବି ଯାଉଥିଲି। କିନ୍ତୁ ଘରକୁ ଜମାରୁ ଯାଏନି। ତା'ପରେ ମୁଁ ସେଠି ଛାତ୍ର ସଂସଦର ପ୍ରେସିଡେଣ୍ଟ ହେଲି। ଜମାରୁ ପଢ଼ାପଢ଼ି କରେନି। ଫାଷ୍ଟ ହଷ୍ଟେଲରେ ପୂରା ତିନିଟା ରୁମ୍ ନେଇ ରହୁଥିଲି। ବାଣୀବିହାରକୁ ସମସ୍ତେ ପାଠ ପଢ଼ିବାର ଇଚ୍ଛା ନେଇ ଆସନ୍ତି। ମୋର ତ ପଢ଼ିବାର ନଥିଲା। ମୁଁ ତେଣୁ ସମୟ କେମିତି କାଟିବି ? ୨୨ଟା ଡିପାର୍ଟମେଣ୍ଟର ଫଙ୍କସନର ସବୁ କାର୍ଯ୍ୟକ୍ରମର ଦାୟିତ୍ୱ ସହ ବାଣୀବିହାରର ସିଲଭର୍ ଜୁବୁଲି ଫଙ୍କସନ କଥା ବି ମୁଁ ବୁଝିଥିଲି। ସିଲଭର ଜୁବୁଲି ପାଇଁ ଅକ୍ଷୟ ମହାନ୍ତି ଆସିଥିଲେ। ସେ ମୋ ପାଖରେ ରହିଲେ। ତେଣୁ ପୂରା ଦୁଇ ବର୍ଷ ବିତିଗଲା, ପଲିଟିକାଲ ସାଇନ୍ସ କ'ଣ ମୁଁ ଜାଣିନଥାଏ। ପାଠର ପ' ଅକ୍ଷର ମତେ ମାଲୁମ ନଥିଲା। ବହୁତ ବଦମାସି କରିଛି। ମତେ ଦିନେ ଶ୍ରୀରାମ ଦାଶ ପଚାରିଲେ, ତୁ ପରୀକ୍ଷା ଦେଉଛୁ ତ ? ମୁଁ କହିଲି, ଭାବିଛି ତ।

ଜମାରୁ ପଢ଼ାପଢ଼ି କରେନି। ଫାଷ୍ଟ ହଷ୍ଟେଲରେ ପୂରା ତିନିଟା ରୁମ୍ ନେଇ ରହୁଥିଲି। ବାଣୀବିହାରକୁ ସମସ୍ତେ ପାଠ ପଢ଼ିବାର ଇଚ୍ଛା ନେଇ ଆସନ୍ତି। ମୋର ତ ପଢ଼ିବାର ନଥିଲା। ମୁଁ ତେଣୁ ସମୟ କେମିତି କାଟିବି ? ୨୨ଟା ଡିପାର୍ଟମେଣ୍ଟର ଫଙ୍କସନର ସବୁ କାର୍ଯ୍ୟକ୍ରମର ଦାୟିତ୍ୱ ସହ ବାଣୀବିହାରର ସିଲଭର୍ ଜୁବୁଲି ଫଙ୍କସନ କଥା ବି ମୁଁ ବୁଝିଥିଲି।

ସେଥର ପରୀକ୍ଷା ଦେଲେ କି ନାହିଁ ?

ଉତ୍ତର : ମୁଁ ତ ଦୁଇ ବର୍ଷଯାକ ଘରକୁ ଯାଇ ନଥିଲି। ଫର୍ମ ଫିଲପ କରିବାକୁ ଟଙ୍କା ଆଣିବାକୁ ଘରକୁ ଗଲି। ନନା କହିଲେ, ମୁଁ ଦି' ବର୍ଷ କାଳ ତତେ କିଛି ପଚାରିନି। ଏବେ ଟଙ୍କା ନେଉଛୁ ଫର୍ମ ଫିଲପ୍ ପାଇଁ। ମୁଁ ଜାଣିଛି ତୁ ସବୁ ଭଲ କରୁ, ଏବେ ମୁଁ ଫଳକୁ ଅପେକ୍ଷା କରିଛି। ଏକଥାଟା ମୋ ପ୍ରାଣକୁ ଲାଗିଲା। କିନ୍ତୁ ସେତେବେଳକୁ ପରୀକ୍ଷା ଆଉ ତିନିମାସ। କିଛି ଦିନର ବ୍ୟବଧାନ ପରେ ମତେ ମୋର ପ୍ରଥମ ରୋମାଣ୍ଟିକ ହିରୋ ଭୂମିକାରେ ଅଭିନୟ ପାଇଁ 'ବନ୍ଧନ' ସିନେମାର ଅଫର୍ ଆସିଲା। ମୁଁ କିଛି ନଭାବି ସୁଟିଂ ପାଇଁ କଲିକତା ପଳେଇଲି। ନନା ଖବର ଦେଲେ ଧୀର ବିଶ୍ୱାଳଙ୍କୁ, ତାଙ୍କୁ ସେ ପଚାରିଲେ, ତା'ର ପରୀକ୍ଷା ପାଖ, ସେ କ'ଣ ସିନେମାର ସୁଟିଂ କରୁଛି ? ତମ ମୁଣ୍ଡ ଖରାପ ନା କ'ଣ ? ମୁଁ ସିନେମାର ସୁଟିଂ ଅଧାରେ ଛାଡ଼ି ଫେରି ଆସିଲି ବାଣୀବିହାର। ବାଟସାରା ମତେ ଖାଲି ନନାଙ୍କର କଥା ଶୁଭୁଥାଏ, "ମୁଁ ଫଳକୁ ଅପେକ୍ଷା କରିଛି। ତୁ ସବୁଥିରେ ଭଲ କରୁ। ମୁଁ ଜାଣିଛି, ଏ ପରୀକ୍ଷାରେ ବି ଭଲ କରିବୁ।" ତା'ପରେ ବାଣୀବିହାରରେ ପହଞ୍ଚି ଆରମ୍ଭ ହେଲା ପାଠପଢ଼ା। ପ୍ରି ୟୁନିଭରସିଟିରୁ ଆରମ୍ଭ କରି ଅନର୍ସ ପର୍ଯ୍ୟନ୍ତ ଯେତେ ବହି, ସବୁ ପଢ଼ିଲି। ଛଅ ଜଣ ପିଲା ସେବର୍ଷ ପି.ଜି.ରେ ଫାଷ୍ଟ ଡିଭିଜନ ପାଇଲେ, ମୁଁ ବି ପାଇଲି।

ଏ ତ ବାଣୀବିହାରର ପଜିଟିଭ କଥା । ନେଗେଟିଭ କଥା ବି କହିଦିଏ । ବହୁତ ଖରାପ କାମ କରିଛି । କହୁଥିଲି ନା ମୋର ତିନିଟା ରୁମ୍ ଥିଲା । ଅପରାହ୍ଣ ଚାରିଟାବେଳକୁ ସାଙ୍ଗମାନେ ପହଞ୍ଚିଯିବେ । ସିଧା କ୍ୟାଣ୍ଟିନକୁ ଯିବୁ । ସେଠି ମୋର ଗୋଟିଏ କଟକିଆ ଲୋକ ଥାଏ, ସେ ମତେ ବରା, ସିଙ୍ଗଡ଼ା, ଦହିବରା, ଆଳୁଦମ, ଜିଲିପି ଓ ଆଉ ଯାହା ସବୁ କଟକିଆ ଖାଦ୍ୟ ସବୁ ଦେବ । ସେଠୁ ଖାଇସାରି ଲେଡିଜ ହଷ୍ଟେଲ ଯିବୁ । ସବୁ ଯୋଡ଼ିଙ୍କୁ ହଇରାଣ କରିବୁ । ସେ କାନ୍ଥର ଯୋଉ ଜାଗାରେ ଆଉଜିକି ମୁଁ ଠିଆ ହଉଥିଲି, ସେଠି କାନ୍ଥ ଦେହରେ ପୂରା ଦାଗ ହେଇ ଭାଂଗ ପଡ଼ି ଯାଇଥିଲା । କେବେକେବେ ଆମ ହଷ୍ଟେଲ ପଛପଟେ ଥିବା ହ୍ରଦରେ ମାଛ ଧରୁ ।

ବାଣୀବିହାର ସମୟର ସବୁଠୁ ସ୍ମରଣୀୟ ଘଟଣା କହିଲେ କ'ଣ ମନେପଡ଼େ ?

ଉତ୍ତର: ବାଣୀବିହାର ମତେ ଲେଖାଲେଖି କରିବା ଶିଖାଇଛି । ସେ ସମୟରେ ଏମିତି ଗୋଟିଏ ଘଟଣା କଥା କହୁଛି, ଯାହା ମୋର ଜୀବନରେ ସବୁଦିନ ପାଇଁ ମନେ ରହିଯାଇଛି । ବାଣୀବିହାରର ପାଣିଟାଙ୍କି ପାଖରେ ଚତୁର୍ଥ ଶ୍ରେଣୀର କର୍ମଚାରୀମାନଙ୍କର କ୍ୱାଟର୍ ଥାଏ । ଆମ ବିଭାଗର ପିଅନ କାର୍ତ୍ତିକ ବି ସେଠି ତା' ପରିବାର ସହ ରହୁଥିଲା । ଦିନେ ସଂଧ୍ୟାରେ ବର୍ଷା ହୋଇଥାଏ, ଆମେ ସାଙ୍ଗମାନେ ସେଇ ବାଟ ଦେଇ ଗଲାବେଳେ ମୁଁ ଦେଖିଲି କାର୍ତ୍ତିକ ତା'ର ଛୋଟ ଝିଅକୁ ଖୁବ୍ ଜୋରରେ ପିଟୁଛି । ମତେ ଭାରି କଷ୍ଟ ଲାଗିଲା । ମୁଁ ତା' ପାଖକୁ ଯାଇ ତାକୁ ପଚାରିଲି, ଏତେ ଜୋରରେ କାହିଁକି ପିଲାଟାକୁ ପିଟୁଛୁ ? ସେ କହିଲା, ପିଟିବିନି ଆଉ କ'ଣ କରିବି ? ମୁଁ ଏତେ ପରିଶ୍ରମ କରୁଛି । ଆମ ପିଲା ବି କ'ଣ ଆମ ଭଳିଆ ଚପରାଶି ହେବେ ? ମୁଁ କହିଲି, ସେ ତ ଏତେ ଛୋଟ ପିଲା, ସେ କ'ଣ କରିଦେଲା ? କାର୍ତ୍ତିକ ଝିଅର ଖାତା ଦେଖେଇ କହିଲା, ଦେଖନ୍ତୁ ବାବୁ, ଆଜି ତା' ସ୍କୁଲରେ ବର୍ଷାଦିନ ଉପରେ ଲେଖିବାକୁ କୁହାହେଲା । ଏ ପିଲା ଏମିତି ଲେଖିଛି ଯେ ଶୂନ ପାଇଛି । ଆମ ଭାଗ୍ୟରେ କିଛି ନାହିଁ । ମୁଁ ଭାବିଲି, କିଛି ତ ଗୋଟାଏ ଲେଖିଥିବ । ଶୂନ କେମିତି ପାଇବ ? ମୁଁ ତା' ଖାତା ଦେଖିବା ବେଳକୁ ସେ ଝିଅ ଲେଖିଛି, ଆଜି ବର୍ଷାଦିନ । ବାଃ ବାଃ କି ମଜା ! ଆଜି ସ୍କୁଲ ଛୁଟି । ଦିନସାରା ସ୍କୁଲ ଯିବାକୁ ପଡ଼ିଲାନି । ଆମ ଘରେ ବହୁତ ଦିନ ପରେ ପକୁଡ଼ି ହେଇଥିଲା, ମୁଁ ଚୋରି କରି ସବୁତକ ଖାଇଦେଲି । ଚୋରି କରି ଖାଇ ଦେଇଛି ଲେଖିଛି ବୋଲି ଶିକ୍ଷକ ତାକୁ ଜିରୋ ନମ୍ବର ଦେଇଛନ୍ତି । କିନ୍ତୁ ମୁଁ ଦେଖିଲି ସେ ଝିଅ କ'ଣ ନଲେଖିଛି ! ଗରୀବ ଲୋକଙ୍କ ଘରେ ବହୁତ ଦିନ ପରେ ପକୁଡ଼ି ହୁଏ । ଚୋରି କରି ଖାଇ ଦେଲି – କେତେ ବଡ଼ କନ୍‌ଫେସନ ! କନ୍‌ଫେସନ ନଥିଲେ ସାହିତ୍ୟ ନାହିଁ । ସେଇ ଗୋଟିଏ ଧାଡ଼ିରେ ସେ ପୂରା ତା'ର ସାମାଜିକ ଓ ଅର୍ଥନୈତିକ ଅବସ୍ଥା କଥା ଲେଖିଦେଲା ।

ମତେ ଲାଗିଲା, ଏ ଝିଅ କ'ଣ ନଲେଖିଛି ! ଇଏ ତ ଗୋଟିଏ ଧାଡ଼ିରେ ରାମାୟଣ, ମହାଭାରତ ଲେଖି ଦେଇଛି ! ସେ ଛୋଟ ଝିଅକୁ ମୁଁ ବହୁତ ଆଶୀର୍ବାଦ କଲି ଓ କହିଲି, ତୁ ଦିନେ ବହୁତ ବଡ଼ ମଣିଷ ହେବୁ । ସେ ଛୋଟ ଝିଅଟି ତା' ଜୀବନରେ କ'ଣ ହେଲା, ଜାଣିନି । କିନ୍ତୁ ସେ ନିଶ୍ଚୟ ଖୁବ୍ ବଡ଼ ମଣିଷ ହେଇଥିବ । ସେ ଝିଅଠୁ ମୁଁ ଶିଖିଲି ଲେଖିବାର ଭାଷା ଓ ଶୈଳୀ । ମୋ ବୋଉ ପରେ ସେଇ ଛୋଟ ଝିଅଟି ହିଁ ମତେ ଓଡ଼ିଆ ଭାଷାରେ ଲେଖିବା ଶିଖେଇଥିଲା ।

ହଷ୍ଟେଲକୁ ଫେରି ମୁଁ ଲେଖିଲି ଗୋଟିଏ ଗପ, "ଚିତ୍ରୋତ୍ପଳା, ଶ୍ମଶାନ ଓ ମୁଁ" । ସେ ଗପ ପାଇଁ ମୁଁ ପୁରସ୍କାର ପାଇଲି ଓ ସେ ଗପ ବି ବାଣୀବିହାରର ପତ୍ରିକା 'ବାଣୀବିକାଶ'ରେ ପ୍ରକାଶ ପାଇଲା । ତା' ପରଠୁ ମୁଁ ସବୁଦିନ ରାତିରେ ଗପ ଲେଖିଲି । ବାଣୀବିହାର ଛାଡ଼ିବା ବେଳକୁ ମୁଁ ପ୍ରାୟ ଦେଢ଼ଶହ ଗପ ଲେଖି ସାରିଥିଲି । ତା'ପରେ ମୁଁ ଲେଖିଲି ମୋର ପ୍ରଥମ ବହି, "ଅନୁଶ୍ରବ" ।

ସେଇ ଶୈଳୀରେ ତା'ପରେ ଆପଣ ପ୍ରଥମେ କ'ଣ ଲେଖିଲେ ? ସେତେବେଳେ ବାଣୀବିହାରରେ ପଢୁଥିଲେ ?

ଉତ୍ତର: ତା' ପରେ ଯାହା ଭାଷା, ଯାହା ଶବ୍ଦ ମୁଁ ଲେଖିଛି, ସବୁ ସେଇ ଝିଅର ଭାଷା । ପ୍ରଥମେ ସେ ଘଟଣା ଦିନ ହିଁ ହଷ୍ଟେଲକୁ ଫେରି ମୁଁ ଲେଖିଲି ଗୋଟିଏ ଗପ, "ଚିତ୍ରୋତ୍ପଳା, ଶ୍ମଶାନ ଓ ମୁଁ" । ସେ ଗପ ପାଇଁ ମୁଁ ପୁରସ୍କାର ପାଇଲି ଓ ସେ ଗପ ବି ବାଣୀବିହାରର ପତ୍ରିକା 'ବାଣୀବିକାଶ'ରେ ପ୍ରକାଶ ପାଇଲା । ତା' ପରଠୁ ମୁଁ ସବୁଦିନ ରାତିରେ ଗପ ଲେଖିଲି । ବାଣୀବିହାର ଛାଡ଼ିବା ବେଳକୁ ମୁଁ ପ୍ରାୟ ଦେଢ଼ଶହ ଗପ ଲେଖି ସାରିଥିଲି । ତା'ପରେ ମୁଁ ଲେଖିଲି ମୋର ପ୍ରଥମ ବହି, "ଅନୁଶ୍ରବ" । ଏ ସବୁର ମୂଳରେ ସେ ଝିଅ । ସେ ଝିଅ ହିଁ ମୋର ଶିକ୍ଷୟିତ୍ରୀ । ସେ ଝିଅ ହିଁ ଓଡ଼ିଆ ଭାଷାକୁ ମାର୍ଜିତ କରି ଲେଖିବାର କଳା ମତେ ଶିଖେଇ ଥିଲା ।

ଅନୁଶ୍ରବରେ କ'ଣ ସେ ଝିଅ ଚରିତ୍ର ହେଇ ଆସିଥିଲା ?

ଉତ୍ତର: ନାଇଁ, ଝିଅ ପିଲାକୁ ବେଶି ବାଟ ଆଗକୁ ନେଇ ପାରିବିନି ଭାବି ଛୋଟ ପୁଅର ଚରିତ୍ର ନେଲି । କିନ୍ତୁ ସେ ପିଲାଟି ଅବିକଳ ସେ ଝିଅ ପରି । ସେ ଜମାରୁ ପାଠ ପଢ଼ିନଥିଲା, ପୂରା ସରଳ ଓ ନିରୀହ, ତା'ର କେହି ନାହାନ୍ତି । ସାତଭାୟା ଅଞ୍ଚଳରେ ଗୋଟିଏ ପିଲା ବଡ଼

ହେଉଛି, ସେ କୋଠାଘର ଦେଖିନି କି ଇଲେକ୍ଟ୍ରିକ ତାର ବି ଦେଖିନି। ତା' ବାପା ମରିଯିବା ପରେ ସେ ପଚାରୁଛି, ମୋ ବାପା କୁଆଡ଼େ ଗଲେ ? ତାକୁ ସବୁ କହୁଛନ୍ତି, ଈଶ୍ୱରଙ୍କ ପାଖକୁ। ତା'ପରେ ସେ ଖୋଜୁଛି ଈଶ୍ୱରଙ୍କୁ। ସେ ଝିଅର ଭାଷାରେ ମୁଁ ସେଇ ବହି ଲେଖିଛି।

ତା'ହେଲେ ବାଣୀବିହାର ଆପଣଙ୍କୁ ଲେଖକ କରିଛି ?

ଉତ୍ତର : ବାଣୀବିହାର ମତେ ସବୁ ଦେଇଛି। ମୁଁ କ'ଣ ଥିଲି କି? ବାଣୀବିହାର ଯିବାବେଳେ ମୁଁ କିଛି ବି ନଥିଲି। ସେଠୁ ଫେରିବାବେଳକୁ ଥୋଡ଼ାଏ ବୁଜୁଲିରେ ଧରିକି ଆସିଲି ସବୁର ବିହନ- ଜୀବନ ବଞ୍ଚିବାର ବିହନ, ଜୀବନରେ ବଡ଼ ହେବାର ବିହନ, ଏସବୁ ବିହନକୁ ମୁଁ ସେଠୁ ଅଣ୍ଟିରେ ଧରିକି ଆସିଲି।

ଆପଣ ଟିକିଏ ଆଗରୁ କହୁଥିଲେ, ସେଠି ଆପଣ ପ୍ରେସିଡେଣ୍ଟ ଥିଲେ, ତା'ହେଲେ ରାଜନୀତିର ଜୀବନ ବି କ'ଣ ସେଇଠୁ ଆରମ୍ଭ ?

ଉତ୍ତର: ନାଇଁ, ନାଇଁ, ରାଜନୀତିର ଜୀବନ ୧୯୬୪ ମସିହାର ଛାତ୍ର ଆନ୍ଦୋଳନରୁ ଆରମ୍ଭ ହୋଇ ଯାଇଥିଲା। ମୁଁ ସେତେବେଳେ ଘରେ ଶୋଉନଥିଲି, ରେଭେନସାର ସାଇକୋଲୋଜି ଡିପାର୍ଟମେଣ୍ଟରେ ଶୋଇଥାଏ। ଷ୍ଟୁଡେଣ୍ଟସ ଷ୍ଟ୍ରାଇକ ଯେଉଁ ରାତିରେ ହେଲା, ସେଇଠୁ ମତେ ପୋଲିସ ବାନ୍ଧିନେଲା। ତା' ପରେ ଡି.ଆଇ.ଆର୍, ତା'ପରେ ବ୍ରହ୍ମପୁର ଜେଲ୍। ସେଇଠି ତ୍ରିଲୋଚନ କାନୁନଗୋ ଓ ପ୍ରଫୁଲ୍ଲ ଘଡ଼ାଇଙ୍କ ସହିତ ଦେଖା ହେଲା। ସେଇଠୁ ରାଜନୀତିର ଜୀବନ ଆରମ୍ଭ।

ବାଣୀବିହାର ସ୍ୱପ୍ନ ଆଉ ସମ୍ଭାବନାର ମାଟି। ଶୁଣିଥିଲି ଯେ ଆପଣ ସେଇ ବାଣୀବିହାରରେ ପଢ଼ିବା ସମୟରେ ବି 'ସ୍ୱପ୍ନ ସାଗର' ସିନେମାର କାହାଣୀ ଆସିଥିଲା ମନରେ, ଯାହା ପରେ ସିନେମା ହୋଇ ବହୁତ ଲୋକପ୍ରିୟତା ପାଇଥିଲା ?

ଉତ୍ତର: ହଁ, ସେ ଗୋଟିଏ ଲମ୍ବା କଥା। କଥା କ'ଣ କି, ମୁଁ ମନେମନେ ଭାବିଥିଲି ଗୋଟିଏ ଫିଲ୍ମ କରିବି, କିନ୍ତୁ କାହାଣୀ କିଛି ଠିକଣା ହେଉନଥିଲା। ମୋର ଜଗଦୀଶ ବୋଲି ଜଣେ ସାଂଗ ଥିଲା। ସେ ବୁର୍ଲା ଇଞ୍ଜିନିୟରିଙ୍ଗ କଲେଜରେ ପଢୁଥିଲା। ତା' ବାପା କ୍ଲର୍କ ଥିଲେ ଭୁବନେଶ୍ୱରରେ। ସେ ଯେତେବେଳେ ଛୁଟିରେ ଫେରେ, ତା' ଘରେ ଖାଲି ଜିନିଷପତ୍ର ରଖିଦେଇ ମୋ ପାଖକୁ ଚାଲିଆସେ। ସେ ଦିନେ ମତେ କହିଲା, "ପ୍ରଶାନ୍ତ, ମୁଁ ଟିକେ ଦି ଚାରିଦିନ ପାଇଁ ମାମୁଘରକୁ ଯିବି। ଯିବୁ ମୋ ସାଙ୍ଗରେ" ? ବଢ଼ିଆ ମଜା ହେବ। ମୁଁ କହିଲି, ଯିବି, ତୋ ମାମୁଘର କୋଉଠି ? ସେ କହିଲା, ପାରିକୁଦ, ସେଇଟା ଚିଲିକା ମଝିରେ।

ସେତେବେଳେ ଚିଲିକା ତୀରରେ ହୋଇ ନଥିଲା ?

ଉତ୍ତର: ନା, ନା, ସେତେବେଳେ କିଛି ହେଉନଥିଲା। କହିବାକୁ ଗଲେ ସେତେବେଳେ ଚିଲିକା ବି ନଥିଲା। କେବଳ ଗୋଟେ ମୁହାଣ ଭଳି ଥିଲା। ସେତେବେଳେ ଚିଲିକା ବୁଲିବାକୁ ବି କେହି ଯାଉନଥିଲେ। ସେଠି ବାଲୁଗାଁରେ ସେତେବେଳେ ଏତେ ଅପରିଷ୍କାର ଯେ ଖାଲି ଆଇଁଷ ଗନ୍ଧ ଓ କାଦୁଅ, କିଏ କାହିଁକି ଯିବ ଚିଲିକା ବୁଲିବାକୁ? ସେତେବେଳେ ବରକୂଳ ବି ହୋଇ ନଥିଲା। ସେଠୁ ଜଗଦୀଶ କହିଲା ଯେ ଆମ ଗାଁକୁ ଆଗେ ଯିବା। ଆମ ଗାଁ ହେଉଛି ଜଗନ୍ନାଥପୁର, ସେଇଟା ବାଲୁଗାଁଠୁ ଦି' କିଲୋମିଟର। ଆମ ଗାଁରେ ଆଗ ରହିବା। ସେଠୁ ଡଙ୍ଗାରେ ଯିବା ପାରିକୁଦ। ମୁଁ ତା' ସହ ଗଲି। ସେଠି ତାଙ୍କ ଘରେ ଖିଆପିଆ ସାରି ସକାଳେ ପଦାରେ, ମାନେ ରାସ୍ତାକଡ଼ରେ ନିତ୍ୟକର୍ମ ସାରିଲୁ। ମତେ ଟିକିଏ ଅଡୁଆ ଲାଗୁଥାଏ। କିନ୍ତୁ କ'ଣ କରିବା, ସେ ବି ତ ଏକ ପ୍ରକାର ଜୀବନ। ତା'ପରେ ସେଦିନ ଆମେ ସଂଧ୍ୟା ଆଠଟାରେ ଡଙ୍ଗାରେ ବସିଲୁ। ଭୋର ଚାରିଟା ବେଳକୁ ନିଦ ଭାଙ୍ଗିଲା। ସେତେବେଳକୁ ଭଟ୍ଟା ପଡ଼ିଗଲାଣି, ତେଣୁ ଡଙ୍ଗା ରହିଲା ଖଣ୍ଡେ ଦୂରରେ। ସେଇଠୁ ଆମେ ଆଣ୍ଠୁଏ ଆଣ୍ଠୁଏ କାଦୁଅ ଉପରେ ଚକଟି ଚକଟି ଗଲୁ ପାରିକୁଦ। ସେଇଠି ମୁଁ ଛଅ ଦିନ

ରହିଲି । ମୋର ଫେରିବାକୁ ଇଚ୍ଛା ହେଉନଥାଏ । କିନ୍ତୁ ଫେରିବାକୁ ପଡ଼ିବ । ସେଠି ମୁଁ ଦେଖିଲି ଚାରିପଟଯାକ ସମୁଦ୍ର, କୋଉଠି ନୀଳ, କୋଉଠି ସବୁଜ ତ ପୁଣି କୋଉଠି କାଦୁଅର ରଙ୍ଗ, ଏତେ ପ୍ରକାରର ରଙ୍ଗ, କେତେ ପ୍ରକାରର ଚଢ଼େଇ । ସେ ଲୋକମାନେ କି ନିରୀହ, ସରଳ । ଆଉ ତାଙ୍କର ସବୁଠୁ ବଡ଼ ସମସ୍ୟା ହେଲା ପାଣି । ପିଇବାକୁ ଭଲ ପାଣି ମିଳେନା ତାଙ୍କୁ । ସେଠୁ କ'ଣ ହେଇଛି ନା ରଜାଘର ଗୋଟିଏ କୂଅ ଅଛି, ସେଇ କୂଅରେ ଅଛି ପାଣି । ସେତେବେଳକୁ ରଜାଗୋଜା ଶାସନ ସରିଗଲାଣି । କିନ୍ତୁ ରଜା କହି ଦେଇଥାଆନ୍ତି ଯେ ଏ କୂଅରୁ ଯିଏ ପାଣି ନେବ, ସେ ବସ୍ତାଏ ଲେଖା ଲୁଣ ରଖି ଦେଇ ଯିବ । ସେଇ ଲୁଣକୁ ସେ ହୁମାରେ ବିକ୍ରି କରନ୍ତି । ମୋର ଷ୍ଟୋରି ସେଇଠି ତିଆରି ହେଇଗଲା ।

ସେଇଠି ବସିକି କାହାଣୀ ଲେଖିଲେ ନା ବାଣୀବିହାର ଫେରିବା ପରେ ଲେଖିଲେ ?

ଉତ୍ତର: ନା, ନା, ସେଠି ବସିକି ନୁହଁ । ଷ୍ଟୋରିଟା ତ ସବୁଦିନ ତିଆରି ହେଉଥାଏ ମୁଣ୍ଡରେ ନା । ପ୍ରାୟ ପୂରା ଷ୍ଟୋରି ତିଆରି ହେଇଗଲା ।

କେତେ ପୃଷ୍ଠାର ହେଇଥିଲା ସେ ଷ୍ଟୋରି ?

ଉତ୍ତର: ମୁଁ ସିନେମା ପାଇଁ ଜୀବନରେ କେବେ ବି ସେମିତି ଷ୍ଟୋରି ଲେଖିନି । ସ୍ୱପ୍ନ ସାଗର ପାଇଁ ବି ନୁହଁ । ପୂରା କାହାଣୀ ମୋ ମନରେ ଥାଏ । ସେ ଷ୍ଟୋରି ପୂରା ପାଣିକୁ ନେଇ, ଲଭ ଷ୍ଟୋରି ବି ସେଇ ପାଣିକୁ ନେଇ । ମୁଁ ସବୁବେଳେ ୱାନ୍ ଲାଇନ୍ କରିକି ସୁଟିଂ କରିବାକୁ ଯାଏ, ସବୁ ମନରେ ଥାଏ । ସେଠି ଡାଇଲଗ୍ ଲେଖାହୁଏ । ଲେଖିନଥିଲି ବୋଲି ତ ଏବେ ଏତେଗୁଡ଼ାଏ ସିନେମାର କାହାଣୀକୁ ବହି ଲେଖି ଛପେଇଲି ।

ଆପଣ ସଂଗୀତ ନିର୍ଦ୍ଦେଶନା ବି ଦେଇଛନ୍ତି । ସଂଗୀତ କେବେ ଶିଖିଲେ ?

ଉତ୍ତର: ସେ ପିଲାଦିନର କଥା । ଆମ ଘରର ସମସ୍ତେ କଲିଜିଏଟ ସ୍କୁଲରେ ପଢ଼ନ୍ତି । ବାପା, ତାଙ୍କ ବାପା, ମୋ ବଡ଼ଭାଇ, ତେଣୁ ତା'ପରେ ମୁଁ । ଭାଇନା ମୋଠୁ ଦିଟା କ୍ଲାସ ଉପରେ ଥିଲା । ସେ ସବୁବେଳେ କ୍ଲାସରେ ଫାଷ୍ଟ ବା ସେକେଣ୍ଡ ହୁଅନ୍ତି । ମୋର ହେବାର ନାହିଁ । ମୁଁ ଦଶ ଭିତରେ ବି ରହିବାର ନାହିଁ । କିନ୍ତୁ ଭଲ ପାଠ ପଢୁଥିଲି । ମତେ ପାଠ ପଢ଼ିବାକୁ ବେଳ ନଥିଲା । ମୁଁ ତ ଯିବି କଳାବିକାଶ କେନ୍ଦ୍ରରେ ରିହରସାଲ କରିବାକୁ, ଆକାଶବାଣୀରେ ଡ୍ରାମା କରିବାକୁ, ଶାସ୍ତ୍ରୀୟ ସଂଗୀତ ଶିଖିବାକୁ, ମତେ ସେସବୁ କରିବାକୁ ବହୁତ ଭଲ ଲାଗେ । କଳାବିକାଶ କେନ୍ଦ୍ରରେ ରିହରସାଲ ୭ଟାରେ ଥିବ, ରିକ୍ସା ଆସି ପହଞ୍ଚିଯିବ ୪ଟାରେ । ମୁଁ ସ୍କୁଲରୁ ଫେରି ରିକ୍ସାରେ ଚାଲିଆସେ କଳାବିକାଶ କେନ୍ଦ୍ର । ସେତେବେଳେ ଥାଆନ୍ତି ଓସ୍ତାଦ କୁଣ୍ଡଳ ଆଦି ନାରାୟଣ ରାଓ । ସେ ଶାସ୍ତ୍ରୀୟ ସଂଗୀତ ଶିଖଉଥିଲେ । ଆଉ ଗୋଟିଏ କ୍ଲାସରେ ଥିବେ କ୍ଷିତିଶ ମୈତ୍ର । ସେ ବି କ୍ଲାସିକାଲ ଗୀତ ଶିଖାଉଥାନ୍ତି । ମୁଁ ଯାଇ ସେଠି ବସେ । ଏକଲବ୍ୟ ଭଳି ନା ନଲେଖେଇ ସେଠି ମୁଁ ସବୁ ପାଠ ଶିଖିଛି । ଏମିତି କରିକରି ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଂଗୀତର ରାଗ, ରାଗିଣୀର ଗଭୀର ଜ୍ଞାନ ସେମାନେ ଠେଲିପେଲି ମୋ ଭିତରେ ପୂରେଇ ଦେଲେ । ମୁଁ ସେତେବେଳେ ପ୍ରସ୍ତୁତ ହେଇଗଲି ଯେ ମୁଁ ଗାଏ କି ନଗାଏ, ଗୀତ ମୁଁ ତିଆରି କରିପାରିବି ବା ଗୀତକୁ ମୁଁ ଆନାଲାଇଜ କରିପାରିବି । ସେଇ ସମୟରେ ଆକାଶବାଣୀରେ ଶିଖେଇଲେ ମାଇକ ଓ ସାଉଣ୍ଡର ଥ୍ରୋ । କେତେ ଦୂରରେ ରଖିଲେ ଠିକ୍ ଶୁଭିବ । ଗୋପାଳ ଛୋଟରାୟଙ୍କ ପ୍ରଥମ ରେଡିଓ ସିରିଅଲ ଶିଖେଇଲା ନାଚୁରାଲ ଅଭିନୟ ଓ ଶବ୍ଦର ଡେଲିଭରି କଳା । ଏଆଡ଼େ ନ୍ୟାସନାଲ ମ୍ୟୁଜିକ ଆସୋସିଏସନ ଗଲାବେଳକୁ ଓଡ଼ିଶୀ ଶିଖା ହେଉଛି, ମୁଁ ତାକୁ ବି କରିଲି । ତେଣୁ ମୁଁ ତିଆରି ହେଉଥିଲି ସେଇ ଭାବରେ ।

ବାଣୀବିହାରର ସହପାଠୀମାନଙ୍କ ଭିତରୁ ଏବେ କାହା ସହ ଦେଖା ହୁଏ ?

ଉତ୍ତର: ସେମାନଙ୍କ ଭିତରୁ ଅନେକ ଏବେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ । କିଛି ସାଂଗ ଚାଲିଗଲେଣି । ବହୁତ ଜଣ ଆଇ.ଏ.ଏ୍‌ସ୍ ., ଆଇ.ପି.ଏସ ହେଇଗଲେ । ସଞ୍ଜୀବ ହୋତା ମୋଠୁ ଦି'ବର୍ଷ ସିନିୟର ଥିଲେ । ଦେବଦାସ ଛୋଟରାୟ, ହର ଭାଇ (ହର ପ୍ରସାଦ ଦାସ) ସହ ଦେଖା ହୁଏ । ଅଶୋକ ତ୍ରିପାଠୀ, ଉମା – ଏମିତି ବହୁତ ସାଂଗ ଥିଲେ ।

ବାଣୀବିହାର ଛାଡ଼ିବା ପରେ ଆଉ କେବେ ଯାଇଛନ୍ତି ସେ କ୍ୟାମ୍ପସକୁ ?

ଉତ୍ତର: ହଁ, ଅନେକ ଥର । ଛାଡ଼ିବା ପରେ ବହୁତ ଦିନ ପରେ ଫେରିଥିଲି ମମତା ଫିଲ୍ମ ସୁଟିଂ କରିବାକୁ । ବଡ଼ଭାଇ ଚରିତ୍ରଟି ବାଣୀବିହାରର ଛାତ୍ର ଥିଲେ । ଦୁଇ ବର୍ଷ ପରେ ବାଣୀବିହାରର ପିଲାସବୁ ବଦଳି ଯାଆନ୍ତି, ତେଣୁ କେହିକେହି ଚିହ୍ନା ମୁହଁ ଦେଖାହେଲେ, ଖୁସି ଲାଗିଲା । ତା'ପରେ ବି ଯାଇଛି କେତେଥର । ଶେଷଥର ଯାଇଥିଲି ଗୋଟିଏ ସଭାରେ ଭାଷଣ ଦେବାକୁ । ଏବେ ଯାଇନି କିଛି ବର୍ଷ ହେଲା ।

ଏତେବର୍ଷ ପରେ ବାଣୀବିହାରର କେଉଁ ଜାଗାଟି ସବୁଠୁ ବେଶି ମନେ ପଡ଼େ – ପରିଜା ଲାଇବ୍ରେରୀ, କ୍ୟାଣ୍ଟିନ୍ ନା ଲେଡିଜ୍ ହଷ୍ଟେଲ ?

ଉତ୍ତର: ମତେ ଆଗେ ଦିଶେ ଲେଡିଜ ହଷ୍ଟେଲ, କୃଷ୍ଣଚୂଡ଼ା ଗଛ ଓ ତା’ପରେ କ୍ୟାଣ୍ଟିନ୍। ଆଉ ଦିଶେ ପାଣିଟାଙ୍କି। ପାଣିଟାଙ୍କି ଏଇଥିପାଇଁ ଦେଖାଯାଏ ଯେ ଯେତେବେଳେ ଆମର କିଛି ଅଭିଯୋଗ କେହି ଶୁଣୁନଥିଲେ, ଆମେ ପାଣିଟାଙ୍କିର ଚାବି ନେଇ ଆମ ରୁମ୍‌ରେ ରଖି ଦେଉଥିଲୁ। ସେଠୁ ପାଣି ସପ୍ଲାଇ ପୂରା ବନ୍ଦ। ତା’ପରେ ସେମାନେ ଆସନ୍ତି, କଥା ଶୁଣନ୍ତି।

ସେଣ୍ଟ୍ରାଲ କ୍ୟାଣ୍ଟିନ ଥିଲା ସେତେବେଳେ ?

ଉତ୍ତର: ହଁ, ବିଶ୍ୱବିଦ୍ୟାଳୟ ପ୍ରଶାସନ ତରଫରୁ ଟେଣ୍ଡର ଡାକି ବାହାର ଲୋକଙ୍କୁ ସେ କ୍ୟାଣ୍ଟିନ ଦିଆ ଯାଇଥିଲା। ମୁଁ ସେଠି ଖାଏନି। ସେଠି ଉଦୟ ନାଁରେ ଗୋଟେ ଲୋକ ଥିଲା। ତାକୁ ସେଠୁ ଆଣି ଆମେ ତା’ ପାଇଁ ଆମ ହଷ୍ଟେଲ ପାଖରେ ଗୋଟିଏ ଝୁମ୍ପୁଡ଼ି କରି ଦେଇଥିଲୁ। ଆମେ ସେଇଠି ବଢ଼ିଆ ଖାଦ୍ୟସବୁ ଖାଉ। ସେ ଭାତ, ମାଛ ତରକାରୀ ଦବ, ମାଛ ମଞ୍ଜିଭଜା କରିବ, ବରା, ତରକାରୀ ଦବ। ଏମିତି କିଏ ଦବ ସେଠି ?

ବାଣୀବିହାର ସମୟର ଆପଣଙ୍କ ଜୀବନରେ କିଛି ପ୍ରଭାବ ଏଯାବତ ରହିଛି କି ?

ଉତ୍ତର: ବାଣୀବିହାର ହେଉଛି ମୋ ପାଇଁ ଗୋଟିଏ ସ୍ୱପ୍ନର ଜାଗା। ମୋ ପାଇଁ ସେଇଟା ଜମାରୁ ପାଠର ଜାଗା ନଥିଲା। ମତେ ଦି’ ବର୍ଷର ସମୟ ଦେଇ ସେ କହିଥିଲା, ଯା’ ତୁ ସ୍ୱପ୍ନ ଦେଖ। ତୁ ଆଗକୁ ଯାହାଯାହାସବୁ କାମ କରିବୁ, ସେ ପାଇଁ ସ୍ୱପ୍ନ ଦେଖୁଥା’। ତୋର ଆଉ କାମ କ’ଣ ? ତୁ ତିନିଟା ରାତି ପର୍ଯ୍ୟନ୍ତ କାହାଣୀ ଲେଖ। ତୋର କ୍ଲାସକୁ ଯିବାର ନାହିଁ, ତେଣୁ ସକାଳେ ଡେରିରେ ଉଠିଲେ ବି ତୋର କିଛି ଅସୁବିଧା ନାହିଁ। ରାତି ସାରା କାହାଣୀ ଲେଖ।

ସେ କାହାଣୀସବୁ ଛପା ହେଇଛି ?

ଉତ୍ତର: କିଛିକିଛି ଛପା ହେଇଛି। କିଛି ଲମ୍ୱାଲମ୍ୱା ବଡ଼ ଖାତାସବୁରେ ଲେଖା ହେଇ ଘରେ ଥିଲା। ମୁଁ କଟକ ଛାଡ଼ି ଆସିବା ପରେ ନଈବଢ଼ି ସମୟରେ ଆମ କଟକ ଘରେ ପାଣି ପଶିଗଲା। ସାନଭାଇ ଭାବିଲା ଏଗୁଡ଼ା ବୋଧହୁଏ ଦରକାର ନାହିଁ। ତେଣୁ ସେତିକି ଯତ୍ନ ନେଲେନି। ମୁଁ ବି ଆଉ ଖୋଜିଲିନି, ବହୁତ ନଷ୍ଟ ହେଇଗଲା। ମୁଁ ଏଇଆ ଭାବେ ଯେ ମୋ ନନା ମୋ ନାଁ ଦେଇଛନ୍ତି ପ୍ରଶାନ୍ତ। ପ୍ରଶାନ୍ତ ମହାସାଗରରୁ ବାଲଟିଏ ପାଣି ନେଇଗଲେ କ’ଣ ସେ ଖାଲି ରହିଯିବ କି? କିଛି ନାହିଁ, ଯାହା ଗଲା, ଗଲା, ଏଥର ଯାହା ପାରିବି, ଲେଖିବି। ଆଉ ଯଦି ଲେଖି ପାରିବିନି, ତାକୁ ନେଇ ମୋ ଜୀବନ କାଟିବି, ତା’ ବି ତ ନୁହଁ।

ବାଣୀବିହାରକୁ ନେଇ କେବେ କିଛି ଗପ କି କବିତା ଲେଖିଛନ୍ତି କି ?

ଉତ୍ତର: ବିଲ୍‌କୁଲ୍ ନୁହଁ। ବାଣୀବିହାରକୁ ନେଇ ମୁଁ ସାରା ଜୀବନ ଗଢ଼ିଛି। ବାଣୀବିହାର ମତେ ଗଢ଼ିଛି। ବାଣୀବିହାରରେ ମୁଁ ଶୋଇଶୋଇ ନୁହେଁ, ଚାହିଁଚାହିଁ ଦେଖିଛି ଅଜସ୍ର ସ୍ୱପ୍ନ।

ବାଣୀବିହାର ସମୟର ସବୁଠୁ ମଧୁର ସ୍ମୃତି କ’ଣ ?

ଉତ୍ତର : ବାଣୀବିହାର ସମୟର ପ୍ରତ୍ୟେକ ରାତି ମଧୁର। ପ୍ରତ୍ୟେକ ଦିନ ମଧୁର। ପୁଳାଏ ସାଂଗ ସବୁବେଳେ ଥିବେ। ଆଉ ସବୁବେଳେ

କହୁଥିବେ, ତୁ ନିଶ୍ଚୟ ବହୁତ ବଡ଼ ହେବୁ। ତାଙ୍କରି କଥାକୁ ନେଇ ମୁଁ ସ୍ୱପ୍ନ ଦେଖିବି। ସକାଳୁ କହିବି, ଏ ଗପ ଲେଖିଛି, ପଢ଼। ଶ୍ରୋତା ବି ଅଛନ୍ତି ମତେ ଶୁଣିବାକୁ। ସେଠିକାର ସେ ଚବିଶ ମାସରୁ କୋଡ଼ିଏ ମାସ ମୋର ସଂପୂର୍ଣ୍ଣ ମଧୁର ସମୟ। ସାଙ୍ଗମାନେ କହନ୍ତି, ତୋ ଭଳିଆ ପର୍ସନାଲିଟି, ତୋ ପଛରେ ଆମେ ଗୋଡ଼ଉଛୁ, ତୁ କ'ଣ ଝିଅ ପଛରେ ଗୋଡ଼େଇବୁ ? ଝିଅଙ୍କ ପଛରେ ଗୋଡ଼େଇବା ମାଇଚିଆ କଥା। ତେଣୁ ଝିଅମାନେ ଆସୁଥିଲେ, ସାଂଗ ହେଉଥିଲେ, ଦୋକାନରୁ ମୋ ପାଇଁ ପାନ ଆଣି ଦେଉଥିଲେ, କିନ୍ତୁ କାହା ସହ ମୋର ସେଭଳି ସଂପର୍କ ନଥିଲା। ସେଇ ସମୟଟା ସାଙ୍ଗରେ ହିଁ ମୋର ପ୍ରେମ ଥିଲା। ଯେମିତି ମୁଁ ବାହା ହେଲି, ମୋ ସ୍ତ୍ରୀ ରୁବି ମୋ ପାଖକୁ ଆସିଲେ ପୂରା ଲାଇଫର ପ୍ୟାକେଜ ନେଇ, ସେମିତି ବାଣୀବିହାର ମୋର ଜୀବନରେ ଗୋଟିଏ ଦି ବର୍ଷିଆ ପ୍ୟାକେଜ୍ ନେଇ ଆସିଥିଲା। ସେ ସମୟ ଚାଲିଗଲା, ମୁଁ ବି ଚାଲିଗଲି।

ଆପଣଙ୍କ ବାହାଘର କ'ଣ ପ୍ରେମବିବାହ ଥିଲା ?

ଉତ୍ତର: ନା, ନା, ବାଣୀବିହାର ଛାଡ଼ିବାର ବେଶ କିଛି ବର୍ଷ ପରେ ମୋର ରୁବିଙ୍କ ସହ ବାହାଘର ହେଲା। ମୁଁ ଜମାରୁ ତାଙ୍କୁ ଦେଖିବାକୁ ଯାଇ ନଥିଲି। ଏମିତିକି ତାଙ୍କ ଫଟୋ ବି ଦେଖିବାକୁ ମନା କରି ଦେଇ ଥିଲି। ନନା, ବୋଉଙ୍କ ମତ ଅନୁସାରେ ଘରେ ପ୍ରସ୍ତାବ ପଡ଼ି ବାହାଘର ହେଲା। କିନ୍ତୁ ବାଣୀବିହାର ମତେ ଶିଖେଇଥିଲା ଗୋଟିଏ ବଡ଼ କଥା। ମୁଁ ମନ ଭିତରେ ରଖିଥିଲି ଯେ ବାଣୀବିହାର ମତେ ଯେମିତି ତଡ଼ିଦେଲା, ମୁଁ ସେମିତି କାହାକୁ ମୋ ଜୀବନରୁ ତଡ଼ିଦେବିନି।

କହୁଥିଲେ ଆପଣ କଟକ ଛାଡ଼ି ଭୁବନେଶ୍ୱର ଆସିବା କଥା। କଟକରେ ଏତେ ସ୍ମୃତି, ପୁଣି ଛାଡ଼ିଲେ କାହିଁକି ?

ଉତ୍ତର: ମୋର କଟକରୁ ଭୁବନେଶ୍ୱର ଆସିବାକୁ ଜମାରୁ ଇଚ୍ଛା ନଥିଲା। କାହିଁକି ନା ଆମେ ସେତେବେଳେ ଭୁବନେଶ୍ୱରକୁ କହୁଥିଲୁ ଗୋଲାମ ନଗରୀ। ଆମେ କଟକିଆ, ଆମର କଟକ ଭଲ। କିନ୍ତୁ ମୁଁ ଯେତେବେଳେ ଦେଖିଲି ଯେ ସୁଟିଂ ବା ଡବିଂ ସାରି ମତେ ସବୁଦିନ ରାତିରେ ଫେରିବାକୁ ହେଉଛି, ମତେ କଷ୍ଟ ହେଲା। ରାତି ବାରଟାରେ ପହଞ୍ଚି ପୁଣି ସକାଳୁ ବାହାରି ଭୁବନେଶ୍ୱରରେ ଯାଇ ପହଞ୍ଚିବା ବେଳକୁ ଆଠଟାରେ ପହଞ୍ଚିବା ବଦଳରେ କେବେକେବେ ଏଗାରଟା ହେଇ ଯାଏ। ତେଣୁ ଦିନେ ଠିକ କଲି ଯେ ଭୁବନେଶ୍ୱର ଚାଲିଯିବି। ସାଙ୍ଗମାନେ କହିଲେ, ପ୍ରଶାନ୍ତ, ତୁ ଚାଲିଯିବୁ ଭୁବନେଶ୍ୱର ? ତୁ କଟକ ଛାଡ଼ି କେମିତି ଯିବୁ ? ମୁଁ କହିଲି, ମୁଁ ଜାଣିନି, ମୁଁ କେମିତି ଯିବି। ମୁଁ ଯାଉଛି, କିନ୍ତୁ ମୋର ପ୍ରାଣଟା ଏଇଠି ରହିଲା। ଆଉ ମୋ ମନ ବି ରହିଲା। କେତେ ଦିନ ଯାଏଁ ମୋର ଜଣେ ସାଂଗ, କିଶୁ ଦୋକାନର ପାନ, ବୀର ବାରମଜା ଓ ରଘୁ ଦହିବରା ଆଣି ପହଞ୍ଚାଉଥିଲା। ମତେ ତେଣୁ କଟକ କଟକ ଲାଗେ। ପ୍ରଥମେ ଆସି ରହିଲି ନୟାପଲ୍ଲୀରେ, ମୋର ଗୋଟିଏ ସାଂଗର ବିରାଟ ଘର ଥିଲା ସେଠି। ନୟାପଲ୍ଲୀକୁ ସେତେବେଳେ ବିଲୁଆଙ୍କ ଜାଗା କହୁଥିଲେ। ଏଠି (ନ୍ୟୁ ଫରେଷ୍ଟ ପାର୍କ) ଏ ଜାଗା କିଣା ହେଇଥିଲା। କିଛିବର୍ଷ ପରେ ଘର ବି ହେଇଗଲା।

ବାଣୀବିହାର ଛାଡ଼ିବା ଦିନର ସେ ଶୂନ୍ୟଭାବ, ଆଉ ଏଠିକୁ ଫେରିବାର ନାହିଁ ଭାବି ଯୋଉ କଷ୍ଟ, ମୋ ଛାତି ଭିତରକୁ କେହି ଯେମିତି ମକ୍ଚି ପକଉଥିଲା। ଟୋପେ ବି ଲୁହ ବାହାରୁନଥିଲା। ମୁଁ ଭାବିଲି, ଯୋଉ ଜାଗାଟା କାଲି ଯାଏଁ ଗୋଟାପଣେ ମୋର ଥିଲା, ଯୋଉଠୁ ମୁଁ ଦି'ବର୍ଷ ଭିତରେ ଘରକୁ ଫେରିନି, ସକାଳୁ ଉଠିଲେ ଯୋଉଠି ମୋର ଖାଇବା, ବୁଲିବାର ରାଜ୍ ଥିଲା, ସେ ଏମିତି ତଡ଼ିଦେଲା କେମିତି ?

ପ୍ରଶ୍ନ: ପୁଣିଥରେ ବାଣୀବିହାର କଥାକୁ ଫେରିଯିବା। ମନେଅଛି, ବାଣୀବିହାର ଛାଡ଼ିବା ଦିନର ସ୍ମୃତି ?

ଉତ୍ତର: ହଁ, ବହୁତ ଦୁଃଖର ଦିନ ସେ। ମୋ ଜୀବନ ଭିତରେ ମୁଁ କେତେ ଦୁଃଖ ଦେଖିଛି। ମୋର ବାପା ଗଲେ, ମାଆ ଗଲେ, ମୋର ଗୋଟିଏ ପୁଅ ଥିଲା, ସେ ବି ଯିବା ଦେଖିଛି। ସବୁ ସମୟରେ ଲାଗିଛି ଆଉ ଜନ୍ମରେ ଦେଖା ହେବ। ସେଇଆ ସମସ୍ତେ କହୁଥିଲେ ନା। ଏବେ ପଢ଼ାପଢ଼ି କରିବା ପରେ ଜାଣୁଛି ଯେ ଆଉ ଜନ୍ମରେ କାହା ସହ ଦେଖା ହେବାର ନାହିଁ। ସେ ଅଲଗା କଥା। କିନ୍ତୁ ଏସବୁ ଭିତରେ, ଏସବୁ ଜାଗାରେ ମୋ ଛାତି ଭିତରେ କେବେ ହାହାକାର ଆସିନଥିଲା। ବାଣୀବିହାର ଛାଡ଼ିବା ଦିନର ସେ ଶୂନ୍ୟଭାବ, ଆଉ ଏଠିକୁ ଫେରିବାର ନାହିଁ ଭାବି ଯୋଉ କଷ୍ଟ, ମୋ ଛାତି ଭିତରକୁ କେହି ଯେମିତି ମକ୍ଚି ପକଉଥିଲା। ଟୋପେ ବି ଲୁହ ବାହାରୁନଥିଲା। ମୁଁ ଭାବିଲି, ଯୋଉ ଜାଗାଟା କାଲି ଯାଏଁ ଗୋଟାପଣେ ମୋର ଥିଲା, ଯୋଉଠୁ ମୁଁ ଦି'ବର୍ଷ ଭିତରେ ଘରକୁ ଫେରିନି, ସକାଳୁ ଉଠିଲେ ଯୋଉଠି ମୋର ଖାଇବା, ବୁଲିବାର ରାଜ୍ ଥିଲା, ସେ ଏମିତି ତଡ଼ିଦେଲା କେମିତି ? କହିଲା, ଯାଃ, ତତେ ଆଉ ରଖିବିନି। ମନେ ହେଉଥିଲା କେହି ଯେମିତି ମୋ ହୃଦୟକୁ ଚିପୁଡ଼ି ଚାପୁଡ଼ି ସବୁରକ୍ତ ବାହାର କରି ଦେଉଛି। ସେଦିନ କେହି ନଥିଲେ ମୋ ପାଖରେ। ମୋ ବଡ଼ଭାଇ ଆସିଥିଲେ ବସରେ ବସେଇ ଦେଇ ଗଲେ। ବସ ଭିତରୁ ମୁଁ ଚାହିଁ ରହିଥାଏ, ଯେଉଁଯାଏଁ ବାଣୀବିହାର

ଦିଶୁଥିଲା। ତା'ପରେ ଯେମିତି ହେବା କଥା ସେମିତି ହେଲା। ଥୋଡ଼ାଏ ଲୁହ ବହିଗଲା, ସେ ଲୁହରେ ସବୁ ପୋଛି ହୋଇଗଲା।

ଆପଣଙ୍କର ମୁଁ ପ୍ରାୟ ଦଶ, ଏଗାରଟି ସାକ୍ଷାତକାର କାଲି ଦେଖିଥିଲି। ବାଣୀବିହାର ସହ ଆପଣଙ୍କର ଏ ଯେ ଆତ୍ମିକ ସଂପର୍କର କଥା, କୋଉଠି କେବେ ବି କହିନାହାଁନ୍ତି? ଏମିତିକି ମୁଁ ବହୁତ ଖୋଜିବା ପରେ ବି ଜାଣିପାରିଲିନି ଆପଣ କୋଉ ବିଭାଗରେ ଛାତ୍ର ଥିଲେ।

ଉତ୍ତର: କାହିଁକି କହିବି? କାହାକୁ କହିବି? ମତେ କେହି କେବେ ଏସବୁ କଥା ପଚାରିନାହାଁନ୍ତି। ମତେ ଯିଏ ଯାହା ପଚାରେ, ମୁଁ ତାହାର ଉତ୍ତର ଦିଏ। ତା' ଛଡ଼ା ଯିଏ ବିରିଆନୀ ଖାଏ, ମୁଁ ତାକୁ କାକରା ପିଠା କାହିଁକି ଦେବି? ଇଏ କାକରା ପିଠା ତ ନୁହେଁ, ଇଏ ହେଉଛି ମୋର ଅତି ପ୍ରିୟ ଆରିସା ପିଠା। ମୁଁ ଗୁଡ଼ ଆରିସା ସହ ବରକୋଳି ଆଚାର ଖାଇବାକୁ ଖୁବ ଭଲ ପାଏ। ଇଏ ସେମିତି ଭଲପାଇବାର କଥା।

ଆପଣଙ୍କର ବହୁତ ସମୟ ନେଇ ସାରିଲିଣି। ଶେଷରେ ଗୋଟିଏ କଥା ପଚାରିବି, ଆପଣ ପ୍ରଶାନ୍ତ ନନ୍ଦଙ୍କ ସହ ସାକ୍ଷାତକାର କରିଥିଲେ କେଉଁ ଗୋଟିଏ ପ୍ରଶ୍ନ ନିଷ୍ଚୟ ପଚାରିଥାନ୍ତେ?

ଉତ୍ତର: ନିଜକୁ ପଚାରିବା ଭଳି ମୋ ପାଖରେ ବହୁତ ପ୍ରଶ୍ନ ଥିଲା। ଏ ପ୍ରଶ୍ନ ଆପଣ କିଛି ବର୍ଷ ତଳେ ପଚାରିଥିଲେ ମୁଁ କହିଥାନ୍ତି। କିନ୍ତୁ ମୋତେ ଜଣେ ସଦଗୁରୁ ପ୍ରାପ୍ତ ହେଇଥିଲେ। ସେ ମତେ କହିଥିଲେ, ତମକୁ ୭୫ ବର୍ଷ ହେବାପରେ ଅଷ୍ଟାବକ୍ର ଗୀତା ପଢ଼ିବ ଓ ସେଇ ଅନୁସାରେ ଜୀବନ ବଂଚିବ। ମତେ କିଛି ବର୍ଷ ତଳେ ୭୫ବର୍ଷ ହେବାପରେ ମୁଁ ସେ ଅଷ୍ଟାବକ୍ର ଗୀତା ପଢ଼ିଲି। ସେ କହୁଛନ୍ତି, ତମେ ପ୍ରଶାନ୍ତ ନନ୍ଦ ବୋଲି ନିଜକୁ ଭୁଲିଯାଅ। ତମେ ତମର ସାକ୍ଷୀ ହେଇଯାଅ। ତେଣୁ ମୋର ଆଉ କିଛି ଇଛା ନାହିଁ। ସାକ୍ଷୀ ଯିଏ, ତା'ର ଆତ୍ମା ସହ ବିବେକ ରହିଛି। ପ୍ରଶାନ୍ତ ନନ୍ଦ ମରିଯିବ, ତାକୁ ଜଳେଇବେ, ଏସବୁ ମୁଁ ଦେଖିବି। ତେଣୁ ମୋର ମରଣକୁ ଆଉ ଭୟ ନାହିଁ। ମୋ ମନରେ ଖାଲି ଗୋଟିଏ ପ୍ରଶ୍ନ ଅଛି, ଏଇ ଯେଉଁ ବାହା ହେବାର ସଂପର୍କ, ଆମେ ସାତଜନ୍ମର ସଂପର୍କ ବୋଲି କହୁ, ସତରେ କ'ଣ ସେମିତି କିଛି ଅଛି? ଏ ପ୍ରଶ୍ନର ଉତ୍ତର ତ ମୋ ଗୁରୁ ମତେ ଦେଇ ପାରିବେନି। ମତେ ତ ଏକଥା ମିଛ ଭଳି ଲାଗୁଛି। ତେଣୁ ପ୍ରଶାନ୍ତ ନନ୍ଦକୁ ଛାଡ଼ି ମୁଁ ଯେତେବେଳେ ସାକ୍ଷୀ ହେଇ ରହିଲି, ମୋ ନିଜର କିଛି ଇଛା ନାହିଁ।

ଏ ଭିତରେ ଅନେକ ସମୟ ବିତି ସାରିଥିଲା। ଏତେ ଅପୂର୍ବ ଓ ଅନ୍ତରଙ୍ଗ କଥାସବୁ ଭିତରେ ଯେମିତି ମିଳେଇ ଯାଉଥିଲା ଦୂରତା, ଡେଣା ଲଗେଇ ଉଡ଼ି ଯାଉଥିଲା ଘଣ୍ଟାର କଣ୍ଟା। ନିଜର ଅଗଣିତ ସିନେମା, ଅସଂଖ୍ୟ ସାହିତ୍ୟ ସୃଷ୍ଟିରେ ଓଡ଼ିଶାର ଜନମାନସରେ ଘର କରି ରହିଥିବା ଓ ବାଣୀବିହାରକୁ ଏତେ ବେଶି ଭଲପାଇଥିବା ଏ ଅନନ୍ୟ ବ୍ୟକ୍ତିତ୍ୱଙ୍କ ପାଖରେ ଉତ୍କଳାୟନ କୃତଜ୍ଞ।

ଗଳ୍ପଗୁଚ୍ଛ



ଜହ୍ନ ବଗିଚା

ଡକ୍ଟର ସରୋଜିନୀ ସାହୁ

ଆମେ ପହଞ୍ଚିଲା ବେଳକୁ ସେ ନଥିଲେ। ଆମେ ଗେଟ୍ ଖୋଲି ଭିତରକୁ ପଶିଥିଲୁ। ଆଖପାଖରେ କଲିଂବେଲ୍ ଦିଶୁନଥିବାରୁ ଲୁହା ଗ୍ରିଲ୍‌ଟି ହଲେଇ ଖଟ୍-ଖଟ୍ କରିଥିଲୁ। ନା', କେହି ଶୁଣିନଥିଲେ। ଏମିତି ହେବାକଥା ନୁହଁ। ଆମେ ତାଙ୍କ ଘରକୁ ଯଦିଓ ପ୍ରଥମକରି ଆସିଥିଲୁ, ତେବେ ଆସିବା ପୂର୍ବରୁ ତାଙ୍କୁ ଭେଟିବା କଥା ଜଣେଇଥିଲୁ। ଏମିତିକି କେଉଁ ସମୟରେ ପହଞ୍ଚିବୁ, ତାହା ପୂର୍ବ ନିର୍ଦ୍ଧାରିତ ହେଇ ରହିଥିଲା। ଓଲାରେ ପଇଁଚାଳିଶ ମିନିଟ୍ ଲାଗେ ବୋଲି ଅନୁମାନ କରିଥିଲୁ, ଏବଂ ଠିକ୍ ସେତିକି ସମୟ ନେଇଥିଲା ବି। ସହରର ଦୁଇମେରୁରେ ଉଭୟଙ୍କ ଘର ଥିଲା। ଏତେବାଟ ଆସି ଖାଲିହାତରେ ଫେରିଯିବା କଥା ଭାବି ହେଉନଥିଲା। ପ୍ରକୃତରେ ବହୁତ୍ କାମକୁ ପଛରେ ପକେଇ ଆମକୁ ସମୟ ବାହାର କରିବାକୁ ପଡ଼ିଥିଲା, ଖାସ୍ ଏଇ ଦିନଟି ସବୁଆଡୁ ସୁବିଧାଜନକ ଦିନ ବୋଲି।

ଅସଲରେ ମୋର ତାଙ୍କ ପାଖରୁ ଦୁଷ୍ପ୍ରାପ୍ୟ ବହି ଖଣ୍ଡିଏ, କିଛିଦିନ ପାଇଁ ଉଧାର ନବାର ଥିଲା। ସେ ଟେଲିଫୋନ୍‌ରେ ପ୍ରତିଶ୍ରୁତି ଦେଇଥିଲେ ବହିଟିକୁ କିଛିଦିନ ପାଇଁ ଦେବେ ବୋଲି। ମୁଁ ବହିଟିକୁ ନେବାକୁ ଆସୁଛି ବୋଲି କହିଲା ବେଳେ ସେ କହିଥିଲେ, "ଆସୁଛ ଯଦି ସାଙ୍ଗରେ ତୁମ ସେ ବାନ୍ଧବୀଙ୍କୁ ନେଇ ଆସୁନ।"

"ମୁଁ ତାଙ୍କୁ ପଚାରିବି, ସେ ଯଦି ଆଗ୍ରହ ଦେଖେଇବେ ନେଇ ଆସିବି," ବୋଲି ମୁଁ କହିଥିଲି।

"ବୁଝିଲ କିଆ, ତାଙ୍କୁ ଦେଖିଲେ କାହିଁକି କେଜାଣି ପ୍ରେମିକାସୁଲଭ ନାରୀଟିଏ ପରି ମନେହୁଅନ୍ତି। ଥରେ ମୁଁ ତାଙ୍କ ସଙ୍ଗେ କଥାହେବାର ସୁଯୋଗ ପାଇଥିଲି। ଆମେ ଦିହେଁ ଗପୁ-ଗପୁ ପୂରା ବଟାନିକାଲ୍ ପାର୍କଟା କେତେବେଳେ ପରିକ୍ରମା କରିଦେଇଥିଲୁ, ଆଦୌ ବୁଝିହେଲା ନାହିଁ।"

ତାଙ୍କ କଥା ମୋତେ ଆମୋଦିତ କରିଥିଲା। କୌତୂହଳ ବି ସୃଷ୍ଟି କରିଥିଲା। ମୁଁ ତାଙ୍କ କଥା ଯେତେଥର ଭାବୁଥିଲି ପୂର୍ବାପେକ୍ଷା ପ୍ରତିଥର ଅଧିକ ଆମୋଦିତ କରିଥିଲା। ପ୍ରେମ ପାଇଁ କିଛି ବୟସ ଫୟସ ନଥାଏ ବୋଧହୁଏ। ଏଇଟି ସମ୍ପୂର୍ଣ୍ଣ ହୃଦୟର କଥା। ତାଙ୍କ ଅନୁରୋଧ ରକ୍ଷାକରି ମୁଁ ମୋ ବାନ୍ଧବୀଙ୍କୁ ତାଙ୍କ ପ୍ରସ୍ତାବ ବିଷୟରେ ଜଣେଇଥିଲି। ଜଣେଇଲା ବେଳେ ବଟାନିକାଲ୍ ଗାର୍ଡେନ୍ କଥା କହିବାକୁ ଭୁଲିନଥିଲି। ଯଦିଓ ମୋ ଆଖିରେ ସେ କେବେ ପ୍ରେମିକାସୁଲଭ ନାରୀଟିଏ ପରି ମନେହୁଅନ୍ତି ନାହିଁ। ଅବଶ୍ୟ ଦେଖିବା-ଦେଖିବା ଭିତରେ ଫରକ୍ ଥାଏ। ମୋର ମନେହୁଏ, ତାଙ୍କ ଆଖିରୁ ଛିଟିକି ଆସୁଛି ଅଦ୍ଭୁତ ବେଦନା। କଥା କହିଲା ବେଳେ ସେ ଧୀରେ ଓ ଅନେକ ଶବ୍ଦ ଉହ୍ୟ ରଖି କଥା ହେଉଥିବା ପରି ମୋର ମନେ ହୁଏ। ଚାଲିଚଳନରେ ଛନ୍‌ଛନ୍ ଭାବ କି ଚଞ୍ଚଳତା ନାହିଁ। ବୟସ ଓ ଅଭିଜ୍ଞତାରେ ପାକଳ ତାଙ୍କ ବ୍ୟକ୍ତିତ୍ୱ କିଛିଟା ଗମ୍ଭୀର ଓ କିଛି ଉଦାସ କରି ରଖୁଥାଏ। ତାଙ୍କର ଏଇ ଭାବ ଗାମ୍ଭୀର୍ଯ୍ୟ ରୂପଟି ମୋତେ ଭଲ ଲାଗେ। କିଛିଟା ଏଥିନିକ୍। ଅବଶ୍ୟ ସେଦିନ ମୋ କଥା ଶୁଣି ମୋ ବାନ୍ଧବୀ ହସିଥିଲେ ଓ କହିଥିଲେ, "ହଉ, ସାଙ୍ଗହେଇ ଯିବା।"

ଏ ବୟସରେ କାହିଁକି କେଜାଣି ଖୁବ୍ ଭଲ ଲାଗୁଥିଲା। ମୋର ତତ୍‌କ୍ଷଣାତ୍, ପିଲାଦିନରେ ଅନେକବାର ପଢ଼ିଥିବା ଶୁଣିଥିବା କାହାଣୀ ମନେପଡ଼ିଯାଇଥିଲା। ରାଜଜେମା ଓ ରାଜକୁମାରୀଙ୍କ ମଧ୍ୟସ୍ଥତା କରୁଥିବା ମାଲ୍ୟାଣୀର ଭୂମିକା ଯେ କେତେ ଗୁରୁତ୍ୱପୂର୍ଣ୍ଣ, ଏବେ ହୃଦୟଙ୍ଗମ ହେଇଥିଲା। ତେବେ ସେତେବେଳେ ମାଲ୍ୟାଣୀ କହିଲେ, ଆମଘର ପାଖ ମନ୍ଦିର ବାହାରେ ବସୁଥିବା ଶୋଭା ମା' ମାଲ୍ୟାଣୀକୁ ମୁଁ କଳ୍ପନା କରୁଥିଲି ଯିଏ କାଣୀ, ଗେଡ଼ୀ ଓ ମୋଟୀ ଥିଲା; ମୁଁ ନିଜକୁ ସେ ଭୂମିକାରେ ରଖିବାକୁ ଚାହିଁ ନଥିଲି। କିନ୍ତୁ କୌତୂହଳ ପ୍ରଚଣ୍ଡ ଥିଲା ଆଗକୁ କ'ଣ ଘଟିବ, ଏୟା ଭାବିଭାବି।

ପୃଥିବୀର କେଉଁ କୋଣରେ ଭୟଙ୍କର ଯୁଦ୍ଧ ଚାଲିଛି, ଚାଲିଥାଉ। କରୋନା ତା' ଲମ୍ବା ଜିଭରେ ପୋଛି ନେଉଛି କେଜାଣି କେତେ ଜୀବନ, ନେଉ। ଆଫ୍‌ଗାନିସ୍ଥାନରେ ଅନେକ ନାରୀ ଅସୁରକ୍ଷିତ; ଥାନ୍ତୁ। କେତେ କୁନି କୁନି ପିଲା ବାପମା' ଛାଡ଼ି ଅଜଣା ଦେଶରେ ଶରଣାର୍ଥୀ ଶିବିରରେ ଅତୀତ ଭବିଷ୍ୟତ ଓ ବର୍ତ୍ତମାନ ଗୋଟିଏ ବିନ୍ଦୁରେ ଅଟକିଛି, ଅଟକିଥାଉ। ଏତେ ଆର୍ତ୍ତି, ଏତେ ହାହାକାର, ଏତେ ବାରୁଦର ଧୂଆଁ, ଶ୍ୟାମଳ ପୃଥିବୀର ବଡ଼ ଯନ୍ତ୍ରଣା। ଏତେସବୁ ଭିତରେ ବି ପ୍ରେମ ମରିନି। ଭଲ ଲାଗୁଥିଲା।

ତେଣୁ, ଆମେ ପହଞ୍ଚିଲା ବେଳକୁ କାହାର ସହାସ୍ୟ ଉପସ୍ଥିତି ସମ୍ଭବତଃ ମନେମନେ ମୁଁ କଳ୍ପନା କରିବସିଥିଲି। ମାତ୍ର ଏ ଉଦ୍ଧତ ଗ୍ରିଲ୍ ଆମକୁ ଟାଇଁଟାଇଁଆ ଖରାରେ ବାହାରେ ଛିଡ଼ା କରେଇ

ଦେଇଥିଲା । ଅଗତ୍ୟା ମୁଁ ତାଙ୍କୁ ଫୋନ୍ କରି, ଆମେ ପହଞ୍ଚି ଯାଇଛୁ ଓ ଗ୍ରିଲ୍ ବାହାରେ ଛିଡ଼ା ହେଇଛୁ ବୋଲି ଜଣେଇଥିଲି । ସେ ସେପାଖରୁ କହିଥିଲେ, "ପହଞ୍ଚିଗଲ । ମୁଁ ଟିକେ ବାହାରକୁ ଚାଲିଆସିଛି । ତୁମେ ଟିକେ ହାତ ପୂରେଇ ଗ୍ରିଲ୍‌ଟାକୁ ଖୋଲିଦିଅ । ତଳେ ଟିକେ ଅପେକ୍ଷା କର । ନହେଲେ ଉପରକୁ ଯାଇ ବସିଯାଅ । ମୁଁ ଏଇ ଆସୁଛି ।

ମୁଁ ହାତ ପୂରେଇ ଗ୍ରିଲ୍ ଖୋଲିଥିଲି । ବହୁ ପୁରୁଣା ପଲିସ୍ ଛାଡ଼ି ଯାଇଥିବା, ସୋଫା ହଳେ ପଡ଼ିଥିଲା । ତା' ଦେହରେ ଆହୁରି ମଇଳା ଲୁତୁପୁତିଆ କୁସନ କେମିତି ମଳିଛିଆ ରୂପ ଦେଉଥିଲା । ଆମେ ବସିବୁ କି ନାହିଁ ନିଷ୍ପତ୍ତି ନେଇପାରୁନଥିଲୁ । ଥରେ ବସିଲେ ଥରେ ଉଠି ଛିଡ଼ା ହେଇପଡୁଥିଲୁ । ମୁଁ ମନ ଭିତରେ ସେ ଦି'ଜଣଙ୍କୁ ନେଇ ଯେତେଯେତେ କଳ୍ପନା କରିଥିଲି, ସବୁ ଫିକା ପଡ଼ି ଆସୁଥିଲା । ବାଟସାରା ମୋ ମସ୍ତିଷ୍କରେ ଗୀତଟିଏ ଗୁଣୁଗୁଣୁ ହେଉଥିଲା । ସେ ସଙ୍ଗୀତର ଆବେଦନରୁ ମୁଁ ନିଜକୁ ମୁକ୍ତ କରିପାରୁନଥିଲି । ମୋର ସମଗ୍ର ଚେତନାକୁ ସେ ଗୀତଟିର ଚରିତ୍ରମାନଙ୍କୁ ଦେଖୁଥିଲି । "ତୁମ୍ ଆ ଗୟେ ହୋ, ନୁର୍ ଆ ଗୟା ହେ," ଗୀତର ରେକର୍ଡଟି, ଏଇ ବିପରୀତ ପରିବେଶ ଓ ପରିସ୍ଥିତିରେ ବନ୍ଦ୍ ହେଇଯାଇଥିଲା ଅଚାନକ ।

ଆମେ ବସିଥିଲୁ ଦୁଇଟି ଯୁବକ ଆସି ପହଞ୍ଚିଥିଲେ । ଜଣେ ଦୂରରେ ଅଦୃଶ୍ୟ ଥିଲା ଆମ ପାଇଁ, କେବଳ ତା' କଥାଭାଷାରୁ ତା' ଉପସ୍ଥିତି ବୁଝି ହେଉଥିଲା । ଯୁବକଟିଏ ଗେଟ୍ ପାଖକୁ ଆସି କହିଥିଲା, "ମିଟର ରିଡିଂ ନେବି ।" ମୁଁ ସେ ଅଧବଖୁରିର ଚାରିପାଖକୁ ଦେଖିଲି କେଉଁଠି ବି ମିଟର୍ ନଥିଲା । ମୁଁ ଟିକେ ଶଙ୍କିଯାଇ କହିଥିଲି, "ଯାଅ ପରେ ଆସ ।"

"ପରେ ଆଉ ଆସିହେବନି," ରୁକ୍ଷ ଭାବରେ କହିଥିଲା ଯୁବକଟି । ମୁଁ କହିଥିଲି, "ଆରେ ବାବୁ, ଆମେ ଏ ଘରର ଲୋକ ନୁହଁ । ଆମେ ଘର ମାଲିକ ଅପେକ୍ଷାରେ ବସିଛୁ । ଆମ ନିଜକୁ ଏ ଘର ବିଷୟରେ କିଛି ଜଣାନାହିଁ ଯେତେବେଳେ, ତୁମକୁ କ'ଣ କହିବୁ । ଏ ଘରର ମାଲିକ୍ ଆସୁଛନ୍ତି, ତମେ ଅପେକ୍ଷା କର ।"

"ଆରେ, ସେ ମନା କରୁଛନ୍ତି, ଦୂରରେ ଥିବା ଅଦୃଶ୍ୟ ପିଲାଟିକୁ ଯୁବକଟି ଜଣେଇଥିଲା ଓ ଗେଟ୍ ସାମ୍ନାରୁ ଅନ୍ତର୍ଦ୍ଧାନ ହେଇଯାଇଥିଲା । ମୁଁ ବାନ୍ଧବୀଙ୍କୁ ଚାହିଁ ପଚାରିଥିଲି, ମୁଁ ଠିକ୍ କଲିନା ? ଆଜିକାଲି କାହାକୁ ବିଶ୍ୱାସ କରିବ ।"

ସେ କେବଳ ଉତ୍ତର ଦେଇଥିଲେ, "ହଉ ।"

ଭାରି ଅସ୍ୱସ୍ତିକର ଥିଲା ସେ ପରିବେଶ । ଛୋଟ ଡବାଟିଏ ଭିତରେ ବନ୍ଦହେଲା ଭଳି ଲାଗୁଥିଲା । ଏଇ ସମୟରେ ପୁଣି ଗେଟ୍ ଖଡ୍ ଖଡ୍ ହେଲା । ଗୋଟେ ସ୍ତ୍ରୀଲୋକ ବର୍ଷେ ଦେଢବର୍ଷର ଝିଅଟିଏକୁ କାଖେଇ ଛିଡା ହେଇଥାଏ । ମୁଁ କିଛି ଶୁଣିବା ପୂର୍ବରୁ କହିଥିଲି, "ଆଗକୁ ଯା' ।" ମୁଁ ତାକୁ ଭିକାରୁଣୀ ଭାବିଥିଲି ।

ସେ କିନ୍ତୁ ମୋ କଥା ନଶୁଣି କହିଥିଲା, ସାର୍ ମୋତେ ପଠେଇଛନ୍ତି, ଆପଣମାନଙ୍କୁ ତାଙ୍କ ପାଖକୁ ନେଇଯିବା ପାଇଁ । ଆପଣ ଯଦି ଆସିବାକୁ ଚାହୁଁନାହାନ୍ତି, ଉପରଘରେ ଯାଇ ବସନ୍ତୁ । "ଆମେ ଠିକ୍ ଅଛୁ," ମୁଁ ହାତ ହଲେଇ ଜଣେଇ ଦେଇଥିଲି ।

ଉପରଘର, ସେଇ ଅଣଓସାରିଆ ଘରକୁ ଲାଗିଥିବା ଶିଢ଼ିଘର ଆଡକୁ ମୁହଁବୁଲେଇ ଦେଖିଥିଲି, ଶିଢ଼ିଘରୁ ଲମ୍ବିଯାଇଛି ମାର୍ବଲ ପାହାଚ ଉପରକୁ । ମାତ୍ର ଘର ଭିତରଟା ଏତେ ନିସ୍ତବ୍ଧ ଥିଲା ଯେ, ଉପରକୁ ଯିବାକୁ ସାହସ କୁଳେଇଲା ନାହିଁ ।

ପ୍ରାୟ ପନ୍ଦର ମିନିଟ୍ ପରେ ସେ ପହଞ୍ଚିଗଲେ । ସେତେବେଳକୁ ଆମେ ଫେରିଯିବାର ଉପକ୍ରମ କରୁଥିଲୁ । ତାଙ୍କ ମୁହଁରେ ଚକ୍‌ଚକିଆ ହସଟେ ଲାଗିଥିଲା । କେମିତି ସେ ଏକ ଅପ୍ରୀତିକର ପରିସ୍ଥିତିରେ ଫସି ଯାଇଥିଲେ, ସେଇକଥାକୁ ଖଣ୍ଡିଆ ଅଧଖଣ୍ଡିଆ ଭାବରେ ଆମ ଆଗରେ ବର୍ଣ୍ଣନା କରୁଥିଲେ । ସେ ଗପୁଗପୁ ଆମକୁ ଉପର ମହଲାକୁ ଡାକି ନେଇଥିଲେ । ପାହାଚଗୁଡ଼ିକ ମାର୍ବଲ୍‌ର ହେଇଥିଲେ ବି ଧୂଳି ମଇଳା ଜମି କଳା ଦିଶୁଥିଲା । ସତେ ଯେମିତି ଯୁଗଯୁଗରୁ ଝାଡୁ ବାଜିନି । ଯେଉଁ ବଖରାକୁ ସେ ଡାକି ନେଇଥିଲେ, ସେଇ ବଖରାରେ ଡବଲ ସୋଫାସେଟ୍ ସାଙ୍ଗକୁ ବେଡରୁମ୍ ପରି ଡବଲ୍ ବେଡ୍ ବି ପଡିଥିଲା । ଏଇଟି ଡ୍ରଇଁରୁମ୍ କି ବେଡ୍‌ରୁମ୍ ବୁଝିବା ମୁସ୍କିଲ ହେଉଥିଲା । ଘରସାରା ଖୁବ୍ ଅଳନ୍ଧୁ ଝୁଲୁଥିଲା ଛାତରୁ ତଳଯାଏ । ପ୍ରାୟ ସବୁ ଜିନିଷ ଅବ୍ୟବସ୍ଥିତ ଥିଲା । ଏ ଘରେ କ'ଣ ସ୍ତ୍ରୀଲୋକ ନାହାନ୍ତି, ମନରେ ଏମିତି ଭାବନାଟେ ଆସୁଥିଲା । ମାତ୍ର ମୋ ଭାବନାରେ ବାଧାଦେଇ ଏମିତି ଦୃଶ୍ୟଟେ ସେ ଘରେ ମହଜୁଦ୍ ଥିଲା । ଯାହାକୁ ଜଣେ ଆସବାବ ବୋଲି ଭାବିପାରନ୍ତା । ବଖରାରେ ଥିବା ଶୋ'କେସ୍‌କୁ ଲାଗି ଗୋଟେ ପ୍ରଶସ୍ତ ଚୌକିରେ ଜଣେ ବୟସ୍କା ନାରୀ ବସିଥିଲେ । ତାଙ୍କ ଶରୀର ଖୁବ୍ ପୃଥୁଳ ଥିଲା । ସେ ମୂର୍ତ୍ତିବତ୍ ବସି ରହିଥିଲେ । ତାଙ୍କ ଚେହେରା ଓ ପୋଷାକରୁ ସେ ଯେ ତାଙ୍କ ପତ୍ନୀ, ବୁଝି ହେଉଥିଲା । ତାଙ୍କ ସହ ଦୃଷ୍ଟି ବିନିମୟ ପରେ, ଆମେ ନମସ୍କାର କରିଥିଲୁ । ସେ କିଛି କହିଲେ ନାହିଁ । ମୁଁ କିନ୍ତୁ ଅନୁମାନ ଲଗେଇ ନେଇଥିଲି, ଏ ଘର ଭିତରେ ଏତେ ନିରବତା କାହିଁକି ଓ କାହିଁକି ଏତେ ଅସଜଡ଼ା ସବୁକିଛି ।

ସେ ତାଙ୍କ ପତ୍ନୀଙ୍କ ସହ ଆମ ଉଭୟଙ୍କ ପରିଚୟ କରେଇ ଦେଇଥିଲେ । ମାତ୍ର ଖୁବ୍ ଗୋଟେ ଉତ୍ସାହ ଦେଖେଇ ନଥିଲେ ତାଙ୍କ ପତ୍ନୀ । ବରଂ ନିଜ ସ୍ୱାମୀଙ୍କୁ ଔଷଧପତ୍ର ବାବଦରେ କିଛି ପଚାରିଥିଲେ ।

ସେ ତାଙ୍କ କଥାର ଜବାବ୍ ନଦେଇ ଆମ ସହ ଗପ କରୁଥିଲେ । ପୂରା ଘରଟା କେବଳ ତାଙ୍କରି କଥାବାର୍ତ୍ତାରେ ହିଁ କୋଳାହଳମୟ ହେଇଉଠିଥିଲା । ତାଙ୍କ ହସ, ତାଙ୍କ ଆବେଗପୂର୍ଣ୍ଣ କଥାବାର୍ତ୍ତା ଓ କାମବାଲୀଟି ତା' ଘରକୁ ଚାଲିଯାଇଥିବାରୁ ଅସନ୍ତୋଷ ଓ ଆମମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରିଯାଇଛି କି ନାହିଁ, ଜାଣିବାର ତତ୍ପରତା ଭିତରେ ହିଁ ଘରଟା ଗହ-ଗହ କରିଉଠିଥିଲା ।

ମାତ୍ର ମୁଁ ଯେମିତି ଆଶା କରିଥିଲି, ସେମିତି କିଛି ଘଟିନଥିଲା । ବରଂ ଆମେସବୁ ପାୟୋଲୋ କୋହେଲୋଙ୍କ ବହି ବିଷୟରେ ଆଲୋଚନା କରିଥିଲୁ । ମୁଁ ଲକ୍ଷ୍ୟ କରିଥିଲି, ସେ ମୋ ବାନ୍ଧବୀଙ୍କ ସହ ଥରଟିଏ ବି କଥା ହେଇନାହାନ୍ତି ଏ ଭିତରେ । ତେବେ, ଏଇ ଯେଉଁ କହୁଥିଲେ 'ପ୍ରେମିକାସୁଲଭ ନାରୀ', ତାହା କ'ଣ ଥିଲା ? ନା, ପ୍ରେମଟା ଆଦୌ ଦୃଶ୍ୟମାନ ଚିଜ ନୁହଁ ? ମୋ ଦୃଷ୍ଟି ସ୍ୱତଃ ତାଙ୍କ ପତ୍ନୀଙ୍କ ଆଡ଼କୁ ଆକର୍ଷିତ ହେଇଯାଇଥିଲା । ଘରର ମାଲିକାଣୀ ସେ । ଚୁପ୍‌ଚାପ୍ ଜଗୁଆଳୀଟେ ପରି ବସିଛନ୍ତି । ଅଥଚ ଏପଟେ ତାଙ୍କ ସ୍ୱାମୀ ପ୍ରବହମାନ ଝରଣାଟେ ଭଳି ଗୋଟେ ଧୁନ୍ ଗପି ଚାଲିଛନ୍ତି ।

ମୁଁ ସେଇ ପ୍ରବହମାନ ଜଳସ୍ରୋତରେ ବନ୍ଧ ବାନ୍ଧିବାକୁ ଯାଇ ପଚାରିଥିଲି, "ଆପଣ ମୋତେ ସେ ବହିଟି ଦେବେ ବୋଲି କହୁଥିଲେ ଯେ ?"

"ଓଃ, ହଁ ହଁ, ପୂରାପୂରି ଭୁଲିଯାଇଛି ଦେଖୁଛ । ମୋତେ ଖୋଜିବାକୁ ପଡ଼ିବ । ମୋ ବହି ବଖରା ତ ଚିଡ଼ିଆଖାନା । ମୁଁ ତାକୁ ସଜେଇ ପାରୁନାହିଁ । ଦେଖ, ତମ ଭାଗ୍ୟରେ ଯଦି ଥିବ, ତେବେ ବହିଟି ମିଳିଯିବ ।"

ମୁଁ ନିରାଶ ଅନୁଭବ କରିଥିଲି । ପ୍ରଥମତଃ, କୌଣସି ପ୍ରେମକାହାଣୀ ଘଟୁନଥିଲା । ଦୁଇରେ, ବହିଟି ମିଳିବାର ସମ୍ଭାବନା କମ୍ ଥିଲା । ଏତେବାଟରୁ ଆସି ଏତେ ସମୟ ନଷ୍ଟ କରିବାର ଯଥାର୍ଥତା ମୁଁ ଖୋଜି ପାଉନଥିଲି ।

ସେ ପଚାରିଥିଲେ, "ତମମାନଙ୍କୁ ଭୋକ ହେବଣି ନା' ? ମୋତେ ବି ଭୋକ ଲାଗିଲାଣି । ସେ ସ୍ତ୍ରୀଲୋକକୁ ଖେଚୁଡ଼ି ଟିକିଏ ରାନ୍ଧିଦେଇ ଯିବାକୁ କହିଥିଲି । ଭାରି ତରତର ହେଉଥିଲା ଘରକୁ ଯିବାପାଇଁ । ବୁଝିଲ କିଆ, ଏଇ ସ୍ତ୍ରୀଲୋକଟିକୁ ତେଲେଇ ତାଲେଇ ରଖିବାକୁ ପଡୁଛି ମୋତେ ।" କହୁକହୁ ସେ ଭିତରପଟ ଘରଆଡ଼କୁ ଚାଲିଯାଇଥିଲେ ଓ କିଛି ସମୟ ପରେ ଫେରିଆସି କହିଥିଲେ, "ହଁ ସେ ରାନ୍ଧିଦେଇ ଯାଇଛି । ଆଚ୍ଛା କିଆ ମୋତେ ଟିକେ ବଢ଼ାବଢ଼ିରେ ସାହାଯ୍ୟ କର । ମୋତେ ଜମା ଏଇ କାମଟି ସହଜ ଲାଗେନାହିଁ ।"

ତାଙ୍କ କଥା ଶୁଣି ପ୍ରଥମେ ମୁଁ ଟିକେ ଅପ୍ରସ୍ତୁତ ଅନୁଭବ କରିଥିଲି । ଏଇଥିପାଇଁ ଯେ, ମୁଁ ତାଙ୍କ ଘରକୁ ପ୍ରଥମଥର ପାଇଁ ଯାଇଥିଲି ଓ ତାଙ୍କ ଘର ଓ ଯାବତୀୟ ଘରକରଣା ବାବଦରେ ମୋର କିଛି ଧାରଣା ନଥିଲା । ମୁଁ ଓ ମୋ ବାନ୍ଧବୀ ଦୁହେଁ ରୋଷେଇଘର ଉଦ୍ଦେଶ୍ୟରେ ଉଠୁଥିଲୁ, ତାଙ୍କ ପତ୍ନୀ କହିଥିଲେ, "ମୁଁ ତ ଏବେ ଖାଇବିନି ।" ତାଙ୍କ କଥା ଶୁଣି ଆମେ ଅଟକି ଯାଇଥିଲୁ । ସେ ତାଙ୍କ ସ୍ୱାମୀଙ୍କ ଉଦ୍ଦେଶ୍ୟରେ ପଚାରିଥିଲେ, "କେତେଟା ବାଜିଲାଣି ?"

ତାଙ୍କ କଥାର କେହି ଉତ୍ତର ଦେବା ପୂର୍ବରୁ ସେ ଉଠି ଛିଡ଼ାହେଇ ପଡ଼ିଥିଲେ । ଏତେ ପର୍ଯ୍ୟନ୍ତ ସେ ହ୍ୱିଲ୍‌ଚେୟାରରେ ମୂର୍ତ୍ତିବତ୍ ବସିଥିବା ପରି ମନେହେଉଥିଲା । ସେ ଉଠି ଛିଡ଼ା ହେଇପଡ଼ିବାରୁ ସେ ଯେ ଚାଲିବୁଲି ପାରନ୍ତି, ବୁଝି ହେଇଥିଲା । ସେ ଧୀରେଧୀରେ ଆଗେଇ ଆସି ଶୋକେସ୍ ଉପରେ ଥିବା ଟେବୁଲ୍ ଘଣ୍ଟାଟିକୁ ଉଠେଇ ଆଣି ସମୟ ଦେଖିଲେ ଓ କହିଥିଲେ, "ତିନିଟା ବାଜିନି । ନା, ନା ମୁଁ ଏବେ ଖାଇବିନି ।"

ମୁଁ ଦେଖିଥିଲି ତିନିଟା ବାଜିବାକୁ ଆହୁରି କୋଡ଼ିଏ ମିନିଟ୍ ବାକି ଅଛି । କାନ୍ଥରେ ଲାଗିଥିବା କାନ୍ଥଘଣ୍ଟାକୁ ଚାହିଁ ସେ କହିଥିଲେ, "ଏଇଟା ଫାଷ୍ଟ ଅଛି । ଯେ ଭିତରେ ତାଙ୍କ ସ୍ୱାମୀ, ମୋ ପାଇଁ ବହି ଖୋଜିବାକୁ ଭିତର ଘରକୁ ଚାଲି ଯାଇଥିଲେ । ସେ ବ୍ୟସ୍ତହୋଇ ଡାକ ଦେଇଥିଲେ, "ଶୁଣୁଛ, ତିନିଟା ବାଜିନି, ମୁଁ ଖାଇବିନି ।"

ତାଙ୍କର ଏ ବ୍ୟସ୍ତତା ମୋତେ ଚକିତ କରିଥିଲା । ତିନିଟା ବାଜିନି ଠିକ୍ ଅଛି, ମାତ୍ର ଦଶ କି ପନ୍ଦର ମିନିଟ୍ ଏପଟ ସେପଟରେ କ'ଣ ବେଦ ଅଶୁଦ୍ଧ ହେଇଯିବ ଯେ । ଯଦି କୌଣସି ଡାକ୍ତରଙ୍କର ପରାମର୍ଶ ଥିବ, ତା' ବି କିଛି ବିଗିଡ଼ିଗଲା ପରି ହୋଇନାହିଁ । ଆମେ ତାଙ୍କ ବ୍ୟସ୍ତତା ଦେଖି ସେମିତି ଛିଡ଼ାହେଇ ରହିଲୁ ସିନା, ରୋଷେଇଘରଟି କେଉଁଠା ବୋଲି ପାଦେ ଆଗେଇପାରିଲୁ ନାହିଁ ।

ତାଙ୍କ ପତ୍ନୀ ପାଦେପାଦେ ହେଇ ଅନ୍ୟ ବଖରାକୁ ଆସିଥିଲେ । ଆମେ ଦୁହେଁ ତାଙ୍କୁ ଅନୁସରଣ କରିଥିଲୁ । ସେ ବଖରାରେ ଦି'ଟି ବଡ଼ ପଟାଖଟ ଉପରେ ବହି, ତକିଆ, ଖବରକାଗଜର ଗଦା, ଗୋଟେ ପ୍ଲାଷ୍ଟିକ ବସ୍ତାରେ କିଛି ଜିନିଷ, ଅଗଡ଼ମ୍ ବଗଡ଼ମ୍ ହେଇ ମେଞ୍ଚାଏ ଜିନିଷ ଗଦା ହେଇଥିଲା । ସବା ଉପରେ, ଛାତ ଆଡ଼କୁ ମୁହଁକରି ବିରାଟ କାନ୍ଥଘଣ୍ଟାଟେ ଶୋଇଥିଲା । ସେ ସେଇଟିକୁ ଉଠେଇ ଆଣିଥିଲେ । ଦର୍ପଣ ଦେଖିଲା ପରି ମୁହଁ ସାମ୍ନାରେ ରଖି କହିଥିଲେ, "ସାଢ଼େ ଦି'ଟା ହେଇଛି ଜମା ।" ଘଣ୍ଟାଟିକୁ ପୂର୍ବବତ୍ ଶୁଏଇଦେଇ କହିଥିଲେ, "ତିନିଟା ବାଜିନାହିଁ । ମୁଁ ଖାଇବି ନାହିଁ ।"

ତାଙ୍କ ମାନସିକ ଅବସ୍ଥା ଠିକ୍ ନାହିଁ ଅବା ସେ ଭୀଷଣ ସମୟାନୁବର୍ତ୍ତୀ ହୋଇଥିବାରୁ, ତିନିଟାରୁ ପାଞ୍ଚ ମିନିଟ୍ ଏପଟ କି ସେପଟ

ହେବାକୁ ଚାହୁଁନଥିଲେ, ବୁଝିହେଲାନି। ମୋତେ ବଡ଼ ଅସହାୟ ଲାଗିଥିଲା। ଇଚ୍ଛା ହେଉଥିଲା, ଘଣ୍ଟାଗୁଡିକର ପଛପଟ ନଟ୍‌କୁ ବୁଲେଇ ସବୁଯାକ ଘଣ୍ଟାର କଣ୍ଟାକୁ ତିନି ବାଜିଲା ପରି ରଖିଦିଅନ୍ତି କି? ସେ ତାଙ୍କର ଭାରି ଦେହକୁ ଘୋଷାରି ଘୋଷାରି ନେଇ ଚୌକିରେ ବସିପଡ଼ିଲେ।

ଯେ ଭିତରେ ମୋ ଦରକାର ଥିବା ବହିଟି ମିଳିଯାଇଥିଲା ଓ ସେ ବହିଟିକୁ ବଢ଼େଇଦେଇ କହିଥିଲେ, "ବୁଝିଲ କିଆ, ବହୁତ୍ ଖୋଜାଖୋଜି ପରେ ମିଳିଲା ଏ ଗୋଟିକ। ଆରେ ତମେ ବଢ଼ାବଢ଼ି କରିନ ଏଯାଏଁ? ଏଇ ଦେଖ, ଏଇ ବାଁ ପଟଟା ହେଉଛି ରୋଷେଇଘର। କ'ଣ କରିବା ଟିକେ ସାହାଯ୍ୟ କର। ସେ ସ୍ତ୍ରୀଲୋକଟିକୁ କହିଥିଲି, ହେଲେ ରହିଲା କେଉଁଠି?"

ମୁଁ ଓ ମୋ ବାନ୍ଧବୀ ଯାଇ ରୋଷେଇଘର ବାସନ ଥାକରୁ ଟ୍ରେ ତିନୋଟି କାଢ଼ି, ଯାହାଯାହା ରନ୍ଧା ହେଇଥିଲା କିଛିକିଛି ବାଢ଼ି ଆଣିଥିଲୁ। ବାନ୍ଧବୀ ଜଣକ କହିଥିଲେ, "ବାଃ, ବହୁତ୍ କିଛି ତ ରାନ୍ଧିଛି, ଆମ କାମବାଲୀକୁ ତ ଗୋଟାକୁ ଦି'ଟା କହିଲେ ମୁହଁ ଫୁଲେଇଦିଏ। ପିଠା ତ ବିଲ୍‌କୁଲ୍ କରିବନି।"

ନଡ଼ିଆ ପକେଇ ମିଠା ଖେଚୁଡ଼ି, ଆଳୁଦମ୍, ଟମାଟୋ ଖଟା, ପୁରୀ ଓ କାକରା ପିଠା। ନିଜେ ସେ କେଉଁଠୁ ମିଠା ବାହାରକରି ସମସ୍ତଙ୍କ ଟ୍ରେରେ ଗୋଟେ ଗୋଟେ ରଖିଥିଲେ। ଡାଇନିଂ ଟେବୁଲରେ ବହୁତ ଜିନିଷ ଗଦାହେଇ ରହିଥିଲା, ତେଣୁ ଆମେ ସେଇ ଡ୍ରଇଂ କମ୍ ବେଡ୍‌ରୁମ୍‌ର ସେଣ୍ଟର ଟେବୁଲରେ ଟ୍ରେ'ଟିମାନ ରଖି ଖାଇବାକୁ ବସିଥିଲୁ। ଚୌକିରେ ବସିଥିବା ତାଙ୍କ ପତ୍ନୀ କହିଥିଲେ, "ତିନିଟା ବାଜିନି।"

ତାଙ୍କ ସେ କଥାଟି ଅବରୁଦ୍ଧ ବାୟୁ ପରି ମୋ ମନଚେତନାକୁ ଘାଣ୍ଟି ପକେଇଥିଲା। ଯେମିତି ଛାତି ଭିତରେ ଅଝଟିଆ ଛୁଆଟେ ଗୋଡ଼ହାତ ପିଟି କହୁଥିଲା ତିନିଟା ବାଜିନି... ତିନିଟା ବାଜିନି... ତିନିଟା ବାଜିନି... ତିନିଟା...। ମୁଁ ତାଙ୍କୁ ଥରେ ଅନେଇଥିଲି। ନା' ତାଙ୍କ ଚେହେରାରେ ସେମିତି କିଛି ଭାବାନ୍ତର ଦେଖିନଥିଲି। ତାଙ୍କ ସ୍ୱାମୀ କହିଥିଲେ, "ଆରେ ତମେ ଖାଅ କିଆ। ଆଉ କ'ଣ ଦରକାର ଯଦି କୁହ?"

ମୋ ବାନ୍ଧବୀ ମୋଠୁ ଛ'-ସାତ ବର୍ଷ ବଡ଼ ଥିଲେ। ମୁଁ ତାଙ୍କୁ ସମ୍ମାନର ଆଖିରେ ଦେଖୁଥିଲେ ବି ବେଶ୍ ସତର୍କତାର ସହ ଲକ୍ଷ୍ୟ କରୁଥିଲି। ନିରବରେ କିଛି ଘଟୁଛି କି? ଏଇ ଯେମିତି : 'ନଦୀ ହେବି ନଦୀ; ତୁମେ ଜଳ ହେବ ଯଦି, ଗୀତ ଗାଇ ଯିବି ବହୁତ ଦୂର, ତୁମେ ଯଦି ହେବ ସ୍ୱର।' ନା', ସେମିତି କୌଣସି ଦୃଶ୍ୟ ମୋ ଆଖିରେ ଧରା ପଡ଼ିନଥିଲା। ଉଭୟେ ସତୁରି ପାର୍ କରିସାରିଥିଲେ। ଆଣ୍ଠୁବାତ, ସୁଗାର୍ ଡାଇବେଟିସ୍, କୋଲୋଷ୍ଟ୍ରଲ୍, ଦାନ୍ତ ଉପୁଡ଼ା ଭଳି କୌଣସି ଟପିକ୍ ପଡ଼ିନଥିଲା। ନାତିନାତୁଣୀ, ପୁଅଝିଅ, ଅସନ୍ତୋଷ, ଅପ୍ରାପ୍ତିର କଥା ବି ନୁହଁ, ଯାହା ଏଇ ବୟସରେ ସ୍ୱାଭାବିକ; ସେସବୁ ଗପ ଭିତରକୁ ଆସୁନଥିଲା। ଭଲପାଇବା ଯେମିତି ଏମିତି ଏକ ସଫ୍ଟୱୟାର, ଯାହାକୁ ପ୍ରତିଟି ଲୋକ ଡାଉନ୍‌ଲୋଡ୍ କରିଦେଇପାରନ୍ତି, ମାତ୍ର ସମାନ ଅନୁଭବ ପାଆନ୍ତି ନାହିଁ।

ମୁଁ ଖାଉଖାଉ ପଚାରିଥିଲି ଆଉ କାହାକୁ କ'ଣ ଲୋଡ଼ା, ମୁଁ ହାତଧୋଇ ବାଢ଼ିଦେବି। ବାକି ଦୁହେଁ ହାତହଲେଇ ମନା କରିଥିଲେ। ମୁଁ ଖାଉଖାଉ ତାଙ୍କ ପତ୍ନୀଙ୍କ ଆଡ଼କୁ ଦେଖୁଥିଲି। ତିନି ଚାରିଟି ଘଣ୍ଟାର ଖେଳରେ ସେ ଯେମିତି ଛନ୍ଦି ବାନ୍ଧି ହେଇଯାଇଥିଲେ। ଆମର ତିନିଟା ଯାଏଁ ଅପେକ୍ଷା କରିବାର ନଥିଲା କି? ମାତ୍ର, ମୁଁ ଘରକୁ ଫେରି ଆସିବାକୁ ଚାହୁଁଥିଲି, ତା'ଛଡ଼ା ମୋତେ ଭୋକ ବି ଲାଗୁଥିଲା, ମୁଁ ନିଜ ମନକୁ ବୁଝାଇବା ପାଇଁ ଯୁକ୍ତି ବାହାର କରିଥିଲି ମନେମନେ।

"ଖାଦ୍ୟସବୁ ଠିକ୍‌ଠାକ୍ ଅଛି ତ? ଆଉ ଗୋଟେ ମିଠା ଖାଅ,"- ପଚାରିଥିଲେ ସେ। ମୋ ବାନ୍ଧବୀଙ୍କର ସୁଗାର ଅଛି ମୁଁ ଜାଣେ, ମାତ୍ର ତାଙ୍କର ଅଛି କି ନା' ମୋତେ ଜଣାନଥିଲା। ମୁଁ ପଚାରିଥିଲି, "ଆପଣଙ୍କର ଡାଇବେଟିସ୍ ଅଛି?"

ସେ ଚମକେଇ ଦେଲାଭଳି ହା ହା ହା କରି ହସିଥିଲେ। କହିଥିଲେ, "ବୁଝିଲ କିଆ କାହାର ନାହିଁ କହିଲ? ମାତ୍ର ଏଇ ମୁହୂର୍ତ୍ତର ମିଠାପଣଠୁଁ କ'ଣ ସୁଗାରଟା ଆହୁରି ବେଶି ବଡ଼? ଜୀବନର ଏ ସୁନ୍ଦର ଅନୁଭବ ଟିକକ କ'ଣ ଆଉ ମିଳିବ। ତୁମେମାନେ ମୋ ଘରକୁ ଆସିଛ, କେତେ ଭଲ ଲାଗୁଛି ଦେଖ, ସୁଗାର୍‌ଟା ତା' ତୁଳନାରେ କ'ଣ? ମୋର ତିନିଶହ ଚାରିଶହ ଆଡ଼େ ସୁଗାର ଅଛି ବୋଲି ସେଦିନ ଚେକ୍ କରୁଥିବା ପିଲାଟା କହୁଥିଲା।"

"ହେ ଭଗବାନ, ତା'ପରେ ବି ଆପଣ ମିଠା ଖାଇଲେ? ପୁଣି ମିଠା ପ୍ୟାକେଟ୍‌ଟାକୁ ସାମ୍ନାରେ ରଖିଛନ୍ତି।"

"ଓହୋ କିଆ, ତୁମେ ଏ ରୋଗବୈରୋଗ କଥା ପକେଇ ଏଇ ସୁନ୍ଦର କ୍ଷଣଗୁଡ଼ିକୁ ନଷ୍ଟ କରନି ତ। ତୁମେମାନେ ଖାଇସାର, ମୁଁ ତୁମମାନଙ୍କୁ ବୁଲେଇ ଦେଖେଇବି ମୋ ଛାତ। ସେ ଭାବରେ ଗଦ୍‌-ଗଦ୍ ହେଇଯାଉଥିଲେ। ମୁଁ ତାଙ୍କୁ ସେ ଭାବରାଜ୍ୟରୁ ଫେରେଇ ଆଣିପାରୁନଥିଲି। ମାତ୍ର ଶୁଣିପାରୁଥିଲି ଗୋଟେ ଘଣ୍ଟାର ଟିକ୍‌ଟିକ୍ ଶବ୍ଦ, ଯାହା ମୋତେ ବ୍ୟସ୍ତବିବ୍ରତ କରିବା ପାଇଁ ଯଥେଷ୍ଟ ଥିଲା।

ସ୍ତ୍ରୀଙ୍କର ଏ ଅବସ୍ଥା, ସ୍ୱାମୀଟିଏ ଏମିତି ହସଖୁସିରେ ରହିପାରେ କେମିତି? ଏସବୁ କ'ଣ ତାଙ୍କ ହୃଦୟର ଗୀତ? ଜୀଇଁ

ରହିବାର କଳା ? ଅବା ମାନସିକ ସ୍ତରରେ ସେ ଅସୁସ୍ଥ ? ଏ ଭିତରେ ତିନିଟା ବାଜି ଯାଇଥିଲା । ମୁଁ କହିଥିଲି, "ମାଡାମଙ୍କ ଖାଇବା ବେଳ ହେଇଗଲା ।"

"ଆରେ ହଁ, ହଁ । କିଆ ପ୍ଲିଜ୍ ଟିକିଏ ସାହାଯ୍ୟ କରିବ ।"

ମୋର ଖାଇବା ସରିଯାଇଥିବାରୁ ମୁଁ ରୋଷେଇଘରକୁ ଯାଇ ଗୋଟେ ଟ୍ରେ ସଜେଇ ନେଇଆସିଥିଲି । ସେ ଶୋକେସ୍ ଉପରେ ରଖିବାକୁ କହିଲେ ଓ ସେମିତି ଚୌକି ଉପରେ ବସି ଖାଇଲେ । "ଆଉ କିଛି ଲୋଡ଼ା ହେଲେ କହିବେ," ମୁଁ କହିଥିଲି । ସେ ହାତହଲେଇ ମନା କରିଥିଲେ, ତାଙ୍କର ଆଉ କିଛି ଦରକାର ନାହିଁ ।

ଖିଆପିଆ ସରିଯାଇଥିବାରୁ ଆମେ ଘରକୁ ଯିବାକୁ ବ୍ୟସ୍ତ ହେଉଥିଲୁ, ସେ କହିଲେ, "ଛାତଟା ଚାଲ ଦେଖିଆସ, ତା'ପରେ ଯିବ ।" ସେ ବଡ଼ପାଟିରେ ତାଙ୍କ ପତ୍ନୀଙ୍କୁ ପଚାରିଥିଲେ, "ଆଉ କ'ଣ ଦରକାର ଅଛି ତ କୁହ, ଏମାନେ ଯିବାକୁ ବାହାରିଲେଣି ।" ସେ ତାଙ୍କ ପତ୍ନୀଙ୍କ ଉତ୍ତର ଶୁଣିବାକୁ ଅପେକ୍ଷା ନକରି, ଆମମାନଙ୍କୁ ଛାତ ଉପରକୁ ଡାକି ନେଇଥିଲେ । ଛାତରେ କ'ଣ ଲାଇବ୍ରେରୀ ପାଇଁ ବଖରାଏ ବନେଇଛନ୍ତି ?

"ଆରେ ନା, ଚାଲ ତମେ ଦେଖିବ ।" ଆମେ ତାଙ୍କ ପଛେପଛେ ଛାତକୁ ଯାଇଥିଲୁ ।

ଏକଥା ସତ ଯେ, ଘର ଓ ଛାତ ଭିତରେ ଅନେକ ଫରକ୍ ଥିଲା । ଏତେ ସୁନ୍ଦର ସୁସଜ୍ଜିତ ଛାତଟିଏ ଥାଇପାରେ ଏ ଘରେ, ଆମ କଳ୍ପନା ବାହାରେ ଥିଲା । ଏତେ ଆକର୍ଷଣୀୟ ଏଡ଼େ ଲୋଭନୀୟ ଥିଲା ଯେ, ଦେଖୁଦେଖୁ ମନ ଭିତରେ ଗୋଟେ ଅଦ୍ଭୁତ ପ୍ରଶାନ୍ତି ଭରିଯିବ । ମୋ ବାନ୍ଧବୀଙ୍କ ମୁହଁରୁ ପ୍ରଶଂସାର ଫୁଲ ଝରିପଡୁଥିଲା । ଅତି କର୍କଶ କଠିନ ଲୋକଟେ ବି ଏ ପରିବେଶରେ ରୋମାଣ୍ଟିକ୍ ହେଇଯିବ ହିଁ । ଧାଡ଼ିଧାଡ଼ି ହେଇ ରଙ୍ଗିନ ଫୁଲକୁଣ୍ଡସବୁ, ପ୍ୟାରେଡ୍ କଲାପରି ଗେଣ୍ଡୁଫୁଲ ଧାଡ଼ି ପରେ ସେବତୀ, ତା' ପଛକୁ ଡାଲିଆ, ଆଷ୍ଟର୍, ଏମିତି ଅନେକ ଦେଶୀବିଦେଶୀ ଫୁଲର ସମାହାର ଥିଲା ଜାଗା ଖଣ୍ଡକରେ । କ୍ରୋଟନ୍ ଓ କାକ୍‌ଟସ୍ ଗୋଟେ ପାଖକୁ ଧାଡ଼ିଧାଡ଼ି କରି ରହିଥିଲା । ସବୁଠୁଁ ବଡ଼କଥା, କୌଣସି ଗଛରେ ପାଚିଲା ପତ୍ରଟିଏ ଦେଖିବାକୁ ମିଳୁନଥିଲା । ଛାତର ଭାର ସହିବା ପାଇଁ ଥିବା ପିଲାର୍‌ଗୁଡ଼ିକ ଦେହରେ ଗୁଡ଼େଇହେଇ ରହିଥିଲେ ନାନାରଙ୍ଗର ଫୁଲଥିବା ଲତାଗଛ । ଦୁଇଜଣ ବସି ଝୁଲା ଝୁଲିଲା ପରି ଲୁହାର ଝୁଲାଟିଏ ଥିଲା । ଲାଲ୍ ସବୁଜରଙ୍ଗରେ ଝୁଲାଟିକୁ ରଙ୍ଗେଇ ଦିଆଯାଇଥିଲା । ପାଖକୁ ଓଡ଼ିଆ ଆଠ ସଂଖ୍ୟା ହେଲାପରି ଗୋଟେ ସିମେଣ୍ଟ ବେଞ୍ଚ ପଡ଼ିଥିଲା । ଯେମିତି ପାର୍କମାନଙ୍କରେ ଆଉଜି ବସିବା ପାଇଁ ରଙ୍ଗିନ୍ ବେଞ୍ଚମାନ ଥାଏ, ଠିକ୍ ଅବିକଳ ସେଇପରି । ଯିଏ ଛାତଟିକୁ ଏଡ଼େ ସୁନ୍ଦର ରୂପରେ ସଜାଇ ପାରୁଛନ୍ତି, ଘରଟିକୁ ଏମିତି ଅସନା କରି କାହିଁକି ରଖିଛନ୍ତି ଯେ ?

ଆମେ ଦୁହେଁ ଯାଇ ସିମେଣ୍ଟ ବେଞ୍ଚରେ ବସିଥିଲୁ, ଆଉ ସେ ଝୁଲାରେ । ଗଛଗୁଡ଼ିକ ମୋତେ ବାରମ୍ବାର ପ୍ରଲୋଭିତ କରୁଥିଲେ । ଆ ମୋତେ ଛୁଁ ବୋଲି ଯେମିତି କହୁଥିଲେ ସେମାନେ । ଏତେ ସମୟ ଚୁପ୍‌ଚାପ୍ ଥିବା ମୋ ବାନ୍ଧବୀ ବଗିଚା ଦେଖି ମୁଗ୍ଧ ଓ କିଛିଟା ପ୍ରଗଳ୍‌ଭ ହେଇପଡିଥିଲେ । ଥରେଥରେ ସିମେଣ୍ଟ ବେଞ୍ଚରୁ ଉଠିଯାଇ ଗଛ ଓ ଫୁଲମାନଙ୍କ ପାଖରେ ଝୁଙ୍କିପଡ଼ି ଛୁଇଁ ଆସୁଥିଲେ ।

ମୁଁ ଭାବୁଥିଲି ଏଇଟି ହିଁ ପ୍ରକୃତ ପରିବେଶ ପ୍ରେମ ପାଇଁ । ପ୍ରେମିକାସୁଲଭ ନାରୀ ସଙ୍ଗେ କଥା ହେବାପାଇଁ । ସେ କିନ୍ତୁ ଅନର୍ଗଳ ଗପି ଚାଲିଥିଲେ ଜୀବନରେ ନାନ୍ଦନିକତାର ଭୂମିକାକୁ ନେଇ । "ବୁଝିଲ କିଆ, ଦୁଃଖ ତ ଅନିର୍ବାର୍ଯ୍ୟ । ତୁମେ ଦୁଃଖର ଧୂଳି ଯେତେ ଝାଡୁଥିବ, ପରଦିନକୁ ଗୋଟେ ଦୁଃଖର ଆସ୍ତରଣ ନିଶ୍ଚୟ ଜମିଯାଇଥିବ । ତା'ରି ଭିତରେ ଯିଏ ଅନ୍ୟମନସ୍କ ହାତରେ ଧୂଳି ଝାଡ଼ିଦେଇ, ଗୋଲାପ ଫୁଲଟେ ଫୁଲଦାନିରେ ସଜେଇ ଦେଇପାରେ, ସେ ହିଁ ଜୀଏଁ । ଏ ଜୀବନକାଳ ଭିତରେ ଏଇ ରହସ୍ୟଟିକୁ ଯେ ଧରିପାରିନାହିଁ, ସେ କିଛି ପାଇନି ବୋଲି ଜାଣ ।"

ମୁଁ ମୋ ବାନ୍ଧବୀଙ୍କର ଲତାକୁଞ୍ଜ ପାଖରୁ ଗୋଟେ ଦି'ଟା ଫଟୋ ଉଠେଇ ନେଇଥିଲି ଉଭୟଙ୍କ ଅଜାଣତରେ । ମୋ ମତରେ ପୋଜ୍ ଦେବା ଅପେକ୍ଷା ନାଚୁରାଲ୍ ଭାବେ ଉଠାଯାଇଥିବା ଫଟୋଗୁଡିକ ଭଲ ଆସେ ।

ସେ କହିଥିଲେ, "ଜାଣିଛ କିଆ, ଏ ଜାଗାଖଣ୍ଡକର ନାଁ ମୁଁ କ'ଣ ରଖିଛି ? 'ସ୍ୟୁକି' । 'ସ୍ୟୁକି' ମାନେ 'ଜହ୍ନ' ଜାପାନୀ ଭାଷାରେ । ମୁଁ ଅନେକ ଜହ୍ନରାତି ଏଇଠି ବିତେଇଛି । ସ୍ୟୁ ପିଇଛି । ତମେ ଥରେ ଚାନ୍ଦିନୀ ରାତିରେ ଆସି ଦେଖିବ, କେତେ ମାୟାମୟ ହେଇଯାଏ ଏଇ ମୋ ବଗିଚା ଖଣ୍ଡକ ।"

"ନିଶ୍ଚୟ ହେଉଥିବ, ମୁଁ କଳ୍ପନା କରି ଜାଣିପାରୁଛି," କହିଥିଲେ ମୋ ବାନ୍ଧବୀ । "ଏଇ ଅପରାହ୍ନରେ ଯଦି ଆମେ ଏ ଛାତର ପ୍ରେମରେ ପଡ଼ିଯାଉଛୁ, ଜହ୍ନରାତିରେ ନିଶ୍ଚେ କିମିଆ କରି ଦେଉଥିବ । କିନ୍ତୁ ମୋ ଭାଗ୍ୟରେ ସ୍ୟୁ ନାହିଁ, ମୁଁ କହିଥିଲି । ଆପଣ ମୋ ପଡ଼ୋଶୀ ହେଇଥିଲେ, ମୁଁ ହୁଏତ ଆପଣଙ୍କ ପାଚେରି ଡେଇଁ ଏଇଠି ହାଜର ହେଇଯାଇଥାନ୍ତି ।

ସେ ମୋ କଥା ଶୁଣି ମନକୁ ପାଇଲା ପରି ହସିଥିଲେ- "ଜୀବନରେ ଏତିକି ଲୋଡ଼ା । ଛାତି ଭିତରେ ଗୋଟେ ସୁନ୍ଦର ସହର । ସେ ସହରରେ ଗୋଟେ ସୁନ୍ଦର ଘର । ସେ ଘର ଭିତରେ ଗୋଟେ

ସୁନ୍ଦର ସମ୍ପର୍କ। ବାକିସବୁ ତୁଚ୍ଛ। ଛାତି ଭିତରେ ପତ୍ର ମେଲିଥିବା ଚାରାଗଛଟିକୁ ସବୁବେଳେ ଜୀଏଇ ରଖିବ କିଆ।" ସେ ଗପୁଗପୁ ମୋ ବାନ୍ଧବୀଙ୍କ ପାଖରେ ସିମେଣ୍ଟ ବେଞ୍ଚରେ ଯାଇ ବସିଥିଲେ। ମୁଁ ପଚାରିଥିଲି, "ଗୋଟେ ଫଟୋ ନେବି ଆପଣମାନଙ୍କର।"

"ନିଶ୍ଚୟ, ଏଥିରେ ପଚାରିବାର କ'ଣ ଅଛି। ତମେ ମୋ ମୋବାଇଲ୍‌ରେ ନିଅ," କହିଥିଲେ ସେ। ମୁଁ ତାଙ୍କ ମୋବାଇଲ୍‌ରେ ଫଟୋ ଉଠେଇଥିଲି ଓ ସେଇଠି ଲକ୍ଷ୍ୟ କରିଥିଲି, ଉଭୟେ ନିଜନିଜ ଭିତରେ ଖୁବ୍ ସଂକୁଚିତ ହୋଇ ରହିଛନ୍ତି। ମୋ କଳ୍ପନାର ପ୍ରେମକାହାଣୀରେ ପୂର୍ଣ୍ଣଚ୍ଛେଦ ପଡ଼ିଯାଇଥିଲା ଯେମିତି। ମୁଁ କହିଥିଲି, "ସ୍ମାଇଲ୍ ପ୍ଲିଜ୍।"

ଏଥର ସେ ମୋ ବାନ୍ଧବୀଙ୍କ କାନ୍ଧରେ ହାତଟିଏ ରଖି ହସିଥିଲେ, ମୁଁ ମନେମନେ ଭାବିଥିଲି, ପ୍ରେମିକାସୁଲଭ ନାରୀଟିଏ ସହ ଫଟୋଟିଏ ହେଇଗଲା ତେବେ। ସେ ମୋବାଇଲ୍‌ଟି ମୋଠୁଁ ମାଗିନେଇ ମୋ ବାନ୍ଧବୀଙ୍କୁ ଧରେଇ ଦେଇଥିଲେ। "ଏଥର କିଆ ସଙ୍ଗେ ମୋର ଫଟୋ ନିଅନ୍ତୁ।" କହୁକହୁ ତାଙ୍କ ବାହୁରେ ମୋତେ ନିବିଡ଼ ଭାବରେ ଜଡ଼େଇ ଧରିଥିଲେ ସେ। ମୁଁ କିଛି ପ୍ରତିକ୍ରିୟା କରିବା ଆଗରୁ କ୍ଲିକ୍ ହେଇସାରିଥିଲା। ମୁଁ ତାଙ୍କ ଗଦ୍‌ଗଦ୍ ଭାବରୁ ନିଜକୁ ମୁକୁଳେଇ ପାରୁନଥିଲି। ଯଦିଓ ତଳବଖରାରେ ଚୌକିରେ ବସିଥିବା ନାରୀଟି ମୋତେ ବାରମ୍ବାର ଧିକ୍କାରୁଥିବାର ମନେହେଉଥିଲା। ମନେହେଉଥିଲା, ଲୋଡ଼ା ନାହିଁ ମୋର ସ୍ୱ୍ୟ। ଲୋଡ଼ାନାହିଁ ଜହ୍ନରାତି। ଲୋଡ଼ାନାହିଁ ଜୀଇଁ ରହିବାର ଆନନ୍ଦ ଟିକକ ସାଉଁଟିବା। ଇଚ୍ଛା ହେଉଥିଲା ତଳକୁ ଓହ୍ଲେଇଯିବି। ମୋ ଦୁର୍ବଳ ଦେହର ସାହାରାରେ, ସେଇ ଭାରି ଦେହଟିକୁ ଆଉଜାଇ ଆଣି, ଗୋଟିଏ ଗୋଟିଏ କରି ପାହାଚ ଚଢ଼େଇବି। ହେଉପଛେ ସିସିଫସ୍‌ର ପ୍ରଚେଷ୍ଟା, ଲାଗୁପଛେ ଯୁଗେ, ଦିନେ ନା' ଦିନେ ମୁଁ ଛାତ ଉପରେ ତାଙ୍କୁ ଜହ୍ନରାତି ଦେଖେଇବା ପାଇଁ ସମର୍ଥ ହେବି। ଝୁଲାରେ ବସେଇଦେଇ କାନପାରି ତାଙ୍କ ଛାତିର ଟିକ୍‌ଟିକ୍ ଶୁଣିବି; ଯାହା ଦୁଷ୍ଟ ଘଣ୍ଟାମାନଙ୍କ ପରି ଏପଟ ସେପଟ ନଥିବ, ବରଂ ଷାଠିଏରୁ ଶହେ ଥିବ ପ୍ରତି ମିନିଟ୍।

ମୁଁ ଅନ୍ୟମନସ୍କ ଥିଲି। ଏ ଭିତରେ କିନ୍ତୁ ମୋର ତାଙ୍କ ସହ ଅନେକ ଫଟୋ ଉଠିସାରିଥିଲା। ମାତ୍ର ଏତେ ଫଟୋ କ'ଣ ସେ ତାଙ୍କ ମୋବାଇଲ୍‌ରେ ସାଇତି ରଖିପାରିବେ? ଦିନେ ନା' ଦିନେ ନିଶ୍ଚୟ ଡିଲିଟ୍ ହେଇଯିବ ଯେ!

ଡକ୍ଟର ସରୋଜିନୀ ସାହୁ ଓଡ଼ିଆ ସାହିତ୍ୟର ଜଣେ ପ୍ରତିଷ୍ଠିତ ଲେଖିକା ଭାବେ ବିପୁଳ ପାଠକୀୟ ସ୍ୱୀକୃତିର ଅଧିକାରିଣୀ। ତାଙ୍କର ଗଳ୍ପ ଓ ଉପନ୍ୟାସଗୁଡ଼ିକ ମାନବୀୟ ସମ୍ବେଦନାର କଥା କହେ। ଅଧ୍ୟାପନା ବୃତ୍ତିରୁ ଅବସର ନେଇଥିବା ଶ୍ରୀମତୀ ସାହୁ ଗପ ଓ ଉପନ୍ୟାସ ରଚନା କରିବା ବ୍ୟତୀତ ଦୀର୍ଘ ଦିନ ଧରି ଚେନ୍ନାଇରୁ ପ୍ରକାଶିତ 'ଏସିଆନ ଏଜ' ପତ୍ରିକାର ସହଯୋଗୀ ସମ୍ପାଦିକା ଥିଲେ। ନିଉ ଇଣ୍ଡିଆନ ଏକ୍ସପ୍ରେସରେ ପ୍ରକାଶିତ ତାଙ୍କର ସ୍ତମ୍ଭ ଓ ତାଙ୍କର ଇଣ୍ଟରନେଟର ବ୍ଲଗ୍ ଲେଖା ତାଙ୍କୁ ଓଡ଼ିଶା ଓ ଭାରତ ବାହାରେ ମଧ୍ୟ ଲେଖିକା ଭାବେ ବିପୁଳ ଲୋକପ୍ରିୟତା ଆଣି ଦେଇଛି। ସେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଆ ସାହିତ୍ୟକୁ ବହୁବାର ପ୍ରତିନିଧିତ୍ୱ କରିଛନ୍ତି। ୧୯୯୨ ମସିହାରେ ସର୍ବ କନିଷ୍ଠ ଲେଖକ ଭାବରେ ଗଳ୍ପ ସଂକଳନ 'ଅମୃତର ପ୍ରତୀକ୍ଷାରେ' ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି। ଏହାଛଡ଼ା ସେ ମର୍ଯ୍ୟାଦାଜନକ 'ଝଙ୍କାର ପୁରସ୍କାର', 'ଭୁବନେଶ୍ୱର ପୁସ୍ତକ ମେଳା ପୁରସ୍କାର' ସମେତ ଅନ୍ୟାନ୍ୟ ବହୁ ପୁରସ୍କାରରେ ସମ୍ମାନିତ। ତାଙ୍କର ଉପନ୍ୟାସ 'ଗମ୍ଭିରୀ ଘର' ବାଂଲାଦେଶ ଓ ଶ୍ରୀଲଂକାରେ ବି ଖୁବ୍ ଲୋକପ୍ରିୟ। ତାଙ୍କୁ ୮୨୬୦୬ ୯୧୬୪୦ରେ ଯୋଗାଯୋଗ କରାଯାଇପାରିବ।

ଅନ୍ଧାର

ଯଶୋଧାରା ମିଶ୍ର

ପରୀକ୍ଷାର କିଛିଦିନ ପୂର୍ବରୁ– ପରୀକ୍ଷା ଚିନ୍ତାଟା ଯେତେବେଳେ ଭୂତ ଭଳି ମୁଣ୍ଡରେ ମାଡ଼ି ବସିଥାଏ, ସେତେବେଳେ ରାତିରେ ପଢୁପଢୁ ହଠାତ୍ ଲାଇଟ୍ ଚାଲିଗଲେ ଯେମିତି ଲାଗେ, ପିଣ୍ଟୁ ଆସି ପହଞ୍ଚିଗଲେ ବି ମୋତେ ଠିକ୍ ସେମିତି ଲାଗେ । ସମୟ ନଷ୍ଟହେଲା ବୋଲି ତ ଗୋଟାଏ ନିଶ୍ଚିତ ହତାଶ ଭାବ, ତା' ସଙ୍ଗେସଙ୍ଗେ ନିଜର ଦୋଷ ନୁହେଁ ବୋଲି ଏକରକମ ଦାୟିତ୍ୱମୁକ୍ତ ଓ ଅନ୍ତତଃ କିଛି ସମୟ ପାଇଁ ପରୀକ୍ଷା ଚିନ୍ତା ଓ ପରିଶ୍ରମରୁ ଅନିର୍ଦ୍ଦିଷ୍ଟ କାଳପାଇଁ ବିଶ୍ରାମ। ଆଉ ହଠାତ୍ କିଛି ନୋଟିସ୍ ନ ଦେଇ ପିଣ୍ଟୁ ଯେମିତି ଚେୟାର୍ ଛାଡ଼ି ଉଠେ, ସେତେବେଳେ ବି ଠିକ୍ ସେମିତି ଲାଇଟ୍ ହଠାତ୍ ଚାଲିଆସିବାର ସମସାମୟିକ ଅନୁଭୂତି– ହଠାତ୍ ଦାୟିତ୍ୱବୋଧର ଜାଗରଣ ଓ ତତ୍ ସଙ୍ଗେସଙ୍ଗେ ନିକଟ ଅତୀତର ସମୟ ନଷ୍ଟ ଜନିତ ବିରକ୍ତି ତଥା ନିଭୃତ ଇଚ୍ଛା– ବିସ୍ମୃତିଟା ଆଉ କିଛିକ୍ଷଣ ରହିଯାଇଥାଆନ୍ତା ଯଦି !

ପିଣ୍ଟୁ ଏମିତି ପରୀକ୍ଷା ସମୟଟାରେ (ବା ଯେ କୌଣସି ସମୟରେ ହେଉ) ଆସିଲେ ମୋ ସମୟ ନଷ୍ଟ କରୁଥିବା ଯୋଗୁଁ ମୌଖିକଭାବେ ଦୁଃଖିତ ବି ହୁଏନି। ସିଧା ଆସି ଗପ କରେ– କୋଉ ଫିଲ୍ମ୍ ସୁଟିଂବେଳେ ହୀରୋ ହୀରୋଇନ୍‌କୁ ଚିମୁଟିଲା ଓ ପ୍ରତିବଦଳରେ ଚାପୁଡ଼ା ଖାଇଲାଠାରୁ ଆରମ୍ଭ କରି ପରବର୍ତ୍ତୀ ଇଲେକ୍‌ସନ୍‌ରେ ଜିତିବ ବୋଲି କେଉଁ ନେତା କି ପଲିସି କରୁଛି ଓ ଶେଷତଃ ଆମ କଲେଜ ବିଉଟି ସନ୍ଧ୍ୟା ଦାସ ରାତି ବାରଟା ପରେ ହଷ୍ଟେଲ୍‌ରୁ ଗୋଟାଏ କଳା କାର୍‌ରେ ଯିବା ସେ କେମିତି ନିଜ ଆଖିରେ ଦେଖିଛି ଇତ୍ୟାଦି। ଆଉ ଯେଉଁଦିନ ସେ ସିରିୟସ୍ ମୁଡ୍‌ରେ ଥାଏ ନିଜ କବିତା ପଢ଼ାଏ। ଭଲ କବିତା ବୋଲି ମୁଁ ଯଦିଓ କହିପାରିବିନି (ପପୁଲାର କବିଙ୍କ ଧାଡ଼ିଏ ଦି'ଧାଡ଼ି ସେଥିରୁ ମୁଁ ଚିହ୍ନିପାରେ) କବିତାଗୁଡ଼ିକ ତା'ର ଗଭୀର ଅନୁଭୂତିଗୁଡ଼ିକର ପରିପ୍ରକାଶ ବୋଲି ପିଣ୍ଟୁ ବେଳେବେଳେ ବିଶ୍ୱାସ ଜନ୍ମାଏ।

ସେଦିନ ସନ୍ଧ୍ୟାରେ ପିଣ୍ଟୁ ଆସିବା ପୂର୍ବରୁ ବହିକୁ ଚାହିଁ କପାଳରେ ଆଙ୍ଗୁଠି ଘଷୁଘଷୁ ମୁଁ ଚିନ୍ତା କରୁଥିଲି। ଏ ସମସ୍ତ ବହି ମୋତେ ଉଦରସ୍ଥ କରିବାକୁ ହେବ ପରୀକ୍ଷା ଆଗରୁ– ଅନ୍ତତଃ ମୋ ପାଇଁ ପରୀକ୍ଷାରେ ଭଲ କରିବାକୁ ହେଲେ ତା'ଛଡ଼ା ଆଉ ଉପାୟ କିଛି ନାହିଁ ଓ ପରୀକ୍ଷାରେ ଭଲ କରିବା ଦରକାର। କାରଣ ଏ ରେଜଲ୍ଟ ଅନୁଯାୟୀ ମୋର ପରବର୍ତ୍ତୀ ପାଠ୍ୟକ୍ରମ ନିର୍ଣ୍ଣୀତ ହେବ ଓ ତତ୍‌ପରବର୍ତ୍ତୀ ରେଜଲ୍ଟ ବି କିଛି ପରିମାଣରେ ନିର୍ଭର କରିବ; ସର୍ବୋପରି ମୋର ସ୍ୱପ୍ନର ଭବିଷ୍ୟତ ଗଢ଼ିବାକୁ ଏ ସମସ୍ତ ଉଦରସ୍ଥ ବହି ଓ ପରୀକ୍ଷା ଫଳର ଦରକାର ହେବ। ସକାଳୁ ବହି ପାଖେ ବସିବସି ମୁଁ ସନ୍ତୋଷଜନକ ଭାବେ ପଢ଼ିପାରି ନଥିଲି। ଏଇ କିଛି ସମୟ ଆଗରୁ ଇଚ୍ଛା ହେଉଥିଲା– ଗୋଲି ମାର ସେ ବହିପତ୍ରକୁ, ସେକେଣ୍ଡ୍ ସୋ'ଟାଏ ଦେଖି ଆସିଲେ ହୁଅନ୍ତା; କିନ୍ତୁ ମୁଁ ଜାଣେ, ସେକେଣ୍ଡ୍ ସୋ'ରୁ ଫେରିଲା ପରେ ବହି-ପୃଷ୍ଠାରେ ବା ବିଛଣାରେ ପଡ଼ିଲା ପରେ ନିଦ ଆସୁ ନଥିବା ଆଖି ସାମ୍ନାରେ ବାପାଙ୍କ କୁଞ୍ଚିତ କପାଳ ଆଉ ମା'ର କରୁଣ ଆଖି ଦିଶିଯିବ। ମୋ ବହିଥାକରୁ ବାପା ଦେଇଥିବା କେତୋଟି ମହାପୁରୁଷଙ୍କ ଜୀବନୀ ମୋତେ ଗମ୍ଭୀର ଓ ସହିଷ୍ଣୁ ଆଖିରେ ଚାହିଁଥିଲେ। ଏଥିରୁ କେତୋଟିରେ ବାପାଙ୍କର ଛାତ୍ରାବସ୍ଥାର ସ୍ୱାକ୍ଷର ରହିଛି। ସେ ବି ବୋଧହୁଏ ମୋରି ପରି ଏକ ସ୍ଥିର ଉଜ୍ଜ୍ୱଳ ଭବିଷ୍ୟତର କଳ୍ପନା କରୁଥିଲେ। ତେବେ ବାପାଙ୍କର ଜଣେ ସ୍ୱଚ୍ଛଳ, ସୁଖୀ, ସାମାଜିକ ନାଗରିକ ହେବାପାଇଁ ଅନେକ ଯୋଗ୍ୟତା ଥିବା ସତ୍ତ୍ୱେ ସେ ତାଙ୍କ ଆକାଙ୍କ୍ଷାର ଅନୁପାତରେ ମର୍ମନ୍ତୁଦ ଭାବେ ଫେଲ୍ ମାରିଛନ୍ତି। କପାଳରେ ଆହୁରି ଆଙ୍ଗୁଠି ଘଷି ମୁଁ ମନକୁ ଦୃଢ଼ କରୁଥିଲି, ଭାଙ୍ଗିପଡ଼ିଲେ ଚଳିବ ନାହିଁ। ବାପାଙ୍କର ବ୍ୟର୍ଥତାର ଛାପମରା କୁଞ୍ଚିତ କପାଳରେ ମୋ' ପାଇଁ ଯେତେକ ସ୍ୱପ୍ନ, ମା'ର କରୁଣ ଆଖିରେ ମୋ ପାଇଁ କେତେ ଗର୍ବ, କେତେ ଆଶା ! ମୋର ସାନସାନ ଭାଇଭଉଣୀ, ଯେଉଁମାନେ ଆଜିକାଲି ମୋର ଗମ୍ଭୀର ମୁହଁକୁ ଦେଖି ସସମ୍ମାନ, ଶଙ୍କିତ ଗଳାରେ କଲେଜ କଥା ପଚାରନ୍ତି, ମୋ ଅନୁପସ୍ଥିତିରେ ମୋ ବହିପତ୍ର ଛୁଇଁଯାଆନ୍ତି ଓ ମୋତେ ନେଇ ତାଙ୍କ ସାଙ୍ଗ ମହଲରେ ଗର୍ବ କରନ୍ତି– ସେମାନଙ୍କ ଆଗରେ ବି ତ ମୋତେ ଆଦର୍ଶ ହେବାକୁ ହେବ। ଅଦୂର ଭବିଷ୍ୟତରେ ମୋତେ ହୁଏତ ସେମାନଙ୍କ ଦାୟିତ୍ୱ ନେବାକୁ ପଡ଼ିପାରେ। ମୁଁ ହିଁ ଏକୁଟିଆ ମୋତେ ଭଲ ପାଉଥିବା, ମୋ'ରି ଆଡ଼କୁ ଚାହିଁ ରହିଥିବା କେତେଜଣଙ୍କର ଭବିଷ୍ୟତ, ଆଶା ଭରସା ସବୁ। ଆଗରେ ମୋର ଗୋଟାଏ ଭାରୀ, ଗମ୍ଭୀର ଉଜ୍ଜ୍ୱଳ ଭବିଷ୍ୟତ ଯାହାପାଇଁ ମୋତେ ଆଜିଠୁଁ ନିୟମିତ କସରତ କରିବାକୁ ହେବ।

ଏତେବେଳେ ପିଣ୍ଟୁ ଆସି ପହଞ୍ଚିଲା, ତା'ର ସେଇ ବିରଳ ସିରିୟସ୍ ମୁଡ୍‌ଟାଏ ନେଇ। ଦାମୀ, ଚିପା ପେଣ୍ଟ ଉପରେ ସୌଖୀନ୍ ପଞ୍ଜାବୀ ପିନ୍ଧି, ଧୂଆଁ ଛାଡୁଛାଡୁ ଚେୟାର୍‌ଟା ଟାଣି ନେଇ ବସିବା ପରେ ବି ମୁହଁଟାକୁ ଯଥାସମ୍ଭବ ଗମ୍ଭୀର ଓ ଉଦାସ ରଖିବାର ପ୍ରଯତ୍ନ କରିଥିଲା। ମୁଁ ବହି ବନ୍ଦ କଲି। ସିଗାରେଟ୍‌ଟି ଶେଷ କଲାପରେ ଝରକାଦେଇ ଫିଙ୍ଗି ସେ ଅକସ୍ମାତ୍ ପ୍ରଶ୍ନ କଲା–"ରେଡିଓଟାଏ ବି ନାହିଁ କିହୋ ତମ ରୁମ୍‌ରେ ?"

ମୁଁ ମୁଣ୍ଡ ହଲାଇ ନାହିଁ କରୁକରୁ ଘରର ଆର୍ଥିକ ଅସ୍ୱଚ୍ଛଳତା କଥା ସ୍ମରଣ କଲି ଓ ପିଣ୍ଟୁ ସଙ୍ଗେ ସମୟ ନଷ୍ଟ କରୁଥିବା ଯୋଗୁଁ ନିଜକୁ ଦୋଷୀ ମନେକଲି। ଅଜାଣତରେ ମହାପୁରୁଷମାନଙ୍କ ଆଡ଼କୁ ଆଖି ଚାଲିଗଲା ଓ କିଛି ସମୟ ଧରି ପିଣ୍ଟୁର ସ୍ୱର ମୋ କାନରେ ବାଜି ଫେରି ଯାଉଥିଲା। ଆଖି ଫେରେଇଲା ପରେ ପିଣ୍ଟୁକୁ ଲକ୍ଷ୍ୟ କରି ଠଉରେଇବାକୁ ଚେଷ୍ଟା କଲି, ଆଜି ମ୍ୟାଟିନି ଶୋ'ରେ ଦେଖିଥିବା ହିନ୍ଦୀ ଫିଲିମ୍‌ଟି ବିଷୟରେ ଅନର୍ଗଳ କହିଯାଉଥିବା ଏଇ ଯୌବନଦୀପ୍ତ ଜନ୍ତୁଟିର ଭିତରଟା କେମିତି ? ମୋ ଥାକରେ ଥିବା ମହାପୁରୁଷମାନଙ୍କ ନାଁ ଏ କ'ଣ କେବେ ଶୁଣିଥିବ? ତା' ମାଙ୍କ କରୁଣ ମୁହଁ ତା'ର କେବେ ମନେ ପଡୁଥିବ? ତା' ବାପା କ'ଣ ତାକୁ ନେଇ ସ୍ୱପ୍ନ ଦେଖୁଥିବେ? ପିଣ୍ଟୁର ହାବଭାବରୁ ମନେହେବ ପୃଥିବୀଟା ତା' ପାଦତଳେ। ଚିନ୍ତା, ପରିଶ୍ରମ ଭଳି ଶବ୍ଦମାନଙ୍କ ସହ ତା'ର ପରିଚୟ ନାହିଁ। ପିଣ୍ଟୁ କି ଧରଣର ଭବିଷ୍ୟତକୁ ପ୍ରତୀକ୍ଷା କରିଛି ?

ମୁଁ ପିଣ୍ଟୁର ସ୍ୱର ଶୁଣୁଶୁଣୁ ନିର୍ଲିପ୍ତ ମୁହଁରେ ଭାବୁଥିଲି, ମୁଁ ଏଠି ଦିନ ପରେ ଦିନ ସମୟ ନଷ୍ଟ କରେ ପିଣ୍ଟୁର ବକ୍ତୃତା ଶୁଣି, ଅଥଚ ଅନ୍ତତଃ ଖଣ୍ଡେ ଭଲ ବହି ପଢ଼ାଯାଇ ପାରନ୍ତା ସେ ସମୟରେ। ଅସଂଖ୍ୟ ବହିଙ୍କୁ ମୁଁ ଜାଣେ, ଯେଉଁସବୁ ପିଣ୍ଟୁର ବକ୍ତୃତାଠୁ ଅନେକ ଇଣ୍ଟରେଷ୍ଟିଂ ଓ ମୂଲ୍ୟବାନ୍ ଏବଂ ସେ ବହିସବୁଙ୍କୁ ପିଣ୍ଟୁ ଚିହ୍ନେ ନାହିଁ । ପିଣ୍ଟୁର ପିଲାଳିଆ କବିତା ବି ଶୁଣେ ଧୈର୍ଯ୍ୟ ଧରି– ପିଣ୍ଟୁର ଧାରଣା ନାହିଁ କେଉଁ ଧରଣର କବିତାଗୁଡ଼ିକ ସହ ମୁଁ ପରିଚିତ। ପିଣ୍ଟୁ ବୋଧେ ଭାବେ ଯେ ସେ ମୋତେ ବକ୍ତୃତା ଦିଏ ମୋତେ କୃପାକରି, ତା'ର ଦଳୀୟ ଅନେକ ବନ୍ଧୁ ଥିବା ସତ୍ତ୍ୱେ; ଅଥଚ ବିଚରା ବୁଝେନି ମୁଁ ତା' କଥା ଶୁଣେ ପ୍ରାୟ ତାକୁ କୃପା କରି। ଯେଉଁ କୋଣରୁ ମୁଁ ଜୀବନକୁ ଦେଖେ, ସେ ବିଷୟରେ ପିଣ୍ଟୁ କ'ଣ ବା ଜାଣେ। ମୋର ଜୀବନ ବିଷୟରେ ଦାୟିତ୍ୱବୋଧ ଅଛି, କାରଣ ମୁଁ ଜୀବନକୁ ଗୁରୁତ୍ୱ ଦିଏ– ପିଣ୍ଟୁ ଅପେକ୍ଷା ଯଥେଷ୍ଟ ବେଶି। ମୁଁ ସବୁବେଳେ ଜୀବନକୁ ସୂକ୍ଷ୍ମଭାବେ ବିଶ୍ଳେଷଣ କରିବାକୁ ଚେଷ୍ଟା କରିଛି, ପିଣ୍ଟୁ ପରି ମେଞ୍ଚାଏ କାଦୁଅ ଭଳି ମାନି ନେଇନି। ତଥାପି ଏକଥା ସତ ଯେ ମୋ ପ୍ରତି ପିଣ୍ଟୁର କୌଣସି ପ୍ରକାରର ସମ୍ମାନ ନାହିଁ, ତା'ର ଦଳୀୟ ବନ୍ଧୁଙ୍କ ତୁଳନାରେ ମୋର ସତ୍ ପ୍ରକୃତି ପାଇଁ ନୁହେଁ ବା ମୁଁ ଭଲଛାତ୍ର ହେଇଥିବା ହେତୁ ବି ନୁହେଁ। ଆଉ ମୁଁ ବୋଧହୁଏ ପିଣ୍ଟୁ ସାମ୍ନାରେ ତା' କଥାରେ ଗୁରୁତ୍ୱ ଆରୋପ କରି ତା' ଧାରଣା ସବୁ ଅବ୍ୟାହତ ରଖିବାରେ ଏକ ପ୍ରଚ୍ଛନ୍ନ ଆନନ୍ଦ ପାଏ।

ୱାଚ୍‌ରେ ଦେଖିଲି ରାତି ଦଶଟା ଓ ପିଣ୍ଟୁ ଯେଣୁ ଉଠିବାର ଲକ୍ଷଣ ଦେଖାଇଲାନି, ଅଗତ୍ୟା ତା' କଥାରେ କୌତୁହଳୀ ହେବାର ଚେଷ୍ଟା କଲି। ରାତି ବଢ଼ିବା ସଙ୍ଗେସଙ୍ଗେ ପିଣ୍ଟୁ ଜଣେ ଜନପ୍ରିୟ ଯୁବଲେଖକଙ୍କ ଲେଖା ତଥା ଅନେକ ହିନ୍ଦୀ ଫିଲ୍ମ ଡାଏଲଗ୍ ଉଦ୍ଧାର କରି ମୋତେ ଶୁଣାଇଲା ଓ ମୋ ପେନ୍ ନେଇ ଖଣ୍ଡେ କାଗଜରେ ଆଜେବାଜେ ଜଟିଳ ରେଖାସବୁ ଟାଣି ତା'ର ନିଜ ଜୀବନର ଦୀର୍ଘ ପ୍ରେମକାହାଣୀ ଶୁଣାଇଲା। ତା'ର ସାରାଂଶ, ସେ ଫାଷ୍ଟ୍ ଇଅରରେ ପଢୁଥିବା ବେଳେ ଘରପାଖ ପିୟୁ ପଢୁଥିବା ଜଣେ ଝିଅକୁ ସେ ପ୍ରେମ କରିଥିଲା ଓ ପ୍ରତିଦାନ ବି ପାଇଥିଲା। ସେମାନେ କଲେଜଆଡୁ କେତେଥର ସିନେମା ଯାଇଥିଲେ ଓ ଆଉଥରେ ବର୍ଷାରେ ଭିଜିଭିଜି ଏକାଠି କଲେଜରୁ ଫେରିଥିଲେ। ଝିଅଟି ବି.ଏ. ପଢ଼ିବାକୁ କୌଣସି ଏକ ମହିଳା କଲେଜ ହଷ୍ଟେଲକୁ ଗଲା ଓ ସେ ଛୁଟିରେ ଆସିଲେ ପିଣ୍ଟୁ ସହିତ ଦେଖାକରେ। ତେବେ ପିଣ୍ଟୁ ଥାର୍ଡ ଇଅର୍‌ରେ ରହି ଯାଇଥିବା ସ୍ଥଳେ ଝିଅଟି ବି.ଏ. ପାଶ୍ କରି ପରିଶେଷରେ ଆସନ୍ତା କାଲି ବିବାହ କରୁଚି।

ପିଣ୍ଟୁର ଗପ ସରିଲା ବେଳକୁ ରାତି ବେଶ୍ ହୋଇଯାଇଥିଲା। ବାହାରର କୁହୁଡ଼ିକୁ ଅନ୍ୟମନସ୍କ ଭାବେ ଚାହିଁ ରହିଥିବା ପିଣ୍ଟୁ ଅଲଗା ମଣିଷଟିଏ ଭଳି ମନେ ହେଉଥିଲା। ଅଦ୍ଭୁତ ଲାଗିଲା ମୋତେ– ଦିନବେଳେ ରଙ୍ଗୀନ୍ ଛାପା ସାର୍ଟ ଓ ମୋଟା କଲି ବାଳରେ ଡାଙ୍କ ହୋଇ ରହି ଏଇ ପିଣ୍ଟୁ ଜମା ଦିଶେ ନାହିଁ। ପିଣ୍ଟୁ ପୁଣି ପ୍ରେମରେ ପଡ଼ିଥିଲା ଏତେଦିନ ଧରି ! ଏଇ ପାଠଶାଠ ସାଙ୍ଗେ ସମ୍ପର୍କ ନଥିବା, ସାରାଦିନ ସିଗାରେଟ୍ ଖାଇ ସହରସାରା ଚକ୍‌କର ଦେଉଥିବା କୁଳାଙ୍ଗାର ପିଣ୍ଟୁ; ସେ ପୁଣି ଏତେ ଗଭୀରଭାବେ ଅନ୍ୟମନସ୍କ ହେଇପାରୁଚି ତା'ର ବ୍ୟର୍ଥ ପ୍ରେମ କଥା ଭାବି ? ତେବେ ମିନାକ୍ଷୀକୁ ବିବାହ କରିବା ପାଇଁ ସେ କେବେ ଚେଷ୍ଟା କଲା ନାହିଁ। କାହିଁକି ? ପ୍ରେମ କରିବା ଛଡ଼ା ଜୀବନଟିଏ ଆରମ୍ଭ କରିବାପାଇଁ ସମ୍ବଳ ସଞ୍ଚୟ କରିବାର କେଉଁ ଚେଷ୍ଟା ବା କରିଛି ସେ? କେବଳ ତା' ବାପାଙ୍କ ପାଖରୁ ଓ ସାଙ୍ଗସାଥୀଙ୍କଠାରୁ ସମସ୍ତ ପ୍ରକାର ଉପକରଣ ସଂଗ୍ରହ କରି ଫୁର୍ତ୍ତି କରିଛି ଆଜିଯାଏ। ଆଉ ଏବେ ମୋ ଝରକା ପାଖେ ବସି ଚୁପ୍‌ଚାପ୍ ସହି ଯାଉଛି। ମୋତେ କେମିତି ଅବରୁଦ୍ଧ ଓ ବିଦ୍ରୋହୀ ଲାଗିଲା ପିଣ୍ଟୁର ହତାଶ, ଉଦାସ ମୁହଁ ଦେଖି। ମୁଁ ନିଃଶ୍ୱାସଟାଏ ନେଇ ତାକୁ ବୁଝାଇବାକୁ ଉଦ୍ୟତ ହେଲି ଯେ ଦୁନିଆରେ ଚଳିବାକୁ ହେଲେ ଖାଲି ଭାବପ୍ରବଣ

ହେଲେ ଚଳେ ନାହିଁ, ପ୍ରାକ୍‌ଟିକାଲ୍ ହେବାକୁ ହୁଏ। ପ୍ରେମ କରି ଜାଣିଲେ ହୁଏ ନାହିଁ, ପ୍ରେମ ପାଇଁ ହକ୍‌ଦାର୍ ହେବାକୁ ହୁଏ। ଥାଉ; ଏବେ ଆଉ ତାକୁ ସେସବୁ କହି ଲାଭ କ'ଣ ? ସେ ଥାଉ ବରଂ ଯେମିତି ଅଛି। ମୁଁ କ୍ଳାନ୍ତ ହୋଇ ଚେଆର୍ ପଛକୁ ଆଉଜିଗଲି।

–"କାଲି ତେବେ ମିନାକ୍ଷୀର ବାହାଘର ଏଟେଣ୍ଡ୍ କରୁଛ ?"

ପିଣ୍ଟୁ ବାହାରୁ ଆଖି ଫେରେଇ ମୋତେ ନୀରବରେ ଚାହିଁଲା (ଏଇଟା ବି କ'ଣ ତା'ର କୌଣସି ହିନ୍ଦୀ ଫିଲ୍ମ ହୀରୋର ପୋଜ୍‌ର ଅନୁକରଣ ? ନା। – ଛି, ମୋର ଲଜ୍ଜିତ ହେବା ଉଚିତ)। ତା'ପରେ ଟିକେ ଚିନ୍ତିତ ହେଲାଭଳି ମୁଣ୍ଡ ଟୁଙ୍ଗାରି କହିଲା ଯେ ସେ ଏଯାଏ ଠିକ୍ କରିନି, ଓ ପକେଟ୍‌ରୁ ସୁନ୍ଦର ନୀଳ କାଗଜରେ ଲେଖା କବିତାଟିଏ କାଢ଼ି ମୋ ସାମ୍ନାରେ ରଖିଲା।

ଭାବପୂର୍ଣ୍ଣ, କରୁଣ ରସାପ୍ଲୁତ କବିତାଟିଏ– ତା' ପ୍ରେମିକାକୁ ବିଦାୟ ବାର୍ତ୍ତା। କବିତାଟିର ଗୁଣ ନିର୍ଣ୍ଣୟ କରିବା ଅବସ୍ଥାରେ ମୁଁ ନ ଥିଲି; କାରଣ ସେତେବେଳେ କେବଳ କବିତା ପଛରେ ଥିବା ପିଣ୍ଟୁକୁ ଦେଖୁଥିଲି। ମୁଁ ପଢ଼ିସାରିବା ପରେ କବିତାଟିକୁ ଯତ୍ନରେ ଚଉତି ରଖୁରଖୁ ପିଣ୍ଟୁ କହିଲା, ତା'ର ବାହାଘରକୁ ନ ଯିବାର ପ୍ରଧାନ କାରଣ ହେଲା, ବର୍ତ୍ତମାନ ପ୍ରେଜେଣ୍ଟ ଦେବାପାଇଁ ତା' ପାଖରେ ସମ୍ବଳର ଅଭାବ ଓ କେବଳ କବିତାଟିଏ ନେଇ ଖାଲି ହାତରେ ଯିବାକୁ ସେ ଚାହୁଁନି। ପିଣ୍ଟୁର ଇଙ୍ଗିତ ବୁଝିଲି ଓ ଚିନ୍ତିତ ହେଲି। ମୋ ପାଖରେ କମ୍ ଟଙ୍କା ଓ ଘରୁ ଆସୁଆସୁ ଆହୁରି ଅନ୍ତତଃ ଆଠ ଦଶ ଦିନ।

ପିଣ୍ଟୁ ତା' ପ୍ରେମିକାକୁ ଗୋଟାଏ ପେନ୍ ଦେବାକୁ ଚାହୁଁଥିଲା, ଯହିଁରେ ମିନାକ୍ଷୀ ଲେଖିବ ଓ ତା'ର ପୂର୍ବତନ ପ୍ରେମିକକୁ ମନେ ପକାଇବ। ପେନ୍‌ର ରଙ୍ଗ ଓ ଆକୃତି ବି ସେ ପ୍ରାୟ ଠିକ୍ କରିସାରିଥିଲା। ବେଶି ଦାମ୍‌ର ପେନ୍ ତ ଦେଇ ହେବନି, ଏଇ ଦଶଟଙ୍କା ଭିତରେ ଓ ସେ ମୋତେ ସପ୍ତାହେ ଭିତରେ ନିଶ୍ଚୟ ଫେରାଇ ଦେବ। ମୁଁ ମୋ ପାଖେ ଥିବା ଅର୍ଥର ସ୍ୱଳ୍ପତା ତଥା ଆସନ୍ତା ଦଶଦିନର ଖର୍ଚ୍ଚାଦି କଥା ଚିନ୍ତା କରୁଥିଲି। ତେବେ ଶେଷରେ ପିଣ୍ଟୁର ମୁହଁକୁ ଦେଖିବା ପରେ ନିଜକୁ ଲଜ୍ଜାବୋଧ ହେଲା।

ପିଣ୍ଟୁ ମୋ ହାତରୁ ଦଶଟଙ୍କାର ନୋଟ୍‌ଟି ନେଉନେଉ କୃତଜ୍ଞତା ଜ୍ଞାପନ କଲା ଯେ ମୁଁ ନ ଦେଇଥିଲେ ତା'ର ଏତେ ଛୋଟ ଅଥଚ ଚରମ ଆଶା ଟିକକ ବି ପୂରଣ ହୋଇପାରି ନ ଥାନ୍ତା ଓ ସେ ନିଶ୍ଚୟ ସପ୍ତାହକ ଭିତରେ ମୋତେ ଫେରେଇଦେବ। ତା'ର କଥାର ଶେଷାଂଶରେ ମୋର ଖୁବ୍ କମ୍ ବିଶ୍ୱାସ ଥିଲେ ବି ମୁଁ ତା'ର ଆଶ୍ୱସ୍ତ ଭାବରେ ଖୁସି ହେଲି। ଯା' ହେଉ ମୁଁ ତା'ର କିଛି ଉପକାର କରିପାରିଲି।

ପରବର୍ତ୍ତୀ କେଇଦିନ ପିଣ୍ଟୁ ସାଙ୍ଗେ ମୋର ଦେଖାହେଇନି। ତା'ପରେ ସେଦିନ ସକାଳୁ ଖାଲି ପେଟରେ ରାସ୍ତାରେ ଘେରାଏ ବୁଲୁବୁଲୁ ପିଣ୍ଟୁକୁ ଦେଇଥିବା ଟଙ୍କା କଥା ବିମର୍ଷ ମନରେ ଭାବୁଥିଲି, ହଠାତ୍ ସାମ୍ନାରୁ ପିଣ୍ଟୁ ଆସିଲା। ମୋ ଭାବନା କାଳେ ସେ ଦେଖି ପକେଇଥିବ ଆଶଙ୍କା କରି ଟିକେ ଖୁସି ଗଳାରେ ପଚାରିଲି– "କ'ଣ କେମିତି ହେଲା ବାହାଘର ?"

ହର୍ଷୋତ୍‌ଫୁଲ୍ଲ ଚିତ୍ତରେ ସେ ସାଇକେଲ୍‌ରୁ ଓହ୍ଲାଇ ପକେଟ୍‌ରୁ ତିନୋଟି ଟଙ୍କା ମୋ ହାତକୁ ବଢ଼େଇଦେଲା ଓ ନିଜ ଛାତି ପକେଟ୍‌କୁ ଆଙ୍ଗୁଠି ଦେଖାଇ ଘୋଷଣା କଲା ଯେ ସେ ବାହାଘରକୁ ଯାଇନି ଆଦୌ। ଯାଇ ବା ସେ କ'ଣ କରିଥାନ୍ତା ? କେବଳ ନୀଳକାଗଜର କବିତାଟି ପଠେଇ ଦେଇଛି, ("ଲେଖିଛି ଯେତେବେଳେ ଭାବିଲି ପଠେଇଦିଏ।") ତା' ଛାତି ପକେଟ୍‌ରେ ତା'ରି ପୂର୍ବ ବର୍ଣ୍ଣିତ ପେନ୍‌ଟିଏ ଶୋଭା ପାଉଥିଲା।

ମୁଁ ହାତରେ ଟଙ୍କାଧରି ଥକ୍କା ହୋଇ ଠିଆହେଲି। ପ୍ରଥମେ ତ କଥାଟା ନିତାନ୍ତ ପ୍ରୋଜାଇକ୍ (ମୋ ପାଇଁ ବି)। ଟ୍ରେନ୍ ହ୍ୱିସିଲ୍ ଦେଇ ଛାଡ଼ିବାରେ ଷ୍ଟେସନ୍‌ରେ ଥିବା ଆତ୍ମୀୟଙ୍କୁ ଅନେଇ, କୋହ ଚାପି ହାତ ହଲେଇ ବିଦାୟ ନେଲା ପରେ ହଠାତ୍ ଚେନ୍ ଟଣାଯାଇ ଟ୍ରେନ୍ ରହିଗଲା ପରି। ପିଣ୍ଟୁ ଆଶ୍ୱାସନା ଦେଉଥିଲା ଯେ ସେ ବାକି ଟଙ୍କା ଅବିଳମ୍ବେ ଫେରାଇ ଦେବ ଓ ଆଜିର ଟଙ୍କାରେ ଗୋଟାଏ ସିନେମା ଦେଖାଯାଉ। ଖରାରେ ଝଟକୁଥିବା ତା' ଛାପାସାର୍ଟ ଓ ପେନ୍ ସାଙ୍ଗକୁ ତା'ର ଫିଲିମ୍ ଜାତୀୟ ହସ ମୋତେ କୁତ୍ସିତ ଲାଗିଲା। ପରୀକ୍ଷା ଓ ପାଠର ବାହାନା କରି ମୁକ୍ତି ପାଇଲି।

ଦିନଟାସାରା ଭଲ କରି ପଢ଼ି ପାରି ନ ଥିବାରୁ ସନ୍ଧ୍ୟାଟା ପୂରା ପାଠରେ ବିନିଯୋଗ କରିବାକୁ ମୁଁ ମନସ୍ଥ କରିଥିଲି। ଆଜି ବାପାଙ୍କଠୁ ଉପଦେଶାତ୍ମକ ଚିଠିଟିଏ ପାଇଥିଲି। ମା' ବି ସାଙ୍ଗରେ ଖଣ୍ଡେ ସାନ କାଗଜରେ ସ୍ନେହବୋଳା ଚିଠିଟିଏ ଲେଖିଚି, ଦେବୀଙ୍କୁ ସେ ଭୋଗ ଯାଚିଛି ମୁଁ ପରୀକ୍ଷାରେ ଭଲ କରେ ବୋଲି; ଆଉ ତା' ଚିଠି ଶେଷରେ ସବା ସାନ ଭଉଣୀ କୁନି ବଙ୍କାବଙ୍କା ଅକ୍ଷରରେ ଅନେକ କିଛି ବରାଦ କରିଚି ନିଜ ପାଇଁ। ବେଶ୍ ଦୁଇଘଣ୍ଟା ବହିରେ ଜୋର୍ କରି ମନ ଲଗାଇବା ପରେ ମନର କେଉଁ ନିଭୃତ କୋଣରେ ଇଚ୍ଛା ହେଉଥିଲା ପିଣ୍ଟୁ ଆସନ୍ତା କି !

ପିଣ୍ଟୁ ଆସିଲାନି। ତେବେ ସାମାନ୍ୟ ଝଡ଼ପରେ ଲାଇଟ୍ ଚାଲିଗଲା। ଅନେକ ଦିନ ପରେ, ଆଜି ଏ ଅନ୍ଧାରରେ ମୁଁ ହଠାତ୍ ଖୋଲାଖୋଲି ନୀଳିମା କଥା ଭାବିବାକୁ ସାହସ କଲି। ନୀଳିମାକୁ ମୋତେ ଭଲଲାଗେ। ଖୁବ୍ ଭଲ ଲାଗେ; କିନ୍ତୁ କେବେ ତା' ପାଖେ କିଛି ପ୍ରକାଶ କରିନି। ନୀଳିମାକୁ ମୁଁ ଭଲପାଏ ? ତାକୁ ବାହା ହେବାକୁ

ରହେଁ? କେଜାଣି। ନୁହେଁ ବୋଧେ। ତା' ଛଡ଼ା– ଆଜିଠୁ ଯଦି ମୁଁ ବାହା ହେବା କଥା ଚିନ୍ତାକରେ ମୋ ଭବିଷ୍ୟତର ନିଖୁଣ ମାନଚିତ୍ରରେ କିଛି ଅଙ୍କାବଙ୍କା ଗାର ପଡ଼ିଯାଇ ପାରେ, ମାନଚିତ୍ରର ରୂପରେଖକୁ ବଦଳେଇ ଦେଇପାରେ ଓ ତା'ପରେ ମୋ ବାପାଙ୍କ ସ୍ୱପ୍ନ, ମୋ ନିରୀହ ମା'ର ଗର୍ବ ଓ ମୋ ସରଳ ଭାଇ ଭଉଣୀଙ୍କ ଆଦର୍ଶ ?

ପିଷ୍ଟୁ ଭଳି ପ୍ରେମ ମୁଁ କରିପାରିବି? ପ୍ରେମ କହିଲେ କ'ଣ ବୁଝାଏ, ପିଷ୍ଟୁଠୁ ମୁଁ ବେଶି ପ୍ରାଞ୍ଜଳଭାବେ ଜାଣିଛି। ମୁଁ ପ୍ରେମ ଭଳି କୋମଳ, ଗଭୀର ଭାବଗୁଡ଼ିକୁ ସ୍ୱୀକାର କରେ, ଖୁବ୍ ସମ୍ମାନ କରେ, ଏମିତି କି ମୋର ଆଦର୍ଶ ଧରଣର ଗୋଟାଏ କଳ୍ପନାପ୍ରସୂତ ମୂର୍ତ୍ତିକୁ ମୁଁ ମନେମନେ ପୂଜାକରେ ଓ ମୁଁ ମୋ ପୂଜିତ ଭାବମାନଙ୍କ ପାଖେ ଏତେ ନତମସ୍ତକ ଯେ ସେମାନଙ୍କୁ ମୋ ଜୀବନରେ ବାସ୍ତବ, ସକ୍ରିୟ ଅଂଶ ଗ୍ରହଣ କରିବାକୁ ଦେବାଭଳି ଦୁଃସାହସ ମୁଁ କରିନାହିଁ। ପିଷ୍ଟୁ ଭଳି ସେଣ୍ଟିମେଣ୍ଟ୍ ସମୂହକୁ ନେଇ ଖାମ୍‌ଖିଆଲୀ ହେବାର ଛୋଟଲୋକୀ ଓ ଆସ୍ପର୍ଦ୍ଧା ମୋର ନାହିଁ। ନୀଳିମାକୁ ମୁଁ ପ୍ରେମପତ୍ର ଲେଖିପାରିବି ନାହିଁ; କାରଣ ପ୍ରତିଜ୍ଞା ଭଙ୍ଗର ଆଶଙ୍କାରେ ପ୍ରତିଜ୍ଞା କରିବା କଥା ମୁଁ କେବେ ମନକୁ ଆଣେ ନାହିଁ।

ଅନ୍ଧାରରେ ଆଖିବୁଜି ମୁଁ ମୋତେ ଦେଖିଲି, ପିଷ୍ଟୁକୁ ଦେଖିଲି ଓ ଧୀରେଧୀରେ ଅନ୍ଧାରରେ ମୋ ବନ୍ଦ ଆଖିପତା ତଳେ ମୁଁ ପିଷ୍ଟୁ ପାଲଟିଲି। ଦେଖିଲି ମୋ ମୁଣ୍ଡ ଉପରେ ଆଉ ଗୋଟିଏ ବି ଭାରୀ ପଥର ନାହିଁ, ମୋ ମନରେ ଆଉ ଗୋଟିଏ ବି ଛାଇ ନାହାଁନ୍ତି– ଏମିତି କି ମୁଁ ପୂଜା କରୁଥିବା ମୂର୍ତ୍ତିମାନଙ୍କ ମୁହଁ ବି ମୋର ଆଉ ମନେ ନାହିଁ। ମୁଁ ପିଷ୍ଟୁ; ପ୍ରତିମୁହୂର୍ତ୍ତରେ ସ୍ୱପ୍ନ ଦେଖିପାରୁଛି ଓ ପ୍ରତି ମୁହୂର୍ତ୍ତରେ ପୁଣି ଭାଙ୍ଗିପାରୁଛି। ଦିନ ଓ ରାତି ସ୍ୱଚ୍ଛନ୍ଦରେ ମୋ ମନରେ ଖରା, ବର୍ଷା, ଅନ୍ଧାର, ଆଲୁଅ ସୃଷ୍ଟି କରୁଛନ୍ତି।

ବିଶିଷ୍ଟ ଲେଖିକା ଶ୍ରୀମତୀ ଯଶୋଧାରା ମିଶ୍ର ଓଡ଼ିଆ ସାହିତ୍ୟର ଗର୍ବ ଓ ଗୌରବ। ସେ ସାହିତ୍ୟ ଏକାଡେମୀର ମୁଖପତ୍ର ଇଣ୍ଡିଆନ୍ ଲିଟରେଚର ପତ୍ରିକାର ସଂପାଦନା କରିବାରେ ପ୍ରଥମ ଲେଖିକା। ସେ ବାଣୀବିହାରରେ ୧୯୬୯- ୧୯୭୧ ବ୍ୟାଚ୍ ଇଂରାଜୀ ବିଭାଗର ଛାତ୍ରୀ ଥିଲେ। ଗଳ୍ପ ଓ ଉପନ୍ୟାସ ରଚନା କ୍ଷେତ୍ରରେ ସେ ସମଗ୍ର ଦେଶରେ ବିଶେଷ ପରିଚିତି ପାଇଛନ୍ତି। ବହୁଳ ପାଠକୀୟ ଆଦୃତି ପାଇଥିବା ଓ ସାହିତ୍ୟ ଏକାଡେମୀ, କଥା ଜାତୀୟ ପୁରସ୍କାର ସମେତ ଅନ୍ୟାନ୍ୟ ବହୁ ପୁରସ୍କାର ବିଜେତା ଶ୍ରୀମତୀ ମିଶ୍ର ଇଂରାଜୀ ସାହିତ୍ୟର ପ୍ରଫେସର ଭାବେ ଅବସର ଗ୍ରହଣ କରିବା ପରେ ସିମଲାସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଡଭାନ୍ସଡ ଷ୍ଟଡିଜରେ ଜାତୀୟ ସ୍ତରର ଫେଲୋସିପ ପାଇଛନ୍ତି।

ଆଷାଢ଼ର କଦମ୍ବ

ସୁପ୍ରିୟା ପଣ୍ଡା

ବସୁଧାଙ୍କୁ ବୋଧହୁଏ ଏବେ ବୟାନବେ ବର୍ଷ ହେଲା । ଏଇଟା ପରା ମାର୍ଗଶିର ମାସ, ଏମିତି ଗୋଟିଏ ମାର୍ଗଶିରରେ ହିଁ ଜନ୍ମ ହୋଇଥିଲେ ସେ । ଅବଶ୍ୟ ଏ ବୟସରେ ଆସି ହିସାବରେ ବର୍ଷେ – ଦି'ବର୍ଷ ଏପଟ ସେପଟ ହେଲେ ବି କ'ଣ ଆଉ ଯାଏ ଆସେ । ପୁଣି ଏମିତି ଏକ ମାର୍ଗଶିରରେ ହିଁ ସେ ବୋହୂ ହୋଇ ଆସି ସବାରିରୁ ଓହ୍ଲାଇଲେ ଏଇ ମହାପାତ୍ର ଘରେ । ଘର ତ ନୁହେଁ ଉଆସ । ସବାରିରୁ ଓହ୍ଲାଉଓହ୍ଲାଉ ସିଂହଦ୍ୱାରର ବିଶାଳ କବାଟ ଦେଖି ସେ ଭାବିଥିଲେ, ଏ କବାଟ କେମିତି ବନ୍ଦ ହୁଏ ଯେ ! କେତେ ଲୋକ ଲାଗନ୍ତି ? ଚଉଦ ବର୍ଷର କିଶୋରୀର ଦୁନିଆ ପାଖରେ ଏଇ ଉଆସଟି ବହୁତ ବଡ଼ ହୋଇ ଯାଇଥିଲା । ସୁଦୂର ରାଜସ୍ଥାନରୁ କୁଆଡ଼େ ପଥର ଆଣି ତିଆରି ହୋଇଥିଲା ଏ ଘର । ଚଉଡ଼ା ଚଉଡ଼ା ବାରଣ୍ଡା ଲମ୍ବି ଯାଇଛି କୁଆଡୁ କୋଉଠିକୁ । ଏମିତି ଚଟାଣ ଯେ ମୁହଁ ଦେଖିହୁଏ, ପୁଣି ସାବଧାନରେ ଯଦି ନ ଚାଲିଚ ତେବେ ପିଛୁଳି ପଡ଼ିବ ଯେ ଏଇଠୁ ଯାଇ ସେଇଠି । ପ୍ରଥମେ କିଛିଦିନ ତ ସେ ବେଳେବେଳେ ବାଟ ହୁଡୁଥିଲେ । ଦିନେ ଛାତକୁ ଯାଇଥିଲେ, ସେଠୁ ଓହ୍ଲାଇ ଆଉ ସେ ଜାଣିପାରୁ ନାହାଁନ୍ତି ତାଙ୍କ କୋଠରିରେ କେମିତି ପହଞ୍ଚିବେ । ତା'ପରେ ଆଉ କ'ଣ ? କାନ୍ଦ ଆରମ୍ଭ । ଭାଗ୍ୟକୁ ପିଇସୀ ଶାଶୂ ଆସୁଥିଲେ – ଆରେ, ଆରେ ଆମ ବୋହୂ ପିଲା କାନ୍ଦୁଛି କାହିଁକିରେ ? ଲକ୍ଷ୍ମୀ ଠାକୁରାଣୀ ପରି ରୂପ, ଏ ରୂପରେ କ'ଣ ଲୁହ ମାନେ । ହଇଲୋ ବୋହୂ, ଠାକୁରେ ତୋତେ କେତେ ରୂପ ଦେଇଛନ୍ତି କହିଲୁ । ଆଉ ରଙ୍ଗ ତ' ନୁହେଁ, ସତେ ଅବା ମଖ୍‌ମଲ୍‌ରେ ଆଉଟା ସୁନା ।"

ଏ ପିଇସୀନାନୀଙ୍କ ହାତରେ ସଦାବେଳେ ଥାଏ ପାଞ୍ଜିଟିଏ, ଆଉ କେତେ ନିଖୁଣ କାରୁକାର୍ଯ୍ୟମୟ ସପଖଣ୍ଡେ । ପାଞ୍ଜିକୁ ସେ କହନ୍ତି ପଞ୍ଜିକା, ଆଉ ଦିନଯାକ ମଝିରେ ମଝିରେ ଖୋଲି କହନ୍ତି – ଆଜି ଲାଉ ମନା, କାଲି ବାଇଗଣ ନିଷେଧ, ବୋଇତି କଖାରୁ ବି । କିନ୍ତୁ ବସୁଧାଙ୍କୁ ମଜା ଲାଗୁଥିଲା ଯେ, ଏତେ ନିଷେଧାଜ୍ଞା ଦିଅନ୍ତି ସିନା ହେଲେ ଖାଇଲା ବେଳେ ପିଇସୀନାନୀ ଯାହା ରୋଷେଇ ହୋଇଥାଏ, ସବୁ ଖାଆନ୍ତି । କାରଣ ସେତେବେଳେ ତ ପଞ୍ଜିକାଟି ହାତରେ ନ ଥାଏ । ଶାଶୂଘରର ରୋଷେଇଶାଳ ଦେଖି ବି ତାଜୁବ୍ ହୋଇ ଯାଇଥିଲେ ବସୁଧା । ରୋଷେଇ ତ ନୁହେଁ, ସତେ ଅବା ଏକ ବିଶାଳ ଯଜ୍ଞ ଚାଲିଛି । ଦି'ଜଣ ବଳବାନ ମୂଲିଆ ତୁଚ୍ଛାଟାରେ ପୋଷା ହେଉଥିଲେ, ଯେଉଁମାନଙ୍କ କାମ ଥିଲା କେବଳ ବଡ଼ବଡ଼ ହଣ୍ଡା ସବୁ ଚୁଲିରୁ ଓହ୍ଲାଇ ତଳେ ଥୋଇବା । କାଠିକର ପାଠ ସେ । କେତେ ଲୋକଙ୍କର ଆତଯାତ, କେତେ ଲୋକଙ୍କ ରୋଷେଇ, ତିନିଟା ଘୋଡ଼ାଗାଡ଼ି । ଜେଜେ ଶ୍ୱଶୁରଙ୍କ ଧଳା ଘୋଡ଼ାର ଗୋଡ଼ରେ ପୁଣି ଘୁଙ୍ଗୁର, ସେଥିରୁ ଜଣା ପଡ଼ିଯାଏ ଦୂରରୁ ଜେଜେ ଫେରୁଛନ୍ତି । ସମସ୍ତେ ତଟସ୍ଥ ହୋଇଯାନ୍ତି । ମହାପାତ୍ରଙ୍କ ଘର ସତେ ଯେପରି ଏକ ଛୋଟ ସହର । ପଛ ଅଗଣାର କୂଅଟା ବି କ'ଣ ପଛରେ ପଡ଼ିଛି କି ! ଶଙ୍ଖ ମଲ୍‌ମଲ୍ ପଥରର ଉଚ୍ଚ ପିଣ୍ଡି, କାଚ ଚକ୍ଷୁ ପାଣି, ଆଉ ଏତେ ଚଉଡ଼ା ଯେ, ଏକା ଥରେ ପଚାଶ ଜଣ ବାଲ୍‌ଟି ପକାଇ ପାଣି କାଢ଼ି ପାରିବେ ।

ମହାପାତ୍ରଙ୍କ ଘରେ ସବୁ ନିଆରା, ଲକ୍ଷ୍ମୀଙ୍କର ଅପାର ଆଶୀର୍ବାଦ । ହାତରେ କାଉଁରିକାଠି, ମାଟି ଧରିଲେ ବି ସୁନା । କିନ୍ତୁ କାଳଚକ୍ରରେ ଲୁଚିଥାଏ ଅନେକ ଗୋପନ ବ୍ୟବସ୍ଥାପନା । ବିନା କାରଣରେ ବି କ୍ଷୟକ୍ଷତି ଘଟିବାକୁ ଲାଗେ । ନ ହେଲେ ଜେଜେ ଶ୍ୱଶୁରଙ୍କ ଘୋଡ଼ାଗାଡ଼ି କାହିଁକି ପଡ଼ିଯାଏ ପୋଲ ତଳକୁ । ସୁସ୍ଥ, ସବଳ ଶ୍ୱଶୁର ଦି'ଦିନର ଜ୍ୱରରେ ଇହଧାମ ତ୍ୟାଗ କରନ୍ତି ! ବସୁଧାଙ୍କ ପାଞ୍ଚବର୍ଷର ଶିଶୁପୁତ୍ର ଆଉ ସ୍ୱାମୀ, ଠିକ୍ ସେଦିନ ହିଁ କାହିଁକି ମେଳାରେ ବୁଲିବାକୁ ଯାଆନ୍ତି ଯେଉଁଦିନ ହଠାତ୍ ନିଆଁ ଲାଗି କେତେକେତେ ମଣିଷ ଭସ୍ମୀଭୂତ ହୋଇଯାନ୍ତି ! ! ବୋଧହୁଏ ନିୟତିର ହିଁ ନିର୍ଦ୍ଦେଶ । ଆହୁରି ବି ମୃତ୍ୟୁ ହୁଏ, କାହାର ଜରାରେ, ବାର୍ଦ୍ଧକ୍ୟରେ, ଶୋକ-ତାପ ଓ ପୀଡ଼ାରେ । ଅନେକେ ପୁଣି ଗୃହ ତ୍ୟାଗ କରନ୍ତି, ଅକାଳ ମୃତ୍ୟୁର ହାତ ଏଡ଼ାଇବା ପାଇଁ । ଶୂନ୍ୟ ହୋଇଯାଏ ମହାପାତ୍ର ଉଆସ । କେବଳ ରହିଯାଆନ୍ତି ବସୁଧା, ଦୀର୍ଘାୟୁ ହୋଇ । ଏଇ ପରା ଏବେ ତାଙ୍କୁ ବୟାନବେ ବର୍ଷ ହେଲା । ବର୍ତ୍ତମାନ ଏ ବୟସରେ ଆସି ମରଣକୁ ଖୋଜନ୍ତି ସେ, ଲୋଡ଼ନ୍ତି ବି । ହେଲେ ମୃତ୍ୟୁ ତାଙ୍କୁ ବାଟ ଭାଙ୍ଗି ପଳାଏ, ଲୁଚେ । ଏ ଉଆସରେ ତ ଲୁଚିବା ପାଇଁ ଅସୁମାରି ଜାଗା । ଦାସ-ଦାସୀ-ନାୟେବ-ଗୁମାସ୍ତା-କୋଚ୍‌ୱାନ ବି ବିଭିନ୍ନ ସମୟରେ ଛାଡ଼ିଗଲେ । କେଜାଣି କେମିତି ରହି ଯାଇଚି କେବଳ ରଘୁ । ମାୟା ତ୍ୟାଗ କରିପାରିନି । ତିନି ପୁରୁଷ ଧରି ତା' ବଂଶ, ମହାପାତ୍ର ଘର ଖିଦ୍‌ମତ୍ କରିଛନ୍ତି । କାଲିକା ମେଞ୍ଚଡ଼ ଛୁଆ, ଅଥଚ ଆଜି ଦେଖ

ବେଳେବେଳେ ବସୁଧାଙ୍କ ଉପରେ ଅଭିଭାବକ ହୋଇ ବାପା-ଜେଜଙ୍କ ପରି କଥା ହୁଏ। ଏଇ ସେଦିନର କଥା, ରଘୁକୁ ଜମା ଚାରିବର୍ଷ ହୋଇଥାଏ, ଦେଖିବାକୁ ପୂରା ମୁଗୁନି ପଥରର କଳା କହ୍ନେଇ। ଗଲା ତା' ଗୋଡ଼ଟା ଭାଙ୍ଗି। ସେତେବେଳେ ଏଇ ବସୁଧା ହିଁ ତା'ର ସବୁ କରିଛନ୍ତି। କଳା କହ୍ନେଇଟାର ଯେ ମା' ନ ଥିଲା। ଦାସୀ କିଏ ଦେଖିଲେ ତୁନିତୁନି ତାଙ୍କୁ ସାବଧାନ କରନ୍ତି – ମା' ମ' ଏଇ ଚାକର ପିଲାଟା ପାଇଁ ଏତେ କରିବେ। ବଡ଼ ମା' ଦେଖିଲେ ତମକୁ ହିଁ ପାଟି କରିବେ। ହେଲେ ବସୁଧା କାହିଁ ସାବଧାନ ହେବେ ! କାରଣ ସେ ତ ଏଇ କଳା କହ୍ନେଇର ଠିକ ପରିଚୟ ଜାଣିଛନ୍ତି। ବୟସ ଚାରି, ମା' ନାହିଁ, ଦିନଯାକ ବିଛୁଆତି ହେବାର ବିଶାଳ ସୁଯୋଗ, ଏବେ ପୁଣି ଗୋଡ଼ ଗୋଟିଏ ଭଙ୍ଗା। ତେଣୁ ଯତ୍ନ ଓ ମାତୃସ୍ନେହ ପାଇବାର ଅଧିକାର ତ' ଏଇ ବିଛୁଆତିର ହିଁ ସବୁଠାରୁ ବେଶି।

ବସୁଧା ଭାବନ୍ତି ରଘୁଆଟା କିନ୍ତୁ ନିହାତି ନିର୍ବୋଧ, ନହେଲେ ମାଲିକଙ୍କ ମାୟାରେ ପଡ଼ି କିଏ ରହିଯାଏ। କାହିଁକି ସେ ଈଶ୍ୱର କିଛି ଲୋକଙ୍କୁ ଏମିତି ଓଲା ମନ ଦେଇ ପଠାନ୍ତି ? ଏଇଟା ମନେ ପଡ଼ିଗଲେ ଦିନେଦିନେ ତାକୁ ଗାଳି କରନ୍ତି ବସୁଧା, ହୁକୁମ୍ ଜାରି କହନ୍ତି, କାଲି ସକାଳୁ ଏ ଘର ଛାଡ଼ି ଚାଲିଯିବୁ, ତୋ' ମୁହଁ ଯେମିତି ମୋତେ ଆଉ ଦେଖିବାକୁ ନପଡ଼େ। ହେଲେ ଯଥା ରୀତିରେ ସକାଳ ହୁଏ ଏବଂ ଯଥା ରୀତିରେ ରଘୁ ରହିଯାଏ। ପାଣିର ଗାର ପରି ହଜିଯାଏ ରାତିର ନିର୍ଦ୍ଦେଶ। ସିଏ ତ ଓଲା, ପୁଣି କାନରେ ଦେଇଛି ତୁଳା। ରଘୁଆଟା ପୁଣି ଦିନେଦିନେ କମ୍ ପାଲା କରେ, କମ୍ ନାଟ ଲଗାଏ ! ଝରକା ଦେଇ ସବୁ ଲକ୍ଷ୍ୟ କରନ୍ତି ବସୁଧା। ସେ ଦେଖିଲେ ଫାଟକ ପାଖରେ ଆସି ଏକଡ଼ ସେକଡ଼ ହେଉଛି ନୀଳମଣି କମାର, ଆଉ ରଘୁ ତାକୁ ବାରବାର ଘଉଡ଼ାଇ ଚାଲିଛି। ଆରେ କଥା କ'ଣ ? ଘୋଡ଼ାଗାଡ଼ି ଗୋଟାଏ କେଉଁ କାଳୁ ଅବ୍ୟବହୃତ ହୋଇ ସେ ଆମ୍ବତୋଟାରେ ପଡ଼ିଛି। କିଛି ଅଂଶ ପୁଣି ପୋତି ହୋଇ ଯାଇଛି ମାଟିରେ। ନୀଳମଣି ଭାବିଛି ବଡ଼ ମା' ଯଦି ଏଇଟା ତାକୁ ଦିଅନ୍ତେ, ତେବେ ସେ ସେଇଟାକୁ କାଟି ସବାରିଟେ ବନାନ୍ତା।

– ଏ ତ' ଅତି ଉତ୍ତମ ପ୍ରସ୍ତାବ। ସବାରିଟେ ଥିଲେ, ଗାଁରେ ଝିଅ-ବୋହୂମାନେ ବ୍ୟବହାର କରିପାରିବେ।

– ନୀଳ କମାର ମିଛ କହୁଛି ମା'। ଘୋଡ଼ା ଗାଡ଼ିରୁ ସବାରି ହେଇ ପାରିବନି। ତମେ ଦେଲେ ସେ ଲୁହାତକ ବିକିଦେବ। ଆଉ ଗାଁ ଝିଅ-ବୋହୂଏ ଆଜିକାଲି କେହି ସବାରିରେ ଯାଉନାହାଁନ୍ତି। ଆରମୁଣ୍ଡରେ ଟାଉନ୍‌ବସ୍ ଯାଉଛି, ଅଟୋ ଆଉଛି। ତମେ କାହିଁକି ତାକୁ ସେଇଟା ଦେବ ?

– ମୋ ଇଚ୍ଛା ମୁଁ ଦେବି। ହଇରେ ବିଛୁଆତି, ସେଇ ପୁରୁଣା ଗାଡ଼ିଟା ଥିଲା ବୋଲି ତ' ମୋ କମାରପୁଅ ନୀଳମଣିଟା ମୋ ଦ୍ୱାର ମାଡ଼ିଲା। ନ ହେଲେ କୋଉ ମଣିଷର ଛାଇ ପଡ଼େ କହିଲୁ ? ମୋର ମରଣ ନାହିଁ ଯେ, ମୁଁ ଏଡ଼େ ବଡ଼ ଉଆସରେ ବଞ୍ଚିଛି ଆଉ ବାକି ରହିଲୁ ତୁ ଗୋଟାଏ ବାବନା ଭୂତ ମୋତେ ଜଗିଛୁ। ତୁ କାଲି ଛାଡ଼ିବୁ ମୋ ଘର। ଏଇଟା ମୋ ହୁକୁମ୍, ଆଉ ଶେଷଥର ପାଇଁ ଏ ହୁକୁମ୍।

ଏମିତି ଶେଷ ଥର, କେତେ ଥର ଯେ ଶୁଣିଲାଣି ରଘୁ ହିସାବ ନାହିଁ। ମନକୁ ମନ, ଗରଗର ହୋଇ ବସୁଧା ଭାବନ୍ତି ଏଇ ରଘୁ ବିଛୁଆତିର ଆହୁରି କେତେ କାରସାଦି କଥା। ମଝିରେ ସେ କ'ଣ କଲା, ରାତିର କ୍ଷୀରଟା ନିଜେ ଗରମକରି ଦେଉଥିଲା। ବସୁଧାଙ୍କୁ ବି ସୁବିଧା ହେଲା, କାରଣ ବଡ଼ କଷ୍ଟ ପାଉଥିଲେ ସେ ଗଣ୍ଠିବାତର ଯନ୍ତ୍ରଣାରେ। କିଛି ବି କରିବାକୁ ଇଚ୍ଛା ହେଉନଥିଲା। କ୍ଷୀରରେ ମୁଠାଏ ଖଇ ପଡ଼ିବ, ଏଇ ତାଙ୍କର ରାତି-ଆହାର। କିନ୍ତୁ ରାତିରେ କ'ଣ ଯେ ସବୁ ଘଟିବାକୁ ଲାଗିଲା। ହେ ଠାକୁର ! ! ଜଣେଜଣେ କରି ଆସିବାକୁ ଲାଗିଲେ ସେମାନେ, ଯେଉଁମାନେ ଅନେକ ବର୍ଷରୁ ଇହଧାମ ତ୍ୟାଗ କରିଛନ୍ତି। ପ୍ରଥମ ପ୍ରହରର ବିଲୁଆ ଡାକ ପରେପରେ ହିଁ ଆସିବେ ଦଦେଇ ଶ୍ୱଶୁର, ଧୋତି ଆଉ ମଖମଲ ପଞ୍ଜାବି, ହାତରେ ରୂପା ଛଡ଼ି। ବସୁଧା ଛାନିଆ ହୋଇ ମଥାରେ ଲୁଗା ଦେଇ ଦଣ୍ଡବତ କରନ୍ତି। ବଜ୍ର ଗମ୍ଭୀର ସ୍ୱରରେ କହିବେ- ବୋହୂ, ବଡ଼ ପୋଖରୀର ପଙ୍କ ଉଦ୍ଧାରର ବ୍ୟବସ୍ଥା କର। ମାଛ, ମଣିଷ ସମସ୍ତେ କଷ୍ଟ ପାଉଛନ୍ତି ! ପହଞ୍ଚିବେ ପିଇସୀ-ଶାଶୂ। ବୋହୂ ଲୋ, କାଲି ଅଁଳା ନବମୀ। ମନେ ଅଛିଟି। କିମ୍ବା-କାଲି ଅଷ୍ଟମୀ, ଯେମିତି ହେଉ ବିରି ହାତଟିକେ ହେବୁ। ଦି' ଗଣ୍ଡା ହେଉ ପଛେ ବଡ଼ି ପାରିବୁ। ଆସିବେ ଶାଶୂ, ସେମିତି ସଦା ଗମ୍ଭୀର- ତେଲ ନଦେଇ, ମୁଣ୍ଡ ନ କୁଣ୍ଡାଇ ଏତେ ସୁନ୍ଦର ମଥାକେଶର କ'ଣ ହାଲତ କଲୁଣି। ତୋ ମା' ପଚାରିଲେ କ'ଣ ଜବାବ୍ ଦେବି ମୁଁ ? ଯତ୍ନ ନେ। ଆଉ ଦେଖିବୁଟି ଖିଲ କାତିଟା କୋଉଠି ରଖିଲି। ପାଉନି। ଶୁଭିବ ଘୋଡ଼ାଟାପୁ ଆଉ ଘୁଙ୍ଗୁରର ଶବ୍ଦ, ହେଇ ଜେଜେ ଶ୍ୱଶୁର, ଠକ୍‌ଠକ୍ କଠଉ।

ରାତି ପାହିଲେ ଭ୍ରମରେ ପଡ଼ିଯାଆନ୍ତି ବସୁଧା। ସତରେ କ'ଣ ସେମାନେ ଆସିଥିଲେ ? ଦିନବେଳେ ବନ୍ଦ କୋଠରିସବୁ ଖୋଲି ଦେଖନ୍ତି। ସୂର୍ଯ୍ୟ କିରଣ ପଶି ବୁଢ଼ିଆଣୀ ଜାଲସବୁ ଦିଶେ ସତେ ଅବା ସୁନେଲି ମସ୍‌ଲୀନ୍। ବିରକ୍ତ ବୁଢ଼ିଆଣୀର ପସନ୍ଦ ହୁଏନା ଏ ଅନୁପ୍ରବେଶ, ଏ ଜବରଦଖଲ। କିନ୍ତୁ ବସୁଧା ଦେଖନ୍ତି ରୂପାଛଡ଼ି, ହଳଦିଆ ପଡ଼ି ଆସିଥିବା କେଉଁ କାଳର ପାଞ୍ଜି, ଘୁଣ ଖାଇଥିବା କଠଉ, ଘୋଡ଼ାର ଘୁଙ୍ଗୁର। ଖାଲି ଯାହା ଘୋଡ଼ା ନ ଥାଏ। ଏସବୁ ହିଁ ସତ। ଆଉ ରାତିରେ ଆସୁଥିବା ସେଇ ସାଆନ୍ତ ଗୁରୁଜନମାନେ। ଖାଲି କ'ଣ

ସେମାନେ ? ରାତିରେ ପହର ପହରକୁ ଆସିବାକୁ ଲାଗିଲେ କାହାଣୀ, କିଂବଦନ୍ତି, ଲୋକକଥା ପୁଣି ଉପକଥା ବି। ଦିନେ ଦେଖ ଆସି ପହଞ୍ଚିଗଲେ ମଖା, ମଖି ଭାଇଭଉଣୀ, ପୁଣି ସାଙ୍ଗରେ ତାଙ୍କର ସେଇ ମହୁଖିଆ ଭାଲୁ। ଆରେ କଥା କ'ଣ ? ବସୁଧାଙ୍କ ଘର ପଛପଟେ କୁଆଡ଼େ ଗୋଟାଏ ବିଶାଳ ମହୁଫେଣା ହେଇଛି, ଆଉ ତା'ର ଖବର ରଟି ଯାଇଛି ଦେଶ, ଦେଶାନ୍ତର। ଭାଲୁ ପୁଣି ଏ ଘରେ ରହିବାକୁ ଚାହେଁ, ମାନେ ମହୁ ଖାଇବାର ଏକ ଚିରସ୍ଥାୟୀ ବନ୍ଦୋବସ୍ତ। କିନ୍ତୁ ସଦୟ ହୋଇ ସମ୍ମତି ଦେଇ ପାରନ୍ତିନି ବସୁଧା। ଘରେ ଜଣକୁ ଆଶ୍ରୟ ଦେବା ଅର୍ଥ ସେ ତ' ନାରାୟଣ, ତା'ର ସବୁ ଦାୟିତ୍ୱ ନେବାକୁ ପଡ଼ିବ। କିନ୍ତୁ ଭାଲୁର ଯେ ସବୁଦିନ ବାରବାର ଜ୍ୱର ଆସେ, ପାଳି ଜ୍ୱର। ଆଉ କାଶୀ କବିରାଜଙ୍କ ପାଖରେ ଭାଲୁ ଜ୍ୱରର ଔଷଧ ନାହିଁ, ନିଦାନ ନାହିଁ। ତେଣୁ ମହୁ ଖାଇ ସାରି ଭାଲୁକୁ ପୁଣି ଜଙ୍ଗଲ ଫେରିବାକୁ ପଡ଼େ ମଖା-ମଖି ସାଙ୍ଗରେ, ଯେଉଁଠୁ ସେମାନେ ବାରବାର କାହାଣୀ ହୋଇ ବାହାରନ୍ତି ଅସୁମାରି ମା'ମାନଙ୍କ ପାଖକୁ। ଏମନ୍ତ କଥା ଯେଉଁଠି, ସେଇଠି ଭୂତ-ପିଶାଚ ବି ପଛରେ ପଡ଼ିବେ କାହିଁକି ! ସେମାନେ ରାତିରେ ଆସି କେତେ ପ୍ରକାର ଶକ୍ତି ପ୍ରଦର୍ଶନରେ ଲାଗିଯାନ୍ତି। କହନ୍ତି - ଏ ବୁଢ଼ୀ, ଏ ଘର ବେଇଗି ଛାଡ଼। ଆମେ ଏଇଠି ରହିବୁ। ନଈ କୂଳରେ ଥିବା ଆମ ବସାସବୁ ମଣିଷମାନେ ମକର ସଂକ୍ରାନ୍ତିରେ ଜାଳି ନଷ୍ଟ କରି ଦେଇଛନ୍ତି। ଶୀଘ୍ର ଘର ଛାଡ଼, ନୋହିଲେ ଦେଖିବ। ମୁରୁକି ହସନ୍ତି ବସୁଧା। ଏକ ନିରୀହ ବାଳିକା ଠାଣିରେ କହନ୍ତି - ଠିକ୍ କଥା। ତମର ବି ତ ରହିବା ପାଇଁ ବସା ଦରକାର। ମୁଁ ତ' ଯମ ଅଇଁଠା ହେଇ ଏ ଉଆସ ଜଗିଛି। ତମେ ଗଲ ସେ ବାଡ଼ିପଢ଼ା, ଅଜ୍ଞେଇସ୍ୟା ଯମ ପାଖରୁ ମୋ ମରଣ ଚିଟାଉଟା ଘିନି ଆସିଲ। ବେଇଗି ଆଣ।

ବାସ୍, ତା'ପରେ ମଜା ଦେଖ। ସବୁ ଜାରିଜୁରି ବନ୍ଦ। ଆଖି ପିଛୁଳାକେ ସମସ୍ତେ ଅନ୍ତର୍ଦ୍ଧାନ। ଆରେ ଯମ ଆଉ ଭୂତ ପିଶାଚ ଏଇ ଗଣିତଟା ହିଁ ତ ଅଡୁଆ। ସେମାନେ ପରା ଥରେ ଯମ ଦର୍ଶନ କରିଛନ୍ତି, ଆଉ ପୁଣି ଘଡ଼ିକି ଘଡ଼ି ଯିବେ ନା' କ'ଣ ? ସେମାନେ ଭୂତ ହେଲେ ବି ଅଡୁଆ ଅଙ୍କ କାହାକୁ ଭଲ ଲାଗେ ଯେ ! ! ଏ ସମସ୍ତଙ୍କର ଆତ-ଯାତ-ଆବିର୍ଭାବ ପରେ, ଦିନେ କେମିତି ବସୁଧାଙ୍କ ମନକୁ ସନ୍ଦେହ ଛୁଇଁଲା। ଆଉ ଯେମିତି ଭାବିବା ତତ୍‌କ୍ଷଣାତ୍ କାମ। ଧରିଲେ ରଘୁର କାନ।

- ହଇରେ ରଘୁ ତୁ ରାତିରେ କ୍ଷୀରରେ କ'ଣ ମିଶାଉଛୁ କହ। ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ଏ ତିନି ଲୋକର ଚରିତ୍ର ସବୁ ଆସି ମୋ ଘରେ ହାଜର ହେଉଛନ୍ତି। ସତସତ ମାନିଯାଏ ରଘୁ। ହୀରା ଗୌଡୁଣୀ କହିଥିଲା, କ୍ଷୀରରେ ଅଫିମ ଟିକେଟିକେ ଦେଲେ ବଡ଼ମା'ଙ୍କ ଆଣ୍ଠୁ ଗଣ୍ଠିର ଯନ୍ତ୍ରଣା ଟିକେ କମିବ। କିଏ ଜାଣିଥିଲା ଯେ ଏ ଅଫିମରେ ଦୈତ୍ୟ-ଦାନବ ବି ଘରକୁ ପଳାଇ ଆସିବେ ! ଏକଥା ଶୁଣି ଆହୁରି ରାଗିଯାନ୍ତି ବସୁଧା

- କ'ଣ ହେଲା ଦୈତ୍ୟ ଦାନବ ବି ଆହୁରି ଧାଡ଼ିରେ ଥିଲେ। ଭାଗ୍ୟକୁ ସେମାନଙ୍କ ସହିତ ଭେଟଘାଟ ଏ ପର୍ଯ୍ୟନ୍ତ ହେଇନି। ରଘୁର ଅଫିମ ପାଲା ବନ୍ଦ ହେଲା। କିନ୍ତୁ କିଛିଦିନ ଅଡୁଆ ଲାଗିଲା ବସୁଧାଙ୍କୁ। ନିଦ ଆସେନା, ରାତି ବି ଆଉ ସରେନା। ଯାହା ହେଲେ ବି, ବିଭ୍ରମ ହେଉ ପଛେ କେତେ ଲୋକ ତ' ଆତଯାତ ହେଉଥିଲେ !

ଏବେ ଆଷାଢ଼ ମାସ, ସୁନ୍ଦର ଜହ୍ନରାତି। ଆଖି ଟିକେ ଲାଗି ଆସିଛି, କେତେ ରାତି ହେବ କେଜାଣି, ପୁଣି ଜଣକର ଆବିର୍ଭାବ ହେଲା। ନୁଖୁରା କେଶ, ଦୁଃଖୀଦୁଃଖୀ ମୁହଁ। ଏତେ ଜହ୍ନଆଲୁଅ ବି ତା' ମୁହଁରେ ଟିକେ ଖୁସି ଆଣି ପାରିନି। ବସୁଧା ଜାଣିଲେ ତାଙ୍କ ନିଦର ଆଜି ବାରଟା ବାଜିଗଲା। ଏବେ ଏ ଲୋକଟି କଥା ବୁଝାଯାଉ। ନା' ଇୟେ ସତରେ ଜଣେ ମଣିଷ, ସେଇ ଆର ଗୋଷ୍ଠୀର ନୁହଁ, ଯେଉଁମାନେ ପୃଥିବୀରେ ନ ଥାଇ ମଧ୍ୟ ଆସି ପାରନ୍ତି। ଲୋକଟି ଏଇ ପାଖ ଗାଁ ପଳାଶପୁରର ବାସିନ୍ଦା। ମୂଳ ଲାଗି ପେଟ ପୋଷେ। ହେଲେ ବର୍ଷା ଆରମ୍ଭ ହେଲେ ସେ ଚୋରି କରେ, କାରଣ ସେତେବେଳେ ଆଉ ତା' ଗାଁରେ କିଛି କାମ ମିଳେନା। ଆଜି ବି ଆସିଛି ଚୋରି କରିବା ପାଇଁ। ଏଇ ନିଶାଚରର ମହତ୍ ଉଦ୍ଦେଶ୍ୟ ଜାଣି ଟିକିଏ ଝାଡ଼ିଝୁଡ଼ି ହୋଇ ବସିଲେ ବସୁଧା। ତେବେ ଏ ଲୋକଟିର ଜାତି ବିଷୟରେ ସନ୍ଦେହ ହେଉଛି ତାଙ୍କର। କାରଣ ସେ କହୁଛି ଚୋର, ହେଲେ ଡକାୟତ ପରି ନିର୍ଭୟରେ ଆସି ଧଡ଼ଧାଡ଼ କରି ଗୃହସ୍ୱାମୀର ନିଦ ଭଙ୍ଗାଉଛି। ଆଖି ତରାଟି ସେ କଥା ପଚାରିଲେ ତାକୁ।

- ନାଇଁ ବଡ଼ମା'। ମୁଁ ଚୋର, କେବଳ ଏଇ ଚତୁର୍ମାସିଆରେ ମାନେ ବର୍ଷା ଋତୁରେ। ହେଲେ ଜାତିଆ ଚୋର ନୁହେଁ ମା'। ବର୍ଷଯାକ କରେନା ତ।

ଏ ଲୋକଟା ଠିକ୍ କହୁଛି। "ଜାତିଆ' ହେବାକୁ ହେଲେ ଅନେକ ଦକ୍ଷତା ଓ ଅଭିଜ୍ଞତା ଦରକାର। ଏତେ ସହଜ ନୁହେଁ ହେବା। ଅନେକେ ଜୀବନଯାକ କାମ କରିବି ହେଇପାରନ୍ତିନି। ଏଇ ଯେମିତି ରଘୁ, ଏତେ ବିଛୁଆତି ଯେ ଚାକର କାମ କରି ବି ଅଭିଭାବକ ବନିଯାଇଛି। ସତେ ଯେପରି ବସୁଧାଙ୍କର ସେ ଶ୍ୱଶୁର କି ଜେଜେ-ଶ୍ୱଶୁର ! ! ଓଃ କେଡ଼େ ବାତରାଟା ସେ ! ! ବେଳେବେଳେ ପୁଣି ଧମକାଏ - ବେଶି ଗାଳି କରନା ବଡ଼ମା' ଆଉ ଥରେ ମୋ ଗୋଡ଼ ଜାଣିଜାଣି ଭାଙ୍ଗି ଦେବି ଯେ ସେତେବେଳେ ବୁଝୁଥିବ। ଗୋଡ଼ ଭାଙ୍ଗିଲେ ମୁଁ ତ' ଆରାମରେ ଶୋଇବି, ତମେ ହିଁ ସେବାଯତ୍ନ କରି

ହଇରାଣ ହେବ ।

ଆ...ହା...ହା... କଥା ଶୁଣ, "ସେବା-ଯତ୍ନ', ଏ ବାତରାଟା ଏବେ ବି ତା' ମନକୁ ସେଇ ଚାରିବର୍ଷର ବାଲୁତପଣରୁ ବାହାରି ପାରିନି । ନ ବାହାରୁ, ତା' କଥା କାଲି ବୁଝିବେ । ଏବେ ବରଂ ଏଇ ଚତୁର୍ମାସିଆ ଚୋର କଥା ବୁଝାଯାଉ । ଟିକିଏ ଦୁଃଖ, ସୁଖ ହେବେ । ଚତୁର୍ମାସିଆଟା ନିଶ୍ଚୟ ଭଲ ଲୋକଟେ । ତା' ସହିତ କଥା ହେଉହେଉ ଆଉଥରେ ବସୁଧାଙ୍କୁ ନିଦ ଘାରିଲା ଏବଂ ଅତି ଉତ୍ତମ କଥାଟେ ମନେପଡ଼ିଗଲା । ଦି'ହାତ ଯୋଡ଼ିଲେ ଅଦୃଶ୍ୟ ଦେବଦେବୀଙ୍କୁ, ଏମିତି ଠିକଣା ସମୟରେ ଠିକଣା କଥା ସବୁ ମନେପକାଇ ଦେଉଥାଅ ଠାକୁରେ । ଆଜିକାଲି ଯେ ସବୁ ପାସୋରି ଯାଉଛି । ତାଙ୍କୁ ଦେଖି ଚତୁର୍ମାସିଆ ଚୋର ବି ତାଙ୍କ ପରି ହାତ ଯୋଡ଼େ । ବୋଧହୁଏ ଏଇ ସୁନ୍ଦର ଆଷାଢ଼ ମାସରେ ଭଲକଥା ସବୁ ମନେପଡ଼ିଯାଏ ।

- ଶୁଣରେ ମୋ ବାୟା, ତୁ ଆଉ କୋଉ ଋତୁରେ ବି ଚୋରି-ଚମାରୀ କରନା । ସେଗୁଡ଼ା ଭଲ କଥା ନୁହେଁ । ତୁ ଗୋଟେ କାମ କର । ତୁ କାଲି ସକାଳେ ଆ' । ଟିକିଏ ଡେରିରେ । ମୁଁ ସେ ରଘୁଟାକୁ ହାଟକୁ ପଠାଇ ଦେବି । ଆମର ଯେଉଁ ଏଡ଼େବଡ଼ କୂଅ । ସେଥିରେ ମୁଁ ଆସିଲା ଦିନରୁ କଂସା ଆଉ ପିତ୍ତଳ ବାସନ ଖାଲି ପଡ଼ିବା ଦେଖିଛି, କେବେ କଢ଼ା ଯାଇନି । କୂଅରୁ କାଢ଼ିବା କଥା କହିଲେ ଜେଜେମା' ଶାଶୂ କହୁଥିଲେ, ଥାଉଥାଉ ଏତେ ବ୍ୟସ୍ତ ହୁଅନା । ସେଇ କୋଣ ଘରେ ଏତେ ବାସନ ରହିଛି ଯେ, ଗୋଡ଼ ପକାଇ ହେଉନି । ସେଇଠୁ କିଛି କାଢ଼ି ଆଣ । ତାଟକା ହୋଇଯାଏ ଚତୁର୍ମାସିଆ ଚୋର । କିନ୍ତୁ ବସୁଧାଙ୍କ କଥା ସରି ନଥାଏ । ଆଉ ଶୁଣ୍, ତୁ କାଲି ଦଉଡ଼ି ବାହୁଙ୍ଗା ସବୁ ଘିନିକି ଆସିବୁ, ଭାର ନ ହେଲେ ଏତେ ଜିନିଷ ବୋହିକି ନେବୁ କେମିତି ? ହାଟରେ ଏସବୁ ବିକାବିକି କରୁକରୁ କଂସା-ପିତ୍ତଳର ବଜାରଟା ଟିକିଏ ପରଖି ନେବୁ, ଯେମିତି କି ସେଇ ବେପାରଟା ଆପଣେଇ ପାରିବୁ । ଜାତିଆ ଚୋର ତ ହେଇ ପାରିଲୁନି । ଏବେ ଚେଷ୍ଟା କର ଜାତିଆ ବେପାରୀ ହେବାକୁ । ବାବୁରେ ବର୍ଷାର ଆରମ୍ଭରେ ଆଷାଢ଼ ମାସର କଦମ୍ବ ଫୁଟିବା ଆରମ୍ଭ କରେ । କି ମହମହ ବାସ୍ନା ତା'ର । ଏତେ ସୁନ୍ଦର ଋତୁରେ କିଏ ଚୋରି କରେ, ନା' କିଏ ଓପାସ ରହେ ? ଠାକୁରେ ବେପାର-ବଣିଜ ଟିକିଏ ଶିଖାଇ ଦିଅ ଯାକୁ ।

ଅନେକ ବର୍ଷ ପରେ, ବସୁଧା ତା' ପରଦିନ ନିଜ ହାତରେ ଏକ ଲମ୍ବା ତାଲିକା କଲେ, ସେଥିରେ ନିତ୍ୟ-ନୈମିତ୍ତିକ ଜିନିଷ (ହୁଏତ ସେଗୁଡ଼ିକ ବି ଆବଶ୍ୟକ ନାହିଁ) ସହିତ ଅନେକ ଅଜବ ଜିନିଷ ବି ରହିଛି । ରଘୁ ଗୋଟିଗୋଟି କରି ପଢ଼େ । ଆଉ ତା' ଆଖି ଏଡ଼େଏଡ଼େ ହୋଇଯାଏ । ଗୋଟିଏ ଜାଗାରେ ଆସି ତାଲିକାରେ ଆଉ ରହି ପାରିଲିନି ରଘୁ; ବଡ଼ମା' ହାଟରୁ ତମ ପାଇଁ ପାଉଁଜି ଆଣିବାକୁ ଲେଖିଛ, ଆଣିଲେ ତାକୁ ପିନ୍ଧିବ ? ତମର ପରା ସୁନା ପାଉଁଜି ଅଛି ।

"ଏଇ ଖବରଦାର, ମୋ ପାଉଁଜି ଉପରେ ତୋର କାହିଁକି ଏତେ ନଜର ?" ବସୁଧାଙ୍କର ଏଇ ଗର୍ଜନ ପୈତୃକ ନୁହେଁ, ସେଥିରେ ଲୁଚି ରହିଛି ମହାପାତ୍ର ବଂଶର ପରାକ୍ରମ । ନା' ଆଉ କଥା ବଢ଼ାଇ ଲାଭ ନାଇଁ । ଏଇ ତାଲିକାରେ ଚାରି, ଛଅଟି ତିତିର ଚଢ଼େଇ ଛୁଆ କଥା ବି ଲେଖା ହୋଇଛି । ଚଢ଼େଇବାଲା ତ' ହାଟକୁ ଆସେ ବହୁତ ଡେରିରେ । ରଘୁ ଆଉ ଜାଣିବ କେମିତି ଯେ ହାଟରେ ଡେରି ହେଉ, ସେଇଟା ହିଁ ବସୁଧାଙ୍କର ଦରକାର । ଚତୁର୍ମାସିଆ ବି ପହଞ୍ଚିଗଲା ଠିକ୍ ସମୟରେ । ଆଜି ସେ ପିନ୍ଧିଛି ସଫା ଧୋତି । ସଫା ଗଞ୍ଜି । ମହାପାତ୍ର ଘର ବୋଲି କଥା । ପୂରା ପ୍ରସ୍ତୁତି କରି ଆସିଛି ସେ । ରଶି, ବାହାଙ୍ଗି ପୁଣି ଲୁହାର ବିଲେଇ, ଥାକଥାକ ହୋଇ ରହିଛି ଆଙ୍କୁଡ଼ା-କଣ୍ଟା । କୂଅରେ ପକାଇଲେ ସେଇ ଆଙ୍କୁଡ଼ିରେ ଉଠି ଆସିବ ଯେତେ ବାସନ ।

ବିଲେଇ ନାଁ ଶୁଣି ଖିଲିଖିଲି ହୋଇ ହସି ପକାଇଲେ ବସୁଧା । ଆଜି ସେ ବଦଳି ଯାଇଛନ୍ତି ପୂରା । ଗଛର ଜୀର୍ଣ୍ଣ ବକଳ ପରି କେଉଁଠି ଝରି ଯାଇଛି ତାଙ୍କର ବାର୍ଦ୍ଧକ୍ୟ । ପହଞ୍ଚି ଯାଇଛନ୍ତି ତାଙ୍କର ସେଇ ବାଳିକା ବୟସକୁ । କାହିଁକି ନ ପହଞ୍ଚିବେ ! ଆଜି କେତେବର୍ଷ ପରେ ସ୍ୱର-ଶବ୍ଦ ନଥିବା ମହାପାତ୍ର ଉଆସରେ ଯେ କେତେ ସୁନ୍ଦର ଘଟଣା ଘଟିବ । କୂଅରୁ ବାହାରିବ କୋଉ କାଳରୁ ପଡ଼ି ରହିଥିବା କଂସା-ତମ୍ବାର ଚିକ୍‌ମିକ୍ ବାସନ । ସେଥିରେ ପୁଣି ନାଁ ଲେଖା, ଫୁଲ ପକା ହୋଇଛି କେତେ କଂସାରୀ ପୁଅଙ୍କର ହାତର କାରିଗରୀରେ । ଚତୁର୍ମାସିଆ ପଚାରିଲା - ବଡ଼ମା' କାଲି ରାତିରେ ଯେ ତମର ଏତେ ଗଣ୍ଠି ବାତର ଯନ୍ତ୍ରଣା ହେଉଥିଲା, ରଘୁ ଭାଇନାଙ୍କୁ କହିଛ ତ କାଶୀ କବିରାଜଙ୍କ ପାଖରୁ ତେଲଟା ଆଣିବା ପାଇଁ ? ନା', କହି ନାହାନ୍ତି ବସୁଧା । ଆଜିର, ଖୁସିରେ ସେ ସବୁ ଭୁଲି ଯାଇଛନ୍ତି । କିନ୍ତୁ ରାତିରେ କ'ଣ କରିବେ ଯେ ! ଚତୁର୍ମାସିଆ ଗରଗର ହେଲା - ଏମିତି କେହି ଭୁଲନ୍ତି । ତମେ କ'ଣ ବ୍ରତ ନେଇଛ ଯେ ନିଜ କଥା ଜମା ଭାବିବନି ବୋଲି ? ହେଇ ଗୋଟାଏ ରଘୁରେ ସମ୍ଭାଳି ହେଉ ନଥିଲା, ଇଏ ପୁଣି ଆସିଲେ ଆଉ ଜଣେ ପ୍ରତାପୀ ଅଭିଭାବକ ।

ଯାହା ହେଉ କାମ ଆରମ୍ଭ ହେଲା । କେଡ଼େ ଉଚ୍ଚ ଆଉ କେତେ ଚଉଡ଼ା କୂଅର ପିଣ୍ଡି, ଶ୍ୱେତଶୁଭ୍ର ରାଜସ୍ଥାନୀ ପଥରରେ ତିଆରି । ଶଙ୍ଖ ମଲମଲ ରଙ୍ଗ ଭିତରୁ କୋଉଠି ଉଙ୍କୁଛି ଈଷତ ଗୋଲାପି ରଙ୍ଗ, ସତେ ଅବା ଚୋରେଇ ଆଣିଛି ଦର ଫୁଟିବା କୋଉ ପଦ୍ମକଢ଼ିରୁ । ସେଇ ପଥରରେ ତିଆରି ବେଦୀଟେ, ସେଇଠି ଆଉଜି ବସିଲେ ବସୁଧା । ତାଙ୍କ ଦେହ ରଙ୍ଗ, ଶଙ୍ଖ ମଲମଲ ପଥରର ରଙ୍ଗ ସବୁ ଏକା ପରି ଲାଗୁଥିଲା । ବିଲେଇ ପଡ଼ିଲା କୂଅରେ, ଧରିକି ଆଣିଲା ଗୋଟାଏ କଂସାର କଳସ । ନିଜ ପଥରରେ ବଡ଼ ଯତ୍ନରେ ବଡ଼ ମାନ୍ୟରେ

ପୋଛି ପକାଇଲେ ବସୁଧା – ଜାଣିଛୁ ଚତୁର୍ମାସିଆ, ଏଇଟା ଦେଇଥିଲେ ରଙ୍ଗନପୁରର ସେଇ ଜେଠେଇ ଶାଶୂ। ଶ୍ୱଶୁରଙ୍କ ଦୂର ସମ୍ପର୍କୀୟା ଭାଉଜ। ପଣତ ତଳେ ଧରି କେତେ ସଂକୋଚରେ କହିଥିଲେ – କେତେ ବଡ଼ଘରର ବୋହୂ ତୁ, ଏଇ କଳସଟା ଦେବାକୁ ବହୁତ ମାଡ଼ି ପଡୁଛିରେ ମା'। ବାହାରିଲା ବଡ଼ବଡ଼ ପରାତ। ଇୟେ ତ' ଠାକୁରଙ୍କ ବାସନ। ବିରାଟ ତସଲା, କେଡ଼େକେଡ଼େ ଥାଳି, ପରଶୁଣୀ, ପୁଣି ପିଲିସଜ ବି। ଆଉ ସାଧାରଣ ଥାଳି, ଗିନା, ମାଣ କଥା ଛାଡ଼। ହାଲିଆ ହୋଇଗଲାଣି ଚତୁର୍ମାସିଆ, ତଥାପି ସରୁନି। ପ୍ରତିଥର, କିଛି ନା' କିଛି ଉଠିଆସୁଛି। କୂଅ ଚାରିପଟେ ସଜାଡ଼ି ରଖୁଛି ସେ। ଏବେ ବି କି ରଙ୍ଗ ଝଟକି ଉଠୁଛି ସୂର୍ଯ୍ୟ ଆଲୁଅରେ ! ଗୋଟିଗୋଟି ବାସନକୁ ଆଉଁଶି ଆଉଁଶି ଦେଖୁଛନ୍ତି ବସୁଧା। ବାସନ ପଛରେ ଅଛି କେତେକେତେ ଲୋକଙ୍କ କଥା, ରହିଛି କେତେ କାହାଣୀ। କେବଳ ଆତ୍ମୀୟ-କୁଟୁମ୍ବ ନୁହଁନ୍ତି, ତା' ସହିତ ଅଛନ୍ତି କଂସାରୀମାନେ। ଭ୍ରମରରପୁରର ଲଖଣା, ବାସୁଦେବପୁରର ମହେଶ୍ୱର, ଦୁବରାଜପୁରର ସତ୍ୟ କଂସାରୀ, ଏକକୁ ଆରେକ ବଳି। ସୂକ୍ଷ୍ମ କାରୁକାର୍ଯ୍ୟରେ କେହି କାହାଠାରୁ କମ୍ ନୁହଁନ୍ତି।

ବସୁଧା ଫେରି ଯାଉଥିଲେ ବିତି ଯାଇଥିବା ବିଭିନ୍ନ ସମୟକୁ, ଅସୁମାରି ସ୍ମୃତିକୁ। ଖୋଲି ଯାଇଛି ସମୟର ଏକ ସୋପାନ, ସେଇ ପାହାଚ ଦେଇ ସତେ ଅବା ଓହ୍ଲାଇ ଯାଉଛନ୍ତି ବସୁଧା ଏଇସବୁ ବାସନର ହାତ ଧରି। ହଠାତ୍ କ'ଣ ହେଲା କେଜାଣି, ଚତୁର୍ମାସିଆର ମୁଣ୍ଡରେ କ'ଣ ଯେ ସବାର ହେଲା। ଏତେ ସମୟ, ଏତେ ପରିଶ୍ରମ ଏବଂ ଏତେ ଧୈର୍ଯ୍ୟ ଧରି କୂଅରୁ କାଢ଼ିଥିବା ବାସନଗୁଡ଼ିକୁ ସବୁ ପୁଣି କୂଅରେ ପକାଇ ଦେବାକୁ ଲାଗିଲା। ବସୁଧା ଦେଖୁଥିଲେ, ଶୁଣୁଥିଲେ ପାଣିରେ ଏତେ ଉପରୁ ପଡ଼ିବାର ଶବ୍ଦ; ଛମ୍‌ଛମ୍, ଛଳଛଳ, ଛନ୍‌ଛନ୍। ଗାମୁଛାରେ ଝାଳ ପୋଛିଲା ଚତୁର୍ମାସିଆ। ଥକ୍କା ହେଇ ଯାଇଛି। ହବାର ହିଁ କଥା। ଚଉଦ ବର୍ଷରୁ ବୟାନବେ, ଜୀବନର କେତେ ଦୀର୍ଘ ଇତିହାସ, ତାକୁ ଓଲଟପାଲଟ କରିବା, ପୁଣି ସଜାଡ଼ି ରଖିବା, କ'ଣ ଏତେ ସହଜ କଥା !

– ସବୁ ଯେ ପକାଇ ଦେଲୁରେ ବାୟା ?

– ତମେ ତ ଏମିତି ହିଁ କେତେ ଏକା, ବଡ଼ମା'। ପୁଣି କୂଅ ଭିତରୁ ଏମାନଙ୍କୁ ନେଇଗଲେ, ତମେ ଆହୁରି ଏକା ହୋଇ ଯିବନି ?

ଏ ବୟସରେ ବି ବସୁଧାଙ୍କ ଆଖି ପଦ୍ମକଢ଼ି ପରି, ସେଥିରେ ଦି'ଟୋପା ଟଳମଳ ଲୁହ। ଚତୁର୍ମାସିଆ ଉଠି ଛିଡ଼ା ହେଲା –ବଡ଼ମା' ମୁଁ ଯାଉଛି କାଶୀ କବିରାଜଙ୍କ ଘରକୁ। ତମ ପାଇଁ ତେଲଟା ନେଇ ଆସେ। ନହେଲେ ଯେ ରାତିରେ ତମେ ଶୋଇ ପାରିବନି। ବେଇଗି ବେଇଗି ଗଲେ ସନ୍ଧ୍ୟା ପୂର୍ବରୁ ବୋଧହୁଏ ଫେରି ଆସିବି। ଆସିଲା ବେଳେ ଟିକେ ବୁଲାବାଟ ପଡ଼ିବ, ଦୁବରାଜପୁର ଦେଇ ଆସିବି। ସେଠି ବହୁତ କଦମ୍ବ ଗଛ ଅଛି, ସେଥିପାଇଁ ତ' ସେଠି ବସ୍ ରହିବା ଜାଗାଟାର ନାଁ କଦମ୍ବପୁର। ତମ ପାଇଁ ସେଠାରୁ କିଛି ଫୁଲ ଆଣିଦେବି।

ବଡ଼ବଡ଼ ପାହୁଣ୍ଡ ପକାଇ ଚାଲିଗଲା ଚତୁର୍ମାସିଆ। ପଡ଼ି ରହିଥିଲା ତା'ର ରଶି, ବାହାଙ୍ଗି, ଲୁହାର ବିଲେଇ, ତେଲ-ଲୁଣର ହିସାବ। ଆମ୍ବଗଛ ଉହାଡ଼ରୁ ବାହାରି ଆସିଲା ରଘୁ, ଲୁହ ବଲବଲ ଆଖି, ମୁହଁ।

– ହଇରେ ତୁ କେତେବେଳେ ହାଟରୁ ଫେରିଲୁ ?

– ମୁଁ ତ ଜମା ହାଟକୁ ଯାଇ ହିଁ ନାହିଁ।

– ହଉ ନ ଯାଇ ଭଲ କରିଛୁ। ମୋର ପୋଡ଼ା ମନ, ଆଜିକାଲି ଆଉ କିଛି ମନେ ରହୁନି। ହେଇ ଦେଖ୍ ଈଷାଣ କୋଣରୁ କଳାହାଣ୍ଡିଆ ମେଘ ଉଠେଇଲାଣି। ଧାଇଁ କି ଯା', ଛତାଟା ଦେଇ ଆ, ନହେଲେ ମୋ' ଚତୁର୍ମାସିଆଟା ଯେ ତିନ୍ତି ଯିବ।

ରଘୁ ଆଜି ବଡ଼ ସୁନା ପିଲା। ଛତା ଦେବାକୁ ବାହାରି ପଡ଼ିଲା। ଏଇ ଯୋଉଁ କବିରାଜୀ ତେଲ ଆଣିବାକୁ ଯାଉଥିବା ଚତୁର୍ମାସିଆ, ତାକୁ ପୁଣି ଛତାଟେ ଦେବାକୁ ଯାଉଥିବା ରଘୁ, ଆଉ ଏଇ ପିଲାମାନଙ୍କ ଫେରିବା ବାଟକୁ ଚାହିଁ ଅପେକ୍ଷା କରିଥିବା ବସୁଧା, ଏଇମାନଙ୍କ ପାଇଁ ତ କଦମ୍ବ ଫୁଲ ଫୁଟେ, ଆଉ ସେ ଫୁଲର କେତେ ଯେ ମହମହ ବାସ୍ନା !

ଶ୍ରୀମତୀ ସୁପ୍ରିୟା ପଣ୍ଡା ବାଣୀବିହାରର ସ୍ନାତକୋତ୍ତର ଇଂରାଜୀ ବିଭାଗର ୧୯୭୮ ବ୍ୟାଚ୍ ଛାତ୍ରୀ। ଶ୍ରୀମତୀ ପଣ୍ଡା ଓଡ଼ିଆ ସାହିତ୍ୟର ଜଣେ ସୁପରିଚିତ ଲେଖିକା। ଗଭୀର ଜୀବନବୋଧ ଓ କାହାଣୀର ଅନନ୍ୟପଣରେ ତାଙ୍କର ଗଳ୍ପ ଓ ଉପନ୍ୟାସ ସାହିତ୍ୟ ସମୁଜ୍ଜ୍ୱଳ। ଅଖିଳ କଥା ସମ୍ମାନ ଓ ଜଗଦୀଶ କଥା ସମ୍ମାନ ଭଳି ଅନେକ ପୁରସ୍କାର ଓ ସମ୍ବର୍ଦ୍ଧନାରେ ସମ୍ମାନିତା ଓ ପ୍ରଚୁର ପାଠକୀୟତାର ଅଧିକାରିଣୀ ଶ୍ରମତୀ ସୁପ୍ରିୟା ପଣ୍ଡା ଏବେ ଭୁବନେଶ୍ୱରର ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲରେ କାର୍ଯ୍ୟରତ।

ପରମ ବନ୍ଧୁ

ସୁନୀତା କର

ବର୍ଷା ମୁଖର ରାତି । ଝରଝର ହୋଇ ଝରୁଛି ବରଷା ପାଣି, ବୁକୁ ଫଟେଇ ଆକାଶର । ଚାରିପଟେ ଅନ୍ଧକାରର ଅସହ୍ୟ ନୀରବତା । ମଝିରେମଝିରେ ମଳୟର, ନାକକାନ୍ଦୁରା କିଶୋରଟିଏର ରହିରହି ବାହାରୁଥିବା ଧକେଇଲା ପରି ସୁଁ ସୁଁ ସ୍ୱର, ଧସେଇ ପଶିଆସୁଛି ନୀରବ ପ୍ରଶାନ୍ତ ପରିବେଶଟି ଭିତରକୁ । ଶୂନ୍ୟ ଆକାଶ, ସଜଳ, କିଛି ମାତ୍ରାରେ ସ୍ୱଚ୍ଛ । ଚନ୍ଦ୍ରମାର ଅବର୍ତ୍ତମାନରେ ଘୁମେଇ ପଡ଼ିଛି ସତେ ଯେମିତି । ତାରକାଗଣ କୁଆଡ଼େ ଉଭେଇ ଯାଇଛନ୍ତି ଆଜି, ତାଙ୍କର ଠିକଣା ଖୋଜି ପାଉନି ସେ । ହଁ, ଯାଆନ୍ତୁ, ସବୁବେଳେ ସଜାଗ ପ୍ରହରୀ ପରି ନିଜର ଅସ୍ତିତ୍ୱକୁ ବଜାୟ ରଖି ଅନ୍ତରୀକ୍ଷରେ ଟିମ୍‌ଟିମ୍ କରି ଚାହିଁ ରହିଥିବେ । ସ୍ୱପ୍ନେଶ୍ୱର ମନ୍ଦିରର ବଗିଚାରେ ଇତଃସ୍ତତଃ ଠିଆ ହୋଇଥିବା ଟଗର ଗଛଗୁଡ଼ିକର ଫୁଲଭରା ମଥାକୁ କେହି ଯଦି ବହୁତଳ ପ୍ରାସାଦର ଛାତ ଉପରୁ ଫଟୋ ଉତ୍ତୋଳନ କରେ, ଯେମିତି ପ୍ରତୟ ହେବ, ଠିକ୍ ସେମିତି ମଥାଉପର ଆକାଶରେ ଦେଖାଯାଆନ୍ତି ଚିକ୍‌ଚିକ୍ କରୁଥିବାର ନକ୍ଷତ୍ରଗଣ ସବୁଦିନ । ହେଲେ ଆଜି ନାହାନ୍ତି ।

ହଁ, ନଥାନ୍ତୁ । ସବୁଦିନେ କ'ଣ ଏକାରକମର ଜିନିଷ ଭଲଲାଗେ ? ସେ ଖାଇବା ଖାଦ୍ୟ ହେଉ, ଅବା ପିନ୍ଧିବା ବସ୍ତ୍ର । ହେଲେ, ସେଇ ଗୋଟିଏ ମଣିଷ ସହ ସାରା ଜୀବନ ବିତେଇହୁଏ କିପରି ? କାହିଁ କିଛି ଅନ୍ୟ ଗତିନାହିଁ ? ହଁ, ନାହିଁ କାହିଁକି, ଆଜିକାଲିତ ଛାଡ଼ପତ୍ର ଏକ ସଉକ ଯେମିତି ହେଇଗଲାଣି । ଇଚ୍ଛା ହେଲା ତ ରୁହ, ନହେଲେ ଛାଡ଼ିଦେଇ ଏକାରୁହ, ଅବା ଅନ୍ୟ ଡାଳରେ ଉଡ଼ିଯାଇ ବସା ବାନ୍ଧ ।

କି ଯେ ସବୁ ଉଭଟ ଚିନ୍ତା ଧସେଇ ଆସୁଛି ତା' ଭିତରକୁ ! ଧେତ୍, ଗୋଳମାଳିଆ ଲାଗୁଛି । ଟାଣିଟୁଣି ନିଜକୁ ସ୍ଥିର ରଖିବାକୁ ଚେଷ୍ଟା କଲା ସେ । ତା'ରି ସାଙ୍ଗ ରୁବି ବରଷେ ନପୂରୁଣୁ ଛାଡ଼ି ଚାଲିଯାଇଥିଲା ତା' ବର ଆଉ ଘରକୁ, ଶୁଣିଥିଲା କୁଆଡ଼େ ଆମେରିକାରେ ଯାଇ ଅଛି ଏବେ ।

ସେ କିନ୍ତୁ ପାରିନଥିଲା । ସମ୍ଭ୍ରାନ୍ତଘର ପଟ୍ଟନାୟକ ବଂଶର ସୁନା ବୋହୂର ମୁକୁଟ ଓଜନରେ ଦବିଯାଇଥିଲେ ତା'ର ସବୁ ଇଚ୍ଛା ଅନିଚ୍ଛା । ଯନ୍ତ୍ରଚାଳିତ ସୁନ୍ଦର ଖେଳନାଟିଏ ପରି ସୁଚାରୁରୂପେ ସମ୍ପନ୍ନ କରିଚାଲିଥିଲା ସେ ତା'ର ପ୍ରତ୍ୟେକଟି ଦାୟିତ୍ୱ । ହଜେଇ ଦେଇଥିଲା ନିଜକୁ ଜାଣିଶୁଣି, ଲୁଚେଇ ଦେଇଥିଲା ତା'ର ମନକୁ କେଉଁ ଅଜଣା ଅଦେଖା ଗୁମ୍ଫାରେ, ଯେମିତିକି ନିଜେ ବି ଖୋଜିପାଇବନି ।

ହେଲେ, ଏ କ'ଣ ହେଲା ? ମୀନକେତନର ଗୋଟିଏ ଫୋନ କଲ୍‌ରେ ହଜିଯାଇଥିବା ଦିନସବୁ ତା'ର ବିଛେଇ ହୋଇ ପଡ଼ିଗଲେ ତା'ରି ପାଦତଳେ । ଲୁଚେଇ ଆସିଥିବା ମନଟାବି କେଜାଣି କେମିତି ସୁରାକ ପାଇଲା, ଧାଇଁ ଆସି ଜଡ଼େଇ ଧରିଛି ତାକୁ । ଅବଶ ଲାଗୁଛି । ଗବାକ୍ଷ ଦେଇ ଅନ୍ଧକାରର ଛାତି ଚିରି ପହଁରି ଯାଉଛି ପ୍ରିୟାର ଶୂନ୍ୟ ଚାହାଣି ଶୂନ୍ୟ ମହାକାଶକୁ । ଆକାଶରୁ ଝରୁଛି ଝରଝର ପାଣି, ଆଉ ଏପଟେ ପ୍ରିୟାର ନୟନରୁ । ଦୁଇଧାର ଏକାଠି ହୋଇଯାଆନ୍ତେ କି ? ବରଷାଜଳ ତା' ବଡ଼ପଣରେ ବୁହାଇ ନିଅନ୍ତା ଲୁହସବୁ ତା'ର । ନା ! ସେ ସମ୍ଭବ ନୁହେଁ । ରାତିରେ ଛାତରେ କବାଟ ଖୋଲି ଏ ବୟସରେ ବରଷାରେ ଭିଜିବାଟା ଅସଙ୍ଗତ । ଛଟପଟ ହେଉଛି ପ୍ରିୟାର ମନ । ତିରିଶ ବର୍ଷ ତଳେ ଯେଉଁ ଅଧ୍ୟାୟର ପୃଷ୍ଠା ବନ୍ଦ କରିଦେଇଥିଲା ସେ, ପୁଣି କାହିଁ ଉଡ଼ିଆସି ତା' ଆଗରେ ଉନ୍ମୁକ୍ତ ହୋଇ ରହିଗଲା ? ସେ ତ' ଚାହିଁ ନଥିଲା !

ଚାହିଁ ରହିଛି ପ୍ରିୟା ଝରକା ସେପଟର କଳାଘୁମର ଦୁନିଆକୁ । ଉପରକୁ ମଥା ଟେକିଲେ ଦେଖିପାରୁଛି ଭାସି ଯାଉଥିବା ଘନକୃଷ୍ଣ ବାଦଲ ସବୁକୁ, ସତେ ଯେମିତିକି ତା'ର କଲେଜ ଦିନସବୁ ବାଦଲ ପିଠିରେ ବସି ହାତ ହଲେଇ ହସିହସି ଯାଉଛନ୍ତି । ନିଜ ଅଜାଣତରେ ଧାରେ ହସ ଚମକି ଉଠିଲା ତା' ମୁଖମଣ୍ଡଳରେ ।

ଆରେ ! ଏ କ'ଣ ? ରାଜୀବର କ୍ୟାନସର ଖବର ଶୁଣି ବି ତା' ମୁହଁରେ ହସ ? ହଁ, ରାଜୀବ ନାଁଟା ହିଁ ତା' ପାଇଁ ଖୁସିର ଭଣ୍ଡାର । ହଠାତ୍ ଥମିଗଲେ ବରଷାର ଧାର, ପରିଷ୍କାର ଦେଖାଗଲେ ଦୂର ଗଛପତ୍ର ସବୁ ଜାଲୁଜାଲୁଆ ଅନ୍ଧକାର ଭିତରେ ବି, ଠିକ୍ ଯେମିତି ବିଗତ ଦିନସବୁ ପ୍ରିୟାର ନଜରରେ ।

* * *

ହେଇଟି କାଲି ପରି ଲାଗୁଛି, ଅନିଚ୍ଛା ସତ୍ତ୍ୱେ, ମାଆର ଶତ ଅନୁରୋଧରେ ଆଉ ଗେଲବସର ଝିଅର ଇଚ୍ଛାକୁ ଆଖିଆଗରେ ରଖି

ବାପା ଯାଇଥିଲେ ରାଜୀବଙ୍କ ନନାଙ୍କ ପାଖକୁ, ବିବାହର ପ୍ରସ୍ତାବ ନେଇ। ହେଲେ, ହେଲା କ'ଣ ? ?

ନୈଷ୍ଠିକ ଆଚାର୍ଯ୍ୟ ବ୍ରାହ୍ମଣ ପରିବାରର ଏକମାତ୍ର ପୁତ୍ର ରାଜୀବ। ସଦ୍ୟ ପ୍ରଶାସନିକ ସେବାରେ ନିଯୁକ୍ତ। ରୂପରେ କାମଦେବ। ହଁ, ନୁହେଁ ତ ଆଉ କ'ଣ ? ନହେଲେ ପ୍ରିୟା ପରି ନିଜ ସିଦ୍ଧାନ୍ତରେ ଅଟଳ ରହୁଥିବା ଝିଅଟିଏ ତାଙ୍କ ଫୁଲଶରରେ କ୍ଷତାକ୍ତ କିଭଳି ହୋଇଥାଆନ୍ତା ? ଇସ୍ପାତ ଭଳି ଲାଗୁଥିବା ମନଟା ମହମ ପ୍ରାୟ ତରଳି ଯାଇଥିଲା। ବିଏ ଆଉ ଏମ୍.ଏ ବେଳର ଚାରିବର୍ଷର ବନ୍ଧୁତା କିଭଳି ପ୍ରେମରେ ପରିଣତ ହୋଇଯାଇଥିଲା ଜାଣିପାରି ନଥିଲା ସେ। ରାଜୀବ ପଢ଼ା ସରିବା ପରେ ବି ବାଣୀବିହାରରେ ରହି ପରୀକ୍ଷାପତ୍ର ଦେଉଥିଲେ। ଆଉ ତା'ରି ଭିତରେ ସଫଳ ହୋଇଥିଲେ ସେ ଓଏଏସ୍ ପରୀକ୍ଷାରେ। ମନେପଡ଼େ ପ୍ରିୟାର ପରୀକ୍ଷାର ଫଳ ଯେଉଁଦିନ ବାହାରିଥିଲା, ଖୁସିରେ ସେଲିବ୍ରେସନ ପାଇଁ ସାଙ୍ଗସାଥୀ କହିଥିଲେ, ହେଲେ ରାଜୀବ ମନା କରିଦେଇଥିଲେ ବାହାନା କରି-ଏବେ ନୁହେଁ, ଆଗ ଘରକୁ ଯାଏ, ଆସିଲେ କରିବା। ତା'ରି ଭିତରେ ଛୋଟ ଏକ କାଗଜ ଟୁକୁଡ଼ା ଧରେଇ ଦେଇଥିଲେ ସେ ପ୍ରିୟାକୁ, ଯେଉଁଥିରେ ଲେଖାଥିଲା "ହୋଟେଲ ପ୍ରିୟା, ସଂଧ୍ୟା ସାତଟା", ବୁଝିଯାଇଥିଲା ସେ।

ସେଦିନର ଝଡ଼, ଭୁଲି ପାରିବନି ପ୍ରିୟା। ରାଜୀବ ଓ ସେ ବସିଛନ୍ତି, ହୋଟେଲ ପ୍ରିୟାରେ। ହଠାତ୍ ସମ୍ମୁଖରେ ଉଭା ରାଜୀବଙ୍କର ନନା। ଅବିଶ୍ୱସନୀୟ ତାଙ୍କର ଆବିର୍ଭାବ। କାହାଠାରୁ ଓ କେମିତି ସେ ଖବର ପାଇଲେ, ତାହା ଆଜିଯାଏଁ ଅନାବିଷ୍କୃତ। କଟାକ୍ଷ ହାଣି, ଚାହାଣିରେ ପୁଞ୍ଜିଭୂତ କ୍ରୋଧକୁ ପ୍ରିୟା ଉପରେ ଏକରକମ ଫୋପାଡ଼ି ଦେଇ ନିଜର ପୁଅକୁ ନେଇ ଚାଲିଯାଇଥିଲେ ସେ। ରାଜୀବ ବି ବୋଧହୁଏ ସେଠାରେ ଜନସାଧାରଣଙ୍କ ସମ୍ମୁଖରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନହେଉ, ସେଥିଲାଗି ବାଧ୍ୟ ଶିଶୁଟିଏ ଭଳି ଉଠି ଚାଲିଗଲେ। କେବଳ ଯିବାବେଳେ ଥରେ ପଛକୁ ଚାହିଁ ଇସାରା କରିଯାଇଥିଲେ ଧୈର୍ଯ୍ୟ ଧରିବା ଲାଗି। ସେଦିନ ଅପମାନରେ ଜଳି ଯାଇଥିଲା ପ୍ରିୟା। କିଭଳି ଯେ ସେ ହୋଟେଲ ଭିତରୁ ବାହାରି ଆସିଛି, ନିଜେ ବି ଜାଣିନି। ଅର୍ଡର କରିଥିବା ଦୋଷା ଆସିବା ବେଳକୁ ସେ ଟେବୁଲ ଛାଡ଼ି ସାରିଥିଲା। ଫେରିବା ବେଳକୁ ୱାଚ୍‌ମ୍ୟାନଟି ଦୁଆର ପାଖରେ ଆଶ୍ଚର୍ଯ୍ୟମିଶା ଚାହାଣିରେ ଚାହିଁରହିଥାଏ। ଚିହ୍ନେ ସେ, ସେ ଦୁହିଁଙ୍କୁ। ସବୁଥର ଯିବା ଆସିବା ବେଳେ ହସିଦିଏ। ବାପ ବୟସର ଲୋକଟା। ସେଦିନ କିନ୍ତୁ ତା' ମୁହଁଟା ବି ନୀରସ ଲାଗୁଥିଲା ପ୍ରିୟାକୁ, ଫେରି ଆସିବା ବେଳେ।

କିଛି ପାଣି ବୋହିଗଲା ତା' ଭିତରେ ସମୟ ନଈରେ। ଚିଠି ପତ୍ରରେ ଆଦାନପ୍ରଦାନ ହେଉଥାଏ ଭାବ, ରାଜୀବ ଆଉ ପ୍ରିୟା ଭିତରେ ଦେଖା ସାକ୍ଷାତର ସୁଯୋଗ ବହୁତ କମ୍।

ନା, ଆଉ ରହି ହେବନି। ଏଣିକି ଅସହ୍ୟ ଲାଗୁଛି ବିଚ୍ଛେଦ। ସେଦିନ ଲିଙ୍ଗରାଜ ମନ୍ଦିରରେ ଖଣ୍ଡିଆ ପାର୍ବତୀ ମନ୍ଦିରରେ ବସି ଦୁହେଁ ସ୍ଥିର କଲେ ବିବାହ ପ୍ରସ୍ତାବ ଘରେ ପକେଇବା ଲାଗି। ରାଜୀବଙ୍କ ଘରେ ତ ଅସମ୍ଭବ। ଜିଭ ତା'ର ଲେଉଟିବନି। ଅତିବେଶି ହେଲେ ବୋଉକୁ କହିପାରିବ, ହେଲେ ସେ ଜାଣିଛି ବୋଉ ତା'ର ନନାଙ୍କ ଆଗରେ ମୁହଁ ଖୋଲିବନି। ଭୟ ତା'ର ତାଙ୍କ କ୍ରୋଧାଗ୍ନିକୁ।

ପ୍ରିୟା ସାହସ କରି ଘରେ କହି ବାପାଙ୍କୁ ପଠେଇଥିଲା ରାଜୀବଙ୍କ ଘରକୁ। ହେଲେ ଅପମାନ ପାଇ ବାପା ଫେରି ଆସିଥିଲେ। ବ୍ରାହ୍ମଣ ଘରେ କରଣ ଘରର ଝିଅକୁ ବୋହୂ କରି ନେବାପାଇଁ ରାଜୀବଙ୍କ ବାପା ରୋକ୍‌ଠୋକ୍ ମନା କରିଦେଇଥିଲେ। ଦେବଦାସ କାହାଣୀର ପାରୋ ଭଳି ପ୍ରିୟାର ଅବସ୍ଥା ହୋଇଥିଲା କିଛି ମାତ୍ରାରେ। ଅସମ୍ଭବ ଭାବରେ ବାପା ଜିଦ୍ ଧରି ବସିଲେ ଦଶଦିନ ଭିତରେ ପ୍ରିୟାର ବାହାଘର କରିବେ, ଖୁବ୍ ଜାକଜମକରେ, ଆଉ ରାଜୀବ ପରିବାରଠୁ ଖୁବ୍ ଉଚ୍ଚ ଖାନ୍‌ଦାନରେ।

ସତକୁ ସତ ବାହାଘର ଠିକ୍ ହୋଇଗଲା। ଚଟ୍ ମଙ୍ଗନୀ, ପଟ୍ ବିହା। ଆଇଏସ୍ ଅନିରୁଦ୍ଧ ପଟ୍ଟନାୟକ, ବିବାହର ଦୁଇବର୍ଷ ଭିତରେ ପତ୍ନୀଙ୍କର ବିୟୋଗ କ୍ୟାନସରରେ। ପାଖରେ ପୁଅଟିଏ ବର୍ଷକର। ସେମାନଙ୍କର ପରିବାର ମଧ୍ୟ ଖୋଜୁଥିଲେ ଭଲ ଝିଅଟିଏ, ଯିଏ ସମ୍ଭାଳିପାରିବ ଘରକୁ ଆଉ ତାଙ୍କର ଭାଙ୍ଗି ପଡ଼ିଥିବା ପୁଅକୁ।

ପ୍ରିୟାର ଭାବିବା ବା କିଛି କରିବାର ଅଧିକାର ହିଁ ଯେମିତି ନଥିଲା। ବାପାଙ୍କର କଥାରେ ହଁ ମାରିବା ବ୍ୟତୀତ ଅନ୍ୟ ଉପାୟ ନଥିଲା ତା' ପାଖରେ। ରାଜୀବ ତ ବାଧ୍ୟ ପୁତ୍ର ତାଙ୍କ ନନାବୋଉଙ୍କର। ସେ କାହିଁକି ଅବାଧ୍ୟ ହେବ ତା' ବାପାମାଆଙ୍କର ? ସେଦିନ ରାତିରେ ହିଁ ସେ ରାଜୀବଙ୍କର ସବୁଚିଠି କାଢ଼ି ଟିକିଟିକି କରି ଚିରି ପାଣିରେ ଭିଜେଇ ଫିଙ୍ଗିଦେଇ ଆସିଥିଲା ବାଡ଼ିପଟ ଆମ୍ବଗଛମୂଳେ। ରହିଯାଇଥିଲା ଭୁଲବଶତଃ ଗୋଟିଏ ମାତ୍ର ଚିଠି ତାଙ୍କ ଦେଇଥିବା ନୀଳରଙ୍ଗର ଶାଢ଼ିଟି ଭିତରେ। ସେଇଟିକୁ ଆଉ ଚିରିବାକୁ ପରେ ପ୍ରିୟାର ହାତ ଯାଇନଥିଲା। ଲାଗିଲା କୁନି ଚଢ଼େଇଟିଏ ଯେପରି କାକୁସ୍ଥ ହୋଇ ଛୁପିଯାଇଛି ତା'ର ଆଞ୍ଚଳ ପଛପଟେ, କେହି ଦୁରାତ୍ମା ଶିକାରୀର ହାତରୁ ବଞ୍ଚିବା ଲାଗି।

ପରେ ସେଇଟି ଅନିରୁଦ୍ଧଙ୍କ ନଜରରେ ଆସିଛି, ସେ କିନ୍ତୁ ତାଙ୍କ ବଡ଼ପଣରେ ତା'କୁ ଗ୍ରହଣ କରିନେଇଛନ୍ତି। ତାଙ୍କ ଉଦାର

ହୃଦୟ ପାଖରେ ପ୍ରିୟା ସବୁବେଳେ ଋଣୀ। ବାହାଘର କାର୍ଡ ଛପା ହେବାପରେ ଗୋଟିଏ କାର୍ଡ ବାପା ପଠେଇ ଦେଇଥିଲେ ରାଜୀବଙ୍କ ଘରକୁ, ଜାଣିଶୁଣି, ଯେମିତି ସେ ଦେଖି ପାରିବେ କାର୍ଡ ଭିତରେ ଲେଖାଥିବା ତାଙ୍କ ଭାବୀ ଜ୍ୱାଇଁଙ୍କର ନାମ ପୂର୍ବର ଆଇଏଏସ୍ ଶବ୍ଦଟିକୁ। ସେଥିରେ ହିଁ ବୋଧହୁଏ ତାଙ୍କ ଅପମାନର ଜ୍ୱାଳା କିଛିମାତ୍ରାରେ ପ୍ରଶମିତ ହୋଇଥିଲା।

* * *

ପ୍ରିୟା ଆଖିରେ ନିଦ ନାହିଁ। କିଭଳି କହିବ ଅନିରୁଦ୍ଧଙ୍କୁ ଯେ, ସେ ରାଜୀବଙ୍କୁ ଦେଖିବାକୁ ଚାହୁଁଛି, ରାଜୀବର ଶେଷ ସମୟ। ସେଠାରେ ମଧ୍ୟ ରାଜୀବର ପତ୍ନୀ, ପୁତ୍ର, କନ୍ୟା ସଭିଏଁ ଉପସ୍ଥିତ ଥିବେ। ନଗଲେ ସାରାଜୀବନ ଅନୁତାପର ଅଗ୍ନିରେ ଜଳିଜଳି ନିଃଶେଷ ହୋଇଯିବ। ମୀନକେତନ ବାଧ୍ୟ କରିଛି ଏକରକମ। ପ୍ରିୟା, ତୁମେ ତା'ର ପ୍ରିୟା ଭାବରେ ନ ଆସିପାର, ବନ୍ଧୁ ଭାବରେ ତ ଆସି ଠିଆ ହୋଇପାରିବ ଶେଷ ସମୟରେ ତା'ର। ନଚେତ୍ ତା' ଆତ୍ମାର ମୁକ୍ତି ହେବନି। ସେ କାଲି ଯାଇଥିଲା ରାଜୀବ ପାଖକୁ। ଚୁପ୍ କରି କାନରେ ସେ ପଚାରିଥିଲା ତା'ର - "ପ୍ରିୟା ଏବେ କେଉଁଠି" ? ଝରିପଡ଼ିଥିଲା ଦି'ଧାର ଲୁହ ମୀନକେତନ ଆଖିରୁ। ପଚାରିଥିଲା ରାଜୀବ ! ତୁ ଏବେ ବି ଭୁଲିନୁ ?

ଆସ୍ତେ ମୁଣ୍ଡ ହଲେଇ ଦେଇଥିଲା ସେ, ଟିକେ ସ୍ମିତହସ ସହ। ମୀନକେତନ ତେଣୁ ଫୋନ୍ କରିଛି, ବାଧ୍ୟ କରୁଛି ତାକୁ ଯାଇ ଦେଖି ଆସିବାକୁ। ରାଜୀବର ଶେଷ ସମୟ। କ୍ୟାନସରରେ ଅନେକ କଷ୍ଟ ଭୋଗିଥିବ। ଅବାଧ୍ୟ ସନ୍ତାନଟିଏ ହୋଇଥିଲେ ବୋଧହୁଏ ଶାନ୍ତିରେ ସୁଖରେ ଥାଆନ୍ତା। ନା..ଆଉ ଭାବିପାରୁନି ପ୍ରିୟା। ସାରାରାତି ଏଇ ଝରକା ପାଖ ଚେୟାରଟିଏରେ ବସି କଟିଗଲା, ଜାଣିପାରିଲାନି। ତାକୁ ଯିବାକୁ ହେବ, ବନ୍ଧୁଟିଏ ଭଳି ରାଜୀବ ପାଖରେ ଅନ୍ତତଃ ଶେଷ ସମୟରେ ଉପସ୍ଥିତ ରହିବାକୁ ହେବ।

ନିଦ୍ରାଗତ ଅନିରୁଦ୍ଧ। ତାଙ୍କୁ ହଲେଇ ଦେଇ ଉଠେଇଲା ପ୍ରିୟା, ଏଇ ଶୁଣୁଛ ! ମୋ ପାଇଁ ଭୁବନେଶ୍ୱର ଟିକଟ କାଟ। ସକାଳ ଆଠଟାରେ ଫ୍ଲାଇଟ ଅଛି। ମୁଁ ଯିବି, ରାଜୀବର ଶେଷ ସମୟ, କ୍ୟାନସର ଶଯ୍ୟାରେ ସେ। ଏକାନିଶ୍ୱାସକେ ଏତକ କହିଗଲା ପ୍ରିୟା।

ଶେଷ ପ୍ରହରର ତନ୍ଦ୍ରା ତୁଟିଗଲା ଅନିରୁଦ୍ଧଙ୍କର। ଅବିଶ୍ୱାସନୀୟ ଅବସ୍ଥା ଓ ଭାବ। ଧୀରେ କହିଲେ, ହଁ ନିଶ୍ଚିତ, ଗୋଟେ ପରମ ବନ୍ଧୁର ଶେଷ ଅବସ୍ଥାରେ ଉପସ୍ଥିତ ରହିବା ନିତାନ୍ତ ଆବଶ୍ୟକ। ଏପର୍ଯ୍ୟନ୍ତ ତୁମେ କହିନଥିଲ କେମିତି ?

ଏଁ ! ସତେକି ହୋସ୍ ଆସିଲା ପ୍ରିୟାର। ଭାବପ୍ରବଣତାରେ ବହିଯାଇ କ'ଣ ନକହିଲା ସେ ?

ପ୍ରିୟା ଜାବୁଡ଼ି ଧରିଲା ଅନିରୁଦ୍ଧଙ୍କୁ। ଜାଣିପାରୁନଥିଲା ସେ, କିଏ ତା'ର ପରମ ବନ୍ଧୁ- ପ୍ରେମିକ ନା ପତି ? ରାଜୀବ ନା ଅନିରୁଦ୍ଧ ?

ଜଣେ ଲୋକପ୍ରିୟ କଥାକାର ଭାବେ ସୁପରିଚିତା ଶ୍ରୀମତୀ ସୁନୀତା କର ବାଣୀବିହାର ବିଶ୍ଳେଷଣାତ୍ମକ ଓ ପ୍ରୟୋଗାତ୍ମକ ଅର୍ଥନୀତି ବିଭାଗର ୧୯୮୬-୮୮ ବ୍ୟାଚ ଛାତ୍ରୀ। ତାଙ୍କର ତିନୋଟି ଗଳ୍ପ ସଂକଳନ, ଦୁଇଟି ଉପନ୍ୟାସ ସଂକଳନ (ମୋଟ୍ ୪ଟି ଉପନ୍ୟାସ) ଏବଂ ଗୋଟିଏ କବିତା ସଂକଳନ ପ୍ରକାଶିତ। ତାଙ୍କର ଏକ ଗଳ୍ପ ସଂକଳନ ହିନ୍ଦୀ ଭାଷାରେ ଅନୁବାଦିତ ହୋଇଛି। ଦୀର୍ଘଦିନକାଳ ବ୍ୟାଙ୍କସେବାରେ କାର୍ଯ୍ୟରତ ପରେ ସ୍ୱେଚ୍ଛାକୃତ ଅବସର ନେଇ ଏବେ ଭୁବନେଶ୍ୱରରେ ଅବସ୍ଥାନ କରୁଛନ୍ତି। ତାଙ୍କ ସହିତ ମୋବାଇଲ ନମ୍ବର ୯୯୩୭୦ ୩୯୭୮୫ରେ ଯୋଗାଯୋଗ କରାଯାଇ ପାରିବ।

ନାଭିସୂତ୍ର

ଚିରଶ୍ରୀ ଇନ୍ଦ୍ରସିଂ

ଆକାଶକୁ ବିଦାରିଦେଇ ଲାଗଲାଗ ତିନିଟା ବାଣ ଫୁଟିଲା । କାନଫଟା ଶବ୍ଦ ସାଥିକୁ ଆଖି ଝଲସା ଆଲୁଅ । ରାସ୍ତାକଡ଼ରେ ଥିବା ଗୋଟେ ଝାମ୍ପୁଲା ବରଗଛକୁ ଆଉଜି ଝିମେଇପଡ଼ିଥିବା ସନାତନ ଧଡ଼ପଡ଼ ହୋଇ ଉଠି ବସିଲା । ବାଣ ପଛକୁ ଘଣ୍ଟ ଘଣ୍ଟା, ଖୋଳ କରତାଳ, ଶଙ୍ଖ, ଢୋଲ ମହୁରୀ, ଚିତ୍କାର ଓ ଗହଳି । ତା'ହେଲେ ସରିଗଲା ।

କାଲୁଆ ଲାଗୁଥିବା ହାତକୁ ଘାସୁଆ ମାଟି ଉପରେ ଭରାଦେଇ ସନାତନ ଉଠିବସିଲା । କେବଳ ହାତର ଆଙ୍ଗୁଳିସବୁ ଦରଜ ଲାଗୁ ନାହିଁ, ଆଣ୍ଠୁର ମଞ୍ଜ ବି କଟମଟ ଡାକୁଛି । ଦଉଡ଼ିଯିବାକୁ ମନ ଡାକିଲେ ବି ଗୋଡ଼ହାତ ଯଦି ବୋଲ ନ ମାନିବ, ତାହାହେଲେ ଜଣେ କରିବ କ'ଣ ? ଗୌରୀଗଡ଼ାରେ ଏବେ ଲୋକ ଥାଟପଟାଳି ଭାଙ୍ଗୁଥିବେ । ଗହଳି ଭିତରେ ପଶି ବିସର୍ଜନ ଦେଖିବା ଅସମ୍ଭବ ବ୍ୟାପାର । ଲମ୍ବା ଶୋଭାଯାତ୍ରା । ଆରୁ, ପାନୀ, ନାଚଗୀତ, ଉତ୍ସାହ ଉତ୍ପାତ, ଉଲ୍ଲାସ ଉନ୍ମାଦନା– ସବୁକିଛି ମାତ୍ରାଧିକ ।

ଦିନକ ପରେ ପୂର୍ଣ୍ଣିମା, ସାହି ସାହିରେ ଗଣ୍ଡଗୋଳ ଯୋଗୁଁ ଭସାଣି ଚାରି ଦିନ ଘୁଞ୍ଚିଗଲା । ଗଣ୍ଡଗୋଳ ତୁଟିଲା ପରେ ନିଜ ନିଜର ନିଷ୍ଠା ଓ ଦକ୍ଷତାର ପ୍ରମାଣ ଦେବାକୁ ଯାଇ ଉଦ୍ୟୋକ୍ତାମାନେ ତିନି ଗୁଣ ଉତ୍ସାହରେ ମାତିଯାଇଛନ୍ତି । ଆଧୁନିକ ଓ ପଶ୍ଚିମା ନାଚଠୁ ଧରି ପୁରୁଣା ସଖୀନାଚ, ଘୋଡ଼ାନାଚ, ରାଜାରାଣୀ, ଚଢ଼େୟା ଚଢ଼େୟାଣୀ – ଏମିତି କେତେ ରକମର ନାଚଗୀତ ଓ ଅଭିନୟର ବରାଦ ହେଇଛି । ଶୋଭାଯାତ୍ରା ସରୁନାହିଁ । ବଡ଼ ଥକ୍କା । ଠାଆକୁ ଠାଆ ବସିଉଠି ଶୋଭାଯାତ୍ରା ପଛେ ପଛେ ଚାଲିବା କଥା । ଆଖି ଲାଗିଯାଇଛି କେତେବେଳେ ।

ସତରେ ସମୟ ସବୁଠାରୁ ବଡ଼ କଳାକାର । ପଙ୍କରେ ପଦ୍ମ ଫୁଟେଇ ଦିଏ ଯେମିତି, ସହସ୍ରଦଳ ପଦ୍ମକୁ ବି ସେମିତି ପାଲଟାଇଦିଏ ମେଞ୍ଚାଏ କାଦୁଅରେ । କେତେ ଆୟୋଜନ କରି 'ଆସ... ଆସ' ବୋଲି ଦେବୀଙ୍କୁ କେତେ ଡାକରା, କେତେ ନିଉଛାଳି; ପୁଣି ତାଙ୍କର ସମୟ ସରିଲେ 'ଯାଅ ଯାଅ' ବୋଲି କେତେ ମନ୍ତ୍ରବୋଲା, କୁହାଟ, ବାଟେଇ ଦେବାକୁ ବାଣ ରୋଶଣି ।

"ଉତ୍ତମେ ଶିଖରେ ଦେବୀ ଭୂମ୍ୟାଂ ପର୍ବତମୂର୍ଦ୍ଧନୀ
ବ୍ରାହ୍ମଣେଭ୍ୟୋ ହ୍ୟାନୁଜ୍ଞାନଂ ଗଚ୍ଛ ଦେବୀ ଯଥା ସୁଖମ୍
ଗଚ୍ଛଂ ଗଚ୍ଛଂ ପରୋସ୍ଥାନଂ ସ୍ୱସ୍ଥାନଂ ଦେବମନ୍ଦିରଂ
ଯଜମାନ ହିତାର୍ଥାୟ ପୁନରାଗମନାୟ ଚ ।"

ମାଆଙ୍କୁ ଅବଶ୍ୟ ପୁଣି ଥରେ ଆସିବାକୁ କୁହାଯାଏ । ମାଆ ପୁଣି ଆସିବେ । ଯଜମାନର ହିତ କରିବେ ।

ଦଉଡ଼ିବାର ଚେଷ୍ଟା କରି ଝୁଣ୍ଟିପଡ଼ିଲା ସନାତନ, ତଳେ ପଡ଼ିଗଲା । ମୁନିଆ ଗୋଡ଼ି ବାଜି ଆଣ୍ଠୁ ଖଣ୍ଡିଆ, ଆଖିରେ ଧୂଳି ପଶି ଚାରିପାଖ ଅନ୍ଧାର । 'ତୁ ଏମିତି ପଡ଼ିବା ଦର୍କାର । ଭଲ ହେଲା, ଖଣ୍ଡିଆ ହେଲା ଆଣ୍ଠୁ, କହୁଣି । ଗୋଟିଏ ରାତି ବି ଅନିଦ୍ରା ରହିପାରୁନି । ଲୋକେ ତୁଚ୍ଛାକୁ କହନ୍ତି, ଶୋଇଲା ପୁଅର ଭାଗ ନାହିଁ ବୋଲି ।' ସନାତନ ନିଜକୁ ନିଜେ ଗାଳିଦେଲା ।

ଗୌରୀଗଡ଼ାରେ ଦେବୀଙ୍କର ବିସର୍ଜନ ହୁଏ । ଏବେ ସେପଟରୁ ପୁଣି ଗୋଟିଏ ଦଫା ହୋ–ହଲ୍ଲା ଶୁଣାଗଲା । ପହିଲା ଥରଠାରୁ ଏ ଥରର ତୋଡ଼ ଅଧିକା । ସନାତନର ଦେହରେ ଯେମିତି ଚଅଁରିଗଲା ଲଟାଏ ବିଜୁଳି । ଏବେ ବୋଧେ ପାଣିକି ଗଲେ ଦେବୀ, କି ତଥାପି ଯାଇ ନାହାନ୍ତି, ଆଉ ଟିକକୁ ଯିବେ । ଭସାଣି ଦିନ ସମସ୍ତଙ୍କର ମଜା । ଏକା ସନାତନର ସେଦିନ ବଡ଼ ମନକଷ୍ଟ । ଦେବୀପୂଜାର ଗହଳ ଚହଳ ସରିଲା ବୋଲି ଯେତିକି ନୁହେଁ, ସେତିକି ତା' ନିଜ ପାଇଁ ।

ଗାୟକ ଗୀତ ଗାଏ । ବାଜାବାଲାଏ ବାଜା ବଜାନ୍ତି । ସେସବୁ ରେକର୍ଡିଂ ହୋଇ ରହେ । ପରେ ଶୁଣି ହୁଏ । ସେମିତି ଚିତ୍ରକରର ଚିତ୍ର ସାଇତା ହୋଇ ରହିପାରେ ଅନେକ ବର୍ଷ । ପଥରରେ ଗଢ଼ା ମୂର୍ତ୍ତି ତ ହଜାର ହଜାର ବର୍ଷ ଧରି ଖରା ବର୍ଷା ଶୀତ କାକର ଖାଇ ବି ସେମିତି ଶୋଭା ପାଉଥାଆନ୍ତି ମନ୍ଦିର କାନ୍ଥରେ । ମୂର୍ତ୍ତି କାରିଗରର ହିଁ ଦୁର୍ଭାଗ୍ୟ । ତା'ର ହାତଗଢ଼ା ମୂର୍ତ୍ତିକୁ ବିସର୍ଜି ଦିଆଯାଏ ଜଳରେ ।

ଯେଉଁ ବର୍ଷ ପ୍ରଥମ କରି ସନାତନର ହାତଗଢ଼ା ମୂର୍ତ୍ତି ପୂଜା ପାଇଲା, କି ଖୁସି ସନାତନର ! ଯିଏ ଯୋଉଠି ଦେଖୁଥାଏ, କହୁଥାଏ ଯେ ସନାତନ ବଢ଼ିଆ ମୂର୍ତ୍ତି ଗଢ଼ିଛି । ତା' ଛାତି ଖୁସିରେ କୁଣ୍ଢେମୋଟ ।

ପୁଣି ଭସାଣି ଦିନ ଯେତେବେଳେ ଦେବୀଙ୍କୁ ଗୌରୀଗଡ଼ାକୁ ନିଆଗଲା, ନିଜ ହାତଗଢ଼ା ପ୍ରତିମା ପାଣିରେ ମିଳେଇଯିବାର ଦୃଶ୍ୟ ଦେଖି ନ

ପାରି ସନାତନ ଏକମୁହାଁ ହୋଇ ଲେଉଟି ଆସିଥିଲା ଘରକୁ। ତା' ବାପ ଅଧା-ନରହରି, ମାନେ ଶରତ, ତା'ର କାନ୍ଦୁରା ମୁହଁ ଦେଖି ସବୁ ବୁଝିପାରିଥିଲା।

'ଭସାଣି ଦିନ ମାଟି କାରିଗର ଛାତିଫଟା ଦୁଃଖ ଭୋଗିବାଟା ଥୟ। କ'ଣ କରିବାରେ ବାବୁ, ଆମର କର୍ମଟା ସେଇ ଧରଣର। ଛାଡ଼, ମୋ କଥା ମାନିବୁ, ଆଉ କୋଉଦିନ ହେଲେ ଭସାଣି ଦେଖିବାକୁ ଯିବୁ ନାହିଁ। ତୁ କାରିଗର, ତୁ ଗଢ଼ିବା କଥା ଭାବ, ବାକି କଥା ଭୁଲିଯାଆ। ଯେତେବେଳେ ବି ନଦୀକୂଳରେ ଠିଆହେବୁ, ଭାବିବୁ ନଦୀରୁ ମାଟି ଉଠେଇବା କଥା, ମୂର୍ତ୍ତି ନିର୍ମାଣ କରିବାର କଥା, ଉତ୍ସବ ଆନନ୍ଦର କଥା। କାହିଁକି ମନଦୁଃଖ କରିବା ଯେ? ଦେବୀ ଯୋଉ ମାଟିକୁ ଗଲେ, ପୁଉଣି ସେଇ ମାଟିରେ ତିଆରି ହେବେ।'

ଏ ବର୍ଷ ବି ନଦୀରୁ ମାଟି ଉଠିଲା, ପ୍ରତିମା ଗଢ଼ାହେଲା। ଦେବୀ ପକ୍ଷର ସପ୍ତମୀ ତିଥି। ଚକ୍ଷୁଦାନ ଉତ୍ତାରୁ ସନାତନ ଦେବୀଙ୍କୁ ଚାହିଁଲା। କି ଅପରୂପା ଶୋଭା! ସନାତନର ଦୃଷ୍ଟି ଅପଲକ, କାକୁସ୍ଥ, କରୁଣ। ଦେବୀ ବି ଚାହିଁଲେ... ତାଙ୍କର ଦୃଷ୍ଟି ଗଭୀର, ଅନ୍ତର୍ଭେଦୀ, ରହସ୍ୟଘନ। କେଉଁ ଅଦୃଶ୍ୟ ବିନ୍ଦୁରେ ସନାତନର କୋହ ଆଉ ଦେବୀଙ୍କର ହସ ଏକାକାର ହୋଇଯିବା ଉତ୍ତାରୁ ହୋସ ଆସିଲା ତା'ର। ତା' ଆଖିରୁ ଧାରଧାର ହୋଇ ଲୁହ ବୋହିଯାଉଥାଏ। ନିଜର ରକ୍ତ ଜୁଡୁବୁଡୁ ହୃଦୟଟିକୁ ଯୋଡ଼ା ହାତପାପୁଲିରେ ଚାପି ଧରିଥାଏ ସେ। ତା'ର ଭାଙ୍ଗିପଡୁଥିବା ଆଣ୍ଠୁ ଭିତରେ ସେତେବେଳେ ସଂସାରଯାକର ଶୀତ। ହାତର ଆଙ୍ଗୁଳି ସବୁ ଥରୁଥାଆନ୍ତି ଠକ ଠକ।

'କୋଉଠି କ'ଣ ଅପ୍ରାଧ କଲି ମାଆ? କାହିଁକି ଊଣା କଲୁ କରୁଣା...? କାହିଁକି କୋପ କଲୁ ମୋ ପରି ଅକିଞ୍ଚନ ମଣିଷଟା ଉପରେ? କହିଲୁ, ମୁଁ କ'ଣ ତୋର ଅଭିଶାପକୁ ଭାଜନ? କରୁଣା କର ମା', ମାଟି କାରିଗର ମୁଁ, ମତେ ମାଟି ସାଥିରେ ରହିବାକୁ ଦେ।'

ମାଟି, ହଁ ମାଟି ଉଠାଯାଏ ପୂଜାର ମାସେ ଆଗରୁ। ଭାଦ୍ରବ ମାସରେ। କୃଷ୍ଣପକ୍ଷର ଅଷ୍ଟମୀ, ଶୁକ୍ଳପକ୍ଷର ଷଷ୍ଠୀ ନଚେତ୍ ନାଇଁ ଓଡ଼ିଆ ନବବର୍ଷ ସୁନିଆଁ ବା ବାମନଜନ୍ମ- ଯୋଉଟା କି ପ୍ରାୟ ଶୁକ୍ଳପକ୍ଷର ଏକାଦଶୀ ବା ଦ୍ୱାଦଶୀ ତିଥିରେ ପଡ଼େ। ଆବଶ୍ୟକତା ଓ ସୁବିଧା ହିସାବରେ ଏଇ ତିନୋଟି ଦିନ ଭିତରୁ ଗୋଟିଏ ଦିନରେ ମାଟି ଉଠାଯାଏ। ନଦୀମାଟି ସହିତ ମିଶେ ତ୍ରିଛକି ଓ ଚାରିଛକିର ମାଟି, ବେଶ୍ୟା ଦୁଆରର ମାଟି, ହାତୀଖୋଜର ମାଟି। ପୁଣି ବି ମିଶେ ବାରହା ତା'ର ଶିଙ୍ଗ ବା ଦାନ୍ତରେ ଖୋଳିଥିବା ବନମାଟି, ପର୍ବତ ଶିଖରର ମାଟି ଓ ଶାଆଁଳି ବା ବିଆଳି ଧାନ ଫଳିଥିବା ବିଲର ମାଟି।

ମାଟି... ମାଟି... ମାଟି...

ମାଟି ଦେହ ଧରି ମାଟି ଉପରକୁ ଅବତରି ଆସନ୍ତି ଜଗଜ୍ଜନନୀ। ପ୍ରତିଦିନ ଷୋଡ଼ଶ ଉପଚାରରେ ପୂଜା। ପ୍ରତିଦିନ ଚଣ୍ଡୀପାଠ, ଘଟ ପାଖରେ ଗବଗଛର କାଠି ଖଞ୍ଜି ତା' ଉପରେ ହାଣ୍ଡିଟିଏ ରଖାଯାଏ। ହାଣ୍ଡି ଭିତରେ ରଖାଯାଏ ଦର୍ପଣ। ଦର୍ପଣରେ ଦିଶୁଥିବା ମାଆଙ୍କର ପ୍ରତିବିମ୍ବକୁ ପୂଜା କରାଯାଏ। ଘଟକୁ ଗଅଁଠାଇ ଦିଆଯାଇଥାଏ ମାଆଙ୍କର ପ୍ରତିମା ସହିତ ଏକ ସୂତ୍ର... ନାଭିସୂତ୍ର। ଜଳଭରା ଘଟର ପୂଜା। ଘଟର ଜୀବନ ଏକାକାର ଦେବୀଙ୍କ ପ୍ରତିମା ସହିତ।

'ଘଟ ସହିତ ତୁ ଗଅଁଠା ହେଉ, ହେଲେ ମୁଁ ଯେ ଉଠିଲା ଦିନୁ ଗଅଁଠା ହୋଇଥାଏ ତୋ ସହିତ, ସେକଥା କେହି ଦେଖିପାରନ୍ତି ନାହିଁ। ଛାଡ଼, ଜଗତ କଥା... ତୁ ତ ନିଜେ ଦେଖିପାରିଲୁନି, ଏତେ ବଡ଼ ବଡ଼ ପଦ୍ମ ପାଖୁଡ଼ା ପରି ଆଖି ଖୋଲା ଥାଉ ଥାଉ।'

ବାଟ ଚାଲୁଥିବା ସହ ଗୁଣୁଗୁଣୁ ହେଉଥାଏ ସନାତନ। ସପ୍ତମୀ ତିଥିରେ ମୂର୍ତ୍ତି କାରିଗର ପୂଜା ମଣ୍ଡପରେ ରହିବାର ବିଧି। ଚକ୍ଷୁଦାନ ବିଧି ସରିବା ସହିତ କାରିଗରର କାମ ଶେଷହୁଏ। ନିଜ ହାତଗଢ଼ା ପ୍ରତିମାଠାରୁ ସେ ବିଦାୟ ମାଗେ।

'ମୋ କାମ ସରିଲା ଏବେ... ବଞ୍ଚିଥିଲେ ପୁଣି ଯାଇ ଆର ସାଲକୁ।'

ପୁଣି ଭାଦ୍ରବର ଭରା ନଈକୂଳରେ ନିର୍ମାଣର ଆୟୋଜନ ହେବ। ବ୍ରାହ୍ମଣ, ଯଜମାନ ହବନ... ଛଣ, କାଠ, ଅଖା, ଝୋଟ, ବାଉଁଶ ଇତ୍ୟାଦି ଅଣାଯିବ କାରୁଶାଳାକୁ, ରୂପ ଘେନିବେ ଦେବୀ। ପ୍ରତିମା ଗଢ଼ିବା ବେଳେ ଅନେକ ଥର ସନାତନକୁ ଲାଗିଛି ଯେ, ପ୍ରତିମା ନିର୍ମାଣର କଳାକୌଶଳ ସବୁ ଜାଣିଥିଲେ ବି, ସେସବୁ ଠିକବେଳେ କାମଦିଏନି। ନିଜ ଆୟତ୍ତରେ ପ୍ରତିଥର ନ ଥାଏ ନିର୍ମାତା। ଛଣବିଡ଼ାଟା ସିଧା କରୁକରୁ ତାହା ବାରମ୍ବାର କଟାଳ କରି ବଙ୍କେଇଯାଏ ଟିକିଏ କୋଣକୁ; ଅଣ୍ଟାକୁ ବାରମ୍ବାର ମାଟି ଥାପି ମୋଟା କଲାବେଳକୁ ମାଟିପିଣ୍ଡୁଳା ତଳକୁ ଖସିପଡୁଥିବ ହାତରୁ ଓ ସବାଶେଷକୁ ସିଂହକଟି ଧରି ଉଭାହେବେ ସିଂହବାହିନୀ। ପରେ ଚେତା ହେବ, ଅଜାଣତରେ ବିନା ପ୍ରୟାସରେ ଯାହା ଗଢ଼ାଗଲା, ସେଇଟା ହିଁ ଭଲ, ସର୍ବୋତ୍ତମ। ମାଟି, ପାଣି, ପବନ ଧରି କାମ; କିଏ ଟିକିଏ ବିଗିଡ଼ିଲେ ମୂର୍ତ୍ତି ହେଇଯିବ ବିରୂପ, ବ୍ୟାକରଣ କିଛି କାମ ଦେବନି। ଆଉ ଏମାନେ ବି କିଏ କୋଉ ବୋଲ ମାନିବା ଜନ୍ତୁ।

ସନାତନର ବାପା ଅଧା-ନରହରି ମାନେ ଶରତ କହେ, 'ମହିଷାମର୍ଦ୍ଦିନୀଙ୍କର ମୂର୍ତ୍ତି ତିଆରିବା ଖେଳଘର କାମ ନୁହେଁ ବାପ।

ଶ୍ରୀଚଣ୍ଡୀ ପୁରାଣରେ ଅଛି ପରା, ମାଆ ଜଣେ ନୁହଁନ୍ତି, ବହୁତ ଦେବତା ଅଛନ୍ତି ତାଙ୍କ ସାଙ୍ଗରେ। ନାରାୟଣଙ୍କ ତେଜରେ ଗଢ଼ା ତାଙ୍କର ମୁହଁ, ମହେଶ୍ୱରଙ୍କ ତେଜରେ ଗଢ଼ା ତାଙ୍କର ଦନ୍ତପନ୍ତି, ଅଗ୍ନିଦେବତାଙ୍କ ତେଜରେ ଗଢ଼ା ତାଙ୍କର ଦୁଇ ଆଖି, ଅଶ୍ୱିନୀ କୁମାରଙ୍କ ତେଜରେ ତାଙ୍କର ଅଣ୍ଟା, ତ୍ରିବଳୀ ଓ ନିତମ୍ବ। ସ୍ୱୟଂ ଅମ୍ବିକାଙ୍କର ତେଜରେ ତିଆରି ତାଙ୍କର ପାଦାଙ୍ଗୁଳି। ତୁ ସାନପିଲା, ତୁ ଏବେ ବୁଝିପାରିବୁ ନାହିଁ। ଓହୋଃ, ତତେ କହିଦେଉଛି କ'ଣ ମୁଁ, ମୁଁ ନିଜେ କୋଉ ବୁଝିପାରିଛି ଯେ ! ନକ୍ଷତ୍ରମାନଙ୍କ ତେଜରେ ଯାହା ଦେହର ଲୋମମାନ ତିଆରି, ଜିହ୍ୱାରେ ଯାହାଙ୍କର ଶରଦ ଚନ୍ଦ୍ରର ଆଲୋକ... କେଡ଼େ ଶୋଭାବନ୍ତ ସେଇ ଦେବୀ ! ମନେ ରଖିଥିବୁ ବାପା ଇଏ ସୁନ୍ଦରୀ ହେଲେ ବି ଭୟଙ୍କରୀ... କାଳସ୍ୱରୂପା। ଯାଙ୍କ ଗାଲରେ ମରଣର ଦେବତା ସ୍ୱୟଂ ଯମଙ୍କର ତେଜ, ତଳିପାରେ ଯାଙ୍କର ପୃଥ୍ୱୀକୁ ମୁଣ୍ଡେଇଥିବା ବାସୁକୀ ଓ ଅଷ୍ଟକୁଳନାଗ।'

ସନାତନର ମାଆ ଗରଗର ହୁଏ, ଏମିତିକା କଥାମାନ ତା' କାନରେ ପଡ଼ିଲେ। 'ସବୁଦିନ ଅଭ୍ୟାସ କଲେ ମୂର୍ତ୍ତି ଗଢ଼ିବା ଶିଖିଯିବ। ମୂର୍ତ୍ତି ଗଢ଼ିବାର ଯାହା ନିୟମ, ତାକୁ ସେତକ ଶିଖେଇଦିଅ। ସେ ତା' କଥା ବୁଝିବ। ତମେ ତାକୁ ଏତେ ଡରେଇଦେଲେ ସେ କାମ କରିବ କେମିତି ? ଏତେ ପ୍ରବଚନ ଶୁଣିଲେ, ଭୁଲ ନ ହେଉଥିଲେ ହେଇଯିବ ମଣିଷର। ମୋ ପିଲାର ପରା ମୁହଁ ଶୁଖିଗଲାଣି ତମ କଥା ଶୁଣୁଶୁଣୁ। ତମ ବୁଦ୍ଧିରେ ସତସତିକା ଅଂଶେଇ ପଶିଲାଣି।'

ସନାତନର ମାଆ ତା' ବାପର ତୃତୀୟ ପକ୍ଷର ସ୍ତ୍ରୀ। ପ୍ରଥମେ ତ ସେ କୁଆଡ଼େ ବାହାହେବାକୁ ମଙ୍ଗୁ ନ ଥିଲା ବହୁତ ବର୍ଷ ଯାଏଁ। ଡେରିରେ ବାହାହେଲା। ପ୍ରଥମ ସ୍ତ୍ରୀ ସାପକାମୁଡ଼ାରେ ମଲା, ବାହାଘର ମାସେ ପୂରି ନ ଥିଲା। ଦ୍ୱିତୀୟ ସ୍ତ୍ରୀ ଜଣେ ଟ୍ରକ୍ ଡ୍ରାଇଭର ସାଙ୍ଗରେ କୁଆଡ଼େ ପଳେଇଗଲା। ସାହିଭାଇ ଜୋର୍‌ଜବରଦସ୍ତ କରି ଗରିବ ଘରୁ ମାଆବାପ ଛେଉଣ୍ଡ ଝିଅଟେ ଆଣି ଛନ୍ଦିଦେଲେ କିଛି ମାସ ପରେ ଶରତ ସହିତ।

ନିଜ ମାଆ ଓ ବାପାଙ୍କ ଭିତରେ ରହିଥିବା ବୟସ, ବୁଦ୍ଧି ଆଉ ସ୍ୱାସ୍ଥ୍ୟର ତଫାତ୍‌ଟା ସନାତନର ଆଖିକୁ କାଟେ, ମରମକୁ ବି କାଟେ। ମାଆ ବାପାଙ୍କୁ ଯାହା ଇଚ୍ଛା ତାହା ବକିଗଲାବେଳେ ସେ ସେଥିପାଇଁ ତା' ମାଆକୁ ଦୋଷ ଦେଇପାରେ ନାହିଁ। କିନ୍ତୁ ଏ କଥା ସତ ଯେ ବାପାଙ୍କୁ ସେ ପ୍ରାଣଦେଇ ଭଲପାଏ। ସେ ଭଲକରି ଜାଣେ ଯେ, ତା' ବାପା ସାହିର କି ଆଖପାଖ ଗାଁର ଅନ୍ୟ ବନ୍ଧୁବାନ୍ଧବଙ୍କ ପରି ଅଳପ ବୁଦ୍ଧିର ମଣିଷ ନୁହେଁ। ବାପାର ଲୋଚାକୋଚା ଅନ୍ଧାରୁଆ ଦେହ ଭିତରେ ଢଳଢଳ ହେଉଛି ପୋଷେ ଉଷୁମ ସୂର୍ଯ୍ୟକିରଣ।

ଓଡ଼ିଶାର ବିଖ୍ୟାତ ପାଲାଗାୟକ ଗାୟକରତ୍ନ ନରହରି ମହାପାତ୍ରଙ୍କ ଘର ସନାତନର ପାଖ ଗାଁରେ। ଗାଁକୁ ଗାଁ ଲାଗିଛି। ମହାପାତ୍ରେ ପାଲା ଗାୟନର ଅଭ୍ୟାସ କଲାବେଳେ ସନାତନର ବାପ ସବୁବେଳେ ଶୁଣେ, ତାଙ୍କ ଦଳ ସାଙ୍ଗରେ ଛୋଟମୋଟ କାମ କରିଦେବାକୁ ଅଲଗା ଗାଁମାନଙ୍କୁ ଯାଏ, ହାତରେ କାମ ନ ଥିବାବେଳେ। ସବୁବେଳେ ନାନା କାବ୍ୟ ଓ ଶାସ୍ତ୍ରକଥାମାନ ଶୁଣିଶୁଣି ସେ ବହୁତ କଥା ମନେ ରଖିଦେଇଛି। କଥାକଥାକେ ସେ ନାନା ବିଧିବିଧାନ, ଶାସ୍ତ୍ରପୁରାଣ, ଠାକୁର ଠାକୁରାଣୀଙ୍କ କଥା କହେ। ସେଇଥିପାଇଁ ନିଜ ଗାଁର ଲୋକମାନେ ତାକୁ ଡାକନ୍ତି 'ଅଧା-ନରହରି'। ନିଜେ ନରହରି ବି ଜାଣନ୍ତି ଏକଥା ଆଉ କଉତୁକ କରି ଶରତକୁ ସେ ଡାକନ୍ତି ଅଧା-ସଙ୍ଗାତ। ଅଧା-ନରହରି ବା ଶରତ ଗପ ଶୁଣାଏ ଶିଶୁ ସନାତନକୁ। ପରୀକ୍ଷା କରେ ପୁଅର ସ୍ମରଣଶକ୍ତି ଓ ଶାସ୍ତ୍ର ଜ୍ଞାନ।

'ଜନ୍ମାଷ୍ଟମୀ ଦିନ କାହିଁକି ଦୁର୍ଗାଙ୍କର ପ୍ରତିମା ପାଇଁ ମାଟି ଉଠେ କହିଲୁ ?'

'କୃଷ୍ଣ ଦେବକୀ ମାତାଙ୍କ ଗର୍ଭରୁ ଜନ୍ମହେଲା ଦିନ ତାଙ୍କ ଭଉଣୀ ବିଜୁଳି କନ୍ୟା ବି ଜନ୍ମ ହୋଇଥିଲେ ମା' ଯଶୋଦାଙ୍କର ଗର୍ଭରୁ। ବିଜୁଳି କନ୍ୟା ହେଉଛନ୍ତି ଦୁର୍ଗା ମାଆଙ୍କର ଅନ୍ୟ ଏକ ରୂପ। ସେଇ ଦୁର୍ଗା ମା' ଏବେ ପୁଣିଥରେ ଜନ୍ମହେବେ, ମାଟିର ଦେହ ଧରି। ରହିବେ ଆମ କାରୁଶାଳାରେ... ସେଇଥିପାଇଁ।'

'ଆଉ ଷଷ୍ଠୀପୂଜା ଦିନ ?'

'ଷଷ୍ଠୀ ବି ମାଆ। ସମସ୍ତଙ୍କର ମାଆ। ସମସ୍ତଙ୍କୁ ସିଏ ଜନ୍ମଦିଅନ୍ତି; ସେଥିପାଇଁ।'

'ତୁ ମୋର ସୁନା ପୁଅ। ମୁଁ ଜାଣିଛି ତୁ ଦିନେ ଜଣେ ବଡ଼ କାରିଗର ହେବୁ। ତୁ ସବୁଦିନେ ଚଣ୍ଡୀ ସପ୍ତସତୀ ପଢ଼। ଦେବୀଙ୍କୁ ଡାକୁଥିଲେ ଦେବୀ ସୁଦୟା କରିବେ। ଅନ୍ୟମାନେ କିଛି ନ ବୁଝି କରୁଛନ୍ତି, ତୁ ଶାସ୍ତ୍ର ବୁଝି କରିବୁ। ଭଲପାଇ ଭକ୍ତି କରି ମନ-ମୂନ-ଚଇତନ ଏକାଠି କରି ପ୍ରତିମା ଗଢ଼ିବୁ।'

ମୁଖରା ହେଲେ ବି ଉଚିତ କଥା କହେ ସନାତନର ମାଆ। ନୂଆନୂଆ ପ୍ରଥମେପ୍ରଥମେ କାମ ଶିଖିବାବେଳେ ସନାତନ ବଙ୍କାତେଢ଼ା କରି ଗୁଡ଼ାଏ ଅଖଞ୍ଜ ଅବାଗ ପିତୁଳା ତିଆରି କରି ଥୋଇ ଦେଉଥିଲା। ସାଙ୍ଗସାଥୀ ଓ ସାହିଭାଇ ହସୁଥିଲେ ତା'ର ନିପାରିଲା ପଣରେ ଆମୋଦିତ ହୋଇ। ଅଧା-ନରହରିର ମୁହଁ ଆଶଙ୍କାରେ କଳା ପଡ଼ିଯାଉଥିଲା। ତା'ର କାକର ଟୋପା ପରି ଆଖି ଭିତରକୁ ନଇଁ ଆସୁଥିଲା ବୁନ୍ଦାଏ ବୁନ୍ଦାଏ ଅନ୍ଧାର ରାତି। ଏସବୁ ଭିତରେ କାନ୍ଦକାନ୍ଦ ଦିଶୁଥିବା ସନାତନକୁ ତା'ର ମାଆ ବୋଧ ଦେଉଥିଲା ଭିନ୍ନ ପ୍ରକାରର କଥା କହି।

'ଦେବତାମାନେ ତ ମଣିଷ ତିଆରି କରିଛନ୍ତି ଯେ, କେତେ ମଣିଷଙ୍କ ଚେହେରାରେ କେତେ ପ୍ରକାରର ଖୁଣ। କିଏ ଗେଡ଼ା, କିଏ ଚନ୍ଦା, କିଏ ଗ୍ରହଣଖଣ୍ଡିଆ, କିଏ ବଡ଼କାନିଆ, କିଏ ଚେପେଟାନାକିଆ, ପୁଣି ଚଉରାଅଶୀ ଟିପରେ ଗଢ଼ା ମଣିଷର ଦେହ ଭିତରେ କେତେ ରୋଗ ବଇରାଗ, ବ୍ୟାଧି, ବିକୃତି, ବାତ, ପିତ୍ତ, କଫ। ମଣିଷର ଭାଗ୍ୟଟିମାନଙ୍କରେ ପୁଣି କେତେ ଦୁଃଖ ଅନିଭୋଗ, କେତେ ହୀନିମାନ ଅପମାନ ଲେଖା। ଠାକୁର ହୋଇ ଯଦି ମଣିଷକୁ ଜାଣିଶୁଣି ଏତେ ନାରଖାର କରୁଛନ୍ତି, ତା'ହେଲେ ସାନ ପିଲାଟା ସେମାନଙ୍କୁ ଟିକେ ବଙ୍କାତେଢ଼ା କରି ଗଢ଼ିଦେଲା ତ କ'ଣଟା ଅସୁବିଧା ହେଇଗଲା ? ତୁ ପୁଅ ସବୁଦିନ ଗଢ଼େ, ମୁଁ ମାଟି ଆଣି ଦେବି। ବଢ଼ିଆ ଚିକ୍କଣ ପଟୁ ମାଟି। ଅଭ୍ୟାସ କଲେ ହାତ ଆପେ ଆପେ ପୋଖତ ହେଇଯିବ।'

ଅଧା-ନରହରି ହସେ। 'ତୁ ମାଟି ଆଣି ଦେବୁ ? ଓଦା ମାଟିର ଓଜନ କେତେ ଜାଣିଛୁ ? ଆଉ ହଁ, ତାକୁ ତୁ ଦେବୀଦେବତାଙ୍କ ଭୁଲ ଦେଖାଇ ସଣ୍ଢଣା ଶିଖାଇବାର ବୁଦ୍ଧି ଛାଡ଼। ଯାହାକୁ ଗଢ଼ିବ, ତାକୁ ଆଦର ସ୍ନେହ ନ କରିପାରିଲେ, ମାଟିରେ ତା'ର ରୂପ ଉତ୍ତାରିବ କେମିତି ?'

ପୁଅର ଦେହ ମୁହଁକୁ ତା'ପରେ ଆଉଁଶିଦେଇ ଅଧା-ନରହରି ବତାଇ ଦିଏ କାମ କରିବାର ବାଗ।

'ମନ ଥିର କର ପୁଅ। ମନ ଥିର ନ ରଖିପାରିଲେ କୋଉ ବି କାମ ସୁନ୍ଦର ହେବ ନାହିଁ। ବଙ୍କାତେଢ଼ାକୁ ସଜାଡ଼ି ଲାଭ ନାହିଁ। ପୂରା ଭାଙ୍ଗିଦେ, ମୂଳକୁ ଯାଆ, ମୂଳରୁ ଗଢ଼। ମାଟିକୁ ଭଲ ଭାବରେ ନ ଚକଟିଲେ ମାଟି ସରସା ହେବ ନାହିଁ, ସେଥିରୁ ଅଠା ଉକୁଟିବ। ପ୍ରତିମାମାନଙ୍କର ଦେହରେ ମୁହଁରେ ଫାଟ ପଡ଼ିଯିବ, ସୁକୁମାର ଦେହ ଦିଶିବ ଶିରାଭର୍ତ୍ତି। ପୁଣି କାମ କରିବାର କାଇଦା ବି ଶିଖିବାର ଅଛି। ଅନ୍ୟମାନେ କିଏ କେମିତି କାମ କରୁଛନ୍ତି ସେକଥା ବି ଲକ୍ଷ୍ୟ କରିବାର ଅଛି। ଜାଣିଛୁ, ଆଗରୁ କାରିଗରମାନେ ଗୋଟିଏ ବକ୍ତ ଅରୁଆ ଖାଇ ରହୁଥିଲେ, ଭଲ ମୂର୍ତ୍ତି ଗଢ଼ିବେ ବୋଲି କେତେ ନିଷ୍ଠାରେ, ଭକ୍ତିରେ ରହୁଥିଲେ। ମୂର୍ତ୍ତି ଗଢ଼ା ଶେଷହେବା ଯାଏଁ ସେମାନେ ଘରକୁ ବି ଆସୁ ନ ଥିଲେ, କାରୁଶାଳାରେ ରହୁଥିଲେ।'

'ମୁଁ ବି ସେମିତି କରିବି।'

ସନାତନର ମାଆ ଚିତ୍କାର କଲା, ଅଧା-ନରହରି କଥା ଶୁଣି:

- 'କୋଉ ପୁରୁଣା କାଳର କଥାଗୁଡ଼ାକ ଶିଖଉଛି ଏ ବୁଢ଼ା ମୋର କଅଁଳା ଛୁଆଟାକୁ। ମୋ ଛୁଆଟା କାହିଁକି ଦିନକୁ ବକତେ ଖାଇ ରହିବ ? ନିଜେ ତ ଦେହରେ ଯାଉନି କହି ଅରୁଆ ଛୁଉଁନି। ଯୁଗ ଯାଇ କୋଉଠି ପାଇଲାଣି। ଲୋକେ ଓଷାପର୍ବ ଦିନରେ ବି ଆଇଁଷଉଣ୍ଡର ମାନୁନାହାନ୍ତି। ମୂର୍ତ୍ତି ଗୋଟେ ଗଢ଼ିଦେଲେ କେତେ ଟଙ୍କା ଏମିତି ଓଜାଡ଼ି ପକେଇବେ କି କିଏ ?'

ବାପାର ମାଆର ବହୁତ କଳି ଲାଗିଲା ସେଦିନ। ପ୍ରାୟ ସବୁ ପରିସ୍ଥିତିରେ ଶାନ୍ତ ଓ ଅବିଚଳିତ ରହୁଥିବା ଶରତ ବହୁତ ପାଟିତୁଣ୍ଡ କଲା ସ୍ତ୍ରୀକୁ, ରୀତିମତ ଚିତ୍କାର। ସେଦିନ ରାତିରେ ଖାଇବା ଥାଳି ପାଖରେ ପିଢ଼ା ଉପରୁ ତଳକୁ ଗଡ଼ିପଡ଼ିଲା ଶରତ। ସେଇଦିନରୁ ତା'ର ଗୋଟିଏ ଅଙ୍ଗ ଅଚଳ।

ବାପାର ଏଭଳି ଅବସ୍ଥା ଯୋଗୁଁ କି କ'ଣ, ଭାଦ୍ରବ ମାସ ଆସିଲାରୁ ମାଆ ତା' ନିଜଆଡୁ ଶରତକୁ ମୂର୍ତ୍ତିଗଢ଼ା ଶେଷହେବା ଯାଏଁ ଅରୁଆ ଖାଇ କାରୁଶାଳାରେ ରହିବାକୁ କହିଥିଲା। ସେଇବର୍ଷଠାରୁ କଠୋର ନିୟମ ମାନି ସେ ଦୁର୍ଗାଙ୍କର ମୂର୍ତ୍ତି ଗଢ଼େ। କେବଳ ଦଶହରାରେ ଦୁର୍ଗା ମୂର୍ତ୍ତି ପାଇଁ; ବାକି ଅନ୍ୟ ସମୟରେ ଗଣେଶ, ସରସ୍ୱତୀ, କାଳୀ, ବାସନ୍ତୀ ଦୁର୍ଗା, ଗଜଲକ୍ଷ୍ମୀ ଇତ୍ୟାଦିଙ୍କର ମୂର୍ତ୍ତି ଗଢ଼ିଲା ବେଳେ ଅବଶ୍ୟ କିଛି ନିୟମ ମାନେ ନାହିଁ ସେ।

ସମୟକ୍ରମେ ସନାତନର ହାତ ପୋଖତ ହେଇଛି, ତା'ର ଉଭୟ ସୁନାମ ଏବଂ ରୋଜଗାର ବଢ଼ିଛି। ସାରା ବର୍ଷ ସେ ବ୍ୟସ୍ତଥାଏ। ଭୂମିରେ ମୁହଁମାଡ଼ି ତଳେ ପଡ଼ି ଯାଉଯାଉ ସନାତନ ନିଜକୁ ସମ୍ଭାଳିନେଲା। ଆଣ୍ଠୁର ଚକି ଭିତରେ ଘରକରି ରହିଛି ଗୋଟେ ଲମ୍ବା ନାହୁଡ଼ବାଲା କଙ୍କଡ଼ାବିଛା। ଥିବ ଥିବ, ଆଠ ଦିନରେ ଦଶ ଦିନରେ ଖେଞ୍ଚିଦେବ ତା' ନାହୁଡ଼ରେ। କଷ୍ଟ ହେବନି ବେଶି ସମୟ ସତ, ହେଲେ ଗୋଟାଏ ଦେଢ଼ଟା ମିନିଟ୍ ପାଇଁ ଲାଗିବ ସତେ ଯେମିତି ଆଣ୍ଠୁ ଫାଟି ସେଇପଟେ ପ୍ରାଣ ଛାଡ଼ିଯାଉଛି। କାଳେ କେତେବେଳେ ସେଇ କଷ୍ଟ ଫେରିଆସିବ, ସେଇ ଡରରେ ସେ ଆଜିକାଲି ବଡ଼ ସାବଧାନ ହୋଇ ବୁଲାଚଲା କରୁଛି।

ହାତ ଆଙ୍ଗୁଳି ସବୁ ସିର୍‌ସିର୍ କରୁଛି ଗତବର୍ଷରୁ। ପାଣି ବାଜିଲେ, ଓଦାହେଲେ ବେଶି କଷ୍ଟ। ସ୍ନାୟୁର ରୋଗ, ଚିକିତ୍ସା ଚାଲିଛି। ବଥା କିନ୍ତୁ କମିବାର ଲକ୍ଷଣ ଦିଶୁନି। ସେଥିପାଇଁ ଗତବର୍ଷରୁ ସେ ମୂର୍ତ୍ତି ଗଢ଼ିବା କମେଇ ଦେଇଛି। କିଏ କେଉଁଠାରୁ ପୂଜା ପାଇଁ ମୂର୍ତ୍ତିର ବହିନା ଦେବାକୁ ଆସିଲେ, ସେ ବହିନା ରଖିନି। ମିଛ କହିଛି ଯେ, 'ଏବେ କାମର ଭାରି ଭିଡ଼। ତମ ସମୟକୁ ପୂରା କରିପାରିବିନି। ମତେ ତମେ ଗାଳିଦେବ ସେତେବେଳେ। ବରଂ ଭଲ ଆଉ କାହାକୁ କୁହ।'

ଗାଁର ସାର୍ବଜନୀନ ଦୁର୍ଗାପୂଜା ବେଳକୁ କିନ୍ତୁ ସେ ମନା କରିପାରିଲା ନାହିଁ। ଓଦା ମାଟି ହାତରେ ବାଜିଲା ମାତ୍ରେ ଆଙ୍ଗୁଳିରେ, କଚଟିରେ, ଦେହର ଗଣ୍ଠିମାନଙ୍କରେ କଷ୍ଟ। ଦୋହଲିଲେ, ପାହାଚରେ

ଚଢ଼ାଉତରା ହେଲେ ଆଣ୍ଠୁରେ ବଥା । ସେଥିରେ ପୁଣି ଗୋଟିଏ ଥର ଅରୁଆ ଖାଇବ । ଡରିଡରି, ବଥା କାଟିବାକୁ କେତେ ଔଷଧ ଗିଳି ଗିଳି ସେ ଏଥର ମୂର୍ତ୍ତି ଗଢ଼ିବା କାମ ସାରିଛି, ସେଇ କଷ୍ଟର କଥା ସେ ଜାଣେ । ସେଇ ସମୟ ଭିତରେ ସେ ବୁଝିପାରିଛି ଯେ, ଏଇ ତା'ର ଶେଷଥର ମୂର୍ତ୍ତି ଗଢ଼ିବା । ଏଥର ତା' ହାତର ଆଙ୍ଗୁଳିସବୁ ଆହୁରି ବେଶି ଦୁର୍ବଳ ହେଇଯିବେ । ଓଦା ମାଟିକୁ ଚକଟିବା ଓ ଆକାର ଦେବା ଆଉ ସମ୍ଭବ ହେଇପାରିବନି ତା' ଦ୍ୱାରା ।

ଡାକ୍ତର ଅବଶ୍ୟ କହୁଛନ୍ତି ଯେ, ଏ ରୋଗ ନିଶ୍ଚୟ ଭଲ ହେବ । ତେବେ ବହୁତ ଦିନ, ଏମିତିକି ବହୁତ ବର୍ଷ ଲାଗିପାରେ । ଏଇ ରୋଗରେ ଦେହ ଦୁର୍ବଳ ଲାଗିଲେ ବି ଆୟୁଷ ହାନି ହେବ ନାହିଁ । ରୋଗୀର ପ୍ରାଣ ଉପରେ କୌଣସି ତୁରନ୍ତ ବିପଦ ନାହିଁ, କିନ୍ତୁ ମୂର୍ତ୍ତି ଯେତେବେଳେ ଗଢ଼ିହେବ ନାହିଁ, ତେଣିକି ଜୀବନ ଥିଲେ କେତେ ଗଲେ କେତେ । ଖାଉଥିବ, ପିଉଥିବ, ଯିବା ଆସିବା, କଥାବାର୍ତ୍ତା ସବୁ କରୁଥିବ; କିନ୍ତୁ ମାଟି ଚକଟିପାରୁ ନ ଥିବ, ପିତୁଳାଟିଏ ଗଢ଼ିପାରୁ ନ ଥିବ ନିଜ କଳ୍ପନାର ପଛେ ପଛେ ଯାଇ... ଏପରି ବଞ୍ଚିବା ଅପେକ୍ଷା ବରଂ ମରିଯିବା ଭଲ ।

ଧୀରେଧୀରେ ଚାଲିଚାଲି ଯାଇ ନଈ ତୁଠରେ ସନାତନ ପହଞ୍ଚିଲାବେଳକୁ ଶୋଭାଯାତ୍ରାରେ ଆସିଥିବା ଲୋକମାନେ ସମସ୍ତେ ଚାଲିଗଲେଣି । ଶୁନ୍‌ଶାନ୍ ଗୌରୀଗଡ଼ା । ଜହ୍ନ ଢଳିପଡ଼ିଲାଣି ପୂର୍ବ ଆକାଶରେ । ଚତୁର୍ଦ୍ଦଶୀର ଜହ୍ନ, ଆଉଟା ରୁପା ପରି ନଦୀଜଳ । ଗୌରୀଗଡ଼ାରେ ଓହ୍ଲେଇବା ଆଗରୁ ସନାତନକୁ କୁଦ ଉପରୁ ଦିଶିଗଲା- ଦେବୀପ୍ରତିମା ପାଣି ଭିତରେ ଭାସୁଛନ୍ତି; ସତେ ଯେମିତି ନିଜ ଇଚ୍ଛାରେ ନଦୀକୁ ଓହ୍ଲେଇ ସେ ଦେହ ପଖାଳୁଛନ୍ତି, ଗାଧୁଆପାଧୁଆ ସରିଲେ ଆପେ ପୁଣି ଫେରିଆସିବେ ପାହାଚ ଚଢ଼ି ।

ସନାତନ ପାଗଳ ପରି ଓହ୍ଲାଇଗଲା ଏକା ଥରକେ ଦି'ଟା ଲେଖାଏଁ ପାହାଚ ଡେଇଁଡେଇଁ ଜଳଧାର ଯାଏଁ । ଏଇ ତା'ର କଳା, କଳ୍ପନା । ଏଇ ତା'ର ହାତଗଢ଼ା ଦେବୀ ପ୍ରତିମା । ଏଇ ଶେଷତମ, ଏଇ ପ୍ରତିମା ପାଣିରେ ମିଳେଇଯିବା ସହିତ ଶେଷ ହୋଇଯିବ ସନାତନର କଳାକାରର ଅସ୍ତିତ୍ୱ । ସେ ହରେଇ ବସିବ ତା'ର ନିଜସ୍ୱ ପରିଚୟ ।

ନଦୀରେ ସାନସାନ ଢେଉ । ଢେଉର ଶୀର୍ଷରେ ଚୂନାଚୂନା କର୍ପୂର ଲିଭିଯିବା ଆଗରୁ ଦୀପ ଜୋର୍‌ରେ ଜଳିଉଠିଲା ପରି ଅସ୍ତଯିବା ଆଗରୁ ଶିଖା ଟେକିଛି ଜହ୍ନ । କୋଉଠି ନଦୀ ବନ୍ଧ ଉପରେ ମହକୁଛି ଗଙ୍ଗଶିଉଳି । ନଈ କୂଳେକୂଳେ ମାଇଲ୍ ମାଇଲ୍ ଧରି କାଶତଣ୍ଡୀର ବିସ୍ତାର । ପବନରେ ଗୋଟେ ବିଚିତ୍ର କାନ୍ଦଣାର ନିରବ ଲହର ।

ସନାତନକୁ ଜଣା ନାହିଁ, ସେ କେତେବେଳେ ଓହ୍ଲେଇପଡ଼ିଲା ନଦୀ ଭିତରକୁ । ଦେବୀ ଚାହିଁଛନ୍ତି ତାକୁ ପାଣି ଭିତରୁ । ଦେବୀଙ୍କର ଦୃଷ୍ଟି ଅପଲକ, ନିଷ୍ପନ୍ଦ, ରହସ୍ୟଘନ । ବିହ୍ୱଳ ସନାତନ ସେଇ ଦୃଷ୍ଟିର ମାୟାରେ ଟାଣିହୋଇ, ବିଭୋର ହୋଇ, ପାଣି ଭିତରକୁ ପଶିପଶି ଯାଉଛି । ନଦୀ ତା'ର ଶତ ସହସ୍ର ଆଙ୍ଗୁଳିରେ ଆଉଁଶି ଆଉଁଶି ପ୍ରତିମା ଦେହରୁ ଧୋଇଦେଉଛି ବନକ । ତାଙ୍କ ଆଖିରେ କାନରେ ଲୀଳା କରୁଛି ଛଳଛଳ ଜଳଭଉଁରି ।

ସନାତନ ଓହ୍ଲେଇଯାଉଛି ଗଭୀରକୁ, ଆହୁରି ଗଭୀରକୁ । ସେ ଠିକ ଜାଣିଛି ଯେ, ଆଉ ଟିକକୁ ଦେହ ମୁହଁ କିଛି ବି ନ ଥିବ ଦେବୀଙ୍କର । ତା' ପୂର୍ବରୁ, ସେ ଶେଷ ମୁହୂର୍ତ୍ତ ଯାଏଁ, ଆଖି ପୂରେଇ ଦେଖିନେବାକୁ ଚାହେଁ ନିଜର ପ୍ରତିମାକୁ । ସେଇ ପ୍ରତିମାର ଶୋଭାକୁ ନିଜର ସ୍ମୃତିରେ ଲେଖି ନେଇଯିବାକୁ ସେ ପ୍ରାଣପଣେ ଲୋଡ଼େ ।

ନିକାଞ୍ଚନ ନଈତୁଠ । ଅଧା ନିଦରେ ବିଳିବିଳେଇ ହୋଇ କେତେଟା ଚଢ଼େଇ ପୁଣିଥରେ ଶୋଇପଡ଼ିଲେ । ଏବେ ଶବ୍ଦ ବୋଲି କେବଳ ପାଣିର ଶବ୍ଦ, ପବନର ଶବ୍ଦ, ଅସ୍ତ ଯାଉଥିବା ଜହ୍ନ ଏବଂ ମିଳେଇ ଯାଉଥିବା ମୂର୍ତ୍ତିର କରୁଣ ରାଗିଣୀ । ସନାତନର ନିଜର ପ୍ରାଣ-ପବନ ଭୁଟ୍‌ଭୁଟ୍ କରୁଛି ଭଉଁରି ଭିତରେ, ତା'ର ପାଦତଳୁ ବାଲି ଖସିଗଲାଣି କେତେବେଳୁ । ଅସଜ ଆଣ୍ଠୁ, ଦରଜ ଭର୍ତ୍ତି ହାତର ଖୁଆ । ପହଁରି ପହଁରି କୂଳକୁ ଫେରିବା ଆଉ ସମ୍ଭବ ନୁହେଁ ତା' ପାଇଁ । ସନାତନର ଲୁହରେ ଉଷୁମ ହେଇଗଲା ଅରାଏ ନଈପାଣି । ଦେବୀଙ୍କର ପଦ୍ମ ପାଖୁଡ଼ା ପରି ଆଖିର ଚିତ୍ରକୁ ସନାତନ ଜାକିଧରିଲା ନିଜ ଆଖିରେ ଓ ଆଖି ବନ୍ଦ କରିଦେଲା । ତା' ପରେ ପରେ ତା'ର ଚେତା ବୁଡ଼ିଗଲା ।

ଚେତା ଫେରିବା ବେଳକୁ ସନାତନ ପଡ଼ିଛି ନଈଧାରରେ; ମୁଣ୍ଡରୁ ଅଣ୍ଟାଯାଏଁ ମାଟିରେ, ଗୋଡ଼ ଦିଇଟି ପାଣିକୁ ଲାଗି ଓଦାରେ । ସୂର୍ଯ୍ୟ ଉଦୟ ହେବାକୁ ପ୍ରସ୍ତୁତ । ଆକାଶ ଫାଟିପଡୁଛି ଫଟା କ୍ଷୀର ପରି । ହଜାରେ ପ୍ରକାରର ନାଲି ରଙ୍ଗ ଜମାଟ ବାନ୍ଧିଛି ପଟାପଟା ହୋଇ, ଏଠି ସେଠି । ଚଢ଼େଇଙ୍କର କିଚିରିମିଚିରି ଶୁଣାଯାଉଛି; ପାଖରୁ ଯେତିକି ଦୂରରୁ ଆହୁରି ବେଶି ।

ବିମୂଢ଼, ବିସ୍ମିତ ସନାତନ ଆଶ୍ଚର୍ଯ୍ୟ ହେଲା, ଚକିତ ହେଲା ।

ପାଣି ଭିତରୁ କିଏ ତାକୁ ତୋଳି ଆଣିଛି ଶୁଖିଲାକୁ ? ଜଡ଼ ପଦାର୍ଥଟେ ପରି ମାଟିରେ ଓ ପାଣିରେ ପଡ଼ିରହିଥିବା ସନାତନ ତା'ର ସମସ୍ତ ପ୍ରାଣଶକ୍ତିକୁ ଏକାଠି କରି ମନେ ପକାଇବାକୁ ଚେଷ୍ଟା କଲା, ଚେତା ହରାଇ ସମ୍ପୂର୍ଣ୍ଣ ଅନ୍ଧାର ଭିତରେ ହଜିଯିବା ପୂର୍ବରୁ କ'ଣସବୁ ଘଟିଥିଲା ତା' ସହିତ ।

ଚନ୍ଦ୍ର ଆଲୁଅ ପୋଛିହୋଇ ସାରିଥିଲା କାଶତଣ୍ଡୀର ଚଅଁର ଦେହରୁ । କେମିତି ଗୋଟେ ପାଣିଚିଆ ଅନ୍ଧାର ଘୋଟି ରହିଥିଲା ଦଶ ଦିଶ । ସେଇ ଅନ୍ଧାର ଭିତରେ ଶୁଭିଥିଲା କାହାର କାଚଚୁଡ଼ିର ଛମ୍ ଛମ୍ ଶବ୍ଦ । କିଏ ଜଣେ ଶାଢ଼ିଟିଏ ପକାଇ ଦେଇଥିଲେ ତା' ଉପରକୁ । ଖୁବ୍ ସମ୍ଭବ ସେଇଟା ତାଙ୍କର ପିନ୍ଧାଲୁଗା, କିନ୍ତୁ ସେଇ ପାଣିଚିଆ ଅନ୍ଧାର ଓ କଳକଳ ପାଣିର ଶବ୍ଦ ଓ ଭଉଁରିର ଭିଡ଼ାଓଟରା ଭିତରେ ତା' ମୁଣ୍ଡ କିଛି କାମ କରୁ ନ ଥିଲା ।

ସ୍ତ୍ରୀଲୋକ ଜଣକ ଡାକ ପକେଇଥିଲେ, 'କାରିଗର ପୁଅ, ଲୁଗାଟା ଧର, ଆରେ ଧର ଜୋର୍‌କରି ।' ଜୀବନ ବଞ୍ଚେଇବାର ଅପୂର୍ବ ବ୍ୟାକୁଳତାରେ ସନାତନ ନିଜର ସବୁ ବଳ ଖଟେଇ ଶାଢ଼ିଟାକୁ ମୁଠେଇ ଧରିଥିଲା । ମଝିବୟସର ଲାଗୁଥିବା ସେଇ ସ୍ତ୍ରୀଲୋକ ଜଣକ ଶାଢ଼ିର ଆରମୁଣ୍ଡଟା ଧରି ତାକୁ ଟାଣିଟାଣି କୂଳକୁ ନେଇ ଆସିଛନ୍ତି ନିଶ୍ଚୟ । କେଜାଣି ଠିକ୍‌ଠିକ୍ କିଛି ମନେପଡୁନି । ପିତଳ ଗରାଟାଏ କିନ୍ତୁ ଥୁଆ ହୋଇଥିଲା ତୁଠ ପାହାଚରେ । ପାହାନ୍ତା ପାହାନ୍ତା କିଏ ଗାଧୋଇବାକୁ ଓ ପାଣି ନେବାକୁ ଆସିଥିଲେ ।

ସନାତନ ଜମା ମନେପକାଇ ପାରୁ ନ ଥିଲା ସେଇ ସ୍ତ୍ରୀଲୋକଟିର ମୁହଁ । ସେ କ'ଣ ଏଇ ଗାଁର, ନା ଭସାଣି ଦେଖିବାକୁ କୁଣିଆ ଆସିଛନ୍ତି କେଉଁ ପାଖ ଗାଁରୁ ଏ ଗାଁର କାହା ଘରକୁ ? ସିଏ ନିଜେ ଚିହ୍ନା ନ ଦେଲେ, ସନାତନ ତାଙ୍କୁ ଆଉ ଥରେ କୋଉଠି ଦେଖିଲେ ଯେ ଚିହ୍ନିପାରିବ, ସେ ବିଶ୍ୱାସ ସେ ଖୋଜି ପାଉ ନ ଥିଲା ନିଜ ଭିତରେ ।

'କିଏ ତମେ ମା, ମତେ ଜୀବନଦାନ ଦେଲ ଆଉ ହଜିଗଲ ଏଇ ଆଲୁଅ ଭିତରେ ?' କୋଉଠି ଥିଲା, କୁନି ଚଢ଼େଇଟିଏ ଉଡ଼ିଉଡ଼ି ଆସି ବସିଗଲା ସନାତନର ନାଭି ଉପରେ । ତା'ର ନିମକାଠି ପରି ସରୁସରୁ ପାଦ ଆଉ ଚଞ୍ଚୁ ବାଜି ସିର୍‌ସିର୍ ହେଇଗଲା ସନାତନର ଦେହ ।

ସନାତନ ଚମକିଉଠିଲା ଗୋଟେ ବିଚିତ୍ର ଏବଂ ଅନନୁଭୂତ ଆହ୍ଲାଦରେ । ଆହା, ଏ କି କଥା ! ସନାତନ ଚଢ଼େଇକୁ ଦେଖିବ ବୋଲି ମୁଣ୍ଡ ଉଠେଇଲାବେଳକୁ ଦେଖିଲା ଯେ, ତା' ହାତରେ ଗୁଡ଼େଇ ହେଇ ରହିଛି ହାତେ ଲମ୍ବର ଖଣ୍ଡେ ନାଲି ସାଲୁକନା ! ସେ ଧଡ଼ପଡ଼ ହୋଇ ଉଠି ବସିଲା । ଏବେ ତା'ର ଆଙ୍ଗୁଳି ସବୁରେ ଆଉ ଦରଜ ନାହିଁ । ଆଣ୍ଠୁର ଚକି ଭିତରୁ ଉଭେଇଯାଇଛି କଙ୍କଡ଼ାବିଛା । ସନାତନକୁ ଲାଗୁଥିଲା, ଶେଷ ଆଶ୍ୱିନରେ ସୁନାଧାରା ପରି ଦିଶୁଥିବା ନଦୀର କୂଳରୁ ଏଇ ସାଙ୍ଗେ ସାଙ୍ଗେ ସେ ମାଟି ଉଠେଇପାରିବ; ସେଇ ମାଟି, ଯୋଉ ମାଟିକୁ ଚକଟି ଚକଟି ସେ କୋମଳ କରିଦିଏ, ଯୋଉ ମାଟିରେ ସେ ନିର୍ମାଣ କରେ କମନୀୟ ପ୍ରତିମାମାନ ।

ଚିରଶ୍ରୀ ଇନ୍ଦ୍ରସିଂ ଓଡ଼ିଆ ସାହିତ୍ୟ ଜଗତର ଜଣେ ବିଶିଷ୍ଟ ସାହିତ୍ୟିକା । ଗଳ୍ପ ରଚନା ସହ ଉପନ୍ୟାସ ଓ କବିତା ରଚନା କ୍ଷେତ୍ରରେ ତାଙ୍କର ଅପାର ପାରଦର୍ଶିତା ରହିଛି । ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ସମେତ ଅନେକ ସମ୍ମାନଜନକ ପୁରସ୍କାର ସହ ବିପୁଳ ପାଠକୀୟତାର ଅଧିକାରିଣୀ । ବାଣୀବିହାର ରାଜନୀତି ବିଜ୍ଞାନ ବିଭାଗର ୧୯୮୭-୧୯୮୯ ବ୍ୟାଚ୍ ଛାତ୍ରୀ ଶ୍ରୀମତୀ ଇନ୍ଦ୍ରସିଂ ଏବେ କଟକ ଜିଲ୍ଲା କସରଦାସ୍ଥିତ ଦୋଳଗୋବିନ୍ଦ ବ୍ରଜକିଶୋର ମହାବିଦ୍ୟାଳୟର ଅଧକ୍ଷା ଅଛନ୍ତି ।



ଶୈବାଳ ସାଗରରେ ଭାସୁଭାସୁ ତମେ କେବେ ସାପୁଆ ନଈରେ ବୁଡ଼ିଯିବାର ଆତୁରତା ଅନୁଭବ କରିଛ ମାନୁ ?

ହେମନ୍ତ କୁମାର ଘୋଷାଲ

ତମ ଗାଁକୁ ଲମ୍ବିଥିବା ରାସ୍ତାଟାରେ
ସବୁଦିନ ଚାଲେ,
ଯଦିଓ ଅନେକ ଦିନ ହେଲା ତମେ ଗଲଣି,
ଆଉ ଫେରିବାର ନାହିଁ
ତମରି ଗାଁକୁ !

(୧)

କେଉଁକାଲୁ ନିଖୋଜ ହେଇଛି ଦେଖ କ୍ୟାମ୍ପସ ଆକାଶରେ ଉଇଁଥିବା ଜହ୍ନ। ଟାଉନ୍ ବସ୍‌ରୁ ଓହ୍ଲେଇ ତା' ଆଡ଼କୁ ଆସୁଥିବା ମାନୁ ଦାସକୁ ଚିହ୍ନି ପାରିଲା ହେମନ୍ତ ଘୋଷାଲ୍। କୌଣସି ପ୍ରତିକ୍ରିୟା ନଥିଲା ତା' ମନରେ କି ଶରୀରରେ। ଠିକ୍ ଆଗଭଳି ପୋଷ୍ଟ ଅଫିସ୍ ସାମନାରେ ଚାଖୁଣ୍ଡା ଗଛଟାରେ ଆଉଜି ଠିଆହୋଇଛି। ଅଧଘଣ୍ଟା ଆଗରୁ ପୋଷ୍ଟ ପିଅନଟାକୁ ଜଗିଛି ସେ ସେମିତି ସେଠି। ବହୁତ ଦିନ ତଳର କଥା ହୋଇଥିଲେ, ନିଶ୍ଚିତ ହେମନ୍ତ ଘୋଷାଲ୍ ପକେଟ୍‌ରେ ଦି'ହାତ ପୂରେଇ ଟାଉନ୍ ବସ୍ ଯାଏଁ ମାଡ଼ି ଯାଇଥାନ୍ତା ତା' ପାଖକୁ। କିଛିଦୂରରୁ ଏହାକୁ ଦେଖିପାରି ଆଶ୍ଚର୍ଯ୍ୟ ହେବା ସାଥେସାଥେ ଓଠରେ ହସ ରଖି, ଆଶ୍ଚର୍ଯ୍ୟର ନମସ୍କାରଟିଏ ଦେଲା ମାନୁ ଦାସ୍ ହେମନ୍ତ ଘୋଷାଲକୁ। ପାଖକୁ ପହଞ୍ଚି ଆଶ୍ଚର୍ଯ୍ୟରେ ପ୍ରଥମ ପ୍ରଶ୍ନ କରି ଥିଲା ମାନୁ ଦାସ୍, "ତମେ ଏଠି ?"

"ଆଉ କୋଉଠି ଥାଆନ୍ତି କି? ତମେ ଆଉ କୋଉଠି ଅଛ କି? ସମସ୍ତେ ଗୋଟିଏ ଜାଗାରେ।"

ଉତ୍ତର ଶୁଣି ଆଶ୍ଚର୍ଯ୍ୟ ହୋଇ ଚାହିଁଲା ମାନୁ, ହେମନ୍ତକୁ।

"ତମେ ରାଉରକେଲା କି ପଣ୍ଡିଚେରୀ କି କଟକ ଅବା ସିଙ୍ଗାପୁରରେ ରହୁଥିବ, ଆଉ ମୁଁ ୟୁନିଭର୍ସିଟି କ୍ୟାମ୍ପସ୍‌ରେ। ଏହି ପୃଥିବୀଟା ଲମ୍ବିଛି ସବୁଠିକି। ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ।"

ଏକ ଅସ୍ୱାଭାବିକ, ଶିଷ୍ଟାଚାର ବିହୀନ, କୃତ୍ରିମ ବାତାବରଣଟିଏ ସୃଷ୍ଟି କରି ହେମନ୍ତ ଘୋଷାଲ୍ ମାନୁ ଦାସ୍‌କୁ ଚାହିଁଲା। ଆସ୍ତେଆସ୍ତେ ସ୍ୱାଭାବିକତା ମଧ୍ୟକୁ ଫେରେଇ ଆଣିବାକୁ ଚେଷ୍ଟା କରୁଥିଲା ହେମନ୍ତ ଘୋଷାଲ୍ ନିଜକୁ। ଜାଣିପାରୁଥିଲା ଦୀର୍ଘ ସାତବର୍ଷ ପରେ ଦେଖା ହୋଇଥିବା ତା'ର, ନିଜର ମାନୁକୁ ଏପରି ଉତ୍ତର ଦେବାର ନଥିଲା। କିନ୍ତୁ ତା' ମୁହଁରୁ ଏସବୁ ବାହାରି ପଡ଼ିଥିଲା ଯେପରି ନିଜର ଅନିଚ୍ଛା ସତ୍ତ୍ୱେ। ସାତବର୍ଷ ତଳେ ମାନୁ ଘରୁ ସେଦିନ ଶେଷପ୍ରଶ୍ନ ପଚାରି ଫେରିଆସିଲା ପରେ, ଏଇଟା ତା'ର ପ୍ରଥମ ଦେଖା ତା' ସହ। ଶାଗୁଆ ପାହାଡ଼ ଭିତରେ ଲାଭାଗୁଡ଼ାକ ଦିନେ ବିସ୍ଫୋରଣ ହୋଇ ବାହାରି ପଡ଼ିବ ତା' ସେ ଜାଣିଥିଲା, ମନେମନେ ଖୁସି ହେଉଥିଲା। ବିସ୍ଫୋରଣ ତ ସ୍ୱାଭାବିକ୍ ଥିଲା। ହେଲେ ସେ ଲାଭାର ଛିଟିକାରେ ମାନୁ ଦାସ ପୋଡ଼ିଯାଇନି। କାରଣ ଏ ଭିତରେ ଅନେକ ଭାବିଥିଲା। ମାନୁ ଦେଖାହେଲେ ତା' ତର୍ଣ୍ଣି ଚିପିଦେବ, ତା' ଚରିତ୍ର ଲୁଟିବ, ତାକୁ ଅପମାନ ଦେବ ଇତ୍ୟାଦି ଇତ୍ୟାଦି ଅନେକ।

କିଛି ସମୟ ବିତିଗଲା ନୀରବତାରେ। ଦେଖିଲା ହେମନ୍ତ ଘୋଷାଲ୍, ଆଉ ଏକ ଗଛକୁ ଆଉଜି ଠିଆ ହୋଇଛି ସେମିତି ଚୁପଚାପ୍ ମାନୁ। ସେଦିନ ହେଇଥିଲେ ହସିହସି କହିଥାଆନ୍ତା ଆରମ୍ଭ ହେଲା ପାଗଳାମୀ। ରଖ ତମ ଦର୍ଶନ। ବାସ୍ତବତାକୁ ଆସ। ମାନୁ ଦାସ୍‌କୁ ଚାହିଁଲା କିଛି ପଚାରିବାର ଚାହାଣୀରେ। ବୁଝିପାରିଲା କି କ'ଣ ମାନୁ, କହିଥିଲା, "ନଣନ୍ଦର ଏମ୍.ଏସ୍.ସି ସିଲେକ୍ସନ୍‌ଟା ହେଇଛି କି ନାହିଁ ବୁଝିବାକୁ ଆସିଥିଲି।"

"ଚାଲ ଯିବା", କହି ହେମନ୍ତ ଘୋଷାଲ୍ ଚାଲିବା ଆରମ୍ଭ କଲା।

"କ୍ୟାଣ୍ଟିନ୍‌କୁ ଯିବା ଚାଲ,"ମାନୁ କହିଥିଲା।

"କୋଉ କ୍ୟାଣ୍ଟିନ୍ ?"

"ସେହି ଆମ ଡିପାର୍ଟମେଣ୍ଟରସାମ୍ନା କ୍ୟାଣ୍ଟିନ୍‌ଟା।"

"ସେଇଟା ବନ୍ଦ ହୋଇଗଲାଣି।"

"କାହିଁକି ?"

"ସବୁ ବନ୍ଦ ହେବାର କିଛିଗୋଟାଏ କାରଣ ନଥାଏ ମାନୁ !"

"ମାନେ ?" ପଚାରିଥିଲା ମାନୁ।

"ଏମିତି ଅନେକ କଥା ଅଛି, ଅନେକ ଘଟଣା ଅଛି, ଯାହା ଏମିତି ଅଚାନକ ବନ୍ଦ ହେଇଯାଆନ୍ତି ଯେ, ଯାହା ଅନେକ ଶୀତ, ଅନେକ ବର୍ଷା, ଅନେକ ସକାଳ, ଅନେକ ରାତି ବିତିଗଲା ପରେ ବି ଜଣାପଡ଼େନି ତା'ର ବନ୍ଦ ହେବାର କାରଣ। ସତେ ଯେମିତି ତାହା ଏକ ମିଷ୍ଟିକ୍। ଏକ ରହସ୍ୟବୋଧ ଭିତରେ ଅନେକ ଯୁଗ ଯାଏଁ ପଡ଼ିରହିଥାଏ। କୁଆଁକୁଆଁ ସ୍ୱରରୁ ଦାଢ଼ି ବଢ଼ିଯାଏ, ଛଅଖଣ୍ଡ କାଠ ଲାଗିଯାଏ। ଅଥଚ ଜଣାପଡ଼େନି ସେଇଟା ବନ୍ଦ ହେଇଥିଲା କାହିଁକି। ଏହି ଯେମିତି..."..

ହେମନ୍ତ ଘୋଷାଲ ନୀରବ ରହିଗଲା। କହିବାକୁ ଉଚିତ ମନେ କଲାନି। ସେ କ୍ୟାଣ୍ଟିନ୍‌ରେ ତମେ ଓ ମୁଁ ସାତବର୍ଷ ତଳେ ଏକାଠି ବସି ଖାଇବାଟାକୁ ତମେ ହଠାତ୍ କାହିଁକି ବନ୍ଦ କରିଦେଲ, ତା'ର କାରଣ ମୁଁ ଆଜି ପର୍ଯ୍ୟନ୍ତ ଜାଣିପାରିନି। କେତେ ପଚାରିଛି ତମକୁ ମୋ ସହ କ୍ୟାଣ୍ଟିନ୍‌ରେ ବସି ଖାଇବନି କାହିଁକି ? ସେଠାକାର ଛେନାପୋଡ଼ ଭଲ ନୁହେଁ? ଚାମୁଚ୍‌ରେ କଳଙ୍କ ଲାଗିଛି ? ପାଣିଟା ହାଇଜିନିକ ନୁହେଁ? ସବୁଥିରେ ତମେ ମୁଣ୍ଡ ଟୁଙ୍ଗାରିଲ, ଅଥଚ ତମର ବନ୍ଦ ହେବାର କାରଣ କହିଲନି। ମିଷ୍ଟିକ୍ ଯେମିତି ତାହା।

ହେମନ୍ତ ଘୋଷାଲ୍‌ର ଉତ୍ତରରେ କି କଥା ଅଧା ରଖି ଅଟକିଯିବାରେ କୌଣସି ପ୍ରତିକ୍ରିୟା ନଦେଖେଇ ମାନୁ କହିଲା, "ତେବେ ଚାଲ ସେପଟ କ୍ୟାଣ୍ଟିନ୍‌କୁ ଯିବା।"

ଦୁହେଁ ଚାଲିଲେ। ରାସ୍ତାରେ ଚାଲୁଚାଲୁ ମାନୁ ପଚାରିଲା,

"କ'ଣ ରିସର୍ଚ୍ଚ କାମ ଶେଷ ହେଇନି ?"

"ଶେଷ ହେଇନି ନୁହେଁ, ମୁଁ ଜାଣିଜାଣି ଶେଷ କରିନି"- ହେମନ୍ତ ଘୋଷାଲ କହିଥିଲା।

"କାହିଁକି ?" ଆଶ୍ଚର୍ଯ୍ୟର ଚିହ୍ନ ମାନୁ ଦାସ୍‌ର ମୁଖମଣ୍ଡଳରେ।

"ରିସର୍ଚ୍ଚଟା ଶେଷକରି କ'ଣ କରିଥାନ୍ତି ! କ'ଣ ବା ଅଧିକ ଗୁଡ଼ାଏ ହେଇଥାନ୍ତା ରିସର୍ଚ୍ଚଟା ଶେଷ ହୋଇ। ଡକ୍ଟରେଟ୍‌ଟିଏ ପାଇଥାଆନ୍ତି, ତା'ପରେ ସିଲେକ୍‌ସନ୍ ବୋର୍ଡ କି ପି.ଏସ୍.ସି. କନ୍‌ଫର୍ମ କରି ଲେକ୍‌ଚରର ଚାକିରିଟିଏ ନତୁବା କୋଉ କମ୍ପାନି କି ସରକାରୀ ସଂସ୍ଥାରେ କେମିଷ୍ଟଟିଏ କି ବୈଜ୍ଞାନିକଟିଏ। ନତୁବା ଯଦି ମୋର ରିସର୍ଚ୍ଚଟା ପୃଥିବୀ ବିଖ୍ୟାତ ହେଲା ରସାୟନ ବିଜ୍ଞାନରେ ନୋବେଲ ପ୍ରାଇଜ୍‌ଟିଏ। ତା'ପରେ ? ଗୁଡ଼ାଏ ଦ୍ୱନ୍ଦ୍ୱ। ଗୁଡ଼ାଏ ଶୂନ୍ୟତା। ଉପଲବ୍ଧିର ଅନ୍ୱେଷଣ ହିଁ ଭଲ ମାନୁ। କାରଣ ଉପଲବ୍ଧି ହେଇଗଲା ପରେ ଗୁଡ଼ାଏ ଏନ୍‌କାଉଣ୍ଟର ସେଠି। ଖଣ୍ଡଯୁଦ୍ଧ। ଗୁଡ଼ାଏ ଯୁକ୍ତିତର୍କ। ନ ପହଁଚି ପାରି ଦରାଣ୍ଡି ହେଉଥିବା ସମୟକୁ ଫେରିଯିବାକୁ ହୁଏ ଏକ ପାଗଳାମୀ ଇଚ୍ଛା। ଏଇଟା ସରଳରେଖା ମାନୁ, ବୃତ୍ତ ନୁହେଁ। ସରଳରେଖାର ଶେଷ ସୀମାରେ ପହଞ୍ଚିସାରି ପଛକୁ ବୁଲିପଡ଼ି ଫେରିବାଟା ଯେତିକି ଯନ୍ତ୍ରଣାଦାୟକ, ସରଳରେଖାର ଶେଷ ସୀମାରେ ଠିଆହେଇ ରହିବା ସେତିକି ବିଡ଼ମ୍ବନା ବି। ଏଇ କଥା ତ.....।"

ହେମନ୍ତ ଘୋଷାଲ୍ ଅଧା ରଖିଦେଲା କଥାଟା। ସେ କହିବାକୁ ଠିକ ମନେ କଲାନି, ଏଇଟା ତ ତମ ଫିଲୋସୋଫି ମାନୁ। ସେଦିନ ତମ ଘରେ ତମ ବାପାମାଆଙ୍କ ସାମନାରେ ମୋର ପ୍ରଶ୍ନର ଉତ୍ତର ଦେଇନଥିଲ ମୁହଁ ଖୋଲି। ଅଥଚ ନୀରବତା ଭିତରେ ଜୀବନର ସବୁଯାକ ନିଗୂଢ଼ ଓ ଭୟଙ୍କର ସତ୍ୟଗୁଡ଼ାକ କହିଦେଲା ଭଳି ତମେ ଚୁପ୍ ରହି ଯେମିତି କହିଲ, ହେମନ୍ତ ଘୋଷାଲ୍ ବ୍ୟସ୍ତ ହବନି। ଲକ୍ଷ୍ୟ ନେଇ ବଂଚିବାଟା ହିଁ ପରମ ସୁଖ। ଲକ୍ଷ୍ୟ ହାସଲ ମାନେ ଗୁଡ଼ାଏ ଭୁଲ୍ ବୁଝାମଣା ଓ ଉଦାସୀନତା। ବୁଦ୍ଧଦେବ ଏକଦମ୍ ଭୁଲ୍ ଏଠି।

ନୀରବ ରହି କିଛିସମୟ ହେମନ୍ତ ଘୋଷାଲ୍ କହିଥିଲା, "ଏହା ବି ସତ ରିସର୍ଚ୍ଚ କରିବାଟା ଏକ 'ବାହାନା'। ବଞ୍ଚିବାର ଖୋରାକ୍। ମଣିଷଟାକୁ ଏଠି ତିଷ୍ଠି ରହିବାକୁ ହେଲେ ଗୋଟିଏ ବାହାନା ପଛରେ ଧାଇଁବାକୁ ପଡ଼ିବ। ପିଲାଛୁଆ, ସ୍ୱାମୀସ୍ତ୍ରୀ, କି ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଲେଖକ, ବୈଜ୍ଞାନିକ ଯେ କେଉଁ ଗୋଟିଏ ବାହାନା ପଛରେ ଧାଇଁବା ହିଁ ମଣିଷର ବଞ୍ଚିବାର ଅନ୍ୟନାମ।"

ମାନୁ ଦାସ୍ ଏତେସମୟ ନୀରବ ହେଇ ଶୁଣୁଥିଲା, ଏଥର ମୁହଁ ଖୋଲି କହିଥିଲା, "ବାହାନା ନେଇ ବଞ୍ଚିବାର ମାନେନୁହେଁ ଯେ, ଗୋଟିଏ ବାହାନା ପଛରେ ସବୁଦିନ ଧାଇଁବା ! ବାହାନାର ବି ପରିବର୍ତ୍ତନ ହୋଇପାରେ।"

"ହଁ ତାହା ତ ଠିକ୍। ଆମେ ତ ଆଉ ସକ୍ରେଟିସ୍ କି ଆର୍କମିଡିସ ନୁହଁ, ଯେ ଗୋଟିଏ ବାହାନାକୁ ଜାବୁଡ଼ି ଧରି ଦିନ ଥାଉଥାଉ ହଜିଯିବୁ ରାତି ପୂର୍ବରୁ। ସମୟ ଆସିଲେ ଋତୁ ବଦଳେ ଏବଂ ସବୁକିଛି ବଦଳେ। କିନ୍ତୁ ଜୀବନର ଶେଷତମ ବାହାନାକୁ ଛାଡ଼ିହୁଏନା ସହଜରେ। ଏହା ବି ସତ ଯେ, ଜୀବନର ଶ୍ରେଷ୍ଠତମ ବାହାନା ନିକଟରେ ବହୁତ ଦିନ ଅଟକିଯିବାକୁ ବି ଅନେକ ସମୟରେ ଖୁବ୍ ଇଚ୍ଛା ହୁଏନି।" ହେମନ୍ତ ଘୋଷାଲ୍ ଜବାବ ଦେଇଥିଲା।

"ଏହା ବୋଲି ଯେ କେମେଷ୍ଟ୍ରି ଲାବୋରେଟୋରୀ, ଫସ୍‌ଫିନ୍ ଗ୍ୟାସ୍ ଆଉ ସଲ୍‌ଫ୍ୟୁରିକ୍ ଏସିଡ ଗନ୍ଧ ଭିତରେ ବର୍ଷବର୍ଷ ଧରି ନିଜକୁ ଓ ନିଜର ନିଃଶ୍ୱାସକୁ ମାଡ଼ିଦେଇ ବଞ୍ଚିବା ଯେ ଜୀବନର ଶ୍ରେଷ୍ଠତମ ବାହାନା, ମୁଁ କାହିଁ ମାନିପାରୁନି।" ଦୃଢ଼ସ୍ୱରରେ କହିଲା ମାନୁ ଦାସ୍।

ହେମନ୍ତ ଘୋଷାଲ୍ ଆଶ୍ଚର୍ଯ୍ୟ ଓ ବ୍ୟଥିତ ହେଇପଡ଼ିଲା ମାନୁ ଦାସ୍‌ର କଥାରେ। କ'ଣ ଜବାବ ଦେବ ସେ ନିଜେବି ଠିକ୍ କରିପାରୁ ନଥିଲା। ଜଙ୍ଗଲର ସୌନ୍ଦର୍ଯ୍ୟ ଦେଖେଇ ଦେବାକୁ ଡାକି ନେଇଥିବା ମଣିଷ, ଗୋଟାଏ ଗଛ ତଳେ ଠିଆ କରେଇ ଦେଇ ଲୁଚିପଡ଼ି କହୁଛି କ'ଣ ନା ପାଗଳଟା ଦେଖ କେମିତି ବୁଦ୍ଧିଶୂନ୍ୟ ହେଇ ଦରାଣ୍ଡି ହେଉଛି। ଚଞ୍ଚଳ ତା'ର ଆଖି ଆଉ ଠୁକ୍‌ଠୁକ୍ ଡିଆଁରେ ଭୂଆଁ ବୁଲେଇ ହରିଣ ରୂପକୁ ଛାଡ଼ିଦେଇ ମାରୀଚଟା କହୁଛି ଏଇଟା ବୋକା, ନିର୍ବୁଦ୍ଧିଆ। ପଶୁ ଆଉ ଅସୁର ଭିତରେ ତଫାତ୍‌ଟା ବୁଝିପାରୁନି।

ଧୀର ସ୍ୱରରେ ହେମନ୍ତ ଘୋଷାଲ୍ ଜବାବ ଦେଇଥିଲା, କ୍ୟାଣ୍ଟିନ୍ ଚୌକିଟାରେ ବସୁବସୁ, "ବେଳେବେଳେ ଶୂନ୍ୟତାବୋଧ ଭିତରେ ବାଧହେଇ ମୁହଁମାଡ଼ି ପଡ଼ି ରହିବାକୁ ହୁଏ ମାନୁ। ବଗିଚାର ଫୁଲ ଉପରୁ ଫୁଲ ଉପରକୁ ଉଡ଼ି ବୁଲୁଥିବା ପ୍ରଜାପତିକୁ ଦେଖେଇ ଖୁବ୍ ସହଜରେ କହିପାର, ଏଇଟା ସଅଁବାଲୁଆରୁ ସୃଷ୍ଟି। କିନ୍ତୁ କେବେ

ନିରୋଳାରେ ବସି ଭାବିଛ ଗୋଟିଏ ପ୍ରଜାପତିକୁ ସଅଁବାଳୁଆର ସେ କଦର୍ଯ୍ୟ ରୂପରୁ ବାହାରି ଆସିବାକୁ କେତେ ପ୍ରତୀକ୍ଷା ଆଉ ଯନ୍ତ୍ରଣା ସହ ସାଲିସ୍ କରିବାକୁ ପଡ଼େ ? କେତେ ସଂଘର୍ଷ କରିବାକୁ ପଡ଼େ ? ମୁଁ ଜାଣିଛି, ସେ କେମେଷ୍ଟ୍ରି ଡିପାର୍ଟମେଣ୍ଟ, ସେଠିକାର ଗାଇଡ୍, ତା'ର ଲାବୋରେଟୋରୀ, ଏସିଡ୍, ଗ୍ୟାସ୍, ବର୍ନର୍, ଏସବୁ ଭିତରେ ମୁଁ ବେଳେବେଳେ ଅଣନିଃଶ୍ୱାସୀ ହେଇପଡ଼ୁଛି । ଇଚ୍ଛା ହଉଛି ବେଳେବେଳେ କୌଣସି ଏକ ରାସାୟନିକ ବିସ୍ଫୋରଣରେ ସବୁଯାକ ଧ୍ୱଂସ କରିଦେବାକୁ । ତଥାପି ସେଠି ବଞ୍ଚିବାରେ ପାଉଛି ଅସଂଖ୍ୟ ଆନନ୍ଦ । ବାହାରର ଖାଁଖାଁ ଶୂନ୍ୟତା ଘେରରୁ ମୁକୁଳିଯାଇ ଲେବୋରେଟୋରୀର କାମନା ବଳୟ ଭିତରେ ପଶିଗଲେ, ସବୁକିଛି ଅନେକ ସମୟରେ ଭୁଲିଯାଏ ମୁଁ । ବାହାରେ ମୋର ଏକ ନଥିବାନଥିବାର ପୃଥିବୀ ଅଛି, ହାହାକାର କରି ପଛରେ ଧାଉଁଥିବା ଦୁନିଆଟେ ଅଛି ବୋଲି । ତେଣୁ ବାହାନା ଭିତରୁ ଖସି ଆସିବାକୁ ଆଦୌ ଇଚ୍ଛାନାହିଁ ମୋର ।"

ନୀରବରେ ସବୁକଥା ଶୁଣୁଥିଲା ମାନୁ । ହେମନ୍ତ ଘୋଷାଲ ସହ ଯୁକ୍ତି କରିବାକୁ ଚାହୁଁନଥିଲା ଯେପରି । ତା'ର ଯୁକ୍ତିକୁ କେବଳ ନୀରବରେ ବିଶ୍ଳେଷଣ କରୁଥିଲା । ହେମନ୍ତ ଘୋଷାଲ୍ ଏ ଭିତରେ କଫିର ଅର୍ଡର ଦେଲା । କଫି ପିଉପିଉ ମାନୁ ପଚାରିଥିଲା, "କ୍ୟାମ୍ପସ୍‌ରେ ଦିନ କ'ଣ କେମିତି କଟୁଛି ?"

କ'ଣ ଉତ୍ତର ଦେବ ହେମନ୍ତ ଘୋଷାଲ୍ ମାନୁକୁ ଭାବି ପାରୁନଥିଲା । କହିବ କି, ତମେ ଗଲାପରେ ତମ ସହ ବୁଲିଥିବା କ୍ୟାମ୍ପସ୍‌ର ପ୍ରତିଟି ସ୍ମୃତିକୁ ବାହୁନିବାହୁନି ଗୁଡ଼ାଏ ଦିନ କଟିଗଲା । ଦୁଃଖ ଲାଗିଲା, ଧ୍ୱସ୍ତବିଧ୍ୱସ୍ତ ମଣିଷଟିଏର ଦୁଃଖ ଭଳି । ତମର ଚାଲି, ତମର କଥାବାର୍ତ୍ତା, ତମର ହସ, ତମର ଅଭିମାନ, ଗୁମାନକୁ ସାଇତି ରଖି ଯନ୍ତ୍ରଣା, ବିରକ୍ତ, ଖୁସିରେ ଥୋଡ଼ାଏ ଦିନ କଟେଇ ଦେଲି । ନିଃସଙ୍ଗ ବେଦୁଇନ୍‌ଟିଏ ଭଳି ଖୁବ୍ ଏକାଏକା ଭିତରେ ବଞ୍ଚିବା ଶିଖିବାକୁ ଏକଦମ୍ ଚେଷ୍ଟା କଲି । ଏମିତି ଏକାକୀତ୍ୱ ଭିତରେ ବଞ୍ଚୁଥିବା ବେଳେ ବର୍ଷେ, ଦି'ବର୍ଷ, ତିନିବର୍ଷ ଚାରିବର୍ଷ, ଭିତରେ ସବୁସାଙ୍ଗସାଥୀ ଚାକିରି ପାଇ ଚାଲିଗଲେ କ୍ୟାମ୍ପସ୍ ଛାଡ଼ି । ତା'ପରେ ମନ ଭିତରେ ତମର ଶୂନ୍ୟତା, ବାହାରେ ସିଗାରେଟ୍ ଯାଚୁଥିବା, ସିଗାରେଟ ମାଗି ଖାଉଥିବା, ସାଙ୍ଗସାଥୀଙ୍କ ଶୂନ୍ୟତା । ନିଜର ମନସ୍ତତ୍ତ୍ୱକୁ ସାମାନ୍ୟତମ ବୁଝିପାରୁଥିବା ମଣିଷଟିଏ ରହିଲେନି କ୍ୟାମ୍ପସ୍‌ରେ । ତା'ପରେ ବାଧହେଲି ଏଠି ବଞ୍ଚିବା ପାଇଁ କିଛିଟାଏ କରିବାକୁ ହିଁ ପଡ଼ିବ । ସ୍ଥିତିବାଦର ସଂଘର୍ଷ । ସ୍ଥିତିଦ୍ୱର ସଂକଳ୍ପ ନେଇ ମୋର ଲୁହକୁ ତାଚ୍ଛଲ୍ୟ କରୁଥିବା, ମୋ ଦୁଃଖ କାହାଣୀକୁ ବିଫଳତାର ମଜାଦାର ଗପଟିଏ କହୁଥିବା ମଣିଷମାନଙ୍କ କାନ୍ଧରେ ହାତ ପକେଇଲି । ପଇସା ପାଇଁ ହରଦମ ସ୍ୱପ୍ନ ଦେଖୁଥିବା ହୋଟେଲ ମାଲିକର କାନ୍ଧରେ ହାତ ପକେଇ, ତା'ର ଟଙ୍କାର କାହାଣୀ ଶୁଣିଲି । ବିରକ୍ତ ହେଲି । କିନ୍ତୁ ସମୟ କାଟିଦେଲି । ହୋଟେଲ ରାନ୍ଧୁଣିଆର ଦୁଃଖର କାହାଣୀ ଶୁଣିଲି । କିଛି କରିପାରୁ ନଥିଲି । ନିଜେ ବ୍ୟସ୍ତ ହେଉଥିଲି, ଅଥଚ ସମୟ କାଟିଦେଲି । ଛୋଟ ପିଲାମାନେ ଆସିଲେ ତାଙ୍କ ସହ ହସିଲି, ତାଙ୍କ ଦୁଃଖରେ ଦୁଃଖି ହେଲି କିଛି ବୁଝିବାକୁ ତାଙ୍କୁ ବାଧ୍ୟ ନ କରି ତାଙ୍କର ସବୁକିଛି ବୁଝି ନିଜେ ସେହି ଅଭାବବୋଧ ଭିତରେ ସମୟ କାଟିଲି ।

କିନ୍ତୁ ଏସବୁ କିଛି କହିଲାନି ହେମନ୍ତ ଘୋଷାଲ୍ । ଏତିକି କହିଥିଲା ମୁହଁ ଖୋଲି, "ଦିନ ତା' ରାସ୍ତାରେ ଚାଲିଯାଉଛି ତା'ର ପୁରାତନ ଅଭ୍ୟାସ ନେଇ ମାନୁ । ଦିନସାରା ଲେବୋରେଟୋରୀ, ରାତିରେ ହଷ୍ଟେଲ୍ କୋଠରୀ, ମଝିରେ ଏପଟସେପଟରେ ସମୟ କଟିଯାଏ । ତା'ପରେ ଏହା ବି ସତ, ସମୟ ବିତେଇବାଟା ଯାହାର ଲକ୍ଷ୍ୟ, ସମୟ କିପରି ବିତୁଛି ସେ'ବା ସେଥିରେ ନଜର ଦବ କାହିଁକି !!"

କଫି ସରିଆସିଲା । ଉଭୟ ନୀରବ କିଛି ସମୟ । ମାନୁ କ୍ୟାମ୍ପସ ସାରା ଆଖି ବୁଲେଇ ଆଣି କହିଲା, "କ୍ୟାମ୍ପସ୍‌ରେ ଖୁବ୍ ପରିବର୍ତ୍ତନ । ଖୁବ ବଦଳି ଯାଇଛି ସାରା କ୍ୟାମ୍ପସ୍ ।"

"ଏଥିରେ ଆଶ୍ଚର୍ଯ୍ୟ ହେବାରେ କ'ଣ ଅଛି । ଏ'ତ ସ୍ୱାଭାବିକ ପରିବର୍ତ୍ତନ । ଏତେବର୍ଷ ଏ ଭିତରେ ବିତିଯାଇଛି । ଏହାଠୁଁ ଭୟଙ୍କର ପରିବର୍ତ୍ତନ ଅଛି ମାନୁ । ତମେ କେବେ ତାହାର ସମ୍ମୁଖୀନ ହୋଇନ । ଶୈବାଳ ସାଗରରେ ଭାସୁଭାସୁ ତମେ କେବେ ସାପୁଆ ନଈରେ ବୁଡ଼ିଯିବାର ଆତୁରତା ଅନୁଭବ କରିଛ ମାନୁ ? ଅସ୍ୱାଭାବିକ ପରିବର୍ତ୍ତନ ସେଇଟା । ଆଖି ପିଛୁଳାକେ ଜହ୍ନର ଖରାରେ, ହାଣ୍ଡିର କଳା ଲେସି ହେବାଟା ତମେ ଦେଖିନ । ଅନୁଭବ କରିନ । ମୁଁ କରିଛି, ତେଣୁ ମତେ ଏ ପରିବର୍ତ୍ତନଟା ଖୁବ୍ ସ୍ୱାଭାବିକ ଜଣାପଡ଼ୁଛି ।" ହେମନ୍ତ ଘୋଷାଲ ଜବାବ ଦେଇଥିଲା ।

ମାନୁ ନିର୍ବିକାର । ସେମିତି ସେ କ୍ୟାମ୍ପସ୍‌ର ପଡ଼ିଆ ଆଡ଼େ ଚାହିଁ ରହିଥିଲା । କ୍ୟାଣ୍ଟିନ୍‌ରେ ଭିଡ଼ ଜମୁଥିଲା । ହେମନ୍ତ ଘୋଷାଲ ନୀରବ । ଚୁପ୍‌ଚାପ ବସି ମାନୁକୁ ଚାହୁଁଥିଲା । ତଫାତର ଗଭୀରତା ଓ ବିଶାଳତା ଭିତରେ ବୁଡ଼ି ଯାଉଥିଲା, ଆଉ ହଜି ଯାଉଥିଲା । ମାନୁ ମାଆ ହେଇସାରିଛି ନିଶ୍ଚିତ । ପଚାରିବାକୁ ଇଚ୍ଛା ହେଲାନି ତା'ର । ପୁଅଝିଅ ବୁଲୁଛନ୍ତି କ୍ୟାମ୍ପସ୍‌ସାରା । ହସ, ଖୁସି ଥଟ୍ଟାତାମସାରେ ଆଖପାଖ ଖୁବ୍ ଚହଳ । ଆଜି ସିଏ ନୀରବରେ ସାମ୍ନା ଚୌକିରେ ବସିଛି । ହେମନ୍ତ ଘୋଷାଲ ଭାବୁଥିଲା, ସେଦିନର ସୂର୍ଯ୍ୟଟା ଆଉଥରେ ଆଜି ଡେଇଁପଡ଼ନ୍ତା କି କ୍ୟାମ୍ପସ୍‌କୁ, ଲାଇବ୍ରେରୀକୁ, କ୍ୟାଣ୍ଟିନ୍‌କୁ, ନିରୋଳା ଥିବା ସବୁଗଳିକନ୍ଦିକୁ । ଦୀର୍ଘଶ୍ୱାସ ଛାଡ଼ିଲା ହେମନ୍ତ ।

ହଠାତ ସବୁଯାକ ନୀରବତା ଭାଙ୍ଗିଦେଇ ମାନୁ ପଚାରିଲା, "ଆଜି ପୋଷ୍ଟ୍ ଅଫିସ ସାମ୍ନାରେ ଏମିତି ଠିଆ ହେଇଥିଲ । କାହାର ଅପେକ୍ଷାରେ ବୋଧହୁଏ ? ମୁଁ ଆସି ବ୍ୟାଘାତ କଲିକି ?"

"ତମେ ନଣନ୍ଦଙ୍କ ସିଲେକ୍‌ସନ୍‌ଟା ବୁଝିଲନି ତ? ମୁଁ ଡିଷ୍ଟର୍ବ କରିନିତ?" ହେମଂତ ଘୋଷାଲ ମାନୁ କଥାରେ ଉତ୍ତର ନଦେଇ ପ୍ରଶ୍ନଟି ପଚାରିଥିଲା।

"ଗଲା ବେଳକୁ ତମଠୁଁ ବୁଝି ଚାଲିଯିବି ବୋଲି ସ୍ଥିର କରି ଆଉ ଡିପାର୍ଟମେଣ୍ଟ୍‌କୁ ଗଲିନି।" ମାନୁ ଜବାବ ଦେଲା।

"ଘରୁ କିଛି ଟଙ୍କା ଆସିଛି ତେଣୁ ପୋଷ୍ଟ ପିଅନକୁ ଜଗିଥିଲି। ସେମିତି କିଛି ଜରୁରୀ ନାହିଁ। କାଲିଯାଇ ଟଙ୍କା ନେଇ ଆସିବି।" କହିଥିଲା ହେମଂତ ଘୋଷାଲ୍।

"ଫେଲୋସିପ ଟଙ୍କା କ'ଣ ଅଣ୍ଟୁନି ଯେ ଘରୁ ଆସୁଛି? କ'ଣ ପ୍ରତି ମାସରେ ନା ଦରକାର ଅଛି ଏ ମାସରେ?" ମାନୁ ପଚାରିଥିଲା।

"ହଁ ପ୍ରାୟ ପ୍ରତି ମାସରେ। ପ୍ରଥମେ ତ ଫେଲୋସିପ ଟଙ୍କାଟା ବଳୁଥିଲା ଆଜିକାଲି ନିଅଣ୍ଟ ହେଉଛି। ଖାଇବା ଖର୍ଚ୍ଚ ସେତେ ନାହିଁ ଯେ, ମଦ ପିଇବାରେ ଗୁଡ଼ାଏ ଟଙ୍କା ଚାଲିଯାଉଛି, ଜଣାପଡୁନି ଆଦୌ।"

ହେମଂତ ଘୋଷାଲ୍‌ର କଥାରେ ଆଶ୍ଚର୍ଯ୍ୟ ହେଇ ପଡ଼ିଥିଲା ମାନୁ। ହେମନ୍ତ ଘୋଷାଲ ମୁହଁରୁ ଏପରି କଥା ଶୁଣିବ, ନିଜକୁ ବିଶ୍ୱାସ କରି ପାରୁନଥିଲା। ଆଶ୍ଚର୍ଯ୍ୟ ହୋଇ ପଚାରିଥିଲା, "ମାନେ ତମେ ମଦ ପିଉଛ?"

ମାନୁ ଦାସ୍‌ର ଏଭଳି ଆଶ୍ଚର୍ଯ୍ୟପୂର୍ଣ୍ଣ ପ୍ରଶ୍ନରେ ମନେମନେ ଖୁସିହେଲା ହେମନ୍ତ ଘୋଷାଲ୍। ସେଦିନ ବି ଠିକ୍ ଏମିତି ସେ ଆଶ୍ଚର୍ଯ୍ୟ ହେଇ ପଡ଼ିଥିଲା ଚିଲିକା କୂଳରେ। ଅବଶ୍ୟ ସେଦିନ ଆଜି ଭଳି ଆଶ୍ଚର୍ଯ୍ୟର ପ୍ରଶ୍ନଟିଏ ପଚାରି ନିଥର ହୋଇ ବସିନଥିଲା। ଯେତେବେଳେ ସାଙ୍ଗଟିଏ ଆସି କହିଦେଲା ତା' ସାମନାରେ ସେ ସିଗାରେଟ ପିଉଥିଲା ବୋଲି, ହଜାରେ ପ୍ରଶ୍ନ, ଉପଦେଶ, ପରାମର୍ଶରେ ହେମନ୍ତ ଘୋଷାଲ୍‌କୁ ଅସ୍ତବ୍ୟସ୍ତ କରି ଦେଇଥିଲା ସେଦିନ। ତା'ର ଅସ୍ତବ୍ୟସ୍ତତାରେ କେବଳ ସେ ସିଗାରେଟ୍ ଛାଡ଼ି ଦେଇଥିଲା। ଆଶ୍ଚର୍ଯ୍ୟ ହେଉଥିଲା ହେମନ୍ତ ଘୋଷାଲ୍। ମାନୁର ସ୍ୱାମୀ ତ ମଦ ପିଉଥିବ। ମାତାଲ ସ୍ୱାମୀ ଗୋଡ଼ରୁ ବୁଟ୍ ଓ ସକ୍‌ସ ଖୋଲି ରଖୁଥିବ ଅଧିକାଂଶ ରାତିରେ। ଅଥଚ... ସତେ କ'ଣ ପ୍ରେମିକା ଆଖିରେ ପ୍ରେମିକ ଓ ସ୍ୱାମୀ ଦୁଇଟି ଅଲଗା ମଣିଷ? ବୁଝି ପାରୁନଥିଲା ହେମନ୍ତ ଘୋଷାଲ୍। ପ୍ରେମିକା କ'ଣ ଚାହେଁ ସବୁ ସମୟରେ ତା' ପ୍ରେମିକଟି ସତ୍ୟ, ଶିବ, ସୁନ୍ଦର ହେଇଥାଉ! ଜହ୍ନ ଭଳି ଉଜ୍ଜ୍ୱଳ, ଜଳ ଭଳି ନିଷ୍କଳଙ୍କ! ମଦୁଆ ସ୍ୱାମୀକୁ ସହିନିଏ, କିନ୍ତୁ ମଦୁଆ ପ୍ରେମିକକୁ ଦେଖି କ'ଣ ସତରେ ବ୍ୟତିବ୍ୟସ୍ତ ହେଇଯାଏ? ନିଜକୁ ଠିକ୍ ସାବ୍ୟସ୍ତ କରିବା ପାଇଁ ଯୁକ୍ତି ବାଢ଼ିଥିଲା ସେ, "ମଦ ନୁହଁ, ଅଙ୍ଗୁର ଓ ଅନ୍ୟାନ୍ୟ ଫଳରସ ପିଉଛି। ତମେମାନେ ଅଙ୍ଗୁର ଖାଅ, ନାସପାତି ଖାଅ। ଆଉ ମୁଁ କେବଳ ସିଦ୍ଧ ହେଇଥିବା ତା'ର ରସ ପିଏ । ତମର ଖାଦ୍ୟ ଓ ମୋର ପାନୀୟ। ତଫାତ୍ କିଛି ନାହିଁ କି ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଧରିନିଅ ମୁଁ ରୋଗୀଟିଏ, ଖାଦ୍ୟ ଖାଇବାରେ କଷ୍ଟ ହଉଛି ଯେ, ତରଳ ଖାଦ୍ୟ ଖାଉଛି। ସାଲାଇନ୍ ଚଢ଼ା ହେଲାଭଳି କି ବାର୍ଲି ଶାଗୁ ଭଳି"।

ମାନୁ ହେମନ୍ତ ଘୋଷାଲର ଯୁକ୍ତି ଶୁଣିଲା ନୀରବରେ। ଧୀରେ ଜବାବ ଦେଇଥିଲା, "ହୁଏତ ସତ ହେଇପାରେ। ମୁଁ କିନ୍ତୁ ବିଶ୍ୱାସ କରି ପାରିବିନି।"

"କାହା ବିଶ୍ୱାସ, ଅବିଶ୍ୱାସରେ ଚିରନ୍ତନତାର ପରିବର୍ତ୍ତନ ହୁଏନି ମାନୁ। ଇଟାଲୀବାସୀ ବିଶ୍ୱାସ କଲେନି ପୃଥିବୀ ଘୁରୁଛି ବୋଲି, କିନ୍ତୁ ପୃଥବୀ ସେଦିନ ଆଗଠୁଁ ଆଜିଯାଏଁ ଘୁରୁଛି। ଆଉ....." ଚୁପ୍ ରହିଗଲା କଥା ଅଧା ରଖି ହେମନ୍ତ ଘୋଷାଲ୍। କିନ୍ତୁ କହିପାରିଲାନି, ତମେ ବି ସେଦିନ ବାପାମାଆଙ୍କ ସାମ୍‌ନାରେ ନୀରବରେ ଯାହାକିଛି କହିଲ ମୋର ବି ବିଶ୍ୱାସ ହେଇନଥିଲା। ଆଜି ବି ବିଶ୍ୱାସ ଲାଗୁନି ସେ ଝିଅଟି ତମେ ଥିଲ ବୋଲି, କିନ୍ତୁ ଏହା ସତ ଯେ ତମେ ସେହି 'ମାନୁ' ଥିଲ, ଏବଂ ତମର ସେହି ନୀରବତାରେ ତମେ ଏରୁଣ୍ଡିବନ୍ଧ ଭିତରେ ରହିଗଲ ଆଉ ମୁଁ ଏରୁଣ୍ଡିବନ୍ଧ ଡେଇଁ ଚାଲି ଆସିଥିଲି।

ଏ ଭିତରେ ମାନୁ ଦାସ କାଗଜକଲମ ଧରି ଚିଠିଟିଏ ଲେଖି ବସିଲା।ରାସ୍ତାରେ ଯାଉଯାଉ କୋଉ ସାଙ୍ଗ ଘରେ କିଛି ଖବର ଜଣେଇବାକୁ ଚିଠିଟା ଲେଖୁଛି ବୋଲି କହିଲା। ହେମନ୍ତ ଘୋଷାଲ ନୀରବରେ ବସିଥାଏ କ୍ୟାମ୍ପସ୍‌ର ଲେଉଟାଣି ଖରାକୁ ଚାହିଁଚାହିଁ। ଚିଠି ଲେଖା ସରିଲା। ମାନୁ ବାହାରିଲା ଯିବାକୁ। ହେମନ୍ତ ଘୋଷାଲ ବି ଉଠିଲା। ଦୁହେଁ ଚାଲିଚାଲି ଆସିଲେ ଟାଉନ ବସ୍‌ଷ୍ଟପ୍ ଯାଏ। ଅନେକ ଦିନ ତଳେ ଏମିତି ଆସୁଥିଲେ ଖୁବ ହସିହସି। ଆଜି ନୀରବତାର ସ୍ୱର ଦୁହିଙ୍କ ଭିତରେ। ଟାଉନ ବସ୍ ଅଟକିଲା।

"ମୁଁ ଯିବି ଏଥର।" ଯିବାକୁ ଏକ ଅନୁମତି ଚାହିଁବାର ସ୍ୱରରେ ମାନୁ ଦାସ ହେମନ୍ତ ଘୋଷାଲ୍ ଆଡ଼େ ଚାହିଁଲା। କହିବାକୁ ଇଚ୍ଛା ହଉଥିଲା, ତମେ କେବେ ବା ମୋଠୁଁ ଯିବାକୁ ଅନୁମତି ଚାହିଁଛ ନା ଆସିବାକୁ। ଆଜି ଭଳି ହଠାତ୍ ଆସିଲ। ଆଜି ଭଳି ହଠାତ୍ ଚାଲି ଯାଇଥିଲ ସେଦିନ ବି, ବିନା ଅନୁମତିରେ। ଆଜି ବି ଯିବ। ନା ତମର ଅଟକିଯିବାର ଇଚ୍ଛା ଅଛି ନା ମୋର ତମକୁ ଅଟକେଇବାର ସାହସ ଅଛି। ଏସବୁ କିଛି କହିଲାନି। ମୁଣ୍ଡ ହଲେଇ ଦେଲା କେବଳ। ନୀରବତା ଭିତରେ ଯେପରି କହିବାକୁ ଚାହୁଁଥିଲା, ଆଜି ତମେ ମତେ ଠେକିଦେଇ ଏ ଟାଉନ୍ ବସ୍‌ରେ ଚାଲିଯିବ। କାଲି ମୁଁ ହୁଏତ କାହାକୁ ଠେକି ଚାଲିଯିବି। କିନ୍ତୁ କେହି ଏ ଟାଉନ ବସ୍‌କୁ ଠେକି ପାରିବାନି। ସମସ୍ତେ ଏହାରି ଭିତରେ ଚଢ଼ିକି ଯିବା।

ମାନୁଦାସ ବସ୍‌ରେ ଚଢ଼ିଲା। ଆଶ୍ଚର୍ଯ୍ୟ ହେଲା ହେମନ୍ତ ଘୋଷାଲ୍ କ୍ୟାଣ୍ଟିନ୍‌ରେ ବସି ଲେଖିଥିବା ଚିଠିଟା ଆ' ହାତକୁ ବଢ଼େଇ ଦେଲା ଟାଉନ ବସ୍ ଛାଡ଼ିବା ବେଳେ। ହାତ ହଲେଇହଲେଇ ଚାଲିଗଲା

ମାନୁ ଦାସ୍। ଆଶ୍ଚର୍ଯ୍ୟ ଓ ଦୁଃଖରେ ଚିଠିଟାକୁ ଖୋଲିଲା ସେହି ବସ୍‌ଷ୍ଟପ୍‌ରେ ହେମନ୍ତ ଘୋଷାଲ୍।

(୨)

ତମେ ବା ଜାଣିବ କେମିତି ଏଠି ଫୁଲର ଫସଲରେ ଲାଗିଛି କେଉଁକାଳୁ ନିଆଁ :- ହେମନ୍ତ, ତମ ସାମ୍‌ନାରେ ବସି ଖୁସିରେ ତମର କାର୍ଟୁନ ଆଙ୍କୁଥିଲି ସେଦିନମାନଙ୍କରେ ତମକୁ ଚିଡ଼େଇବା ପାଇଁ। ଆଜି ବୋଧହୁଏ ମୋ ନିଜ କାର୍ଟୁନ୍ ଆଙ୍କୁଛି ଏବେ ଦୁଃଖ ଓ ଯନ୍ତ୍ରଣାରେ ଏଠି। ଆଜି ହଠାତ ତମକୁ ପୋଷ୍ଟଅଫିସ ସାମନାରେ ଏତେବର୍ଷ ପରେ ଦେଖି, ମନରେ କ'ଣ ଅନୁଭବ କରିଥିଲି ତାହା ତ ଲେଖୁନି। କିନ୍ତୁ ଏ ଚାରିପାଞ୍ଚ ଘଣ୍ଟା ତମ ସହ ବୁଲି ଯେ, ଗୁଡ଼ାଏ ଆଘାତ ପାଇଲି ଏଇଟା ସତ। ଏହାଠୁଁ ବଳି ଆଉ କେତେବଡ଼ ଦୁଃଖ ଥାଇପାରେ ଯେ, ତମେ ମୋତେ କେମିତି ଅଛ ବୋଲି ବି ପଚାରିଲନି ଥରେ। ଏ ଚାରିପାଞ୍ଚ ଘଣ୍ଟା ସମୟ ଭିତରେ ମାତ୍ର ଦୁଇଟି ଶବ୍ଦ। ଆଉ ତ ଅଛି ମୋ ସ୍ୱାମୀ, ଛୁଆପିଲା, ଘରଦ୍ୱାର କଥା। ସେଇଟା ହୁଏତ ତମକୁ ଖରାପ ଲାଗିପାରେ ପଚାରିବାକୁ। କିନ୍ତୁ ତମର ତ କେବେ ମୋର ଏ ଦେହଟା ପ୍ରତି ସେପରି ବିରାଟ ବଡ଼ ଲୋଭ ନଥିଲା ଯେ ତାକୁ ଅନ୍ୟ କିଏ ଉପଭୋଗ କଲା ବୋଲି ତମେ ଆଘାତ ପାଇ ଏପରି ଭୟଙ୍କର ହୋଇଯିବ। ଯଦି ତମର ଏ ଦେହଟା ପ୍ରତି ଏତେ ଲୋଭ ଥିଲା ତେବେ କାହିଁକି ତମେ, ତମ ମନଇଚ୍ଛା ଏହାକୁ ସେଦିନ ଉପଭୋଗ କଲନି ! କାହିଁକି ତମେ ଏ ଶରୀରଟାକୁ ଖିନଭିନ କରିଦେଲନି ? ଅନେକଥର ତ ତମେ ମୋ ସହ ନିର୍ଜନ କୋଠରୀଟାରେ ସମୟ କାଟିଥିଲ ଏବଂ ଅନ୍ଧକାରରେ ନିର୍ଜନ କ୍ୟାମ୍ପସ୍ ପଡ଼ିଆଟାରେ ବି ଓ ନିଛାଟିଆ ସ୍ଥାନମାନଙ୍କରେ ! ତେବେ ଆଜି କାହିଁକି ତମେ ଏତେ ଛୋଟ ହୋଇଗଲ ? ଅନ୍ୟ କିଏ ସିନ୍ଦୁରଟୋପା ଏ କପାଳରେ ଲେସିଦେଲା, କିଏ ଦେହଟାକୁ ଉପଭୋଗ କଲା ବୋଲି ତମେ କେମିତି ଭାବିନେଲ ତମର ମାନୁ ତମକୁ ସବୁଦିନ ପାଇଁ ଶବଟିଏ ବୋଲି ଘୋଷଣା କରିଦେଇଛି। ଏତେଦିନ ତମେ ଯେଉଁ ମୋ ନାରୀତ୍ୱକୁ ସମ୍ମାନ ଦେଇ, ମତେ ପବିତ୍ରତାର ବାହୁଛାୟା ତଳେ ପାଳି ଆଣିଥିଲ, ତାହାର ମୂଲ୍ୟ କ'ଣ କିଛି ନାହିଁ ବୋଲି ଭାବିନେଲ ? କେମିତି ବୁଝିଲନି ତମ ମାନୁ ବି ଚିନ୍ତାଶକ୍ତି ଥିବା ମଣିଷଟିଏ ବୋଲି। ମୁହୂର୍ତ୍ତକ ପାଇଁ ଆଜି ପଚାରିଲନି ଆନ୍ତରିକତାର କଥାପଦେ, "ତମେ କେମିତି ଅଛ ବୋଲି।" ଏମିତି କଥାବାର୍ତ୍ତା କଲ ଯେ, ଯେମିତି ଲାଗିଲା ମୁଁ କେଉଁ ଏକ ଅପରିଚିତ ଲୋକ ସହ କଥା ହଉଛି। ସତେ କ'ଣ ମୁଁ ତମର ଅପରିଚିତା ହେଇଯାଇଛି ?

ତମେ ମୁହଁଖୋଲି କହିଦେଲ, ଦୁଃଖ ଯନ୍ତ୍ରଣାରେ ବଞ୍ଚୁଛ ବୋଲି। ଦୁଃଖ ଭୁଲିବା ପାଇଁ ମଦ ପିଉଛ, ବଞ୍ଚିବା ପାଇଁ ଲେବୋରେଟୋରୀର ଗ୍ୟାସ ପିଉଛ। ଅନ୍ତତଃ ଥରେ ପଚାରିଥାନ୍ତ ତ ମୁଁ କେମିତି ବଞ୍ଚିଛି ବୋଲି। ମୁଁ କାହିଁକି କହିବାକୁ ଯିବି ଯେ, ପ୍ରତି ରାତି ରକ୍ଷିତାଘରୁ ସ୍ୱାମୀ ମୋର ମଦ ପିଇ ଫେରି ମୋ ଉପରେ ଅତ୍ୟାଚାର କରନ୍ତି। ମୁଁ କାହିଁକି କହିଥାନ୍ତି ମୁଁ ବି ଚୂଲି ଧୂଆଁରେ ଅଣନିଃଶ୍ୱାସୀ ହେଇପଡୁଛି ପ୍ରତି ମୁହୂର୍ତ୍ତ ସେଠି ! ମୋର ତ ପୁଣି ଆତ୍ମ ଅଭିମାନ ଅଛି ! ମୁଁ ତ ଆଉ ତମଭଳି ରାଗିନି ଯେ, ରାଗରେ ସାତବର୍ଷ ପରେ ପ୍ରଥମ ଦେଖାରୁ ଅସ୍ୱାଭାବିକ ମଣିଷଟିଏ ହୋଇ ଯାଇଥା'ନ୍ତି। ସବୁ କରିପାରେ। ତମ ଉପରେ ନା କେବେ ରାଗିଛି, ନା କେବେବି ରାଗି ପାରିବି। ଆଉ ହୁଏତ ଦେଖାହେଇ ନପାରେ। ବହୁତ ଇଚ୍ଛା ହେଉଥିଲା ଆଜି, ତମକୁ ସେକଥା କହିବାକୁ ମୁହଁ ଖୋଲି ଯେଉଁଟା ସେଦିନ ନୀରବତା ଭିତରେ କହି ଦେଇଥିଲି। ଛୁଇଁବା ପାଇଁ ବ୍ୟାକୁଳ ହେଉଥିବା ଆନନ୍ଦଠୁଁ ଉପଲବ୍ଧି ଯେ ଅସଂଖ୍ୟ ଗୁଣରେ ଯନ୍ତ୍ରଣାମୟ। ଆଜି ତମକୁ ଦେଖି ଜାଣିପାରିଲି, ତମେ ବୁଝି ପାରିନ ବୋଧହୁଏ। ମୋର ବି ବୁଝାଇବାକୁ ସାହସ ନାହିଁ। ତମର ମାନସିକ ଅବସ୍ଥା ଯାହା ଦେଖିଲି, ଏସବୁ କଥା କହିବା ମୋ ପକ୍ଷେ ଅସମ୍ଭବ ହେବ। ତେଣୁ ଏ ଚିଠିଟା ଲେଖିଲି। ଆଶା ଯଦି ଏବେବି ଭାବୁଥାଅ, ମୁଁ ଭୁଲ କରିଛି ବୋଲି, ତେବେ କ୍ଷମା କରିଦେବ।- ଇତି ତମର ମାନୁ।

ଚିଠିଟା ପଢ଼ିସାରି ଆଖିରୁ ଲୁହ ପୋଛିଲା ହେମନ୍ତ ଘୋଷାଲ। ଚାକୁଣ୍ଡା ଗଛଟାରେ ଆଉଜି ହୋଇ ଚାହିଁ ରହିଲା ସେହି ଜାଗାକୁ, ଯେଉଁଠି କିଛି ସମୟ ଆଗୁ, ଟାଉନ ବସ୍‌ଟା ଠିଆ ହେଇଥିଲା।

ଶ୍ରୀ ହେମନ୍ତ କୁମାର ଘୋଷାଲ ଓଡ଼ିଆ ସାହିତ୍ୟ ଜଗତର ଜଣେ ବିଶିଷ୍ଟ ବ୍ୟକ୍ତିତ୍ୱ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ଅର୍ଥନୀତି ଓ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ସ୍ନାତକୋତ୍ତର କରିଥିବା ଶ୍ରୀ ଘୋଷାଲ କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟ କରି ଏବେ ଭିଲାଇରେ ଅବସର ଜୀବନଯାପନ କରୁଛନ୍ତି। ସ୍କୁଲ ଦିନରୁ ଗପ ଲେଖା ଆରମ୍ଭ କରି ଏ ପର୍ଯ୍ୟନ୍ତ ତାଙ୍କର ପାଞ୍ଚଶହରୁ ଊର୍ଦ୍ଧ୍ୱ ଗଳ୍ପ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ। ପାଞ୍ଚଟି ଗଳ୍ପ ସଂକଳନ ଓ ଗୋଟିଏ ଉପନ୍ୟାସ ପ୍ରକାଶିତ। ଓଡ଼ିଶାର ବିଭିନ୍ନ ଅନୁଷ୍ଠାନରୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ। ତାଙ୍କ ସହିତ ମୋବାଇଲ ନମ୍ବର ୯୮୨୭୧ ୭୭୮୯୯ରେ ଯୋଗାଯୋଗ କରାଯାଇ ପାରିବ।

ସାମୁଦ୍ରିକ

ସୁନନ୍ଦା ପ୍ରଧାନ

ଝଡ଼, ବତାସ, ସୁନାମି କେତେ ଗଲାଣି । ସମୁଦ୍ର ଏବେ କୂଳ ଖାଉଛି । ଖାଇସାରିଲାଣି ଗାଁ ଦାଣ୍ଡ, ମଶାଣି, ଠାକୁରାଣୀ ମନ୍ଦିର । ଗାଁ ଶେଷ ମୁଣ୍ଡରେ ଥିବା ତା' ଘରଟି ଖାଲି ବଞ୍ଚି ଯାଇଛି ସମୁଦ୍ର ଗ୍ରାସରୁ । ହେଲେ ବେଳେବେଳେ ଲହରି ଛୁଇଁଯାଏ ତା' ଦୁଆର ମୁହଁର ଚୁଲି ଝିଙ୍କା ।

ସମସ୍ତେ ତାକୁ ଡାକିଡାକି ଚାଲିଯାଇଛନ୍ତି । ହେଲେ ସେ ଯାଇ ପାରୁନି । କେମିତି ଯିବ ? ଯଦି ଝଡ଼ ମାଡ଼ ଖାଇ ସିଏ କେବେ ଫେରି ଆସିବେ, ତାକୁ ତ ଆଉ ପାଇବେନି ! କେତେ କଷ୍ଟ ପାଇବେ ସେ । ସେଥିପାଇଁ ସେ ଯାଇପାରେନି । ଯାହା ଖାଲି ପ୍ରତି ରାତିରେ ଲଣ୍ଠନ ଜାଳି ଅନେଇ ରହେ ସମୁଦ୍ର ଆଡ଼କୁ । କାଳେ ସେ ଆସିବେ !

ତା'ର ସାରାରାତି ଶୀତୁଆ ପବନ, ସମୁଦ୍ର ଗର୍ଜନ ଓ ନିଦ୍ରାହୀନତାରେ ବାରଣ୍ଡାରେ କଟେ । ହେଲେ ସେ ଆସନ୍ତି ନାହିଁ । ସକାଳେ ଲଣ୍ଠନ ଲିଭାଇ ଦେଇ ସେ ଘର ଭିତରକୁ ପଶେ । ଘର କହିଲେ ଦୁଇହାତର ମାଟି କୁଡ଼ିଆ । ସେଇଠି ରହିଛି ତା' ପ୍ରେମର, ପ୍ରଣୟର, ଦାମ୍ପତ୍ୟର ଚିହ୍ନ । ସେଠି ଅଦିନରେ ବି ଫୁଟୁଥିଲା କଦମ୍ବଫୁଲ - ତା' ଦେହରେ ମନରେ । ସେ ପାଲଟି ଯାଉଥିଲା ଫୁଲବତୀ କଦମ୍ବଗଛ ।

ବହୁବର୍ଷ ବିତିଲାଣି । କଢ଼, ଫୁଲ କ'ଣ, ପତ୍ରଟିଏ ବି କଅଁଳୁନି ମନରେ, ଦେହରେ । ସେ ଗଲାଦିନୁ ସେ ଯେମିତି ପାଲଟି ଯାଇଛି ଥୁଣ୍ଟା ଗଛ । ସ୍ୱପ୍ନ ନାହିଁ । ଜୀଇଁବାର ଇଚ୍ଛା ନାହିଁ । ଅଛି କେବଳ ଗୋଟିଏ ଦୀର୍ଘ ପ୍ରତୀକ୍ଷା ।

ଆଉ ଟିକକ ପରେ ଖରାରେ ଭରିଯିବ ତା' ଶୂନ୍ୟ କୁଡ଼ିଆ । ସେ ଘର ପାଇଟି ସାରିଲା । ପେଟଭର୍ତ୍ତି ତୋରାଣି ପିଇଲା । ପାଖ ଗାଁକୁ ବାହାରିଲା । କାହା ଘରେ ଚାଉଳ ପାଛୁଡ଼ିଦେଲେ, ମୁଢ଼ି ଭାଜିଦେଲେ କି ପିଠଉ ବାଟିଦେଲେ ତାକୁ ମିଳିଯିବ ମୁଠାଏ ଖୁଦ, ଗୋଟିଏ ଆଳୁ, ଚିମୁଟାଏ ଲୁଣ । ସେଇଥିରେ ଚଳିଯିବ ତା'ର ଦିନକ । ତା'ର ଆବଶ୍ୟକତା ଖୁବ୍ କମ୍ । ନା, ସିଏ ତା'ର ଆବଶ୍ୟକତାକୁ କମେଇବାକୁ ବାଧ୍ୟ ହୋଇଛି ?

ସେଦିନ ସକାଳୁ ଝିପିଝିପି ବର୍ଷା ହେଉଥିଲା । ପବନ ଟିକେ ଅଧିକ ବେଗରେ ବହୁଥିଲା । ତାକୁ କାହିଁକି କେଜାଣି ବଡ଼ ଅଡୁଆ ଲାଗୁଥିଲା । ତା'ର ଇଚ୍ଛା ନ ଥିଲା, ସିଏ ସମୁଦ୍ରକୁ ଯାଉ । ତାକୁ କେତେ ବାରଣ କଲା । ହେଲେ ସେ କ'ଣ ଶୁଣିଲା ? ତାକୁ ନିଜ ଛାତି ଉପରକୁ ଟାଣିନେଇ କେତେ ଗେହ୍ଲା କଲା । ତା' କପାଳରେ ଗାଢ଼ ଚୁମାଟିଏ ଦେଲା । ମାଛଭଜା ଓ ପିଆଜ ନେଇ କଂସାଏ ପଖାଳ ଖାଇ ବାହାରି ପଡ଼ିଲା ସମୁଦ୍ର ଭିତରକୁ । ଏତେ ଭଲ ମଣିଷ ସିଏ ଯେ ତା' ଜିଦ୍‌କୁ ଭାଙ୍ଗିବାର ସାହସ କରିପାରେନି ।

ସେ ଚାଲିଗଲା ଡଙ୍ଗାନେଇ ସମୁଦ୍ର ଭିତରକୁ । କେଉଟ ପୁଅ ହୋଇ ଝଡ଼ ବତାସକୁ ଡରିଲେ ହେବ ! ତା' ଦେହର ଉତ୍ତାପରେ ତା' ଦେହ ଆଉ ଉଷୁମ ଲାଗୁ ନ ଥିଲା । କେମିତି ହେମାଳ ଲାଗୁଥିଲା ହାତପାଦ ।

ସେ ଅନେଇ ରହିଥିଲା ତାକୁ, ସିଏ ହଜିଯିବା ଯାଏ ତା' ଆଖିର ସୀମାରୁ । ଦିନସାରା ବର୍ଷା ପବନ ବଢ଼ିବାରେ ଲାଗିଲା । ଦିନଯାଇ ରାତି ହେଲା । ରାତିରେ ଆକାଶରେ ତାରା ନ ଥିଲା । ନା, ତାକୁ ଦିଶୁ ନ ଥିଲା ! ଯାହା ଦିଶେନି ତାହା ଯେ ନାହିଁ ଏମିତି ନୁହେଁ ।

ରାତିଯାଇ ଦିନ ଆସିଲା । ପୁଣି ଦିନ ଯାଇ ରାତି । ସେ ରାତି ପୁଣି ଦିନ ହେଲା । କିନ୍ତୁ ସିଏ ଆସିଲାନି । ସମସ୍ତେ କହିଲେ, "ତୋ ବର ମରିଗଲା ।"

- ହାତରୁ ଚୁଡ଼ି ଉତାରି ପକା ।
- ମଥାରୁ ସିନ୍ଦୂର ପୋଛି ଦେ ।
- ପାଲଟି ଦେ' ରଙ୍ଗିନ ଶାଢ଼ି ।

ସେ କିନ୍ତୁ ସେମିତି କିଛି କଲାନି । ତାକୁ ଜଣାଥିଲା,ସେ ନିଶ୍ଚେ ଆସିବେ । ନ ଆସିଲେ ବୋଲି ଯେ ମରିଗଲେ, ଏଇଟା କେମିତି ସେ ମାନିନେବ ? ହୁଏତ ସିଏ ହଜି ଯାଇଛନ୍ତି ସମୁଦ୍ର ମଝିରେ । ଦିଗହରା ନାବିକ କ'ଣ ତମାମ୍ ଜୀବନ ଦିଗ ହରାଏ ! ସିଏ ନିଶ୍ଚୟ ଆସିବେ । ସେଇ ବିଶ୍ୱାସରେ ସେ ଉତାରିଲାନି ସିନ୍ଦୂର, ଚୁଡ଼ି ।

ସେ ବି ତ ଦିନେ ଏମିତି ହଜି ଯାଇଥିଲା ସମୁଦ୍ର ମଝିରେ ! ତା'ର ଏବେବି ମନେ ନାହିଁ - ତା' ଗାଁ ନାଁ, ବାପା ମା', ସାଙ୍ଗ ସାଥୀ । କିଛି ବୋଲି କିଛି ମନେ ନାହିଁ । ଖାଲି ଏତିକି ମନେ ଅଛି,

ସେ ତା' ବରର ଜାଲରେ ପଡ଼ିଥିଲା। ସେ ତାକୁ ଛାଣି ଆଣିଥିଲା ପାଣିରୁ। ପୂରା ଫୁଙ୍ଗୁଳା ଦେହ। କିଛି ବୋଲି କିଛି ନଥିଲା ତା'ଦେହରେ। ନିଜେ ଗାମୁଛା ପିନ୍ଧି, ଲୁଙ୍ଗିରେ ତା' ଦେହକୁ ଗୁଡ଼େଇ, କଅଁଳା ଛୁଆ ପରି ଛାତିରେ ଜାକି ଘରକୁ ଆଣିଥିଲା। ପାଣିରେ ବତୁରା ତା' ଦେହକୁ ନିଆଁରେ ସେକି ସେକି, ଡାକ୍ତର ବଇଦ ପାଖକୁ ନେଇ ତାକୁ ଭଲ କଲା।

ନୀଳ ରଙ୍ଗର କସ୍ତା ଶାଢ଼ି ତାକୁ ପିନ୍ଧାଇଥିଲା। ସିଏ ତାକୁ ଆଉଜେଇ ନେଇଥିଲା ହାତରେ। ତା' ଛାତିରେ ମୁହଁଗୁଞ୍ଜି ଶୋଇ ସେ ସବୁ ଭୁଲିଯାଇଥିଲା। ଏଥର ସିଏ ଲାଗୁ ନ ଥିଲା ତା'ର ଅଚିହ୍ନା। ସିଏ ଲାଗୁଥିଲା ତା'ର ଚିହ୍ନା, ଅତି ଚିହ୍ନା। ଆବେଗରେ ବିଭୋର ହୋଇଯାଉଥିଲା ସେ। ଏତେ ଚିହ୍ନା, ଏତେ ନିଜର କେମିତି ହୋଇପାରେ ଜଣେ ଅଚିହ୍ନା ମଣିଷ ! ତା' ଛାତିର ବାସ୍ନା ତା'ର ପ୍ରତି ଲୋମକୂପକୁ ଥରେଇ ଦିଏ କେମିତି ! ତା'ର ମୁଣ୍ଡ କାମ କରେନି। ସେ ନିଜର ଅସ୍ତିତ୍ୱ ଭୁଲିଯାଏ। ଝରିପଡ଼େ ବର୍ଷା ବୁନ୍ଦା ପରି। ସିଏ ସାଉଁଳେଇ ଦିଏ ତା'ର କେଶକୁ । ଏତିକିରେ ସେ ଅଥୟ ହୋଇ କାନ୍ଦେ । ଅବ୍ୟକ୍ତ ବେଦନାରେ ଛଟପଟ ହୁଏ । ବୁଝିପାରେନି କିଛି । କିଛି ସିଦ୍ଧାନ୍ତରେ ପହଞ୍ଚି ପାରେନି।

ସିଏ ତା' କୋଳରେ ସମୁଦ୍ର ଭିତରକୁ ଚାଲିଯାଏ। କିନ୍ତୁ ସେ ମୁକୁଳିପାରେନି ସେହି ପ୍ରଶ୍ନରୁ। କେମିତି ଏତେ ଅପରିଚିତ ମଣିଷ ଏତେ ପରିଚିତ ଲାଗେ ! ଏତେ ମିଠା ଲାଗେ ତା' ଦେହର ବାସ୍ନା ! ତା' ଦେହର ରଙ୍ଗ ! ଚାଲିଗଲା ପରେ ବି ସେ ମୁକୁଳି ପାରେନି ତା'ର ଆବେଶରୁ। ତାକୁ ଲାଗେ ସିଏ ଯେମିତି ସାରାଦିନ ତାକୁ ବେଢ଼ି ରହିଛି।

ତାକୁ ଜଣା ନାହିଁ ସେ କେମିତି ଆସିଲା ସମୁଦ୍ରକୁ। ନଈରେ ଗାଧୋଉ ଗାଧୋଉ ଭାସିଆସିଥିଲା କି ସମୁଦ୍ରକୁ? ନା ସମୁଦ୍ରରୁ ସମୁଦ୍ରକୁ!

ତା'ର କିଛି ବି ମନେ ପଡ଼େନି। ତା'ର ହୁଏତ ସମସ୍ତେ ଅଛନ୍ତି। ପୁଣି ହୁଏତ କେହି ନାହାଁନ୍ତି। କିନ୍ତୁ ସିଏ ତା'ର ଜଗତ ପାଲଟି ଯାଇଛି।

ସିଏ କହେ- ତୁ ମୋର ଜହ୍ନ।

- କାହିଁକି ଲକ୍ଷ୍ମୀ ନୁହେଁ? ଲକ୍ଷ୍ମୀ ବି ତ ବାହାରିଥିଲେ ସମୁଦ୍ରରୁ !

-ନା, ତୁ ଆସିଲାରୁ ସବୁ ଅନ୍ଧାର ହଟିଗଲା ମୋ ଜୀବନରୁ। ମୋ କୁଡ଼ିଆ ଉଜ୍ଜ୍ୱଳ ଦିଶିଲା।

- କିନ୍ତୁ ତୁମେ ମୋ ଜୀବନର ସୂର୍ଯ୍ୟ। ତମେ ସୃଷ୍ଟିର ଆରମ୍ଭରୁ ମୋ ସହିତ ଅଛ। ଅନାଦି କାଳରୁ। ମୋତେ ଆଲୁଅ ବି ଦିଅ, ଉତ୍ତାପ ବି। ମୋ ମନର ପ୍ରତିଟି କୋଷକୁ ଜୀବନ।

ସିଏ କିଛି କହେନି। ଖାଲି ଆଉଜେଇ ନିଏ ଛାତିକି। ସେଇଟା ତା'ର ତୀର୍ଥ। ତା' ମୁକ୍ତିର ବାଟ। ପାର୍ଥିବ ଦୁନିଆର ଅପାର୍ଥିବ ସୁଖ। ପରମାର୍ଥ। ମୋକ୍ଷ।

ତାକୁ ରାନ୍ଧି ଆସେନି ଭାତ। ରାନ୍ଧି ଆସେନି ମାଛ। ସିଏ ଭାତ, ମାଛ ରାନ୍ଧି ତାକୁ ଖୋଇଦିଏ ନିଜ ହାତରେ। ତା' ହାତରୁ ଖାଇବାର ସୁଖ ଅଦ୍ଭୁତ। ଖାଇଲା ବେଳେ ଓଦା ହୋଇଯାଏ ତା' ଆଖିପତା। ଭାବେ ଏ ଦିବ୍ୟ ସୁଖ ପାଇବ ବୋଲି ବୋଧେ ଏତେ ଜୁଆର ମାଡ଼ ଖାଇ ମୁଁ ବଞ୍ଚିଗଲି।

ତାକୁ ପଚାରେ, ମୁଁ ଯଦି ପୋଖରି ଭର୍ତ୍ତି କଇଁ ଭିତରେ ଗୋଟେ କଇଁ ହୋଇଯିବି, ତମେ ମୋତେ ପାଇପାରିବ ?

- ହଁ।

- କେମିତି ?

- ତୋ' ଦେହର ବାସ୍ନାରୁ।

-ନା।

- ତେବେ ?

- ଦିନରେ ସବୁକଇଁ ବୁଜି ହୋଇଥିବା ବେଳେ ତମକୁ ଦେଖି ଆପେଆପେ ମୋର ସବୁତକ ପାଖୁଡ଼ା ମେଲିଯିବ।

ଏବେ ସେ କେଉଁଠି ତାକୁ ଜଣା ନାହିଁ । କିନ୍ତୁ ସେ ଯେ ଏମିତି ହଜି ଯାଇ ପାରିବନାହିଁ, ସେ ବିଶ୍ୱାସ ତା'ର ଅଛି।

ଏବେ ତା'ର ଗୋରାରଙ୍ଗ ତମ୍ବାଳିଆ ଦିଶିଲାଣି। ପାଚି ଗଲାଣି ମୁଣ୍ଡର ଚୁଟି। ଦେହର ନମନୀୟତା, କମନୀୟତା ଚାଲି ଗଲାଣି। ତଥାପି ଅବୁଝା କିଶୋରୀଟି ପରି ସେ ଅପେକ୍ଷା କରେ ତାକୁ। ସାରା ରାତି ଲଣ୍ଠନ ଜାଳି ବାରଣ୍ଡାରେ ବସେ। କାଳେ ତାକୁ ଦିଶିଯିବ ଦିଗ ଆଉ ସେ ଚାଲି ଆସିବ ! ଆକାଶରେ ଭର୍ତ୍ତି ତାରା।

ସମୁଦ୍ର କୂଳ ଗାଁରେ ସେ ଏକା। ଅନେଇ ବସିଛି ବିଶ୍ୱାସର ଆଲୁଅ ଜାଳି ତା' ଫେରିବା ବାଟକୁ। ସିଏ ନିଶ୍ଚୟ ଆସିବ।

ସମୁଦ୍ର ଲହରି ଆସି ପିଟିହୁଏ ତା' ପିଣ୍ଡାରେ। ସେ ଚମକି ପଡ଼େ। ସମୁଦ୍ର କ'ଣ ଆସିଚି ତା' କଥା କହିବାକୁ? କେଜାଣି !

ସିଏ ଯେମିତି ସମୁଦ୍ର ଲହଡ଼ିରେ ଆସୁଚି।   ସମୁଦ୍ର ଯେମିତି ସମୁଦ୍ର ନୁହେଁ ସିଏ। ଶାନ୍ତ ସମୁଦ୍ରର ଉତ୍ତାଳ ଚୂନାଚୂନା

ଲହରିରେ ସିଏ। ଉତ୍ତାଳ ଜୁଆରରେ ସିଏ। ସମୁଦ୍ରରେ କେତେବେଳେ ସହସ୍ର ଜହ୍ନ। କେତେବେଳେ ଜହ୍ନ ଓ ଲହରି ଯେମିତି ଏକାକାର। ବିଯୁକ୍ତ କରିହୁଏନି କାହାଠୁ କାହାକୁ। କିଏ ଜହ୍ନ, କିଏ ସମୁଦ୍ର, କିଏ ଲହଡ଼ି !

ସମୁଦ୍ର ତା'ଠାରୁ ଅଲଗା ନୁହେଁ। ସିଏ ନିଜେ ହିଁ ସମୁଦ୍ର। ନିଜେ ହିଁ ଲହଡ଼ି। ନିଜେ ହିଁ ସ୍ରୋତ। ନିଜେ ହିଁ ଜହ୍ନ। ନିଜେ ହିଁ ଜୁଆର। ନିଜେ ହିଁ ଅନ୍ଧାର। ସମୁଦ୍ରର ନୀଳପାଣିରେ ସିଏ ଯେମିତି ଦୋଳି ଖେଳୁଚି ଜହ୍ନ ପରି। ଆଲୁଅ ଅନ୍ଧାର ଯେମିତି ଦୋଳି ଖେଳୁଚନ୍ତି ପାଣିରେ। ଅନ୍ଧାର ଓ ଆଲୁଅ ଏକାକାର। ଅନ୍ଧାର ଅଛି ଆଉ ନାହିଁ। ଆଲୁଅ ଅଛି ଆଉ ନାହିଁ।

ସିଏ ଯେମିତି ତାକୁ କହୁଚି, କୂଳରେ ଜୀବନ ନାହିଁ। ଆ'ଲୋ' ଭିତରକୁ ଚାଲି ଆ'। ଜୀବନ ସମୁଦ୍ରର ଡଙ୍ଗା ଭିତରେ ସିଏ ଯେମିତି ବସିଛି ତା' ସହ। ଦୁହେଁ, ଦୁହେଁ ନୁହେଁ। ଗୋଟିଏ।

ପୂନେଇ ରାତିରେ ଆବଶ୍ୟକ ନ ଥାଇ ବି ସେ ଲଣ୍ଠନ ତେଜେ। ସମୁଦ୍ରକୁ ସେମିତି ଚାହିଁ ରହିଥାଏ। ସମୁଦ୍ରରେ ଝଲମଲ ସହସ୍ର ଜହ୍ନ।

ସେ ଖୋଜିବସେ କେଉଁ ଜହ୍ନ ଭିତରେ କାଳେ ଦିଶିଯିବ ତା'ର ମୁହଁ ! କିନ୍ତୁ ନା, ସେମିତି କିଛି ଦିଶେନି।

ସମୁଦ୍ରର ଲହଡ଼ି କଥା କହେ। ଜୁଆର ପଶି ଆସେ ଘର ଭିତରକୁ। ଏ ଜୁଆର କ'ଣ ତାକୁ ଡାକିବାକୁ ଆସିଚି ? ନେଇଯିବ ତା'ମନର ମଣିଷ ପାଖକୁ ପାଖକୁ !

ସେ ଲଣ୍ଠନ ଧରି ବାହାରକୁ ଆସେ। ତାକୁ ଆକାଶର ଜହ୍ନ ଅନ୍ୟ ଦିନ ଅପେକ୍ଷା ଅଧିକ ଉଜ୍ଜ୍ୱଳ ଦିଶେ। ସେ ଏଥର ଲଣ୍ଠନ ଲିଭାଇ ପିଣ୍ଡାରେ ରଖେ। ଜହ୍ନ ଆଲୁଅରେ ଆସେ ଆହୁରି ଆହୁରି ବଡ଼ ଜୁଆର। ପିଟିହୁଏ ତା' ଘର କାନ୍ଥରେ। ତା' ଦେହରେ।

ଜୁଆରରେ ଯେ ତା' ଦେହରେ ବାସ୍ନା ! ସିଏ ନିଜେ ହିଁ ଯେମିତି ଜୁଆର ! ଆଖି ବନ୍ଦ ହୋଇଯାଏ ତା'ର। ଜହ୍ନରାତି। ସମୁଦ୍ରରେ ଜୁଆର। ତା' ଦେହର ବାସ୍ନାରେ ରାତି ଯେମିତି ଅସରନ୍ତି !

ପରଦିନ ସକାଳ।

କୁଡ଼ିଆ ନାହିଁ।

ସେ ନାହିଁ।

ସମୁଦ୍ର ଶାନ୍ତ। ସମୁଦ୍ରରେ ଆଉ ଜୁଆର ନାହିଁ।

ରାତିର ସେ ଲଣ୍ଠନଟି ଯେମିତି ସୂର୍ଯ୍ୟ ହୋଇ ଜଳୁଛି ଆକାଶରେ !

ତା'ର ଗୈରିକ ଆଭା ପ୍ରସରି ଯାଉଛି ସମୁଦ୍ରର ଚୂନାଚୂନା ଲହରୀରେ।

ବାଣୀବିହାର ଦର୍ଶନ ବିଭାଗର ୧୯୯୬-୯୮ ବ୍ୟାଚ୍ ଛାତ୍ରୀ ଶ୍ରୀମତୀ ସୁନନ୍ଦା ପ୍ରଧାନ ଭୁବନେଶ୍ୱରରେ ଅବସ୍ଥାନ କରନ୍ତି। ୬ଟି ଗଳ୍ପ ପୁସ୍ତକ, ୫ଟି ଉପନ୍ୟାସ ପୁସ୍ତକ ଓ ୪ଟି କବିତା ପୁସ୍ତକର ରଚୟିତା ଶ୍ରୀମତୀ ପ୍ରଧାନ ଅନେକ ସମ୍ମାନଜନକ ପୁରସ୍କାର ସହ ବିପୁଳ ପାଠକୀୟତାର ଅଧିକାରିଣୀ।

ପରିହାସ

ଦିଲ୍ଲୀପ ଶତପଥୀ

ଗୋଟେ ଖଲି ପତ୍ରରେ ଅଳ୍ପ ଅନ୍ନ, ଅଣ ହଳଦିଆ, ଅଫୁଟା ବିନା ତେଲ ଘିଅରେ କିଛି ଡାଲମା ନେଇ ବାଡ଼ି ପଛପଟ ନଡ଼ିଆ ଗଛ ମୂଳେ ରଖି ଆସିବା ବେଳେ ଭାବୁଥିଲି, ବୋଉ କ'ଣ ଏସବୁ ଖାଇ ପାରିବ ! ବୋଉ ମରିବାର ଆଜିକୁ ଆଠ ଦିନ। ସବୁଦିନେ ଦୁଇ ଓଳି ଖାଇବା ଦେଇ ଆସେ ବୋଉକୁ, ତା'ପରେ ନିଜେ ଏବଂ ସାହି ଭାଇ ସମସ୍ତେ ଏହିପରି ଖାଦ୍ୟ ପାଟିକୁ ନେଉ। କେହି କେମିତି ଆଚାର, ଆଳୁ ସିଝା, କଞ୍ଚା ଲଙ୍କା ଦଳି ଖାଇବାର ପ୍ରୟାସ କରନ୍ତି। କେବେ ଦେଖିବାକୁ ଚେଷ୍ଟା କରିନି ବୋଉ ଖାଇଲା କି ନଖାଇଲା। ହେଲେ ଦୃଢ଼ ନିଶ୍ଚିତ ବୋଉ ଏସବୁ କେବେ ଖାଉ ନଥିବ। ସିଏ ଭାରି ସୁକୁମାରୀ। ଭାତ ଥାଳି ପାଖରେ ଛଅଟା ଗିନା ରହିବା ଥୟ। ସିଏ ଖାଲି ଭାତ ଡାଲମା, ମନ୍ଦିରରେ ବି ଖାଏନି। ତରକାରୀ, ଭଜା, ପୋଡ଼ାପୋଡ଼ି, ଖଟା ଦହି, ପାମ୍ପଡ଼, ବଡ଼ି ଇତ୍ୟାଦି ତା'ର ଲୋଡ଼ା। ସପ୍ତାହରେ ସୋମବାର, ଗୁରୁବାର ସିଏ ଅରୁଆ ଖାଏ। ସାଙ୍ଗରେ ଘିଅ ଏବଂ ଲେମ୍ବୁ ନହେଲେ ନଚଳେ। ଏସବୁ ନଥିଲେ ସେ ଥାଳି ଠେଲିଦେବା ଲୋକ। ଆଠଦିନ ହେଲାଣି ବାପା ପୂରା ନିର୍ବାକ। ଚୁପଚାପ ବାଲକୋନି ଚେୟାର ଉପରେ ବସନ୍ତି, ନହେଲେ ତାଙ୍କ ଶୋଇବା ଘରେ। ଯାହା ପଚାରିଲେ ଖାଲି ମୁହଁକୁ ଚାହୁଁଛନ୍ତି, ନହେଲେ ହଁ, ନାହିଁରେ ଉତ୍ତର ରଖନ୍ତି।

ବୋଉ ଚାରି ଭାଇରେ ଗୋଟିଏ ଝିଅ ଥିଲା। ତା' ବାପା, ମାନେ ମୋର ଅଜା ଥିଲେ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ। ବୋଉ ବହୁତ ଅଲିଅଳରେ ବଢ଼ିଥିଲା। ସବୁଠାରୁ ସାନ ଝିଅ। ବୋଉ ବାହା ହେଲା ବେଳକୁ ତିନି ବଡ଼ ଭାଇ ବାହା ହୋଇ ତାଙ୍କର ପିଲାମାନେ ସ୍କୁଲ ଗଲେଣି। ଭାଉଜମାନେ ତାକୁ କିଛି କରିବାକୁ ଦିଅନ୍ତି ନାହିଁ। ପାଠରେ ବୋଉ ଅତି ଭଲ ନହେଲେ ବି ଖରାପ ନଥିଲା। ସେତେବେଳେ ମେଟ୍ରିକ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲା। ଆଇଏ ପଢୁଥିଲା, ପରୀକ୍ଷା ପୂର୍ବରୁ ୧୯ ବର୍ଷ ବୟସରେ ବାହାହୋଇ ଆମ ଘରକୁ ଆସିଲା। ଆଉ ପରୀକ୍ଷା ଦେଇ ପାରିଲାନି। ହେଲେ ଆମ ଦୁଇ ଭାଇ ଭଉଣୀଙ୍କୁ ଦଶମ ଡେଇଁଲା ପର୍ଯ୍ୟନ୍ତ ଗୋଡ଼େଗୋଡ଼େ ଜଗିଥିଲା। ନିଜେ ସବୁ ପଢ଼ାଏ। ବୋଉର ଇଂରାଜୀ ଏବଂ ଗଣିତ ଭଲ ହେଉଥିଲା। ଆମେ ଉଚ୍ଚ ଶିକ୍ଷିତ ହୋଇ ବଡ଼ ଚାକିରିରେ ଅବସ୍ଥାପିତ ହେବାରେ, ବୋଉର କଠୋର ଅନୁଶାସନ ହିଁ ଦାୟୀ। ବାପା ଥିଲେ ଜଣେ ପୋଷ୍ଟ ମାଷ୍ଟର, କେନ୍ଦ୍ର ସରକାରୀ କର୍ମଚାରୀ। ବାପା ବି ବିଜ୍ଞାନରେ ସ୍ନାତକ।

ବୋଉ ବାହାହୋଇ ଆମ ଘରକୁ ଆସିବାର ବର୍ଷେ ପରେ ବାପା ଡାକ ନିରୀକ୍ଷକ ହୋଇଗଲେ। ଓଡ଼ିଶା ଭିତରେ ବହୁତ ଜାଗାକୁ ବାପାଙ୍କ ବଦଳି ହୋଇଛି। ଆମେବି ବୁଲିଛୁ ବାପାଙ୍କ ସାଙ୍ଗରେ। ମେଟ୍ରିକ ଭିତରେ ମୁଁ ଚାରିଟି ବିଦ୍ୟାଳୟରେ ପାଠ ପଢ଼ିଛି। ବୋଉକୁ କେବେ ସକାଳୁ ଉଠିବା ମୁଁ ଦେଖିନି। ସିଏ ବି କେବେ ଆମକୁ ବାଧ କରିନି, ସକାଳୁ ଉଠି ପାଠ ପଢ଼। ପାଠ ତ ପଢ଼ିବାର ଅଛି, ଯେତେବେଳେ ମନ ହେଲା ସେତେବେଳେ ପଢ଼। ହେଲେ ମନ ଦେଇ ନିଷ୍ଠାର ସହିତ ପଢ଼। ବାପା କିନ୍ତୁ ଏସବୁର ବ୍ୟତିକ୍ରମ। ତାଙ୍କର ଡାକ ଅଧିକ୍ଷକ ପଦରୁ ଅବସର ନେବା ପ୍ରାୟ ଦଶ ବର୍ଷ ହେଲାଣି। ଚାକିରି ସମୟର ବହୁ ବର୍ଷ ବାପା ଏବଂ ଆମେମାନେ କଟକରେ ବିତେଇଛୁ। ବାପାଙ୍କ ଚାକିରି ଆରମ୍ଭ ବି କଟକରେ ହୋଇଥିଲା। ସିଏ ବି ରେଭେନ୍ସାର ଛାତ୍ର ଥିଲେ। ଚାକିରିର ଶେଷ କିଛି ବର୍ଷ ଭୁବନେଶ୍ୱର, କଟକରେ ବିତିଥିଲା। କଟକ ସହର ତାଙ୍କୁ ଆରେଇ ଯାଇଥିଲା। କଟକ ସିଡିଏରେ ଘରଖଣ୍ଡେ କରିଥିଲେ। ସୁବିଧା ଦୃଷ୍ଟିରୁ ତଳେ ବାପା ବୋଉ ରୁହନ୍ତି। ରୋଷେଇ ବି ତଳେ ହୁଏ। ଉପର ଘରେ ମୁଁ, ମୋର ସହଧର୍ମିଣୀ ସ୍ମିତା ଏବଂ ମୋ ପୁଅ ଡବଲୁ ରହୁ। ଉପର ଘରେ ରୋଷେଇବାସର ସୁବିଧା ଅଛି, କେତେବେଳେ କେମିତି ଚାହା, ଜଳଖିଆ ପାଇଁ।

ମୋର ଚାକିରି ଭୁବନେଶ୍ୱରରେ। ପତ୍ନୀଙ୍କ ଉପରେ ସମ୍ପୂର୍ଣ୍ଣ ଘରର ପରିଚାଳନା ଭାର। ଭଉଣୀ ଚାକିରି କରେ, ଏକ ବେସରକାରୀ କଲେଜରେ ଅଧ୍ୟାପିକା। ଭୁବନେଶ୍ୱରରେ ବାହା ହେଇଛି। ତା'ର ଶାଶୂ ଶ୍ୱଶୁର ସମସ୍ତେ ଅତି ଭଲ। ବାପା ବହୁତ ପରିଶ୍ରମୀ, ରାତି ନ'ରେ ଖାଇବା, ଦଶଟା ପୂର୍ବରୁ ଶୋଇବା, ସକାଳୁ ପାଞ୍ଚ ବାଜିଲେ ବିଛଣା ଛାଡ଼ିବା ତାଙ୍କର ଅଭ୍ୟାସ। ସକାଳୁ ନିତ୍ୟକର୍ମ ସାରି, ୬ଟା ବାଜିଲେ ବୁଲିବାକୁ ଯିବେ, ସାତଟା ପରେ ଆସିବେ। ଆସିଲା ବେଳକୁ ହାତରେ ନିଶ୍ଚିତ କିଛି ସଜ ପରିବା, ଶାଗ, କଦଳୀ। ବେଳେବେଳେ ଭଲ ମାଛ ଇତ୍ୟାଦି ଆଣିଥିବେ। ଆଠଟା ପୂର୍ବରୁ ସେ କେବେ ବୋଉକୁ

ଡାକିବେ ନାହିଁ। ଆରମ୍ଭରୁ ସିଏ ଜାଣିଛନ୍ତି ବୋଉ ଆଠ ନହେଲେ ଉଠିବନାହିଁ। ଯେଉଁଦିନ କୌଣସି କାରଣରୁ ତାକୁ ଶୀଘ୍ର ଉଠେଇ ଦିଆଯାଏ, ସେ ଦିନଟି ଘରେ କାହାର ଭଲରେ କଟେନି।

ମୁଁ ଦେଖିଛି ଚାକିରି ସମୟରେ ଟୁରରେ ଯିବାର ଥିଲେ ବାପା ନିଜେ ନିଜ ଜଳଖିଆ ପ୍ରସ୍ତୁତ କରି ଆମକୁ ବି ସ୍କୁଲ ପାଇଁ ପ୍ରସ୍ତୁତ କରେଇ ଦିଅନ୍ତି। ବାପା ଭଲ ରୁଟି ବେଲନ୍ତି, ପରିବା କାଟନ୍ତି, ମାଛ, ମାଂସ ଧୁଅନ୍ତି, ବେଳେବେଳେ ମାଂସ ତରକାରୀ ବି କରି ଦିଅନ୍ତି। ସମୟ ସମୟରେ ମାମୁ, ମାଇଁ କିମ୍ବା ବନ୍ଧୁବାନ୍ଧବ ଆସିଲେ ବାପା ବୋଉକୁ ରୋଷେଇରେ ସାହାଯ୍ୟ, ଚାହା, କଫି ତିଆରି କରିବା କିମ୍ବା ପକୁଡ଼ି ଛାଣିବା ଦେଖିଲେ ବାପାଙ୍କୁ ଥଟ୍ଟା ତାମସା କରନ୍ତି। ମାଇଚିଆ ବୋଲି ପରିହାସ ବି କରନ୍ତି। ହେଲେ ବାପାଙ୍କୁ ଏସବୁ ଖରାପ ଲାଗେନି। ବରଂ ବୋଉ ରାଗେ, ତା' ଭାଉଜମାନଂକୁ ଗାଳି କରେ। ବାପା କେତେ ସାଧାରଣ ମଣିଷ ବୋଲି ଅନ୍ୟମାନଂକୁ ଶୁଣାଏ। ବୋଉର ଖାଲି ଉଠିବା ଡେରି, ହେଲେ ଉଠିଲେ ପୂରା ଘର ତା' କାନ୍ଧରେ। ସକାଳ ସାଢ଼େ ସାତଟା ପରେ ସ୍ମିତା ଚାହା ପାଇଁ ପଚାରିଲେ, ବାପା ବୋଉକୁ ଉଠେଇବାକୁ ଯାଆନ୍ତି। ତା' ପାଖରେ ବସି ଦେହରେ ହାତ ମାରିଦେଲେ ବୋଉର ନିଦ ଆପେଆପେ ଭାଙ୍ଗିଯାଏ। ଉଠି ଦାନ୍ତ ଘଷି ବାପାଙ୍କ ସାଙ୍ଗରେ ଚାହା ପିଇବାକୁ ବସେ। ଟିକେ ଦୁଃଖସୁଖ ହୁଏ। କ'ଣ ଆଣିଛ ବୋଲି ପଚାରେ, କ'ଣ ରୋଷେଇ ହେବ ବୁଝେ ଏବଂ ଗାଧୁଆ ଘରେ ପଶେ। ଏକାଥରେ ସ୍ନାନଶୌଚ ସାରି ବାହାରେ। ତା'ପରେ ଠାକୁର ସେବା। ପରିବାରର ସମସ୍ତଙ୍କ ପାଇଁ କିଛି ନା କିଛି ଗୁହାରି ଜଣାଇ ଦିନ ଦଶଟା ପରେ ବାହାରେ।

ଏଣେ ମୁଁ ନଅଟାରୁ ଭୁବନେଶ୍ୱର ବାହାରି ଚାଲିଯାଏ। ପୁଣି ବୋଉ ସହିତ ଦେଖା ରାତି ଆଠ ପରେ। ଦିନରେ ମାତ୍ର ଦୁଇ ଘଣ୍ଟା ହିଁ ବିତେଇ ପାରେ ମୁଁ ବୋଉ ସହିତ। ହଁ ଶନିବାର, ରବିବାର ଦିନସାରା ମୋ ପଛରେ ଲାଗିଥାଏ। ଏଠିକି ଯିବା, ସେଠିକି ଯିବା, ମାମୁଁ ଘରକୁ ଯିବା, ଝିଅ ଘରକୁ ଯିବା। କିଛି ନହେଲେ ଚାଲ ଜଗନ୍ନାଥଙ୍କୁ ଦେଖି ଆସିବା।

ସେଦିନ ଶନିବାର ଥିଲା। ସକାଳ ଆଠ ବାଜିବ। ସ୍ମିତାର ଉଠିବା ଟିକେ ଡେରି ହେଇ ଯାଇଛି ବୋଧେ। ଥଣ୍ଡା କାଶ ହେଉଥିଲା। ରାତିରେ ଔଷଧ ଖାଇଥିବ। କରୋନା ପରଠୁ ଥଣ୍ଡା କାଶ ହେଲେ ସିଏ ତଳକୁ ଯାଏନି କାଳେ ବାପା, ବୋଉଙ୍କୁ ଡେଇଁବ। ପୁଅକୁ ପଠାଇଲା ଗଲୁ ଦେଖି ଆସିବୁ ଜେଜୀମା' ଉଠିଲେଣି ନା, କହିବୁ ଚାହା ପଠେଇବି। ଠିକ ସେତିକି ବେଳେ ବୋଉ ଆସି ପହଁଚିଲା। ପଚାରିଲା ବାପା ଆସିଛନ୍ତି କି? ତଳେ ନାହାନ୍ତି ତ! ଏତେ ବେଳ ହେଲାଣି କଣ ବୁଲିବା ସରିନି! ସ୍ମିତା କହିଲା ନା' ତ ଉପରକୁ ଆସି ନାହାଁନ୍ତି, କେଉଁଠି କାହା ପାଖରେ ବସି ଯାଇଥିବେ, ନହେଲେ କାହା ଘରକୁ ଯାଇଥିବେ। କଥାବାର୍ତ୍ତା ହୋଇ ଫେରିବେନି, ତୁମେ କାହିଁକି ବ୍ୟସ୍ତ ହେଉଛ? ବସ ଚାହା ପିଅ। ଡବୁଲୁ ଯାଇ ଜେଜେଙ୍କୁ ଖୋଜି ଆଣିବ।

ବୋଉ ବଡ଼ ବିବ୍ରତ ଜଣା ପଡୁଥାଏ। ସ୍ମିତା ହାତରୁ ଚାହା କପଟି ନେଇ ମତେ କହିଲା ଟିକେ ଫୋନ କଲୁ ମିଶ୍ର ମଉସା, ଦୈତାରୀ ମଉସାଙ୍କୁ ନହେଲେ ପାର୍କ ଆଡ଼େ ଟିକେ ବୁଲି ଆସିଲୁ, କାଳେ କେଉଁଠି ଥିବେ। ମୁଁ ବି ଅଗତ୍ୟା ଫୋନ ଲଗେଇଲି। ହେଲେ ଉତ୍ତର ପାଇଲି ବାପା ଆଜି ପାର୍କକୁ ଯାଇ ନାହାଁନ୍ତି। ସକାଳୁ କେହି ବାପାଙ୍କୁ ଦେଖି ନାହାଁନ୍ତି। ଆଶ୍ଚର୍ଯ୍ୟ! କୁଆଡ଼େ ଗଲେ! ନଅଟା ପାଖାପାଖି ହେବ। ସେତେବେଳକୁ ସ୍ମିତା ଛାତ ଉପରେ ଲୁଗାପଟା ଶୁଖେଇ ଫେରିଲାଣି। ବାପା ଉପରେ ବି ନାହାଁନ୍ତି। ତଳୁ ଡବୁଲୁର ପାଟି ଶୁଭିଲା, ମମୀ ଜେଜେ ତାଙ୍କ ଖଟରେ ଶୋଇଛନ୍ତି। ଡାକିଲେ ଉଠୁ ନାହାଁନ୍ତି। ମୁଁ ବୋଉକୁ ପଚାରିଲି ବାପା ଏଯାଏଁ କାହିଁକି ଶୋଇଛନ୍ତି, ଉଠି ନାହାଁନ୍ତି। କ'ଣ ଦେହ କିଛି ଖରାପ ଲାଗୁଥିଲା କି?

ବୋଉ ମୋ ଆଖିକୁ ବଲବଲ କରି ଚାହିଁଥିଲା। ବୋଧହୁଏ ମୋ ପ୍ରଶ୍ନର ଉତ୍ତର ତା' ପାଖରେ ନଥିଲା। ସ୍ମିତା କହିଲା, ତୁମେ ତଳକୁ ଯାଇ ଦେଖ, ବୋଉ ଆପଣ ଏ ବାଲକୁନି ଆରାମ ଚିଆର ଉପରେ ବସିଥାନ୍ତୁ। ମୁଁ ତରତର ହୋଇ ତଳକୁ ଗଲି। ବାପାଙ୍କ ରୁମ୍ ଭିତରେ ପଶିଲି ଏବଂ ଅପେକ୍ଷାକୃତ ଧୀର ସ୍ୱରରେ ଡାକିଲି ବାପା, ବାପା...। ପାଖକୁ ଗଲି, ଦେହରେ ହାତ ମାରି ଟିକେ ହଲେଇ ଦେଇ ପୁଣି ଡାକିଲି- ବାପା! ବାପା କଡ଼ ଲେଉଟେଇ ପଚାରିଲେ "ଆରେ କ'ଣ ହେଲା? ତୁ ଏଠି, ବୋଉ ଉଠିଲାଣି?" ମୁଁ ଉତ୍ତର ଦେଲି, "ହଁ ଆପଣ ଏଯାଏଁ ଶୋଇଛନ୍ତି। କ'ଣ କିଛି ଅସୁସ୍ଥ ଅନୁଭବ କରୁଛନ୍ତି କି?" "ଆରେ ନା ନା। ସବୁଦିନେ ବୋଉ ଆଠଟା ଯାଏ ଶୋଉଛି, ଭାବିଲି ଦିନେ ଶୋଇକି ଦେଖିବା ସୂର୍ଯ୍ୟୋଦୟ ପରର ନିଦ କେତେ ମଜା ଦିଏ! ଏମିତି ଟିକେ ଛାଇ ନିଦ ଆସିଯାଇଥିଲା। କେତେବେଳେ ହେଲାଣି?" କହି ବାପା ଘଣ୍ଟାକୁ ଚାହିଁଲେ। ମୁଁ ବି ଟିକେ ଖୁସିରେ ହସି ଦେଇ ଡାକ ପକାଇଲି, "ସ୍ମିତା! ସ୍ମିତା! ଟିକେ ତଳକୁ ଆସ ତ!" ସ୍ମିତା କିଛି ନବୁଝି ତରତର ହୋଇ ସିଡ଼ିରେ ଓହ୍ଲେଇ ଆସିଲା। ସବୁକଥା ଶୁଣି ସମସ୍ତେ ହସିଲୁ, ସ୍ମିତା ବାପାଙ୍କୁ କହିଲା "ଆପଣ ନା ବାପା! ଆମେ ବହୁତ ଟେନସନ ନେଲୁଣି। ଶୀଘ୍ର ଦାନ୍ତ ଘଷି ଉପରକୁ ଆସନ୍ତୁ, ବୋଉ ଉପରେ ଅଛନ୍ତି, ସାଙ୍ଗ ହୋଇ ଚାହା ଖାଇବା।"

ଆମେ ଉପରକୁ ଗଲୁ। ସ୍ମିତା ଚାହା ଆଣିବାକୁ ଗଲା ରୋଷେଇ ଘରକୁ। ବାପା କହିଲେ, "ବୋଉ ବୋଧେ ମୋ ଉପରେ ରାଗି ବାଲକୁନିରେ ବସିଛି। ତାକୁ ଚାହା କପେ ଦିଅ, ରାଗ ଶାନ୍ତ

ହେଲେ ବଳେ ଘରକୁ ଆସିବ।" ସ୍ମିତା ଚାହା ଦେଇସାରି ବାଲକୁନିକୁ ଗଲା। "ବୋଉ, ବୋଉ" ଡାକି ଚମକି ପଡ଼ିଲା। ବୋଉ ଚେୟାରର ଗୋଟିଏ ପାର୍ଶ୍ୱକୁ ଢଳି ପଡ଼ିଥିଲା। ଚାହା କପ୍‌ଟି ତଳେ ପଡ଼ି ଯାଇଥିବା ହେତୁ ଚଟାଣସାରା ଚା ପଡ଼ିଥିଲା। "ବୋଉ.." -ସ୍ମିତାର ଚିତ୍କାର ଶୁଣି ମୁଁ ସଙ୍ଗେସଙ୍ଗେ ଯାଇ ଦେଖିଲି। ବୋଉ ବୋଧେ ଚେତାରେ ନଥିଲା। ଡକ୍ଟର ବିଶ୍ୱାଳଙ୍କୁ ଫୋନ କଲି, କହିଲେ ସଙ୍ଗେସଙ୍ଗେ ଅଶ୍ୱିନୀ ହସ୍ପିଟାଲକୁ ନେଇଯାଅ, ମୁଁ ଯାଉଛି ସେଇଠି ଦେଖିଦେବି। ବୋଉକୁ ଆଣି ଖଟରେ ଶୁଆଇ ଦେଲୁ। ୧୦୮ ଆମ୍ବୁଲାନ୍ସକୁ ଡାକିଲି। ଦଶ ମିନିଟରେ ଆସି ପହଁଚିଲା। ବୋଉକୁ ଷ୍ଟ୍ରେଚରରେ ଉଠେଇ ସଙ୍ଗେସଙ୍ଗେ ହସ୍ପିଟାଲ ଚାଲିଲି। ବାପାଙ୍କୁ କହିଲି ତୁମେ ଘରେ ଥାଅ, ପୁଅ ଅଛି। ଆମେ ବୋଉ ସାଙ୍ଗରେ ଯାଉଛୁ। ଗଲାବେଳେ ବାପା କହିଲେ "ଆରେ ଜୀବନସାରା ବୋଉ ପାଇଁ ଅନେକ ଲୋକଙ୍କ ଅନେକ ଥଟ୍ଟା ପରିହାସ ସହିଛି। ହେଲେ ତୋ ବୋଉ ମୋର ଗୋଟେ ଛୋଟ ପରିହାସ ସହି ପାରିଲାନି !

ଆମ୍ବୁଲାନ୍ସରୁ ବୋଉକୁ ହୃଦରୋଗ ବିଭାଗ ଆଇସିୟୁକୁ ନିଆ ହେଉଥିଲା। ଆମେ ବାହାରେ ଥାଇ ନୀଳ ବତିକୁ ଏକ ଲକ୍ଷ୍ୟରେ ଚାହିଁଥାଉ। କିଛି ସମୟ ପରେ ନୀଳ ଆଲୋକ ନାଲିରେ ପରିବର୍ତ୍ତନ ହେଲା। ଡାକ୍ତର ବାହାରକୁ ଆସିଲେ, ସ୍ମିତା ସହିତ କ'ଣ କଥା ହେଲେ। ସ୍ମିତାର ଦୁଇ ଆଖିର ଦୁଇ ଟୋପା ଲୁହ ମୋର ସବୁ କଳ୍ପନା ଜଳ୍ପନାରେ ପୂର୍ଣ୍ଣଚ୍ଛେଦ ଟାଣି ଦେଇଥିଲା। ପକେଟରେ ହାତ ପୂରାଇ ମୋବାଇଲରେ ବାପାଙ୍କ ନମ୍ବର ଖୋଜୁଥିଲି ଏବଂ ଭାବୁଥିଲି କ'ଣ କହିବି ....।

ଶ୍ରୀଯୁକ୍ତ ଦିଲ୍ଲୀପ ଶତପଥୀ ବାଣୀବିହାର ଗଣିତ ବିଭାଗର ୧୯୯୦-୯୨ ବ୍ୟାଚ୍ ଛାତ୍ର। ଭାରତୀୟ ଡାକ ବିଭାଗରେ ପୋଷ୍ଟ ମାଷ୍ଟର ଭାବେ କାର୍ଯ୍ୟରତ ଶ୍ରୀ ଶତପଥୀ ମୁଖ୍ୟତଃ ଜଣେ ବ୍ୟଙ୍ଗକବି ଭାବେ ଜଣାଶୁଣା। ସେ ମଧ୍ୟ ଗଳ୍ପ ଓ ଆଧ୍ୟାତ୍ମିକ ସାହିତ୍ୟ ରଚନା କରନ୍ତି। ଭୁବନେଶ୍ୱରରେ ଅବସ୍ଥାନ କରୁଥିବା ଶ୍ରୀ ଶତପଥୀଙ୍କ ସହିତ ମୋବାଇଲ ନମ୍ବର ୭୦୦୮୦ ୮୮୪୪୨ରେ ଯୋଗାଯୋଗ କରାଯାଇ ପାରିବ।

କବିତା କଲ୍ଲୋଳ



କୋଟି ନମସ୍କାର, ହେ ବାଣୀବିହାର

ସଂଘମିତ୍ରା ମିଶ୍ର

ବାଣୀବିହାର,
ସତ କହୁଛି, ତୁମକୁ ମୁଁ ଯେତିକି ଦେଖିଛି
ତା'ଠୁଁ ବେଶି ଆଜିଯାଏ ଅଦେଖା ରହିଛି
କେତେ ନୂଆ ସଂଯୋଜନ ତୁମରି ବୁକୁରେ
ଆଜି ଜମାରୁ ଚିହ୍ନି ହେଉନି
ପଚାରି ପଚାରି ବାଟ, ଏବେ ଭାରି ଥକି ମୁଁ ଯାଉଛି ।

ତୁମେ ଯେମିତି ଦିଶ ଖାଲି ଆଖିକୁ
ତା'ଠୁଁ ଭିନ୍ନ ତୁମରି ହୃଦୟ
କେତେ ବାହ୍ୟ ପ୍ରଭାବକୁ ପ୍ରତିହତ କରି
ତୁମେ ହିଁ ତ ପାଲଟିଛ
ଦୂର ଦୂରାନ୍ତରୁ ଆସିଥିବା
ଜିଜ୍ଞାସୁ ଶିକ୍ଷାର୍ଥୀ ପାଇଁ
ପରିପୂର୍ଣ୍ଣ ନିର୍ଭୟ ଆଶ୍ରୟ ।

ତୁମର ଜୀବନ ଅଛି ମୁଁ ଜାଣେ
ମୋତେ କଷ୍ଟ ହେଲେ
ତୁମେ ପକାଇଛ ଦୀର୍ଘଶ୍ୱାସ
କେତେ ଆଉଁଷି ଦେଇଛ
ମୋ ଝାଳବୁହା କପାଳ
ଥଣ୍ଡା ପବନରେ,
କହିଅଛ କାନେକାନେ, "ଏ ଦିନ ରହିବ ନାହିଁ"
(କୋଉ ଦିନ ରହିଲା ଯେ !)
ଏକଥା ମୁଁ କେମିତି ପାଶୋରିଯିବି ଏଇ ଜୀବନରେ !

ତୁମେ ଯଦି ଜାଣିଥିଲ,
ମୋ ଜନ୍ମଜାତକ ସହ
ତୁମେ ଯୋଡ଼ା ହୋଇଅଛ
ମୋ ଜନ୍ମକାଳରୁ
କାହିଁକି ମୁଁ ସବୁରିଠାରୁ ଅଲଗା ?
ସତେ ଅବା ନାଁ ନଜଣା ଫୁଲଟି
ଧୂଳିରେ ଲୋଟି ପଡ଼ିଛି ।
ଅକସ୍ମାତ ଖସିଛି ଡାଳରୁ ।

ବାଣୀବିହାର, ତୁମେ ମୋର ଗୁରୁଜନ
ଦୁଃଖ ବିପଦରେ ଠିଆ ହେଉଥିବା
ମୋର ସମର୍ଥ ଜନକ
ତୁମେ ଗଢ଼ିଦେଇଥିଲ ସେଇଦିନ
କଞ୍ଚାମାଟି ପିତୁଳାକୁ
ଭରିଥିଲ ମୋ ବୁକୁରେ ସହାନୁଭୂତି ଭାବନା
ଶତ ମହାବାତ୍ୟା ସତ୍ତ୍ୱେ, ଦୁଇ ହାତେ ଢାଙ୍କିରଖି
ଜଳାଇ ରଖିଥିଲ ମୋ ପ୍ରଜ୍ଞା ଓ ବିବେକ,
ତୁମକୁ ମୋ କୋଟି ନମସ୍କାର
ତୁମ ପାଇଁ ଗର୍ବ କରିହୁଏ
ବୀଣାପାଣିଙ୍କର ଆଶୀର୍ବାଦ ଧନ୍ୟ ତୁମେ
ମୋ ଜୀବନ ଗଢ଼ିଥିବା
ହେ ଜୀବନ୍ତ ଅନୁଷ୍ଠାନ,
ଆପଣାର ମୋ ବାଣୀବିହାର ।

ପ୍ରଫେସର ସଂଘମିତ୍ରା ମିଶ୍ର ବାଣୀବିହାର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ୧୯୭୩-୭୫ ବ୍ୟାଚ୍ ଛାତ୍ରୀ । ସରକାରୀ ମହାବିଦ୍ୟାଳୟରେ ନଅ ବର୍ଷ ଅଧ୍ୟାପନା କରିବା ପରେ ନିଜ ଶିକ୍ଷାନୁଷ୍ଠାନ ବାଣୀବିହାର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ୧୯୮୬ ମସିହାରେ ଯୋଗଦେଇ ୨୦୧୩ ମସିହାରେ ପ୍ରଫେସର ଭାବରେ ଅବସର ଗ୍ରହଣ କରିଛନ୍ତି । ଜଣେ ବିଶିଷ୍ଟ ସାହିତ୍ୟିକା ଭାବରେ ତାଙ୍କର ସୁଖ୍ୟାତି ରହିଛି । ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘର ସେ ଆଜୀବନ ସଦସ୍ୟା ।

ଚୋରା ଚଇତାଳି : ବଡ଼ ସୁଲୁସୁଲି

ନୀଳାମ୍ବର ବିଶ୍ୱାଳ

ସଦର ଦରଜା ଆଉଜି ଦିଅଲୋ !
ଦକ୍ଷିଣା ପବନ ବହୁଛି,
ଦକ୍ଷିଣା ପବନ ଦିହରେ ବାଜିଲେ
ଦିହ କସମସ ହେଉଛି ।
ଜବର କରିକି କୀଳିଣୀ ଦିଅ,
ଲୁଗା ବିଣ୍ଡା କରି ଫାଙ୍କରେ ଦିଅ,
ଚୋରା ଚଇତାଳି ବଡ଼ ସୁଲୁସୁଲି
ତାକୁ ଦାଣ୍ଡରୁ ଦାଣ୍ଡରୁ ଫେରେଇ ଦିଅ ॥

ବାଡ଼ି ଖିଡ଼ିକିଟା କିଏ ସେ ଖୋଲିଲା ?
ବଉଳ ବାସନା ଆସୁଛି,
ଆମ୍ବ ଡାଳେ ଏକା କୋଇଲି ବାଡୁଅ
ପଞ୍ଚମ ତାନରେ ଗାଉଛି ।
ଢେଲାଟାଏ ମାରି ଧଡ଼କି ଦିଅ,
ପଞ୍ଚମ ତାନ ତା' ଭୁଲେଇ ଦିଅ,
ତା' ସୁରେ ମଲିଣି, କୁଳ ହୁଡ଼ିଲିଣି,
ତାକୁ ଡାଳରୁ ଡାଳରୁ ଉଡ଼େଇ ଦିଅ ॥

ଦୂରରୁ କିଏ ସେ ଖାକିଜାମା ପିନ୍ଧି-
ଡାକବାଲା କି' ସେ ଆସୁଛି ?
ମୁଦେଇ ଚିଠିର ଠିକଣା ପଢ଼ଲୋ !
କିଏ ସେ ମୋ କତି ଦେଇଛି ?
ସେ କି' ପରଦେଶୀ ରଜାର ପୁଅ !
ବେରିଂ ଚିଠି ତା' ଫେରେଇ ଦିଅ
କି' ପାଇଁ ପଢ଼ିବି, ଜୀଇଁକି ମରିବି,
ତାକୁ ହାତଗୁଞ୍ଜା ନେଇ ଯିବାକୁ କୁହ ॥

ନିବୁଜ କୋଠରି ନିଘଞ୍ଚ ଅନ୍ଧାର,
ଏକାଏକା ଏଠି ବସିଛି,
ଦକ୍ଷିଣା ପବନ ପରଭୃତ ତାନ
ସବୁକୁ ମୁଁ ତେଜ୍ୟା କରିଛି ।
ମନ ଗହୀରରେ ରଜାର ପୁଅ,
ଛପିଛପି ଆସି ଛୁଉଁଛି ଦିହ,
କୁତୁକୁତୁ କରେ ନିଧୁବନ ଭରେ
ତାକୁ ଆକଟ କରନା ଆସନ ଦିଅ ॥

ସାରା ସହରକୁ ଜଣେଇ ଦିଅ –
"କୁଆଁରୀ କନ୍ୟାକୁ କିମିଆଁ କରିଛି,
ଦୂର ପରଦେଶୀ ରଜାର ପୁଅ ।"

ଶ୍ରୀ ନୀଳାମ୍ବର ବିଶ୍ୱାଳ ବାଣୀବିହାର ୧୯୭୭-୭୯ ବ୍ୟାଚର ଗଣିତ ବିଭାଗର ଛାତ୍ର । ୧୯୭୭-୭୮ରେ ସେ ପ୍ରଥମ ଛାତ୍ରାବାସ (ଗୋପବନ୍ଧୁ ଛାତ୍ରାବାସ)ର ମୁଖପତ୍ର "ବାଣୀ ବୀଥିକା"ର ସଂପାଦକ ଥିଲେ ।

'ଓଡ଼ିଶା ଗଣିତ ସଂସଦ'ର ତ୍ରୈମାସିକୀ 'ଅଭିନବ ଗଣିତ ବିଚିତ୍ରା'ର ସଂପାଦନା ଦାୟିତ୍ୱ ସେ ଦୀର୍ଘ ପନ୍ଦରବର୍ଷ ଧରି ତୁଲାଇ ଆସୁଛନ୍ତି । ତାଙ୍କର 'ଶତାବ୍ଦୀର ଶେଷଅଙ୍କ' ଗପବହି ଓ 'ଟିକି ଚିଠିଟି ମୋ କୁନିପୁଅକୁ' କବିତା ସଂକଳନ ପ୍ରକାଶ ପାଇଛି । 'ଗଣିତ ଛୁଙ୍କ', 'ଅଜାଙ୍କ ଖ୍ରୀଷ୍ଟାବ୍ଦ ଶିକ୍ଷା', 'ଗଣିତ ମହୋତ୍ସବ' ଆଦି ଜନପ୍ରିୟ ଗଣିତ ବହିର ସେ ଲେଖକ । ମାଧ୍ୟମିକ ଶ୍ରେଣୀ ପାଇଁ ଓଡ଼ିଆ ଭାଷାର ପ୍ରଥମ କମ୍ପ୍ୟୁଟର ପାଠ୍ୟପୁସ୍ତକର ସହଯୋଗୀ ଲେଖକ ଭାବରେ 'ଆସ ଶିଖିବା କମ୍ପ୍ୟୁଟର' ୫ଖଣ୍ଡ ବିଦ୍ୟାପୁରୀ, କଟକଙ୍କ ଦ୍ୱାରା ପ୍ରକାଶିତ ।

ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘ କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ତଥା ମୁଖପତ୍ର 'ଉତ୍କଳାୟନ' ସମ୍ପାଦକମଣ୍ଡଳୀର ସଦସ୍ୟ ଅଛନ୍ତି । ତାଙ୍କ ସହିତ ମୋବାଇଲ ନମ୍ବର- ୯୯୩୭୯୪୮୬୬୪ ରେ ଯୋଗାଯୋଗ କରାଯାଇପାରିବ ।

ସ୍ୱପ୍ନ

ରାଧାକାନ୍ତ ପାଣି

ସ୍ୱପ୍ନ ବିଭୋର ମୁଁ ବାସ୍ତବତା ବୁଝେନାହିଁ
ବାସ୍ତବ ଜୀବନେ ଚାହେଁ ସ୍ୱପ୍ନରେ ବଞ୍ଚିବା ପାଇଁ।
ସ୍ୱପ୍ନର ରାଜକୁମାର ମୁଁ ଭାସିବୁଲେ ସ୍ୱପ୍ନ ରାଇଜରେ
ଆକାଶରୁ ପୃଥିବୀ ପର୍ଯ୍ୟନ୍ତ ସେ ସ୍ୱପ୍ନର ଶେଷ ନାହିଁ।

କଳ୍ପନାରେ ଗଢ଼ିଚାଲେ ସ୍ୱପ୍ନର ରାଜମହଲ
ବାସ୍ତବ ଜୀବନେ ତା'ର କରୁଥାଏ ମୂଳଚାଲ,
ସପନ ଦେଖିବା ମୋର ଜୀବନ ଦର୍ଶନ
ସପନ ଉଭେଇ ଗଲେ ସବୁ ଅବା ମୂଲ୍ୟହୀନ,
ତଥାପି ସ୍ୱପ୍ନ ମୁଁ ଦେଖେ ଜୀବନରେ ଟିକେ ଶାନ୍ତି ପାଇଁ ।

ସ୍ୱପ୍ନର ତୂଳୀରେ ରଙ୍ଗ ଦିଏ ଜୀବନର ଚିତ୍ରପଟ ପରେ
ଜୀବନର ରହସ୍ୟକୁଲେଖୁଥାଏ କଳ୍ପନାର ଅଦୃଶ୍ୟ କାଳିରେ
ଜୀବନର ଯେତେ ଦୁଃଖ ଭୁଲିବାକୁ ମୁହୂର୍ତ୍ତକ ପାଇଁ ।

ସ୍ୱପ୍ନର ମହାନାୟକ ନୁହେଁ ମୁଁ ପରାସ୍ତ ସୈନିକ
ଜୀବନକୁ ପ୍ରଜ୍ଜ୍ୱଳିତ କରେ ସ୍ୱପ୍ନର ଆଲୋକ।

ଶ୍ରୀ ରାଧାକାନ୍ତ ପାଣି ବାଣୀବିହାର ରାଜନୀତି ବିଜ୍ଞାନ ବିଭାଗର ୧୯୭୨-୭୪ ବ୍ୟାଚ୍ ଛାତ୍ର। ଓଡ଼ିଶା ପ୍ରଶାସନିକ ସେବାରୁ ଅବସରପ୍ରାପ୍ତ ହେବା ପରେ ଏବେ ଭୁବନେଶ୍ୱରରେ ଅବସ୍ଥାନ କରୁଛନ୍ତି। ସେ ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘ କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ଭାବେ ବେଶ୍ ସକ୍ରିୟ ଅଛନ୍ତି। ତାଙ୍କ ସହିତ ମୋବାଇଲ ନମ୍ବର ୯୪୩୭୦ ୪୩୬୩୩ରେ ଯୋଗାଯୋଗ କରାଯାଇପାରିବ।

କ୍ଳାନ୍ତ ଯମୁନା

ଶ୍ରୀ ଦେବେନ୍ଦ୍ର ପ୍ରସାଦ ଦାସ

ଚଢ଼ିଚଢ଼ି ସମୟର ଅସଂଖ୍ୟ ପାହାଚ
ତନୁମନେ ପାଇଲିଣି ନିଷ୍ଠୁର ଯନ୍ତ୍ରଣା
ନିରର୍ଥକ ଶୀତରାତି ଆଣେ ପୁଣି ଅସରନ୍ତି ଦୁଃଖର ମୁହୂର୍ତ୍ତ
ତା' ଆଖିର ଅନ୍ଧାରରେ ରାତି ମୋର ବିଭ୍ରାନ୍ତ ପଥିକ।

ହେନାଫୁଲ ବାସ୍ନାରେ ଆନମନା ପ୍ରେମିକାର ମନ
କିଏବା ଫିଙ୍ଗିଲା ଆଣି ମୋ ସରାଗେ ମୁଠାଏ ବସନ୍ତ ପବନ
ରାତ୍ରୀର ମାତାଲ ନିଶା ଯେବେ ପୁଣି ସରିସରି ଆସେ
ଖୁବ୍ ମନେପଡ଼ ତୁମେ ରାତିର ସଜ ବିଛଣାରେ
ସମୟ ସହିତ ତା'ର ସେଦିନର ଅଭିସାର
ପାଖୁଡ଼ା ପାଖୁଡ଼ା ହୋଇ ଝଡ଼ିଗଲା ଗୋଲାପ ଫୁଲରେ।

ମୋ ସୁପ୍ତ ମନର ନିର୍ବାକ ଓ ମୁମୂର୍ଷୁ ବେଦନା
ହଜିଯାଏ କେତେ ଆଶା ଭରସାର ଅଜଣା ଠିକଣା
ତା' ଦେହର ବସନ୍ତରେ ଭଳିଭଳି କୃଷ୍ଣଚୂଡ଼ା ଫୁଲ
ଅନ୍ତହୀନ ଗତି ଧରି ପୃଥିବୀଟା ଯେବେ ଦିଶେ
ଦିଗହୀନ ଧୂସର ପାଣ୍ଡୁର।

ଶ୍ରୀ ଦେବେନ୍ଦ୍ର ପ୍ରସାଦ ଦାସ ଉତ୍କଳ ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ୧୯୭୭-୭୯ ବ୍ୟାଚ୍ ଛାତ୍ର। ଆଦ୍ୟ ଜୀବନରେ ସେ ଅଧ୍ୟାପକ ଭାବେ ଅବସ୍ଥାପିତ ହୋଇଥିଲେ ମଧ୍ୟ ପରବର୍ତ୍ତୀ କାଳରେ ଓଡ଼ିଶା ପ୍ରଶାସନିକ ସେବାରେ ଯୋଗଦାନ କରି ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀ ଅଳଙ୍କୃତ କରିଥିଲେ। ଚାକିରି କାଳ ମଧ୍ୟରେ ସେ ସୂଚନା ଓ ଲୋକ ସମ୍ପର୍କ, ବୟନ ଶିଳ୍ପ ଓ ହସ୍ତତନ୍ତ, ପଞ୍ଚାୟତିରାଜ, ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ବିଭାଗର ନିର୍ଦ୍ଦେଶକ ଭାବେ ସଫଳତାର ସହିତ କାର୍ଯ୍ୟ କରିଛନ୍ତି। ପରେ ସେ ସାଧାରଣ ପ୍ରଶାସନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଭାବେ ଅବସର ଗ୍ରହଣ କରିଛନ୍ତି। କବିତା ଲେଖାରେ ତାଙ୍କର ରୁଚି ରହିଛି। ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘ ଗଠନ ହେବାପରେ ପ୍ରଥମେ ସେ ଏହାର ଉପସଭାପତି ଏବଂ ବର୍ତ୍ତମାନ ସାଧାରଣ ସଂପାଦକ ଭାବେ କାର୍ଯ୍ୟ କରୁଛନ୍ତି। ସଂପ୍ରତି ଭୁବନେଶ୍ୱରରେ ଅବସ୍ଥାନ କରୁଥିବା ଶ୍ରୀ ଦାସଙ୍କ ସହିତ ୯୪୩୭୦ ୪୭୭୫୫ ମୋବାଇଲ ନମ୍ବରରେ ଯୋଗାଯୋଗ କରାଯାଇ ପାରିବ।

ସ୍ମୃତିସବୁ ସଜଳ ପାଖୁଡ଼ା ପରି

ଡକ୍ଟର ମିହିର କୁମାର ରାୟ

ମୁଁ ଜାଣିପାରିଲିନି, କେମିତି କେଜାଣି,
ସେଇକେତେ ବର୍ଷ ବିତିଗଲା ଆଖି ପିଛୁଳାକେ,
ତା'ରି ଭିତରେ ପିଲାମାନେ ମଣିଷ ହୋଇଗଲେ।

ଦିନ ଥିଲା ମୁଁ ଯେଉଁମାନଙ୍କ ସହ ହସଖୁସିରେ
ସମୟ ବିତାଉଥିଲି, ସେମାନେ ସ୍ମୃତି ହୋଇଗଲେ।
ଚାକିରି ବେଳେ ଯେଉଁ ଜାଗାକୁ ଆପଣେଇ ନେଇଥିଲି
ସେସବୁ ଏବେ କାହାଣୀ ହୋଇ ରହିଗଲା।

କିଏବା ସେସବୁ କଥା ମୋ'ଠୁ ଶୁଣିବ ?
ମୁଁ ଯାହାକୁ ଭଲ ପାଉଥିଲି
ସେ ବି ଥିଲେ ଶୁଣନ୍ତାନି ବୋଧେ।
ସେଇ ନଈ, ନଈର ସ୍ରୋତ
ଦି' କଡ଼କୁ, ପ୍ରେମୀଯୁଗଳଙ୍କ ପରି
ଜାବୁଡ଼ି ଧରି ବୋହିଯାଏ।
ସେଇ ନିସ୍ତବ୍ଧତା ଭିତରେ
ଗୋଟିଏ ଶବ୍ଦ ଥାଏ ଯାହା
ମନକୁ ସନ୍ତୁଳିତ କରେ।

ମୁଁ ଯାହା ଥିଲି
ମୁଁ ବି ଏବେ ବଦଳିଯାଇଛି
ଏବେ ମୁଁ କେବଳ
ସେଇ ପୁରୁଣା ଫଟୋଗ୍ରାଫ୍‌ଗୁଡ଼ିକୁ
ତନ୍ନତନ୍ନ କରି ଦେଖୁଛି।
ସେଇ ନିର୍ବାକ୍ ଫଟୋଗ୍ରାଫ୍‌ସବୁ
ମୋ ଆଡ଼କୁ ବାଲୁବାଲୁ ହୋଇ
ଚାହିଁଥିବା ପରି ଲାଗେ।

ଡକ୍ଟର ମିହିର କୁମାର ରାୟ ଉତ୍କଳ ବିଶ୍ୱବିଦ୍ୟାଳୟରୁ ୧୯୭୨ ମସିହାରେ ଇଂରାଜୀ ସାହିତ୍ୟରେ ସ୍ନାତକୋତ୍ତର ଶିକ୍ଷା ପରେ ୧୯୭୪ ମସିହାରୁ ୨୦୧୦ ମସିହା ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ସ୍ୱନାମଧନ୍ୟ ମହାବିଦ୍ୟାଳୟରେ ଅଧ୍ୟାପକ ଏବଂ ପ୍ରାଧ୍ୟାପକ ଭାବେ କାର୍ଯ୍ୟରତ ରହି ଶେଷରେ ଖୋର୍ଦ୍ଧାସ୍ଥିତ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଇଂରାଜୀ ବିଭାଗର ମୁଖ୍ୟ ଭାବରେ ଅବସର ଗ୍ରହଣ କରିଛନ୍ତି। ଡକ୍ଟର ରାୟ ଲଣ୍ଡନର ଚାର୍ଲସ ୱାଲେସ ଟ୍ରଷ୍ଟ ଇଣ୍ଡିଆ ପକ୍ଷରୁ ବୃତ୍ତି ପାଇ ୧୯୯୫ ମସିହାରେ, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ଇଂରାଜୀ ସାହିତ୍ୟର ପ୍ରଖ୍ୟାତ କବି ଫିଲିପ୍ ଲାର୍କିନଙ୍କ ସାମଗ୍ରିକ କୃତି ଉପରେ ଗବେଷଣା ପ୍ରସ୍ତୁତି ନିମନ୍ତେ ତଥ୍ୟ ସଂଗ୍ରହ କରିବାକୁ ବିଦେଶ ଯାତ୍ରା କରିବା ସହିତ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପିଏଚଡି ଲାଭ କରିଛନ୍ତି। ଜଣେ ସୁସାହିତ୍ୟିକ ତଥା ଅନୁବାଦକ ଭାବେ ସେ ବେଶ୍ ପରିଚିତ। 'ସମ୍ପର୍କର ସେତୁ' ତାଙ୍କର ଗଳ୍ପ ସଂକଳନ। ସଂପ୍ରତି ଭୁବନେଶ୍ୱରରେ ଅବସ୍ଥାନ କରୁଥିବା ଡକ୍ଟର ରାୟଙ୍କ ସହିତ ୯୪୩୭୨୨୬୫୯୨ ମୋବାଇଲ ନମ୍ବରରେ ଯୋଗାଯୋଗ କରାଯାଇ ପାରିବ।

ଅନେକ ବର୍ଷ ପରେ

ଶିଶିର ନାୟକ

ଅନେକ ବର୍ଷ ପରେ ତୋ ପାଖକୁ
ଆସିଛି ସୁଜାତା
ବୁଲିବୁଲି ଯନ୍ତ୍ର ହେଇହେଇ
ବାବୁମାନଙ୍କ ଟାୟାର ପରି ଘୂରିଘୂରି ।

ତୋ ପାଖରେ ଯେଉଁ ଚମ୍ପା ଟଗର ଓ ଜବା ଥିଲା
ଯେଉଁ କୃଷ୍ଣଚୂଡ଼ାର ଅତର ଥିଲା
କାହିଁ ସେସବୁ ?

କହୁଥିଲୁ ନା କେହି ତ ଜଣେ ଦରକାର
କପାଳର ଟିପାଟି ବଙ୍କା ହେଇଗଲେ
ଶାଢ଼ିର କୁଞ୍ଚ ଟିକେ ଅଲାମଲା ହେଇଗଲେ
ଆଖିର କଳା ଟିକେ ନେସି ହେଇଗଲେ
ଆଇନା ପରି ଠିକ୍ କରିବାକୁ କହିଦେବ ସିଏ ।

ପଛରୁ ଡାକିକି କହିବ
ସାବଧାନ ହେଇ ଚାଲ
ବାଟରେ ଶୁଖିଛି ଢେର ଲୋକଙ୍କ ଲୁହ
ଖୋଲା ଝରକା ଭଳିଆ
ଆକାଶ ଟିକେ ସେ ଦେଖଉଥିବ ।

କହୁଥିଲୁ ନା ଖରାଦିନେ କିଏ ଜଣେ
ବିଛେଇ ଦେବ ଶୀତଳ ପଟି
ଖେଳେଇ ଦେବ ସେଥିରେ ଜହ୍ନରାତି ।

ବୁଝଉ ଥିଲୁ ନା
କିଏ ଜଣେ ତା'ରି ପରି ଥିଲେ ବି
ମୁଁ ମୋ ପରି ଥିଲେ ବି
ଗୋଟିଏ ତ ଥିବ ଆକାଶ
ସବୁ ଫରକକୁ ଢେଉରେ ମିଶେଇ ଦଉଥିବ ।

ଶ୍ରୀ ଶିଶିର ନାୟକ ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ୧୯୮୩-୮୫ ବ୍ୟାଚ୍ ଛାତ୍ର । ୧୯୮୦ ମସିହାରୁ ବିଭିନ୍ନ ପତ୍ରପତ୍ରିକାରେ ଗଳ୍ପ, କବିତା ଏବଂ ଅନୁବାଦ ପ୍ରବନ୍ଧ ପ୍ରକାଶ ପାଇ ଆସୁଥିବା ଶ୍ରୀ ନାୟକଙ୍କର ୫ଟି ପୁସ୍ତକ ପ୍ରକାଶିତ । ବହୁ ଅନୁଷ୍ଠାନ ପକ୍ଷରୁ ସେ ପୁରସ୍କୃତ ଓ ସମ୍ମାନିତ । ଦୀର୍ଘବର୍ଷ କାଳ ରାଉରକେଲା ବେଦବ୍ୟାସ ମହାବିଦ୍ୟାଳୟରେ ଅଧ୍ୟାପକ ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିବା ପରେ ସଂପ୍ରତି ଭୁବନେଶ୍ୱରରେ ଅବସ୍ଥାନ କରୁଛନ୍ତି । ତାଙ୍କ ସହିତ ମୋବାଇଲ ନମ୍ବର "୯୯୩୭୫ ୯୦୬୪୭"ରେ ଯୋଗାଯୋଗ କରାଯାଇ ପାରିବ ।

ମୁଁ ଅଟଳ : ଆତ୍ମା ମୋ ଭାରତବର୍ଷ

ଅଧ୍ୟାପକ ଶଶାଂକ ଚୂଡ଼ାମଣି

କେବେ ନଇଁବ ନାହିଁ ଏ ତ୍ରିରଙ୍ଗା
କାର୍‌ଗିଲ୍ କି କନ୍ୟାକୁମାରୀ
ଏବେ ବି ବିଜୟର ସିନ୍ଦୂର ପିନ୍ଧୁଛି ସୁନ୍ଥାରେ
ଶହୀଦର ବିଧବା ପତ୍ନୀ ରକ୍ତପଙ୍କାରେ।

ଏବେ ଫେରିଆସୁଛି ଆମ ଅପହୃତ ବିମାନ
ସୁରକ୍ଷିତ ଯାତ୍ରୀଙ୍କ ସହ କାନ୍ଦାହାରରୁ
ବିଚଳିତ ହୁଅନାହିଁ, ଡରିଯାଅ ନାହିଁ
ହେ ମୋର ପ୍ରିୟ ଭାରତବାସୀ
ଆଉ ସନ୍ତ୍ରାସର ତୀକ୍ଷ୍ଣ ଅସ୍ତ୍ରରେ
ଲାଲ ହେବନାହିଁ ମୋ ମାଟିମାଆର ଦେହ
କାଶ୍ମୀର କି ମୁମ୍ବାଇର ତାଜ୍ ଚଟାଣରେ।

ଚକିତ ଆଜି ବିଶ୍ୱନେତୃତ୍ୱ ପୋଖରାନ୍‌ରେ !
କେମିତି ସମ୍‌ଝୋତାର ଟ୍ରେନ୍‌ଟି ଗଡ଼ିଚାଲିଛି
ବିଶ୍ୱ ବଂଧୁତ୍ୱର ସୁସୁରୀ ବଜେଇ
ଦିଲ୍ଲୀରୁ ଲାହୋରର ରେଳ ଧାରଣାରେ।

କିଏ ଯୋଡ଼ିଦେଇଛି ଆମକୁ
ଗାଁରୁ ସହର, ଜନପଦରୁ ରାଜପଥ,
ରାଜପଥରୁ ଗିରିପଥ
କିଏ ଶୁଣଉଛି ଗ୍ୱାଲିୟର ଐତିହାସିକ ଦୁର୍ଗରୁ,
ଲାଲକିଲ୍ଲାରୁ
ଲଦାଖର ସେନା ଶିବିରରୁ,
ଓ ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡରୁ
ଅଖଣ୍ଡ ଭାରତର ସମ୍ମୋହିତ ମନ୍ତ୍ର।

କାହା କଣ୍ଠରୁ ରହିରହି ଶୁଭୁଛି କବିତା
କମ୍ପି ଉଠୁଛି ସଂସଦ, ଗିରିବନ, ନଦୀ ଓ ସମୁଦ୍ର
ଦେଶ, ବିଦେଶ, ଜାତିସଂଘ
ସବୁଠି ଶବ୍ଦର ଯାଦୁକରୀ ସ୍ପର୍ଶ
ବିମୁଗ୍ଧ ଶ୍ରୋତାଙ୍କ ଚାହାଣି ଓ ଚମକରେ
ଏବେବି ଝଲସୁଛ ହେ ଶତାବ୍ଦୀର ବିଶ୍ୱ ପୁରୁଷ।

ମୁଁ ଅଟଳ। ମୁଁ ବାଜପେୟୀ। ମୁଁ ଗଙ୍ଗାସୁତ।
ଖଣ୍ଡିଏ ଭୋଟ୍ ପାଇଁ ମଥାନତ କରିବି ନାହିଁ,
ଭାଙ୍ଗିଯାଉ ସରକାର ମୋ ଦେଶର
କିନ୍ତୁ କଳଙ୍କିତ ହେବ ନାହିଁ
ଆମ ଗଣତନ୍ତ୍ର, ଆମ ଇତିହାସ
ଆତ୍ମା ମୋ ଭାରତବର୍ଷ
ହେ ମୋର କିଶାନ୍, ଜବାନ୍, ବିଜ୍ଞାନ
ମୋ ପାଇଁ ବଡ଼ ଆମ ଜନଗଣ ମନ।

ହେ ମୋର ଅଟଳ, ହେ ମୋର ସରସ୍ୱତୀ ପୁତ୍ର
ଅସ୍ମିତାର ମହାନ ସନ୍ଥ, ଭାରତର ରତ୍ନ
ତମେ ସୁଶାସନର ଶୀର୍ଷ ପୁରୁଷ
କାଳ କାଳ ଚିରକାଳ ପ୍ରେରଣାର ମନ୍ତ୍ର।

ଅଧ୍ୟାପକ ଶଶାଂକ ଚୂଡ଼ାମଣି ବାଣୀବିହାର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ୧୯୮୪-୮୬ ବ୍ୟାଚ୍ ଛାତ୍ର। ଓଡ଼ିଆ ଓ ହିନ୍ଦୀ ଭାଷାରେ ପୃଥକ୍ ଭାବେ ପ୍ରକାଶ ପାଉଥିବା ପ୍ରସିଦ୍ଧ ସାହିତ୍ୟ ପତ୍ରିକା 'ବିଶ୍ୱମୁକ୍ତି'ର ସମ୍ପାଦକ ଭାବରେ ସେ ସର୍ବଭାରତୀୟ ସ୍ତରରେ ମଧ୍ୟ ବେଶ୍ ଜଣାଶୁଣା। ତାଙ୍କର ଦୁଇଟି କବିତା ସଂକଳନ, ବିଜୁ ପଟ୍ଟନାୟକଙ୍କ ଜୀବନୀ ପୁସ୍ତକ 'ବିଜୁ ବାବୁ' ଏବଂ ଉଭୟ ଓଡ଼ିଆ ଓ ହିନ୍ଦୀ ଭାଷାରେ ଦଶରୁ ଊର୍ଦ୍ଧ୍ୱ ସମ୍ପାଦିତ ପୁସ୍ତକ ପ୍ରକାଶ ପାଇଛି। ତାଙ୍କ ସହିତ ମୋବାଇଲ ନମ୍ବର ୯୮୬୧୦୭୨୧୪୯ରେ ଯୋଗାଯୋଗ କରାଯାଇ ପାରିବ।

ବାଣୀବିହାର: ମୋ ମାନସ ପଟରେ

ରାମକୃଷ୍ଣ ମିଶ୍ର

ସତ ସତ ଲାଗେ ସବୁ...
ସତ ସଜଫୁଲ, ମହୁମାଛି,
ବାସ୍ନାୟିତ ଅବୟବ ଏ ବାଣୀବିହାର,
ଆବରଣେ ଫୁଲର ସୁଗନ୍ଧ
ପ୍ରେମର ଫୁଆରା, ସ୍ୱପ୍ନର ବିଜନତା
ନୂଆ ଜହ୍ନରାତିରେ ନିଜ ସହ ମିତ ବସିବାର
ନିଆରା ଉଷ୍ମତା।
ବାଣୀବିହାର ହିଁ ଆଦରି ଯାଇଛି ମୋର ସର୍ବାଙ୍ଗ
ବିଶ୍ୱାସରୁ ନିଶ୍ୱାସ ପର୍ଯ୍ୟନ୍ତ
ରାତି ପାହୁଥିବାର ପ୍ରହରରେ
ଦେଖେଇଛି ମିଠାମିଠା ସ୍ୱପ୍ନ
ମାଇଲ ମାଇଲ ନଜରର କିଆଫୁଲ ବାସ୍ନା
ସଜଫୁଟା ଚଇତି ପବନ।
ବାଣୀବିହାର ମତୁଆଲା ମାନସପଟର
ଶୁଦ୍ଧ ଆକଳନ
ଜୀବନରେ ଜୁ ଭରିଦେବା ପ୍ରୟାସ ପ୍ରଖର।
ଚିର ଯୌବନା ଏଇ ମୋର ବାଣୀବିହାର..
ଚିର ସବୁଜ, ଚିରସ୍ରୋତା ଅମୃତସ୍ୟ ପୁତ୍ରୀ
ଚିରନ୍ତନ ଦିବ୍ୟ କାତ୍ୟାୟନୀ।
ପାଇଛି ସବୁ ତ ସେଇଠି
ଜୀବନ ଜୀବିକା, ପ୍ରେମ ପ୍ରତିଶ୍ରୁତି
ପ୍ରକାଶ ପ୍ରଥମତା, ପ୍ରଜ୍ଞା ପ୍ରଚେତା...
ପାଇଛି ବିଶ୍ୱାସ ଯେତେ
ଝୁଣ୍ଟିପଡ଼ି ପୁଣି ଉଠିବାର
ଜୀତାଜାତା ଜାଗୃତ ପ୍ରବର।
ଓଦା ଓଦା ଅନୁଭବର
ବାଣୀବିହାର
ଚଳଚଂଚଳ ପୁଣି ଅଚାନକ
ମଗ୍ନ ସନ୍ୟାସିନୀ ପ୍ରାୟ
ଆବୋରି ବସିଛି ମନ ଦେହ
ଇପ୍ସିତ ସମୟସବୁ ସ୍ତୋତ୍ର ମୁଗ୍ଧ
ବୟସର ଅପରାହ୍ନେ
ଜାଗତିକ ତୁମ ସୁବର୍ଣ୍ଣିମ ସ୍ମୃତିର ଗଜଲ।
ପାର୍ବଣ ଆସୁ କି ନ ଆସୁ
ତୁମେ ଇଚ୍ଛାର ଭରପୂର ଅଗଣା
ଦେବୀ ସମ୍ମୋହନୀ
ଆବାହନ ମୁଦ୍ରାରେ ହାସ୍ୟ ବଦନରେ
ଆଦରିଛ ଆଦରୁଛ
ଅନ୍ଧାରରେ ଆଲୋକ ପ୍ଲାବନୀ।
ବାଣୀବିହାର !!
ଫେରି ଆସନ୍ତା କି ସେଇ ଦିନ ପୁଣି ?
ସେଇ ସ୍ୱପ୍ନ ସେଇ ଉଦ୍ଦାମତା
ସେଇ ରାସ ସେଇ ମାଦକତା।
ପୁଣି ସକାଳ ହୁଅନ୍ତା
ପୁଣି ମଳୟ ବହନ୍ତା
ପଥକ୍ଳାନ୍ତିର ଏ ଜୀବନ
ଅନ୍ୱେଷା ବନ୍ଧନେ କେଉଁ ଏକ
ଆତ୍ମୀୟତାର ଦ୍ୱାହି ଦେଇ
ବାଣୀବିହାରରେ ବିହାର କରନ୍ତା କାଳକାଳ।।

ଶ୍ରୀ ରାମକୃଷ୍ଣ ମିଶ୍ର ବାଣୀବିହାରର ପରିସଂଖ୍ୟାନ ବିଭାଗର ୧୯୮୭-୮୯ ବ୍ୟାଚ୍ ଛାତ୍ର। ୧୯୮୮-୮୯ ଶିକ୍ଷାବର୍ଷରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟର ମୁଖପତ୍ର ବାଣୀବିକାଶର ସଂପାଦକ ଥିଲେ। ପରେ ସେ ୧୯୮୯-୯୧ରେ ବାଣୀବିହାରରୁ ଏମ୍.ବି.ଏ କରିଛନ୍ତି। ଛାତ୍ର ଜୀବନ ପରେ ଭାରତୀୟ ଜୀବନବୀମା ନିଗମରେ ଯୋଗଦେଇ ଆଞ୍ଚଳିକ ପରିଚାଳକ ଭାବେ ଏବେ କାର୍ଯ୍ୟରତ। ତାଙ୍କ ସହିତ ମୋବାଇଲ ନମ୍ବର ୯୪୩୭୨ ୩୦୨୪୫ରେ ଯୋଗାଯୋଗ କରାଯାଇପାରିବ।

ବାଣୀବିହାର

ଡକ୍ଟର ରଶ୍ମି ଦାସ

ବାଣୀ ପ୍ରଦାୟିନୀ ଆହେ ବାକ୍ ଦେବୀ
ହେ ଭଗବତୀ ଭାରତୀ।
ବାଣୀବିହାରର ଶିରୀ ବିମଣ୍ଡିତ,
ସଦା ସୁଖ ସୁଧା ବାରିଧି।

ପୁଣ୍ୟମୟ ଭୂମି ଭୂମାଯାଏ ଛୁଇଁ,
ବିଶ୍ୱବିଦ୍ୟାଳୟ ଶୋଭାରେ
କେତେ ରଙ୍ଗଛବି ଆଙ୍କି ହେଉଥାଏ
ଅପରୂପ ଶୋହେ ବିଭାରେ।
ଋତୁ ବଦଳିଲେ ଏ ନାଲି ମାଟିରେ
ରୋମାଞ୍ଚିତ ପ୍ରୀତି ପୁଲକ,
ଯୌବନରେ ସତେ ପାଦ ଥାପିଅଛି,
ହୃଦୟରେ ଉଠେ ମହକ।

ପ୍ରୀତି କଦମ୍ବର କାଦମ୍ବିନୀ ଧାରା
କଳ ନିନାଦିନୀ ସୁଧାରସ।
ଋତୁ ମହକିତ ଛନ୍ଦେ ଛନ୍ଦାଛନ୍ଦି
କେତେ ରଙ୍ଗଛବି ପ୍ରକାଶିତ।
କୃଷ୍ଣଚୂଡ଼ା ଲାଲି ଲାଲିମା ଭରା ଯେ
ଗ୍ରୀଷମ ତାତିକୁ ଛୁଇଁଦେଇ,
ଭରା ଯଉବନ ବସନ୍ତ ବିଥିକା
ମଧୁପର୍ଣ୍ଣୀ ବିଭା ମହକାଇ।

ପ୍ରଗଳ୍ଭା ମାଟିର କେତେ ଯେ ଉନ୍ମାଦ
କିଏ ଅବା ତା'ର ହେବ ଯେ ସରି,
ବରଷା ଛୁଆଁ ତା' ଭରା ହୃଦୟରେ
ଦେହରେ ଶ୍ୟାମଳ ପଣତ ଝଳି।
କିଏ ବର୍ଣ୍ଣିବ ତା' ରୂପ ରଙ୍ଗ ଛବି
ମରତେ ସରଗ ଏ ତୀର୍ଥକ୍ଷେତ୍ର
କେତେ ବାଗ୍ମୀ, କେତେ ମହାନ୍ ପୁରୋଧା
ଏଇ ମାଟି କୋଳେ ହୋଇଲେ ଜାତ।

ଉଜ୍ଜ୍ୱଳ ଆଲୋକେ ଉଭାସିତ ହୋଇ,
ଧ୍ୟାନମଗ୍ନା ଅଟେ ଏ ତପସ୍ୱିନୀ,
ସେହି ତପସ୍ୟାର ଫଳଶ୍ରୁତ ଯୋଗୀ
ସ୍ରଷ୍ଟା ସୃଜନର ଚାରଣଭୂମି।
ବାଣୀବିହାରର କେତେ ଅଭିନୟ ସେ
ଅନେକ ବିସ୍ମୟ ଛୁଇଁଲେ ମନ୍ତ୍ର।
ସେହି ମନ୍ତ୍ରମୟ ବିମୁଗ୍ଧ ହୃଦୟେ
ମାଟି ଛୁଇଁଥାଏ ଥରକୁଥର।

ଡକ୍ଟର ରଶ୍ମି ଦାସ ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ୧୯୮୬-୮୮ ବ୍ୟାଚ୍ ଛାତ୍ରୀ। ଓଡ଼ିଶାର ବିଶିଷ୍ଟ ଯାତ୍ରା ଓ ମଞ୍ଚ ନାଟକ ନିର୍ଦ୍ଦେଶକ ଡକ୍ଟର ସଚ୍ଚି ଦାସଙ୍କ ସୁଯୋଗ୍ୟା ସନ୍ତାନ ଶ୍ରୀମତୀ ଦାସ ଉତ୍କଳ ବିଶ୍ୱବିଦ୍ୟାଳୟରୁ ମଞ୍ଚ ନାଟକ ଉପରେ ଗବେଷଣା କରି ପିଏଚଡି ହାସଲ କରିଛନ୍ତି। ଏକାଧାରରେ ଜଣେ କବି, ସମାଲୋଚିକା, ପ୍ରବନ୍ଧିକା ତଥା ମଞ୍ଚ ଉପସ୍ଥାପିକା ଭାବେ ସେ ସୁପରିଚିତା। ବହୁ ପୁସ୍ତକର ରଚୟିତା ଡକ୍ଟର ଦାସ ଏବେ ଭୁବନେଶ୍ୱରରେ ସେଣ୍ଟ ଜାଭିୟର୍ସ ଇଣ୍ଟରନ୍ୟାସନାଲ ସ୍କୁଲରେ ବରିଷ୍ଠ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ। ତାଙ୍କ ସହିତ ମୋବାଇଲ ନମ୍ବର "୮୮୯୫୨ ୧୦୧୦୬"ରେ ଯୋଗାଯୋଗ କରାଯାଇ ପାରିବ।

ମନେପଡ଼େ ବାଣୀବିହାର

ଡକ୍ଟର ଆଲୋକ କୁମାର ରାୟ

ମନର ନିଭୃତ କେଉଁ ଏକ ଅଜଣା କୋଣେ
ବାଣୀବିହାର ଅଛି,
ରହିଥିବ ସଜ ସ୍ମୃତି ହୋଇ ଚିରକାଳ
ସବୁଜିମା ଆଚ୍ଛାଦିତ ଅତୀତର ଘୁମନ୍ତ ଶାଖାରେ
ଫୁଲ ହୋଇ ଫୁଟୁଥିବ, ବାସୁଥିବ
ଚଉଦିଗେ ଅବିକଳ।

ଯଉବନର ପସରା ଭର୍ତ୍ତି, ସେଠି ବସୁଥିଲା ହାଟ
ମନ କିଣାବିକା ସନ୍ଧିକ୍ଷଣେ
ପ୍ରତ୍ୟହ ଭିଜୁଥିଲା ଆଖି କୂଳ
ମାନ, ଅଭିମାନ, ପ୍ରତାରଣା ଓ ପ୍ରାୟଶ୍ଚିତର
ଗଣ୍ଠିଲିରେ ବନ୍ଧାଥିଲା
ହାଟ ବାହୁଡ଼ା ବାପୁଡ଼ାର ନିରୁତା ଶ୍ରମ ଝାଳ।

ସାଙ୍ଗସାଥି ମେଳେ ଉଠୁଥିଲା ଧୁଆଁ ଆକାଶ ଛୁଆଁ
ନିଆଁ ନଥାଇ ବି ଲେଲିହାନ ଶିଖା ଥିଲା ସବୁବେଳେ
ଆପଣାପଣ ପାଉଁଶ ଆପଦ ମସ୍ତକ ବୋଲି ହୋଇ
ସଭିଁଏ ଥିଲେ ଏକାକାର, ସମ୍ମୋହନ ବାଦ୍ୟ କରତାଳ।

ଅନ୍ତେବାସୀଙ୍କ ନିତିଦିନ ଅଙ୍ଗେଲିଭା
କଥା, କାହାଣୀ ଫଗୁଆ
ଫିଂଟୁଥିଲା ଧୀରେ
ଯେବେ ସମୟ ଛୁଉଁଥିଲା ସନ୍ଧ୍ୟା କୋଳ
ରାତି ହେଲେ ଛାତ୍ର/ଛାତ୍ରୀ ନିବାସେ ଝଟକେ
ମନ ତାରକସୀ
ସପନ ଦୋଳି ଖେଳେ ନିଦ ଉପବନେ ନକରି କରରୋଳ।

ସମ୍ଭାବନାର ଚଉଷଠୀ ପ୍ରକାର ବ୍ୟଞ୍ଜନ ହୁଏ ବଢ଼ା
ପାଠ ଅବା ସାଠ, ଖେଳ ହେଉ ଅବା ଗୋଳ
ହତବାକ୍ ହୋଇ ଚେଇଁଥାଏ ସଦା ଯହିଁ
ଭବିଷ୍ୟତ, ଲଗାମଛଡ଼ା ଅଲଙ୍ଘ୍ୟ ଆଶା
ବୈତରଣୀ ସମୁଜ୍ଜ୍ୱଳ।

ଦୀର୍ଘଦିନ ଅତିକ୍ରାନ୍ତେ ବି
ମନେପଡ଼େ ବାଣୀବିହାର
ଲୁହ ଓ ଲହୁର ସମ୍ମିଶ୍ରଣେ
ହାବୁକା ଉଠେ ନିଟୋଳ
ବିତିଥିବା ଗାଥା, ଅନୁଭବ ମୁଣ୍ଡେ ହାତ ରଖି କହେ
କାହାଣୀ ଇଏ ବାଣୀବିହାର,
ଯହିଁ ଶେଷ ହିଁ ବର୍ତ୍ତୁଳ।

ଡକ୍ଟର ଆଲୋକ କୁମାର ରାୟ, ୧୯୮୭-୮୯ ବ୍ୟାଚରେ ବାଣୀବିହାରରେ ରାଜନୀତି ବିଜ୍ଞାନର ଛାତ୍ର ଥିଲେ। କବିତା ଓ ପାଠ୍ୟ ପୁସ୍ତକ ଲେଖା ପାଇଁ ସେ ବେଶ୍ ପରିଚିତ। ବର୍ତ୍ତମାନ ଅଭ୍ୟାଗତ ଅଧାପକ ଭାବେ ସ୍ନାତକୋତ୍ତର ରାଜନୀତି ବିଭାଗ, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ାରେ କାର୍ଯ୍ୟରତ। ତାଙ୍କ ସହିତ ମୋବାଇଲ ନମ୍ବର ୯୪୩୭୦୬୮୦୦୩ରେ ଯୋଗାଯୋଗ କରାଯାଇ ପାରିବ।

ପଚାରିଲି ପବନକୁ

ଡକ୍ଟର ଗଣେଶ୍ୱର ଜେନା

ପଚାରିଲି ଦିନେ ପବନକୁ
ତୁ ତ ମୋ ଜୀବନ
ଭୂମିରୁ ଭୂମା ଯାଏଁ
ସାଗରରୁ ଆକାଶ ଯାଏଁ
ତୋ ଠିକଣା ।
ଅଣୁରୁ ଅନ୍ତରୀକ୍ଷ ପର୍ଯ୍ୟନ୍ତ
ତାଳୁରୁ ତଳିପା ଯାଏଁ
ତୋର ବ୍ୟାପ୍ତି ଓ ଦ୍ୟୁତି
ତୋର ସ୍ଥିତିରେ ତ
ମୋ ଅସ୍ତିତ୍ୱର ପ୍ରକାଶ
ତୁ ତ ମୋର ନିଃଶ୍ୱାସ
ତୁ ହିଁ ମୋର ବିଶ୍ୱାସ
ତୋ ଦେହରେ ଆଜି କିଆଁ
ଏତେ ବିଷ !

କହିଲା ପବନ ହୋଇ ବିରସ
କିଏ କମେଇଲା ମୋର ଆୟୁଷ
ଯାହାକୁ ବଢ଼େଇଥିଲି ଦେଇ ପୀୟୂଷ
ଭସ୍ମାସୁର ହେଲା ସେଇ ମଣିଷ
ଗହନ ବନକୁ କରିଲା ଧ୍ୱଂସ
ଶୋଷିନେଲା ସବୁ ରକ୍ତ ମାଉଁସ
ଆଜି କିଆଁ କାନ୍ଦୁ ଦେଖି ନିଜ ବିନାଶ ?

ଖୋଜିଲି ତୋତେ ମୋ ଅଗଣାରେ
ଟାଙ୍ଗରା ପାହାଡ଼ର ଶୀର୍ଷରେ
ଉତ୍ତପ୍ତ ବାଲୁକା ଶଯ୍ୟାରେ
ସମୃଦ୍ଧ ସହରର ଶିଳ୍ପ ନଗରୀରେ ।
ହଜିଲା ଧନକୁ ଖୋଜି ମୁଁ ପାଇଲି
ଚାରି କାନ୍ଥର ବେଷ୍ଟନୀ ଭିତରେ
କ୍ଷୁଦ୍ର ରନ୍ଧ୍ରରେ କାହାର ସନ୍ଧାନୀ ଆଖିରେ
ଆସୁଥିବା ସରୁ ପାଇପରେ
ମୁଖାରେ ଦିନେ ଢାଙ୍କିଥିଲି ମୋ ବଦନ
ଭୟ ଥିଲା ଯିବ କି ମୋ ଜୀବ ଚାଲି !
କରିବି ଯଦି ତୋତେ ଆଘ୍ରାଣ
ଆଜି କିନ୍ତୁ ମୋର ଆଉ ଏକ ମୁଖା ଦେଇ
ତୁ ଆସୁଛୁ ମୋ ଦେହେ ଭରିବାକୁ ଜୀବନ ।

ଡକ୍ଟର ଗଣେଶ୍ୱର ଜେନା ଉତ୍କଳ ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ୧୯୮୭-୮୯ ବ୍ୟାଚ୍ ଛାତ୍ର । ଭାରତୀୟ ପ୍ରାଶାସନିକ ସେବା ଅଧିକାରୀ ଡକ୍ଟର ଜେନା ଉଭୟ ଗଳ୍ପ ଓ କବିତା ରଚନା କରନ୍ତି । ଗଳ୍ପ ସଂକଳନ 'ଭିନ୍ନ ଏକ ରେବତୀ ଓ ଅନ୍ୟାନ୍ୟ ଗଳ୍ପ' ତାଙ୍କର ପ୍ରକାଶିତ ପୁସ୍ତକ ।

ପ୍ରଜ୍ଞା-ପ୍ରାଙ୍ଗଣେ ପ୍ରଣୟ

ଡକ୍ଟର ଦୁଃଖିଶ୍ୟାମ ମିଶ୍ର

ଉତ୍କର୍ଷର ପବିତ୍ର ପ୍ରାଙ୍ଗଣ ଏହି ମହାନ୍ ବାଣୀବିହାର,
ପୂତ ବାଣୀଦେବୀଙ୍କ ଅଧିଷ୍ଠାନେ ଧନ୍ୟ ସାରସ୍ୱତ ପୀଠ ତା'ର।
ତରୁଣ ବୟସର ଅରୁଣ ପ୍ରଭାସେ ଶିକ୍ଷାର ସେ ମହାଯଜ୍ଞ,
ସବୁଜ ଶ୍ୟାମଳ କୋଳେ ଜାଗେ ଭବିଷ୍ୟତର ମହାମନ୍ତ୍ର ଅଭିଜ୍ଞ।।

ଦୁର୍ବାର ସାହସ ପ୍ରତିଯୋଗିତାର ଉନ୍ମାଦନାମୟ ସେ ଅମୃତ ଉତ୍ସ,
ଏଇ ପ୍ରଣୟ ସୁରଭିତ ଅଙ୍ଗନେ ରଚିତ ଜୀବନର ସ୍ୱର୍ଣ୍ଣ ମହୋତ୍ସବ।
ଛାତ୍ରାବାସର ସେ ନିବିଡ଼ ସଦ୍ଭାବ, ଅନ୍ନଶାଳାର ସ୍ନିଗ୍ଧ ସୌରଭ,
ବିଶ୍ୱବିଦ୍ୟାଳୟ କ୍ୟାଣ୍ଟିନ୍ ସାଥେ, ପ୍ରଜ୍ଞା-ପ୍ରାଙ୍ଗଣ ଢାଳେ ନବୀନ ବୈଭବ।।

ପରିଜା ପାଠାଗାରର ନୀରବତେ କେହି ଗଢ଼େ ସ୍ୱପ୍ନର ଦୃଢ଼ ଦୁର୍ଗ,
କେହି ପ୍ରିୟାର ସ୍ନିଗ୍ଧ ଆଖିର ଚାହାଣିରେ ଖୋଜେ ଏହି ଜ୍ଞାନ-ତୀର୍ଥେ ସ୍ୱର୍ଗ।
ବିରଞ୍ଚି ଭୋଜନାଳୟ, ଗୋବିନ୍ଦ ସାହୁ ବିପଣୀର ସେଇ ଅଭିସାର ମେଳା,
ପ୍ରେମର ଆଳାପ ସହ ଭବିଷ୍ୟତ ଜୀବିକାର ସନ୍ଧାନରେ ବହିଯାଏ ସାନ୍ଧ୍ୟ ବେଳା।।

ଷ୍ଟିଲ୍ ପାତ୍ରର ଖଡ଼ଖଡ଼ ଧ୍ୱନି ପାଚକଶାଳାରୁ ହୁଏ ଅସ୍ପଷ୍ଟ ଶ୍ରୁତ,
ଅଣ୍ଡା ମାଂସ କମ୍ ସେ ପତଳା ଝୋଳେ କ୍ଷୁଧିତ ଆତ୍ମା ହୁଏ ଅଭିଭୂତ।
ଦୁଇ-ତିନି ଥାଳି ଭାତ ପରେ ମେସ୍ ପ୍ରବନ୍ଧକଙ୍କ ସେ ବିନୀତ ପ୍ରାର୍ଥନା,
କୃତାଞ୍ଜଳି ପୁଟେ କହନ୍ତି-ଖାଦ୍ୟ ତ୍ୟାଗ କର ବାବୁ, ନ ହେଲେ ମରିଯିବି ଆଜ୍ଞା!!

ଛାତ୍ରୀବାସ ପାଣିଟାଙ୍କି ନିକଟରେ ପ୍ରେମିକର ଚାହିଁବା ନିର୍ଲିପ୍ତ ସ୍ଥିର,
ଅନ୍ୱେଷଣ କରେ ସେ ତ ନିଜ ସହଚରୀର ସନ୍ତର୍ପଣେ ପାଦର ସ୍ୱର ଗଭୀର।
ଯୁବତୀ ନିବାସର ନିଶା-ଆଗମନେ ଅନ୍ତିମ ଘଣ୍ଟିର ତୀବ୍ର ଆହ୍ୱାନ,
ସଞ୍ଚିତ ଆତ୍ମାକୁ କରେ ବିବଶ, ଧୈର୍ଯ୍ୟର ସୀମା କରେ ଅବସାନ।

ରଙ୍ଗୀନ ପରିପାଟୀରେ ରମଣୀ, କୃଷ୍ଣଚୂଡ଼ାର ରକ୍ତିମ ପଲ୍ଲବ,
ଧରାବତାର କରି ସାଜେ ଗୋଧୂଳି ରୋମାଞ୍ଚର ମହୋତ୍ସବ।
କନକ ଗୌରାଙ୍ଗୀ ରମଣୀଙ୍କ ଦେହର ଉଜ୍ଜ୍ୱଳ ସ୍ନିଗ୍ଧ ଲାବଣ୍ୟ ପ୍ରଭା,
ପ୍ରଜ୍ଞା-ସୁନ୍ଦରୀ-ବାଣୀବିହାର ରଚେ ପ୍ରେମିକ ମାନସେ ପ୍ରଣୟର ବିଶ୍ୱ ଶୋଭା।।

ପ୍ରଦୋଷର ରକ୍ତିମ ଆଭା ଯେବେ ଧୀରେ ହୁଏ ଅପସାରିତ,
କ୍ୟାମ୍ପସର ସେ ନିଭୃତ ଛାୟାପଥ ହୁଏ ଅପୂର୍ବ ପୁଲକିତ।
ରକ୍ତଗୋଲାପ ବିଳାସିନୀ କୃଷ୍ଣଚୂଡ଼ାର ସେହି ରୁଦ୍ର-ରୌଦ୍ରେ ରୁଚିର ଚାନ୍ଦୋୟା,
ତା'ରି ତଳେ ଅପସରେ ଅପରୂପା କାନ୍ତାଙ୍କ ସେ ମଞ୍ଜୁଳ ଗତିର ମାୟା।।

ଋତୁଚକ୍ର ବଦଳେ ସିନା, କ୍ଷୟ ହୁଏ ଜୀବନର ରଙ୍ଗୀନ ଯୌବନର କାଳ,
ବାଣୀବିହାରର ସେହି ଅଳକା ଶୋଭା ଚିର ସୁନ୍ଦର, ଚିର ସୁରତାଳ।
କୃଷ୍ଣଚୂଡ଼ାର ସେହି ଲାଲ୍ ଛାୟାରେ ଯେଉଁ ମଦାଳସା ନୟନର ଭେଟ,
ନିଃସଙ୍ଗ ଜୀବନର ପ୍ରାନ୍ତେ ଆଜି ବି ତାହା ଉତ୍ସବର ମହାନ ଶ୍ରେଷ୍ଠ ପଟ୍ଟ।।

ଡକ୍ଟର ଦୁଃଖିଶ୍ୟାମ ମିଶ୍ର ଉତ୍କଳ ବିଶ୍ୱବିଦ୍ୟାଳୟର ବିଶ୍ଳେଷଣାତ୍ମକ ଓ ପ୍ରୟୋଗାତ୍ମକ ଅର୍ଥନୀତି ବିଭାଗର ୧୯୯୧ ବ୍ୟାଚ ଛାତ୍ର। ସେ ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘର ଆଜୀବନ ସଦସ୍ୟ। ସଂପ୍ରତି ସେ ଭାରତୀୟ ଲଘୁ ଉଦ୍ୟୋଗ ବିକାଶ ବ୍ୟାଙ୍କରେ ମହାପ୍ରବନ୍ଧକ ଭାବେ ମୁମ୍ବାଇରେ ଅବସ୍ଥାପିତ। ତାଙ୍କ ସହିତ ମୋବାଇଲ ନମ୍ବର ୯୪୨୨୩ ୧୪୧୯୧ରେ ଯୋଗାଯୋଗ କରାଯାଇପାରିବ।

Stopping by woods on a snowy Evening

Robert Lee Frost

ତୁଷାର ପ୍ଲାବିତ ସ୍ୱର୍ଗୀୟ ସୁଷମା ଓ ସ୍ତବ୍ଧ ପଥଚାରୀ

ଓଡ଼ିଆ ଭାଷାନ୍ତରକାରୀ - ଶ୍ରୀ ତପନ କୁମାର ଜେନା

-୧-

କେତେ ଶୋଭାମୟ
ତୁଷାର ପ୍ଲାବିତ ଏହି ଅମାୟିକ ବୃକ୍ଷରାଜି !
ଯା'ର ସଂଦର୍ଶନେ
ନିଶ୍ଚଳ ନିର୍ବାକ୍ ମୁଁ ଯେ ସ୍ତବ୍ଧ ପଥଚାରୀ;
ଅଦୂରରେ ସୁପ୍ତପ୍ରାୟ ଏକ କ୍ଲାନ୍ତ ଜନପଦ,
ମନେହୁଏ ବନାନୀର ସ୍ୱତ୍ୱଧାରୀ
ସେହିଠାରେ ଏବେ ଗଭୀର ନିଦ୍ରାରେ
ସେଥିପାଇଁ ଅକ୍ଷମ ସେ ଦେଖିବାକୁ
ମୋର ଉପସ୍ଥିତି ॥

-୨-

ଆଶଙ୍କା ଜର୍ଜରିତ ବିଶ୍ୱାସର ସେହି
ସଶ୍ରଦ୍ଧେୟ ଅଶ୍ୱ
ସହସା ଉଦ୍‌ବିଗ୍ନ ପୁଣି ସ୍ଥିର ଅଚଞ୍ଚଳ,
'ନାହିଁ କାହିଁ ଅଶ୍ୱଶାଳା ସନ୍ନିକଟ
ଉଦ୍ୟାନ କୁଟୀର'
ବରଂ ଅଛି ତଡ଼ାଗର ହିମ ଜଳଖଣ୍ଡ;
ଅନ୍ୟପଟେ ଦିଶୁଅଛି -
ତୁଷାରପାତରେ ଭିଜୁଥିବା ଶାନ୍ତ ଉପବନ,
ଯେଉଁଠାରେ ଉପନୀତ ଆଜି
ଦୀର୍ଘତମ ତମସା ରଜନୀ ॥

-୩-

ପୃଷ୍ଠପରେ ବସିଥିବା ପ୍ରଭୁ ଏବେ ବିପଦ-ସଂକୁଳ,
ଇଙ୍ଗିତରେ ପ୍ରଶ୍ନସବୁ ପେଷିଥିଲା
ସେ ନିରୀହ-ନିଷ୍କପଟ ଅଶ୍ୱ,
ଗ୍ରୀବାଭାଗେ ଖଞ୍ଜାଥିବା ମାଳାରୂପୀ ଘୁଙ୍ଗୁରର
ରୁଣୁଝୁଣୁ ଶବ୍ଦ
ତୋଳିଥିଲା ହୃଦୟର ଭାଷା,
ଟେକିଥିଲା ବିଶ୍ୱାସର ମଥା;
ଘୁଙ୍ଗୁରର ତାଳେତାଳେ ବହୁଥିଲା
ମନ୍ଦମନ୍ଦ ହେମାଳ ପବନ
ତରୁଡାଳୁ ଖସୁଥିଲା ବୁନ୍ଦାବୁନ୍ଦା
ଘନୀଭୂତ କାକର କଣିକା ॥

-୪-

କେତେ ଭବମୟ ବନାନୀର ଶୋଭା
କେତେ ଭାବମୟ ଅନ୍ଧାର ବାଟିକା;
ହେ ସ୍ୱର୍ଗ ସୁଷମା !
ଏବେ ମୋର ଅଗ୍ରଭାଗେ
ଦିଶିଯାଉଅଛି ସେହି ଭବ୍ୟ-ଭବିତବ୍ୟ,
ସମୟ ସ୍ରୋତର ତୀରେ
ଆଙ୍କିବାକୁ ଅଛି କେତେ ପଦଚିହ୍ନ,
ଗଢ଼ିବାକୁ ଅଛି ନୈମିଷ କାନନ;
ଅକଳନ୍ତି ଆଶା- ଅସରନ୍ତି ପଥ
ଲଂଘି ହିମଗିରି ସାଗର ସରିତ
ଦୀର୍ଘ ରଜନୀ ଦୀର୍ଘ ଦିବସ ଚାଲିବାକୁ ହେବ
ଜଳୁଥିବା ଯାଏ ଜୀବନ ପ୍ରଦୀପ ॥

ଶ୍ରୀ ତପନ କୁମାର ଜେନା ୧୯୯୩ ମସିହାରେ ବାଣୀବିହାର ସ୍ନାତକୋତ୍ତର ଆଇନ ବିଭାଗର ଛାତ୍ର ଥିବା ସମୟରେ ଛାତ୍ରସଂସଦର ସଭାପତି ହୋଇଥିଲେ। ଶିକ୍ଷା ସମାପ୍ତି ପରେ ସମାଜସେବା ଓ ରଚନାତ୍ମକ କାର୍ଯ୍ୟରେ ସେ ନିଜକୁ ନିୟୋଜିତ କରିଛନ୍ତି। ବିଭିନ୍ନ ପତ୍ରପତ୍ରିକାରେ ତାଙ୍କର ବହୁ ସ୍ତମ୍ଭ ରଚନା ପ୍ରକାଶ ପାଇଛି। ଗାନ୍ଧୀ ଓ ଶାନ୍ତି ବିଷୟକ ପାଠ୍ୟକ୍ରମରେ ଗବେଷଣା କରିବା ସହିତ ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟରେ ବ୍ରତୀ ଥିବା ଶ୍ରୀ ଜେନା ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘ କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ଏବଂ 'ଉତ୍କଳାୟନ' ସମ୍ପାଦକମଣ୍ଡଳୀରେ ଅନ୍ୟତମ ସଦସ୍ୟ ଅଛନ୍ତି। ତାଙ୍କ ସହିତ ମୋବାଇଲ ନମ୍ବର ୯୮୬୧୨ ୩୨୦୭୨ରେ ଯୋଗାଯୋଗ କରାଯାଇପାରିବ।

ବୋଉ

ପ୍ରଣବ ମିଶ୍ର

ଗୋଟେ ନିରବ ଉପତ୍ୟକାର ନାଁ ବୋଉ
ଗଭୀର ଦୁଃଖରେ ହସିପାରୁଥିବା
ଅବା ସୁଖରେ କାନ୍ଦିପାରୁଥିବା ନାଁଟି ବୋଉ।

ସେ ଦେଇଥିବା ଜୀବନ
ସେ ଦେଇଥିବା ନାଁ
ତା' ସଂସ୍କାରର ପଦଚିହ୍ନ
ମୋର ଭୂଗୋଳ ଓ ଇତିହାସ।

ବୋଉର ସଦାକାଳେ
ମୁଁ କୁନିପୁଅ,
ସବୁ ସଞ୍ଜରେ ତା' ତୁଣ୍ଡରେ
ନାନା ବାୟା ଗୀତ
ଗୀତ ତା'ର ମୋ ପାଇଁ
ଜୀଇଁବାର ସମ୍ମୋହନୀ ମନ୍ତ୍ର।

ବୋଉମାନେ କଣ ବୁଢ଼ୀ ହୁଅନ୍ତି ?
ନାଇଁ ମ,
ସେମାନେ ତ ଅମୃତର ଧାରା,
ପଙ୍‌କ୍ତି ପଙ୍‌କ୍ତି ତାରା ମେଳେ
ଜହ୍ନମାମୁଁ ଦେଖାଉଥିବା
ଅସରନ୍ତି ଗପର ଫୁଆରା।

ବୋଉ କେବେ କାନ୍ଦେ କି ?
ନା ଖାଲି ହସୁଥାଏ,
ବୋଉର ପଦେ ଡାକରେ
ମୋର ଅବଶ ଦେହରେ
ବିଜୁଳି ଚମକେ
ବୋଉ ମୋର ଶିରସ୍ତାଣ
ସଂଜୀବନୀ ଜୀବନ ଯୁଦ୍ଧର
ମୋ ପାଇଁ ଚାରିବେଦ
ଅମୃତର ଧାର।

ପ୍ରଣବ କୁମାର ମିଶ୍ର ଉତ୍କଳ ବିଶ୍ୱବିଦ୍ୟାଳୟର ବିଶ୍ଳେଷଣାତ୍ମକ ଓ ପ୍ରୟୋଗାତ୍ମକ ଅର୍ଥନୀତି ବିଭାଗର ୧୯୯୧-୯୩ ବ୍ୟାଚ ଛାତ୍ର। ଏବେ ଭାରତୀୟ ଡାକ ବିଭାଗରେ ସହକାରୀ ଅଧିକ୍ଷକ ଭାବରେ କାର୍ଯ୍ୟରତ ଶ୍ରୀ ମିଶ୍ର ଅନିୟମିତ ଭାବେ କବିତା ରଚନା କରୁଥିବା ବେଳେ ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ସହିତ ଜଡ଼ିତ ଅଛନ୍ତି। ତାଙ୍କ ସହିତ ମୋବାଇଲ ନମ୍ବର ୯୪୩୭୦ ୯୧୩୪୦ରେ ଯୋଗାଯୋଗ କରାଯାଇପାରିବ।

ବାଣୀ ବନ୍ଦନା

ହରେକୃଷ୍ଣ ଶିଅଳ

ଜୀବନ ବାଟିକା ସୁଲଳିତ ଆଜି
ସ୍ନେହ-ଶ୍ରଦ୍ଧା ତୋର ଲଭି
ପ୍ରଣାମ ତୋ ପାଦେ ଆହେ ବାଣୀ ପୀଠ
ମାତୃ ସମ ହୃଦ ଛବି । (୧)

ଛାତ୍ରାବାସ ଥିଲା ତୋ କୋମଳ କୋଳ
ବିତିଥିଲା ତହିଁ ପ୍ରାଣ
ବାଣିଜ୍ୟ ଶିକ୍ଷାରେ ପ୍ରାଣ ଋଦ୍ଧିମନ୍ତ
ଏତ ତବ ବଡ଼ପଣ । (୨)

ତୋ ଅଗଣା କ୍ଷେତ୍ର ପ୍ରାକୃତିକ ଶୋଭା
ମନେ ଭରିଥିଲା ପ୍ରୀତି
ଖେଳକୁଦେ ମୋର ପ୍ରାଣ ବିତିଥିଲା
ଅଭୁଲା ସେ ପୂର୍ବ ସ୍ମୃତି । (୩)

ପରିଜା ନାମିତ ପାଠାଗାର ତବ
ଜୀବନର ଶିକ୍ଷାଗାର
ତାଳପଦେଶ୍ୱରୀ ମନ୍ଦିରର ବେଢ଼ା
ପ୍ରଶାନ୍ତିର ରୂପ ଝର । (୪)

ପ୍ରେକ୍ଷାଳୟ ଅଟେ ତୋ ମହିମା ଗାନ
ବିଜ୍ଞ ପ୍ରାଜ୍ଞ ସମ୍ମିଳନ
ତୋ ଗରିମା ଗାନେ ଉଲ୍ଲସିତ ସେଠି
ବିମୋହିତ ତୋ ସନ୍ତାନ । (୫)

ମାଆ ପରି ତୁହି ପାଖେ ରଖି ସିନା
ଗଢ଼ିଥିଲୁ ଆମ ପ୍ରାଣ
ତୋର ମାନ ଯଶ ସମୁଜ୍ଜ୍ୱଳ ପାଇଁ
ରହିଅଛି ପ୍ରାଣେ ପଣ । (୬)

ତୁହି ମା' ଆମରି ମାନ ସ୍ୱାଭିମାନ
ତୁହି ଆମ ଗୁଣ ଯଶ
ତୋ ମହିମା ଗାନେ କାଳ ବିତିଯାଉ
ପାଥେୟ ତୋ ଶୁଭାଶିଷ । (୭)

ଶ୍ରୀ ହରେକୃଷ୍ଣ ଶିଅଳ ବାଣୀବିହାର ବାଣିଜ୍ୟ ବିଭାଗର ୧୯୯୧-୯୩ ବ୍ୟାଚ୍ ଛାତ୍ର । ଭାରତୀୟ ଡାକସେବା ବିଭାଗରେ କାର୍ଯ୍ୟରତ ଶ୍ରୀ ଶିଅଳ ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘ କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ଭାବେ ବେଶ୍ ସକ୍ରିୟ ଅଛନ୍ତି । ତାଙ୍କ ସହିତ ମୋବାଇଲ ନମ୍ବର ୯୪୩୭୧ ୪୭୮୩୭ରେ ଯୋଗାଯୋଗ କରାଯାଇପାରିବ ।

ଦରଜର କରଜ

ନାରାୟଣ ଚନ୍ଦ୍ର ଧଳ

ନିନ୍ଦା ରାଇଜରେ ଘର ମୁଁ କରିଛି
ଛାତି ତଳେ ନେଇ ଦରଜ
କେତେ ଯେ ଦରଜ ଉଧାରେ ପାଇଛି
ସୁଝି ହୁଏ ନାହିଁ କରଜ....।

କାନ୍ଥେ ପକେଇଛି ଅପବାଦ ଝୋଟି
ଲାଞ୍ଛନା ଗଣ୍ଠିଲି ମଥାନରେ
କଳଙ୍କକୁ ଭରି କଳସ ଥୋଇଛି
ଈର୍ଷାକୁ ଘୋଳିଛି ଚନ୍ଦନରେ
ଅବସାଦ ଫେଣ୍ଟି ଚଉରା ମୂଳରେ
ପକେଇଛି ରଙ୍ଗ ମୁରୁଜ.....(୧)
ନିନ୍ଦା ରାଇଜରେ.......

ଅନ୍ତରଙ୍ଗ ମୋର ମୁକୁଳା ଆକାଶ
ବରଷା ଧୁଅଇ ଆଖି ଲୁହ
ପବନ ବିଞ୍ଚଇ ହସର ପାଖୁଡ଼ା
ମାଟି ବୁଣେ ବଞ୍ଚିବାର ମୋହ
ହାରିନାହିଁ ମୁହିଁ ତଥାପି ଚାଲିଛି
ଆପଣେଇ ସବୁ ଦରଜ....(୨)
ନିନ୍ଦା ରାଇଜରେ......

ଶ୍ରୀ ନାରାୟଣ ଚନ୍ଦ୍ର ଧଳ ଉତ୍କଳ ବିଶ୍ୱବିଦ୍ୟାଳୟ ସମାଜବିଜ୍ଞାନ ବିଭାଗର ୧୯୯୧-୯୩ ବ୍ୟାଚ୍ ଛାତ୍ର। କବିତା, ଗଳ୍ପ ଲେଖିବା ବ୍ୟତୀତ ଜଣେ ଜଣାଶୁଣା ଗୀତିକାର ମଧ। ତାଙ୍କର ବହୁ ଗୀତ କ୍ୟାସେଟ ହେବା ସହିତ ୟୁ-ଟ୍ୟୁବରେ ଉପଲବ୍ଧ ଅଛି। ଓଡ଼ିଶା ପ୍ରଶାସନିକ ସେବାରେ କାର୍ଯ୍ୟରତ ଶ୍ରୀ ଧଳ ଅଧୁନା ଓଡ଼ିଶା ଖଣି ନିଗମରେ ମୁଖ୍ୟ ସତର୍କତା ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି। ତାଙ୍କ ସହିତ ମୋବାଇଲ ନମ୍ବର ୯୪୩୭୨ ୫୭୧୦୭ରେ ଯୋଗାଯୋଗ କରାଯାଇ ପାରିବ।

ମିଛକଥା

ଗୌରୀ ସାହୁ

ପଲ୍ ଭର୍ କେଲିଏ
କୋଇ ହମେ ପ୍ୟାର୍ କର୍‌ଲେ
... ଝୁଟାହି ସହି; ଯିଏ କହୁଥିଲା
ସିଏ ବୁଝେନି କବିତା
ହେଲେ ଆଜିକାଲି ଖୁବ ସଜାଡୁଛି
ମୋ କବିତାର ଖାତା।

ବେଳେବେଳେ କେଜାଣି କାହାକୁ
ନେହୁରା ହେଉଛି
ଭୁବନେଶ୍ୱରର ସବୁ ଟ୍ରାଫିକ୍‌ରେ
ଜଳେଇ ଦେବାକୁ ନାଲିବତି
ବାଣୀବିହାର ଛକରେ
ସମୟକୁ ଅଟକାଇ ଦେବାକୁ
ଦୁଇ ଦଲକା ନିଶ୍ୱାସ।

ଆଜିକାଲି ଭାରି ଗୁମ୍‌ସୁମ୍
ବାଣୀବିହାରର ନକ୍ସା,
କ୍ୟାମ୍ପସର କୃଷ୍ଣଚୂଡ଼ା ଓଠରେ ହସ ନାହିଁ,
ଅଳକାର ମୁହଁସାରା ଟିପ୍‌ଟିପ୍ ଝାଳ ଭର୍ତ୍ତି,
ଗୋବିନ୍ଦ ସାହୁ ମାର୍କେଟରେ ଏବେ
ସଂଜ ପହରୁ ଖଟି ଭାଙ୍ଗୁଛି,
ହଜାରେ ଲଫଙ୍ଗା ପ୍ରଜାପତିଙ୍କ ପର
ଏବେ ଗାନ୍ଧୀ ପାର୍କର ଛାତିରେ ଉଡୁଛି,
ପରିଜା ଲାଇବ୍ରେରୀର କାନ୍ଥଘଣ୍ଟାକୁ ଦେଖି
ରୋଜ୍ କାହାର ତଣ୍ଟି ଶୁଖୁଛି।

ଏବେତ ଫେଡ଼ି ହବାର ବେଳ,
ମୋ ପାପୁଲିରେ ତା' ହାତରେଖା
ଆଉ କାହିଁ ସେ ଯୋଡୁଛି,
ମୋ ଓଠକୁ ତା' ଲୁହରେ ଭିଜେଇ
କାନ ପାଖେ ପଚାରୁଛି,
ସେ ଗୋଲାପୀ ରଙ୍ଗର ହୃଦୟରୁ
ରକ୍ତ ଶୁଖିବାକୁ ଆଉ କେତେଘଣ୍ଟା ବାକି ଅଛି ?

ଶେଷ ପରୀକ୍ଷା ଦିନ ସେ ପଚାରୁଥିଲା
ଯଦି ଏଇ ସେମିଷ୍ଟାର ଭଳି ସରିଯାଏ ସମ୍ପର୍କ ?
ମୁଁ କିନ୍ତୁ କହିପାରିଲିନି ଏତିକ
୪୩ ଡିଗ୍ରୀରୁ ୮୩ ଡିଗ୍ରୀ ହୋଇପାରେ
ଭୁବନେଶ୍ୱରର ତାପମାତ୍ରା,
ଶ୍ରାବଣ ମାସରେ ଶୁଖିଯାଇପାରେ ସାଗରର ଆଖିପତା,
ଭୁଲ୍ ହେଇପାରେ ପାଣିପାଗର ସୂଚନା,
ପାଞ୍ଚ ନମ୍ବର ଲେଡିଜ୍ ହଷ୍ଟେଲର ଛାତରେ
ଆଉ ନ ଉଡ଼ିପାରେ ଗୋଟେ ନୀଳରଙ୍ଗର ଓଢ଼ଣି,
ଖରା, ବର୍ଷା କି ତୁଚ୍ଛା ମିଛଟାରେ
ଖୋଜା ନ ପଡ଼ିପାରେ ଗୋଟେ ମେଘରଙ୍ଗର ଛତା,
ଶୁଣ୍ "ମୁଁ ତୋତେ ଦିନେ ଭୁଲିଯିବି",
ଏହା ହିଁ ତ ଶତାବ୍ଦୀର ଶ୍ରେଷ୍ଠ ମିଛକଥା।

ସୁଶ୍ରୀ ଗୌରୀ ସାହୁ ଉତ୍କଳ ବିଶ୍ୱବିଦ୍ୟାଳୟ ସାମାଜିକ ଓ ଗଣ ଯୋଗାଯୋଗ ବିଭାଗର ୨୦୨୧-୨୩ ବ୍ୟାଚ୍ ଛାତ୍ରୀ। ଓଡ଼ିଆ ପତ୍ରପତ୍ରିକାରେ ତାଙ୍କର କବିତା ନିୟମିତ ପ୍ରକାଶ ପାଇ ଆସୁଛି। ଏବେ ଆକାଶବାଣୀ କଟକରେ ଉପସ୍ଥାପିକା ଭାବେ କାର୍ଯ୍ୟରତ। ତାଙ୍କ ସହିତ ମୋବାଇଲ ନମ୍ବର ୮୦୧୮୨ ୫୧୬୦୮ରେ ଯୋଗାଯୋଗ କରାଯାଇ ପାରିବ।

ପ୍ରବନ୍ଧ ପ୍ରବାହ



ଡକ୍ଟର ପ୍ରଦୀପ କୁମାର ରଥ

ମେଘର ଲୁଚକାଳି ଓ ଓଡ଼ିଶା:
କାହିଁକି ବଦଳୁଛି ବର୍ଷାର ଖାମଖିଆଲି ମିଜାଜ ?

ପ୍ରକୃତି ସହ ମଣିଷର ସମ୍ପର୍କ ସବୁବେଳେ ଏକ ନିବିଡ଼ ସମୀକରଣ ଉପରେ ପର୍ଯ୍ୟବସିତ। କିନ୍ତୁ ଯେତେବେଳେ ପ୍ରକୃତିର ନିୟମ ବଦଳିଯାଏ, ସେତେବେଳେ ସମାଜର ମେରୁଦଣ୍ଡ ମଧ୍ୟ ଥରିଉଠେ। ଭାରତର ପୂର୍ବତଟରେ ଅବସ୍ଥିତ ଓଡ଼ିଶା ଏହାର ଜୀବନ୍ତ ଉଦାହରଣ। ଯାହାଙ୍କ ଜୀବନ ଓ ଜୀବିକା କାଳ କାଳରୁ ବର୍ଷା ବୁନ୍ଦା ଉପରେ ନିର୍ଭର କରିଆସିଛି, ସେହି ଓଡ଼ିଶା ଆଜି ଏକ ଅଜବ ଜଳବାୟୁଗତ ଦ୍ୱନ୍ଦ୍ୱର ସମ୍ମୁଖୀନ ହେଉଛି। ଆଜି ପ୍ରଶ୍ନ ହେଉଛି - କାହିଁକି ଏତେ ଅନିଶ୍ଚିତ ହୋଇପଡ଼ିଲାଣି ଓଡ଼ିଶାର ବର୍ଷା ? ଏହା କେବଳ ଏକ ଋତୁଚକ୍ରର ପରିବର୍ତ୍ତନ, ନା ଏହା ପଛରେ ରହିଛି ମଣିଷର ଅପରିଣାମଦର୍ଶୀ କାର୍ଯ୍ୟକଳାପର କରୁଣ ପରିଣତି ?

ବର୍ଷା ଦିନର କମୁଥିବା ତାଲିକା ଏବଂ ଭୟଙ୍କର ବାସ୍ତବତା:

ଓଡ଼ିଶାରେ ବାର୍ଷିକ ହାରାହାରି ବୃଷ୍ଟିପାତର ପରିମାଣ ପ୍ରାୟ ୧୪୫୭ ମିଲିମିଟର। ସଂଖ୍ୟାଗତ ଭାବେ ଏହି ପରିମାଣ ବର୍ଷରୁ ବର୍ଷକୁ ପ୍ରାୟ ସମାନ ରହୁଥିବା ଜଣାପଡୁଥିଲେ ମଧ୍ୟ, ଏହାର ସମୟ ଏବଂ ପରିମାଣର ବିତରଣ (Temporal Distribution) ସମ୍ପୂର୍ଣ୍ଣ ଓଲଟପାଲଟ ହୋଇଯାଇଛି। ପାଣିପାଗ ବିଜ୍ଞାନର ତଥ୍ୟ ଅନୁଯାୟୀ, ଗତ କିଛି ବର୍ଷ ଭିତରେ ବର୍ଷା ହେଉଥିବା ଦିନର ସଂଖ୍ୟା ଆଶ୍ଚର୍ଯ୍ୟଜନକ ଭାବେ ହ୍ରାସ ପାଇଛି। ୨୦୨୧ ମସିହାରେ ରାଜ୍ୟରେ ମାତ୍ର ୩୮ ଦିନ ବର୍ଷା ହୋଇଥିବା ବେଳେ, ୨୦୨୨ରେ ଏହା ୩୫ ଦିନକୁ ଏବଂ ୨୦୨୩ ମସିହାରେ ଆହୁରି ଖସି ଆସି ମାତ୍ର ୩୨ ଦିନରେ ସୀମିତ ହୋଇଯାଇଥିଲା। ଏହାର ଅର୍ଥ ସ୍ପଷ୍ଟ - ବର୍ଷା ବର୍ଷିବା ଦିନ କମିଯାଇଛି, କିନ୍ତୁ ଯେଉଁଦିନ ବର୍ଷା ହେଉଛି, ତାହା ଅତିପ୍ରବଳ ବା ମେଘଭଙ୍ଗା (Cloudburst style) ରୂପ ନେଉଛି। ଫଳସ୍ୱରୂପ, ସମାନ ପରିମାଣର ବର୍ଷା ମଧ୍ୟ ଭୂପୃଷ୍ଠରେ ତୁମୁଳ ବନ୍ୟା ସୃଷ୍ଟି କରୁଛି। ଦୁର୍ଭାଗ୍ୟର କଥା, ଆମ ପାଖରେ ବର୍ଷାଜଳକୁ ସଂରକ୍ଷଣ କରି ରଖିବା ପାଇଁ ଉପଯୁକ୍ତ ପରିବେଶୀୟ ବ୍ୟବସ୍ଥା ବା ଇକୋସିଷ୍ଟମ ନଥିବାରୁ, ଏହି ଅମୂଲ୍ୟ ଜଳ ସହଜରେ ବହିଯାଇ ସମୁଦ୍ରରେ ବିଲୀନ ହୋଇଯାଉଛି।

ବୈଜ୍ଞାନିକ ଦିଗ: ତାପମାତ୍ରା ଓ ଜଳୀୟବାଷ୍ପର ଖେଳ:

ବର୍ଷାର ଏହି ଅନିଶ୍ଚିତତା ପଛରେ ରହିଛି ଏକ ଜଟିଳ ବୈଜ୍ଞାନିକ ପ୍ରକ୍ରିୟା। ପାଣିପାଗ ବିଜ୍ଞାନର କ୍ଲାଉସିୟସ୍-କ୍ଲାପେରନ୍ (Clausius-Clapeyron) ସୂତ୍ର ଅନୁଯାୟୀ, ବାୟୁମଣ୍ଡଳର ତାପମାତ୍ରା ପ୍ରତି ୧ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇଲେ, ଏହାର ଜଳୀୟବାଷ୍ପ ଧାରଣ କ୍ଷମତା ପ୍ରାୟ ୭% ବଢ଼ିଯାଏ। ବିଶ୍ୱ ତାପନ (Global Warming) ଯୋଗୁଁ ବାୟୁମଣ୍ଡଳ ଅଧିକ ଉତ୍ତପ୍ତ ହେଉଛି, ଯାହା ଫଳରେ ମେଘମାଳା ଅଧିକ ଜଳ ସାଉଁଟି ରଖୁଛନ୍ତି ଏବଂ ହଠାତ୍ ଅସମ୍ଭାଳ ବର୍ଷା କରାଉଛନ୍ତି।

ଏହା ସହିତ, ଭାରତ ମହାସାଗରୀୟ ଦ୍ୱିମେରୁ (IOD) ଏବଂ ପ୍ରଶାନ୍ତ ମହାସାଗରର ଏଲ୍ ନିନୋ (El Nino) ପ୍ରଭାବ ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ଲଘୁଚାପ ଓ ବାତ୍ୟାର ଗତିପଥକୁ ସମ୍ପୂର୍ଣ୍ଣ ଅନିଶ୍ଚିତ କରିଦେଇଛି। ଓଡ଼ିଶାର ପୂର୍ବଘାଟ ପର୍ବତମାଳା ଏହି ଆର୍ଦ୍ର ବାୟୁ ପ୍ରବାହକୁ ବାଧା ଦେଉଥିବାରୁ, କେତେକ ଜିଲ୍ଲାରେ ବନ୍ୟା ଏବଂ ଅନ୍ୟ କେତେକ ଜିଲ୍ଲାରେ ମରୁଡ଼ିର ବିପରୀତ ଚିତ୍ର ଦେଖାଯାଉଛି।

ଜଙ୍ଗଲ ଓ ଆର୍ଦ୍ରଭୂମି: ଯାହାଙ୍କୁ ଆମେ ହରାଇ ସାରିଛୁ:

ଆକାଶରୁ ମେଘ ବର୍ଷିବା ପାଇଁ କେବଳ ସମୁଦ୍ର ବା ବାୟୁମଣ୍ଡଳ ଦାୟୀ ନୁହେଁ, ସ୍ଥଳଭାଗର ଜଙ୍ଗଲ ଏବଂ ଜୈବବିବିଧତା ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ।

୧. ଉତ୍ସେଦନ ପ୍ରକ୍ରିୟା (Transpiration): ଗଛଗୁଡ଼ିକ ଭୂତଳ ଜଳ ଶୋଷି ପତ୍ର ମାଧ୍ୟମରେ ବାୟୁମଣ୍ଡଳକୁ ଜଳୀୟବାଷ୍ପ ଛାଡ଼ନ୍ତି, ଯାହା ଜଙ୍ଗଲ କ୍ଷୟ ଯୋଗୁଁ ସ୍ଥାନୀୟ ଜଳଚକ୍ରକୁ ଗଭୀର ଭାବେ ପ୍ରଭାବିତ କରୁଛି।

୨. ପ୍ରାକୃତିକ ସ୍ପଞ୍ଜ: ପୂର୍ବକାଳରେ ଆମର ହ୍ରଦ, ପୋଖରୀ, ଆର୍ଦ୍ରଭୂମି (Wetlands) ଏବଂ ଘାସଭୂମିଗୁଡ଼ିକ ପ୍ରାକୃତିକ ସ୍ପଞ୍ଜ ଭାବେ କାମ କରି ବର୍ଷାଜଳକୁ ଶୋଷି ରଖୁଥିଲେ। ଅନ୍ଧାଧୂନ ସହରୀକରଣ ଓ ଜବରଦଖଲ ଯୋଗୁଁ ଏହି ଜଳସ୍ରୋତଗୁଡ଼ିକ ନଷ୍ଟ ହୋଇଯାଇଥିବାରୁ

ବର୍ଷାଜଳ ମାଟିତଳକୁ ଯିବା ବଦଳେ ସହର ଓ ରାସ୍ତାଘାଟରେ ପ୍ରଳୟ ସୃଷ୍ଟି କରୁଛି।

ସାମାଜିକ ଓ ଆର୍ଥିକ ପ୍ରଭାବ: ଭାଙ୍ଗିପଡୁଛି ମେରୁଦଣ୍ଡ:

ବର୍ଷାର ଏହି ଅସ୍ଥିର ମିଜାଜ ସିଧାସଳଖ ଓଡ଼ିଶାର ସାଧାରଣ ଜନଜୀବନକୁ ପ୍ରଭାବିତ କରୁଛି:

ଚାଷୀର ଅଶ୍ରୁ: ମୌସୁମୀର ଭୁଲ୍ ଆକଳନ ଏବଂ ଅସମୟରେ ବର୍ଷା ଯୋଗୁଁ ଧାନ ଫସଲ କ୍ଷେତରେ ନଷ୍ଟ ହେଉଛି। ଏହା ଚାଷୀକୁଳକୁ କରଜ ଓ ଆର୍ଥିକ ଦେବାଳିଆପଣ ଆଡ଼କୁ ଠେଲି ଦେଉଛି।

ଜଳ ସଙ୍କଟ: ଭୂତଳ ଜଳସ୍ତର ଦ୍ରୁତ ଗତିରେ ଖସୁଥିବାରୁ ଗ୍ରାମାଞ୍ଚଳରେ ମଧ୍ୟ ଗ୍ରୀଷ୍ମ ଋତୁରେ ପାନୀୟ ଜଳର ଭୟବହତା ଦେଖାଦେଉଛି।

ଭବିଷ୍ୟତ ପାଇଁ ରାସ୍ତା: ଆମର କର୍ତ୍ତବ୍ୟ କ'ଣ ?

ଯଦି ଆମକୁ ଏହି ଜଳବାୟୁ ସଙ୍କଟରୁ ମୁକ୍ତି ପାଇବାକୁ ହେବ, ତେବେ କେବଳ ଚିନ୍ତା କଲେ ଚଳିବ ନାହିଁ, ବରଂ ଠୋସ୍ ପଦକ୍ଷେପ ନେବାକୁ ପଡ଼ିବ:

୧. ଜଳବାୟୁ-ସହନଶୀଳ କୃଷି: କମ୍ ଜଳରେ ହେଉଥିବା ଫସଲ ଏବଂ ଡ୍ରିପ୍ ଇରିଗେସନ୍ (Drip Irrigation) ବ୍ୟବହାର କରିବା।

୨. ବ୍ୟାପକ ବୃକ୍ଷରୋପଣ ଓ ଜଙ୍ଗଲ ସୁରକ୍ଷା: ରାଜ୍ୟର ମାଇକ୍ରୋ-କ୍ଲାଇମେଟକୁ ଫେରାଇ ଆଣିବାକୁ ହେଲେ ସବୁଜ ଆଚ୍ଛାଦନ ବୃଦ୍ଧି କରିବାକୁ ପଡ଼ିବ।

୩. ବର୍ଷାଜଳ ଅମଳ ଓ ଆର୍ଦ୍ରଭୂମିର ପୁନରୁଦ୍ଧାର: ପ୍ରତ୍ୟେକ ବର୍ଷା ବୁନ୍ଦାକୁ ଭୂତଳକୁ ପ୍ରବେଶ କରାଇବା ପାଇଁ ବର୍ଷାଜଳ ଅମଳ (Rain water harvesting) ବାଧ୍ୟତାମୂଳକ କରାଯିବା ଦରକାର।

ଉପସଂହାର:

ପ୍ରକୃତି କାହାରିକୁ କ୍ଷମା କରେନାହିଁ, କିନ୍ତୁ ପ୍ରକୃତି ସହ ସନ୍ତୁଳନ ରକ୍ଷା କରି ଚାଲିଲେ ଏହା ଜୀବନ ଦେଇଥାଏ। ଓଡ଼ିଶାରେ ବର୍ଷାର ଅନିଶ୍ଚିତତା ଆଜି ଏକ ଚେତାବନୀ। ଯଦି ଆମେ ଆଜି ସଚେତନ ନ ହେବା, ତେବେ ଆଗାମୀ ଦିନରେ ଏହି ବର୍ଷା ବରଦାନ ବଦଳରେ ଅଭିଶାପ ପାଲଟିଯିବ।

ଡକ୍ଟର ପ୍ରଦୀପ କୁମାର ରଥ ବାଣୀବିହାର 'ବ୍ୟକ୍ତି ପରିଚାଳନା ଓ ଶିଳ୍ପ ସଂପର୍କ ବିଭାଗ'ର ୧୯୭୭-୭୯ ବ୍ୟାଚ୍ ଛାତ୍ର। ଭାରତ ସରକାରଙ୍କ ଶ୍ରମ ବିଭାଗର ଜଣେ ଉଚ୍ଚପଦସ୍ଥ ଅଧିକାରୀ ଭାବେ ଅବସର ଗ୍ରହଣ କରିବା ପରେ ରାଜ୍ୟସ୍ତରୀୟ ଅନୁଷ୍ଠାନ 'ପରିବେଶ ସୁରକ୍ଷା ଅଭିଯାନ'ର ସଭାପତି ଭାବେ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରୁଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ସେ ପ୍ରକୃତି ବନ୍ଧୁ ଭାବେ ମଧ୍ୟ ସମ୍ମାନିତ। ସେ ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘ କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ଭାବେ ବେଶ୍ ସକ୍ରିୟ ଅଛନ୍ତି।

ପାଉଡ଼ିର ପ୍ରେମ ସଙ୍ଗୀତ

ସଂଗ୍ରାମ ମହାପାତ୍ର

ଭୂୟାଁ ଜନଜାତି ମଧ୍ୟରେ ଆଦିମ ଜନଜାତି ପାଉଡି ଭୂୟାଁ ସୁନ୍ଦରଗଡ଼ ଜିଲ୍ଲାର ବଣେଇ ଉପଖଣ୍ଡ, କେନ୍ଦୁଝର ଜିଲ୍ଲା, ତଥା ଅନୁଗୋଳ ଜିଲ୍ଲାର ପାଲଲହଡ଼ା ଉପଖଣ୍ଡରେ ବସବାସ କରନ୍ତି । ବଣ ଜଙ୍ଗଲର ଅତ୍ୟୁଚ୍ଚ ପାର୍ବତ୍ୟ ଭୂମିରେ ବସବାସ କରୁଥିବାରୁ ସମତଳ ଅଞ୍ଚଳର କୃଷିର ପଦ୍ଧତି ସହ ସେମାନେ ବିଶେଷ ଭାବରେ ପରିଚିତ ନୁହଁନ୍ତି । ପୁରାତନ ପଦ୍ଧତି ଯଥା ପୋଡୁ ଚଷ ଯାହାକୁ ସେମାନେ 'କୋମଣ' ବୋଲି କହିଥାନ୍ତି, ତା' ଉପରେ ନିର୍ଭରଶୀଳ । ଅକ୍ଷୟ ତୃତୀୟା ଦିନ ସେମାନେ କୃଷି କାର୍ଯ୍ୟ ଆରମ୍ଭ କରିଥାନ୍ତି । 'ଦେହୁରି' ନୂଆ ମାଟିହାଣ୍ଡିରେ ଜାଉ ଭୋଗ କରି ଗ୍ରାମ୍ୟ ଦେବତୀ, ପିତୃ ପୁରୁଷ ଓ ଧରମ ଦେବତାଙ୍କୁ ଭୋଗ କରିଥାଏ ।

ବଣେଇ ଉପଖଣ୍ଡର ମାଙ୍କଡ଼ନଚା ଶୃଙ୍ଗ ଓ ଖଣ୍ଡାଧାର ଜଳପ୍ରପାତ ନିକଟସ୍ଥ ଅଞ୍ଚଳ ପାଉଡ଼ିମାନଙ୍କ ଅଞ୍ଚଳ । ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ନଅଟି ଗ୍ରାମପଞ୍ଚାୟତ ଯଥା ଫୁଲଝର, ତଲବାହାଲି, ହଲଦିକୁଦର, ଭୁଟୁଡ଼ା, କୁଲିପୋଷ, ଖୁଣ୍ଟଗାଁ, ଦଲେଇସରା, ମହୁଲପଡ଼ା ଓ ଶସ୍ୟକଳାରେ ଥିବା ବାବନଗୋଟି ଗାଁରେ ୨୦୧୧ ଜନସଂଖ୍ୟା ମୁତାବକ ୯୩୨୯ ଜଣ ପାଉଡ଼ି ବସବାସ କରୁଛନ୍ତି । ଏଥିମଧ୍ୟରୁ କେବଳ ୪୬୩୮ ଜଣ ପୁରୁଷ ଓ ୪୬୯୧ ଜଣ ମହିଳା । ଏମାନଙ୍କ ଗୃହ ସଂଖ୍ୟା ୨୦୯୯ । ଅଦ୍ୟାବଧି ମହୁଲପଡ଼ା ଗ୍ରାମପଞ୍ଚାୟତ ଅଧୀନସ୍ଥ ଆଭ୍ୟନ୍ତରିଣ ଦୁଇଟି ଗ୍ରାମ କୁନୁ ଓ କୁଣ୍ଡଳାରେ ଗମନାଗମନ ଓ ବିଦ୍ୟୁତ ଯୋଗାଣର ବ୍ୟବସ୍ଥା ସୁବ୍ୟବସ୍ଥିତ ହୋଇପାରିନାହିଁ । ପାଲଲହଡ଼ା ବାଟେ ଉକ୍ତ ଗ୍ରାମଦୁଇଟିକୁ ଯିବାକୁ ପଡ଼ିଥାଏ ।

୧୯୭୯ ମସିହାରେ ସରକାର ପାଉଡି ଭୂୟାଁ ଜନଜାତି ସଂସ୍ଥା (ପି.ଡି.ଡି.ଏ) ଖୁଣ୍ଟଗାଁରେ ଗଠନ କରିଥିଲେ । ଏବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ବଣେଇଠାରେ ମଧ୍ୟ ଅବସ୍ଥିତ । ସେମାନଙ୍କର ଉତ୍ତମ ସହାବସ୍ଥାନ, ଆର୍ଥିକ ସ୍ୱଚ୍ଛଳତା ଏବଂ ଉନ୍ନୟନ ପାଇଁ ଉକ୍ତ ସଂସ୍ଥା କର୍ମରତ । ପାଉଡି ଭୂୟାଁ ପି.ଭି.ଟି.ଜି. ଶ୍ରେଣୀୟ ଜନଜାତି ହେଲେ ମଧ୍ୟ ସେମାନଙ୍କ ସାମାଜିକ ବ୍ୟବସ୍ଥା ସୁଦୃଢ଼ । ସାମୂହିକ ବୈଠକ ଓ ନିଷ୍ପତ୍ତି ନେବାପାଇଁ ଗ୍ରାମରେ ଏକ ମଣ୍ଡାଘର ଥାଏ । 'ମଣ୍ଡପ'ରୁ ଅପଭ୍ରଂଶ ହୋଇ ମଣ୍ଡା । ସମ୍ପର୍କ ସ୍ଥାପନ ହୋଇଥିବା ବା ହେବାକୁ ଥିବା ଗ୍ରାମକୁ ସେମାନେ 'ବନ୍ଧୁଗାଁ' କହନ୍ତି । ଅନ୍ୟ ଗ୍ରାମର କୁଣିଆ ବା ଅତିଥି ଆସିଲେ ସେମାନେ 'ମଣ୍ଡାଘରେ' ରହିଥାନ୍ତି ।

ସେମାନଙ୍କ 'କଣ୍ଟ କୁମାରୀ' ପୂଜା ଏକ ଆଦିମ ପର୍ବ ଅଟେ । 'କଣ୍ଟା'କୁ ବାଦ୍ୟର ତାଳେତାଳେ ଗାଁକୁ ଗାଁ ପରିକ୍ରମା କରାଯାଇଥାଏ ଓ ଗ୍ରାମର ପ୍ରାୟ 'ଡେରାଘର'ରେ ରଖାଯାଇଥାଏ । ସେମାନଙ୍କ ବିବାହ ସାଧାରଣତଃ ନିଜ ଜାତି, ଗୋଷ୍ଠୀ ବା ସମ୍ପ୍ରଦାୟ ମଧ୍ୟରେ ହୋଇଥାଏ । ସ୍ଥଳ ବିଶେଷରେ ବିଧବା ବିବାହ ମଧ୍ୟ ପ୍ରଚଳିତ । ସେମାନଙ୍କ ବିବାହ ଚାରି ପ୍ରକାରର- 'ଧରି ପଳା', 'ଝିଙ୍କା', 'ଫୁଲଖୋସି' ଓ 'ମାଙ୍ଗି ବିହା' । 'ଧରି ପକା' ଓ 'ଝିଙ୍କା' ବିବାହରେ ପୁଅ ଝିଅକୁ ନେଇ ନିଜ ଘରକୁ ପଳାଇଥାଏ । 'ଫୁଲଖୋସି' ବିବାହରେ ଝିଅକୁ ଭଲପାଇଥିବା ପୁଅ ପ୍ରେମ ନିବେଦନ ପୂର୍ବକ ତା'ର କେଶରେ ଫୁଲ ଖୋସି ଥାଏ ଏବଂ ମାଳି ପକେଇ 'ଫୁଲ ମିତ୍ର' ହୋଇଥାଏ । ଯେଉଁଦିନ ବିବାହ, ସେଦିନ ନାଚଗୀତ, ପଙ୍ଗତ ଆଡ଼ମ୍ବରରେ ହୋଇଥାଏ । ସେଭଳି ସ୍ତରରେ ଯେଉଁ ସଙ୍ଗୀତ ପୁଅ ଝିଅ ମଧ୍ୟରେ ବୋଲାଯାଇଥାଏ ତାହା ନିମ୍ନରେ ପ୍ରଦତ୍ତ:-

ଝିଅ- ବୋବେଇଲା କାଉ,
ନାଚ ଗୀତ କରିବା ଆର୍ ଦିନ୍‌କେ ଥାଉ
ଫୁଟିଗଲା କସି
ତୁମର ଆମର ଫୁଲ ବସିବା ଆସି ।

ପୁଅ- କାକୁଡ଼ି କସି
ଆର୍ ଦିନ ଜାବୋ ବର ଗଲା ବାସି
କାକୁଡ଼ି କସି
ଫୁଲ ମଉଳି ହେଲା ବାସି ।

ପୁଅ- ଫୁଲ ଦଉଦଉ, ଚାଲି ଯାଉଯାଉ
ଗୀତ ପଦେ ମାରି ଦବା
ଚାଲି ଯାଉଯାଉ ।

ଝିଅ- ନାଇଁ ଜାଣଇ ଗୀତ
ଶାଗ ଉତାରିବା ଚିନ୍ତା
ମୁଇଁ ନାଇଁ ଜାଣଇ ଗୀତ
ଶାଗ ଭାତ ହେବା ମିତ।

ପୁଅ- ନଇ ପାଣି ଆଣଇ ଗୀତ
ଭାଇ, ଇଏ ନ ଜାଣନ୍ତି ଗୀତ।

ଝିଅ- ପିତଳର ଖଡୁ
ଜାଣଇ ନଜାଣଇ ଭାଇ
ଯାହା ତାହା କରି
ପିତଳର ଖଡୁ, ଯାହା ତାହା କରି
ଓ ଭାଇ, ଯାହା ତାହା କରି।

ପୁଅ- ମୁଇଁ ଜରେଇକେଲାର ପାଉଡ଼ି
ଡାକି ଆଣେ ଦିହୁଡି (ଦେହୁରି)
ଫୁଲ ମିତ୍ରକୁ ନେବି ବାହୁଡ଼ି।

ଝିଅ- କୁକୁଡ଼ା ଖାଇଲା ଖୁଣ୍ଟି
ତୁମ ମକା ନେଇଛି ମୋ ଅଣ୍ଟି
ଆସ ଭାଇ ଖାଇବା ବାଛି।

ପୁଅ- କେଉଁ ଝରଣା ପାଣି
ଫୁଲ ଆଣିଛି ଛାଣି
ତୋତେ ନେବି କିଣି।

ଝିଅ- ବଣେଇ ଗ୍ରାମର ପଇସା
ତଥାପି ନଥାଏ ଭରଷା।

ପୁଅ- ତୋ ପାଇଁ ଆଣିଛି ପଲଶା (ପଳାଶ) ଫୁଲ
ମୁଇଁ ଶୁଣିବି ଗୀତ, କରିବି ଗେଲ।

ଝିଅ- ଚଢ଼େଇ ଶୁଣନ୍ତି ଗୀତ, ଯାଆନ୍ତି ଉଡ଼ି
ତୁମେ ଯିବ ବାଟ ଅବା ହୁଡ଼ି।

ପୁଅ- କମ୍ବଳ ଓ କନ୍ଥା, ଭାଇ କମ୍ବଳ ଓ କନ୍ଥା
ପୁରୁଷ ବିହା ହେଲା ଦୁଃଖ ସାଉଁଟା।

ଝିଅ- ମେଘ ହେଲା ସଫା, ଦିନ ଦିଶିଲା ତୋଫା
ଆମ ଘରକୁ ଆସି କହୁଛ କଥା
ଆମେ ସୁଖ ବାଣ୍ଟିବୁ ଏକା।

ପୁଅ- ମିତ, ପଳାଶ ଗଛର ଫୁଲ
ତୁମେ ଆମ ଘରକୁ ଚାଲ।

ଝିଅ- ଚଢ଼େଇ ଗାଆନ୍ତି ଖୁସିରେ ଗୀତ
ବାପା ମାଆ ଛାଡ଼ି ଯାଉଛି ତୁମ ସହିତ
ଆରେ ମିତ, ଯାଉଛି ତୁମ ସହିତ।

ଏସବୁ ଗୀତ ବାଦ୍ୟର ତାଳେତାଳେ ଗାନ କରାଯାଇଥାଏ। ସଙ୍ଗୀତରେ ଧାଡ଼ି ଶେଷ ହେଲେ ଗୀତ ବୋଲା ବନ୍ଦ ହୁଏ, ଝିଅ ଆଣ୍ଠେଇ ପଡ଼ି ତା' ପ୍ରେମିକ ବା ପ୍ରାଣର ପ୍ରିୟତମକୁ ଦଣ୍ଡବତ କରେ। ଯୁବକଟି ତାକୁ ବାହୁରେ ଉଠେଇ ଆଲିଙ୍ଗନ କରେ। ୧୮୭୦ ସାଲରେ ଡାଲଟନ
'ଇଥନୋଲୋଜି ଅଫ ବେଙ୍ଗଲ'ରେ (ପୃ ୧୪୩-୧୪୪) ଲେଖିଛନ୍ତି, 'ଏସବୁ ଗୀତ ମୋତେ ମୁଗ୍ଧ କରିଛି। ସେମାନଙ୍କ ଛନ୍ଦବଦ୍ଧତା, ସେମାନଙ୍କ ଅଧିକ ବୁଦ୍ଧି, ଅଧିକ ଚେତନା, ଅଧିକ ଚତୁରତା, ପ୍ରଣୟ ନିବେଦନ ଏବଂ ସେମାନଙ୍କ ବାଚନିକ ଗୀତରେ ଅଧିକ କବିତା ବିଦ୍ୟମାନ, ଯାହା ସାଧାରଣତଃ ଭାରତର ଅନ୍ୟ କେଉଁ ଗାଁ ଗଣ୍ଡାରେ ଦେଖିବାକୁ ମିଳେ ନାହିଁ। ଗୀତ ଶୁଣୁଶୁଣୁ ଡାଲଟନ ମନ୍ତ୍ରମୁଗ୍ଧ ହୋଇଯାଆନ୍ତି ଓ ଯେତେବେଳେ ଗୀତ ସରିଯାଇଛି ସେ ପ୍ରକୃତିସ୍ଥ ହୋଇ ପଚାରୁଛନ୍ତି, ଆଉ କ'ଣ ବାକି ଅଛି ?' ଏହାର ତୁରନ୍ତ ଉତ୍ତର ଦେଇ ଝିଅଟି କହିଛି "ତୁମର ଆଉ ଅଧିକା କ'ଣ ଦରକାର ?"।

ଶ୍ରୀ ସଂଗ୍ରାମ ମହାପାତ୍ର ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ରାଜନୀତି ବିଜ୍ଞାନ ବିଭାଗର ୧୯୮୬-୮୮ ବ୍ୟାଚ୍ ଛାତ୍ର। ଏବେ ଭାରତୀୟ ପ୍ରଶାସନିକ ସେବାରେ ସମ୍ବଲପୁରରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଓ ବ୍ରହ୍ମପୁରରେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ କାର୍ଯ୍ୟରତ। ରାଜ୍ୟର ଜଣେ ଜଣାଶୁଣା ଲେଖକ ଭାବେ ପରିଚିତ ଶ୍ରୀ ମହାପାତ୍ରଙ୍କର ୨୪ଟି ପୁସ୍ତକ ପ୍ରକାଶ ପାଇଛି। ରାଜଧାନୀ ପୁସ୍ତକମେଳା ପୁରସ୍କାର ସମେତ ବହୁ ପୁରସ୍କାରରେ ସେ ସମ୍ମାନିତ।

ଉତ୍କଳମଣି ଗୋପବନ୍ଧୁଙ୍କ କବିତାର ଭାଷା

ଡକ୍ଟର ଦେବାଶିଷ ମହାପାତ୍ର



ସମାଜ ସଂସ୍କାର ମନୋବୃତ୍ତି, ଜାତୀୟତା ଏବଂ ଜନସେବା ପାଇଁ ସଙ୍କଳ୍ପବଦ୍ଧ ଥିବା ସତ୍ୟବାଦୀ ଯୁଗର ପ୍ରମୁଖ ସ୍ରଷ୍ଟା ଗୋପବନ୍ଧୁ ଦାସ। କୁହାଯାଏ ଯେ, କବି ଗୋପବନ୍ଧୁଙ୍କ କର୍ମ ଓ କବିତ୍ୱ ମଧ୍ୟରେ କୌଣସି ବ୍ୟବଧାନ ନଥିଲା। ତାଙ୍କର କର୍ମାଦର୍ଶ ହିଁ ତାଙ୍କ କାବ୍ୟ-କବିତାରେ ପ୍ରତିଫଳିତ । ଐତିହାସିକ, ଜାତୀୟତାବୋଧ ଓ ମାନବବାଦୀ ଦୃଷ୍ଟିକୋଣ ପାଇଁ ଗୋପବନ୍ଧୁଙ୍କ କାବ୍ୟକବିତା ଆକର୍ଷଣୀୟ ତଥା ମର୍ଯ୍ୟାଦାବନ୍ତ। ବଳିଷ୍ଠ ଜାତୀୟ ଚେତନା ଏବଂ ଐତିହାସିକ ପ୍ରୀତି ଉପରେ ତାଙ୍କର ଅଧିକାଂଶ କାବ୍ୟ କବିତା ପ୍ରତିଷ୍ଠିତ। ଓଡ଼ିଶାର ଇତିହାସ, କିମ୍ବଦନ୍ତୀ, ଜନଶ୍ରୁତି, ସଂସ୍କୃତି, ପରମ୍ପରା, କଳାସ୍ଥାପତ୍ୟକୁ ନେଇ କାବ୍ୟ କବିତା ରଚନା କରିବା କବି ଗୋପବନ୍ଧୁଙ୍କ ପ୍ରମୁଖ ଆଭିମୁଖ୍ୟ ଥିଲା। ଜଣେ ପ୍ରେରଣାବାଦୀ ଓ ମାନବବାଦୀ କବି ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଥିବା ଗୋପବନ୍ଧୁଙ୍କ କାବ୍ୟ କବିତାରେ ଆହ୍ୱାନ, ଜାଗରଣ, ସଚେତନତା, ସ୍ୱଦେଶପ୍ରୀତି, ବିଶ୍ୱପ୍ରେମ, ପ୍ରେରଣା ଦେଖିବାକୁ ମିଳେ । ତାଙ୍କ ଲେଖନୀରୁ ପ୍ରଥମେ ପ୍ରକାଶ ପାଇଥିଲା 'ଅବକାଶ ଚିନ୍ତା' (୧୮୯୯)। ପ୍ରକୃତି ଚିତ୍ର, ଅତୀତ ଗୌରବ ଗାନ ଓ ଐତିହ୍ୟ ପ୍ରୀତି ଏହି ପ୍ରଥମ ପ୍ରକାଶିତ କବିତା ପୁସ୍ତକରେ ସ୍ପଷ୍ଟ, ସୁଲଭ। ଏହାପରେ କବି ଗୋପବନ୍ଧୁଙ୍କ କଲମରୁ କ୍ରମାନ୍ୱୟରେ ଝରି ଆସିଥିଲା 'କାରାକବିତା', 'ବନ୍ଦୀର ଆତ୍ମକଥା', 'ଧର୍ମପଦ', 'ନଚିକେତା', 'ଗୋ-ମାହାତ୍ମ୍ୟ' ପ୍ରଭୃତି କାବ୍ୟ କବିତା। କବି ଗୋପବନ୍ଧୁ ଏହିସବୁ ପୁସ୍ତକ ମାଧ୍ୟମରେ ଓଡ଼ିଆ ଜାତୀୟତାର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ସଫଳ ପ୍ରଚେଷ୍ଟା କରିଛନ୍ତି। ଜନସେବା ଓ ଦେଶ ପାଇଁ ମର୍ଯ୍ୟାଦାଜନକ ଉତ୍କଳମଣି ଉପାଧିରେ ଭୂଷିତ କବି ଗୋପବନ୍ଧୁ ଓଡ଼ିଆ ଜାତିକୁ ଜାଗ୍ରତ ଓ ଆତ୍ମସଚେତନ କରିବା ପାଇଁ ନିର୍ମାଣ କରିଯାଇଛନ୍ତି ତାଙ୍କର ସୁରମ୍ୟ ସାହିତ୍ୟ ସୌଧ। ଓଡ଼ିଶାର ଜନସାଧାରଣଙ୍କୁ ଜାତୀୟତାବୋଧ ଭାବଧାରାରେ ସାମିଲ କରାଇବା କବି ଗୋପବନ୍ଧୁଙ୍କର ପ୍ରମୁଖ ଲକ୍ଷ୍ୟ ଥିଲା। ଗୌରବମୟ ଅଭୁଲା ଅତୀତକୁ ଭାବ ଓ ଭାଷା ମାଧ୍ୟମରେ କାବ୍ୟିକ ଉପସ୍ଥାପନ କରି ଜାତିପ୍ରାଣରେ ଉନ୍ମାଦନା କରିଦେବା ତାଙ୍କର ସ୍ୱପ୍ନ ଓ ସଂକଳ୍ପ ଥିଲା। ଅତୀତ ଜୟଗାନ ଜରିଆରେ ଜାତୀୟତାଭାବ ଜାଗରଣ କରିବା କବି ଗୋପବନ୍ଧୁଙ୍କ ପ୍ରମୁଖ ଆଭିମୁଖ୍ୟ ଥିଲା। ଜଣେ ଦରଦୀ, ମାନବବାଦୀ, ପ୍ରେରଣାବାଦୀ, ଜାତୀୟବାଦୀ କବି ଭାବେ ଗୋପବନ୍ଧୁ ଓଡ଼ିଆ ଭାଷା

ସାହିତ୍ୟକୁ ସମୃଦ୍ଧ, ଋଦ୍ଧିମନ୍ତ କରିଛନ୍ତି । ତାଙ୍କର ଅବଦାନ ଅଭୁଲା ଓ ଅପାଶୋରା ତଥା ଆକର୍ଷଣୀୟ । ଓଡ଼ିଆ ଭାଷା ସାହିତ୍ୟରେ ତାଙ୍କର ସ୍ଥାନ ସ୍ୱତନ୍ତ୍ର । ଉଭୟ ଆଙ୍ଗିକ ଓ ଆତ୍ମିକ ଦୃଷ୍ଟିକୋଣରୁ ସେ ଓଡ଼ିଆ ଭାଷା ଭଣ୍ଡାରକୁ ସମୃଦ୍ଧ କରିଛନ୍ତି ।

କବି ଗୋପବନ୍ଧୁଙ୍କର ପ୍ରଥମ ସାରସ୍ୱତ ସୃଷ୍ଟି 'ଅବକାଶ ଚିନ୍ତା'ରେ ପ୍ରକୃତି ଚିତ୍ର, ଅତୀତ ଗୌରବ ଗାନ ଓ ଐତିହ୍ୟ ପ୍ରୀତିର ସୁନ୍ଦର ସମନ୍ୱୟ ହୋଇଛି । ଏହି କବିତା ପୁସ୍ତକରେ କବିଙ୍କ ସମାଜ-ଚିନ୍ତା, ଜୀବନଦର୍ଶନ ଓ ଜନକଲ୍ୟାଣନିଷ୍ଠ ଆଦର୍ଶ ଅଭିବ୍ୟକ୍ତି ଦେଖିବାକୁ ମିଳିଥାଏ । ଏଥିରେ କବିଙ୍କ ବୁଦ୍ଧି ଓ ହୃଦୟ, ଦୀପ୍ତି ଓ ଦ୍ୟୁତିର ସମନ୍ୱୟରେ ମାନବର ମହିମା ମହିମାନ୍ୱିତ ହୋଇଉଠିଛି । ସାମ୍ୟ ଓ ସଂହତି ପ୍ରତିଷ୍ଠା ପାଇଁ ଉତ୍କଳର ଅତୀତ ଉପରେ କବି ଗୋପବନ୍ଧୁ ଗୁରୁତ୍ୱାରୋପ କରି ଏହି କବିତା ପୁସ୍ତକରେ ତାଙ୍କର ଦୃଷ୍ଟିଭଙ୍ଗୀକୁ ଅତୀତ ପ୍ରସାରୀ କରିଛନ୍ତି । ଏହି କବିତା ସଂକଳନରେ କବି ଗୋପବନ୍ଧୁଙ୍କ ବ୍ୟକ୍ତିଗତ ଜୀବନର ଅନୁଭୂତିମାନ ପ୍ରକାଶ ପାଇବା ସହ ଆଦିକବି ସାରଳା ଦାସ, କବି ବଳରାମ ଦାସ, ଜଗନ୍ନାଥ ଦାସ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, ଜ୍ୟୋତିର୍ବିଦ୍ ଚନ୍ଦ୍ରଶେଖର, ଗଜପତି ଅନଙ୍ଗଭୀମ ଦେବ ଓ ପୁରୁଷୋତ୍ତମ ଦେବ ପ୍ରମୁଖ ଓଡ଼ିଶାର କେତେକ ବରପୁତ୍ରଙ୍କ ସମ୍ପର୍କରେ ଲେଖାମାନ ରଚିତ ହୋଇଥିଲା । ଉତ୍କଳୀୟମାନଙ୍କ ମନ ଓ ପ୍ରାଣରେ ନୂତନ ଉନ୍ମାଦନା ସୃଷ୍ଟିର ସଫଳ ପ୍ରୟାସ ଏହି ପୁସ୍ତକରେ ହୋଇଛି । କବି ଗୋପବନ୍ଧୁ 'ଅବକାଶ ଚିନ୍ତା'ରେ କହନ୍ତି -

୧। "ପ୍ରେମ ଆଲିଙ୍ଗନ କରି ସର୍ବଜନେ,
ଉଛୁଳାଅ ପ୍ରେମ ଉଚ୍ଛ୍ୱାସ ଜୀବନେ ।"

୨। "ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ,
ବିଶ୍ୱହିତେ ହିନ୍ଦୁ ପ୍ରତି ରକ୍ତ ବିନ୍ଦୁ ।"

୩। "ପୂର୍ବପୁରୁଷର ପବିତ୍ର ଶ୍ମଶାନ
ଦେଶର ଜାତିର ଗଉରବ ଗାନ
ପୁଣ୍ୟ ଜନ୍ମମାଟି ପୁଣ୍ୟ ଦେବାଳୟ
ଉଦ୍ଧରିବା ପାଇଁ କଲେ ତନୁକ୍ଷୟ
ମାନବ-ଜନମ ହୁଅଇ ସଫଳ
ଏ ମହାଦୀକ୍ଷା କି ବୁଝିବ ଉତ୍କଳ ?"

ଅତୀତ ଉତ୍କଳର ମହିମା, ମହିମାଦୀପ୍ତ ଅତୀତ ଉଦ୍ଧାରି, ଅତୀତ ସହିତ ବର୍ତ୍ତମାନକୁ ତୁଳନା କରି କବି ଗୋପବନ୍ଧୁ ଜାଗରଣ ପାଇଁ, ଜାତିର ଅଭ୍ୟୁଦୟ ଲାଗି ଏହି ପ୍ରଥମ କବିତା ପୁସ୍ତକ 'ଅବକାଶ ଚିନ୍ତା'ରେ ସଫଳ ପ୍ରୟାସ କରିଛନ୍ତି । ଅତୀତର ପ୍ରେରଣାରେ ବର୍ତ୍ତମାନ ଓ ଭବିଷ୍ୟତ ମାନବ ସମାଜର କଲ୍ୟାଣ ସାଧନ କବି ଗୋପବନ୍ଧୁଙ୍କ ଜୀବନର ପରମ ଲକ୍ଷ୍ୟ ଥିଲା । ଏକ ଦୀର୍ଘ ଜାତୀୟତାବାଦୀ ଓ ମାନବବାଦୀ କାବ୍ୟିକ ଯାତ୍ରାପଥରେ 'ଅବକାଶ ଚିନ୍ତା' ଥିଲା ପ୍ରଥମ ସଫଳ ପ୍ରୟାସ । ପ୍ରଥମେ ୧୮୯୯ ମସିହାରେ ପ୍ରକାଶ ପାଇଥିବା ଏହି ପୁସ୍ତକର ପରବର୍ତ୍ତୀ ପ୍ରକାଶ ୧୯୨୨ରେ ହୋଇଥିଲା ।

ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇଥିଲେ ଗୋପବନ୍ଧୁ । ଅସହଯୋଗ ଆନ୍ଦୋଳନରେ ଯୋଗଦାନ କରି ରାଜନୈତିକ ବନ୍ଦୀରୂପେ ସେ ୧୯୨୩ ମସିହା ଜାନୁୟାରୀ ମାସଠାରୁ ୧୯୨୪ ମସିହା ଜୁନ୍ ମାସ ପର୍ଯ୍ୟନ୍ତ ହଜାରିବାଗ୍ ବନ୍ଦୀଶାଳାରେ ଆବଦ୍ଧ ହୋଇ ରହିଥିଲେ । ସେହି ବନ୍ଦୀଶାଳାରେ ସେ ଲେଖିଥିଲେ 'କାରାକବିତା । ଏହି 'କାରାକବିତା' ତାଙ୍କର ବିଶ୍ୱପ୍ରାଣତା, ଆଧ୍ୟାତ୍ମିକତା ଓ ବଳିଷ୍ଠ ଦେଶାତ୍ମବୋଧର ଅପୂର୍ବ ସମନ୍ୱୟ । ବିଶ୍ୱନିୟନ୍ତା ଈଶ୍ୱର ହିଁ ତାଙ୍କ କାରାଗାର ଜୀବନର ଆଲୋକବର୍ତ୍ତିକା ବୋଲି ମନେ କରି ସେ ଲେଖିଥିଲେ -

"ଜୀବନ ନିବିଡ଼ତମ ସେହି ମୋର ଧ୍ରୁବତାରା
ତାଙ୍କ ବଳେ ତୀର୍ଥ ମୋର ବିଷୟ ଦୁଃସହ କାରା ।"

ବ୍ୟକ୍ତିଗତ ପ୍ରେମ ସମେତ ସ୍ୱଦେଶ ପ୍ରେମ, ବିଶ୍ୱପ୍ରେମ, ବିଭୁପ୍ରେମ ଓ ପ୍ରକୃତି ପ୍ରେମକୁ ନେଇ ରଚିତ କବିତାଗୁଡ଼ିକର ସୁନ୍ଦର ସମାବେଶ 'କାରାକବିତା'ରେ ହୋଇଛି । କବି ଗୋପବନ୍ଧୁ କେତେବେଳେ ବିଶ୍ୱନିୟନ୍ତାଙ୍କ ଉପରେ ଦୃଢ଼ ବିଶ୍ୱାସ ପୋଷଣ କରିଛନ୍ତି ତ କେତେବେଳେ ଅନ୍ତରଙ୍ଗ ବନ୍ଧୁ ବିୟୋଗରେ ଶୋକାଚ୍ଛନ୍ନ ଚିନ୍ତା ବ୍ୟକ୍ତ କରିଛନ୍ତି । ସେହିପରି ବିରହ ବ୍ୟଥା, ଅତୀତ କଥା, ସ୍ୱଦେଶ ପ୍ରୀତି କବି ଗୋପବନ୍ଧୁଙ୍କ ପ୍ରାଣରେ ଅପୂର୍ବ ଭାବାବେଗ ସୃଷ୍ଟି କରିଛି । ଏହି କାରଣରୁ କୁହାଯାଏ 'କାରା କବିତା'ରେ କବି ଗୋପବନ୍ଧୁଙ୍କ ବ୍ୟକ୍ତିତ୍ୱ ପରିସ୍ଫୁଟ ହୋଇଛି । 'କାରାକବିତା'ରେ ସ୍ଥାନ ପାଇଥିବା କବି ଗୋପବନ୍ଧୁଙ୍କ ସ୍ୱଦେଶପ୍ରୀତିର ପରମ ନିଦର୍ଶନ 'ବନ୍ଦୀର ସ୍ୱଦେଶ ଚିନ୍ତା' କବିତାରେ କବି ବିହାରର ହଜାରିବାଗ ଜେଲ୍‌ରେ ଥାଇ ମଧ୍ୟ ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ମଞ୍ଜୁଷାରୁ ଚିଲିକା, ସାକ୍ଷୀ ଗୋପାଳ, ଭୁବନେଶ୍ୱର, ଖଣ୍ଡଗିରି, ମହାନଦୀ, ବାରବାଟୀ, ଗଡ଼ଜାତ ଅଞ୍ଚଳ ଓ ସମ୍ବଲପୁର ଦେଇ ପୁଣି ହଜାରିବାଗକୁ କଳ୍ପନାରେ ପରିକ୍ରମା କରିବା ହୃଦୟସ୍ପର୍ଶୀ ହୋଇଛି । କବି ଗୋପବନ୍ଧୁଙ୍କ ଏହି କବିତାକୁ ସଂସ୍କୃତର ମହାକବି କାଳିଦାସଙ୍କ 'ମେଘଦୂତ' ସହିତ ତୁଳନା କରାଯାଇଥାଏ । ଗୋପବନ୍ଧୁଙ୍କ ପ୍ରଥମ କବିତା ପୁସ୍ତକ 'ଅବକାଶ ଚିନ୍ତା' ଅନ୍ତର୍ଗତ 'ଗୋଟିଏ କାଙ୍କଣ ଗଛ', 'ଅନାଥ କଳିକା', ଗ୍ରୀଷ୍ମେ 'ଖୁଣ୍ଟା ବରଗଛ', 'ମୋ ନାନୀ', 'ଶିବରାତ୍ରି' ପ୍ରଭୃତି ପ୍ରାୟ ପ୍ରତ୍ୟେକ କବିତାରେ ବୌଦ୍ଧିକତା ଓ ବାସ୍ତବତାର ସମନ୍ୱୟ ଘଟିଛି । 'ମୋ ନାନୀ' କବିତାରେ କବି ଗୋପବନ୍ଧୁ ବୈଧବ୍ୟକୁ ମହିମାର ଦୀପ୍ତି ଓ ପ୍ରଶାନ୍ତି ଦେବାର

ପ୍ରଚେଷ୍ଟା କରିଥିବା ବେଳେ 'ଅନାଥ କଳିକା'ରେ ନିରାଶ୍ରୟା ଓ ନୈରାଶ୍ୟ ଜର୍ଜରିତା ପ୍ରତି ସମବେଦନା ପ୍ରକାଶ କରିଛନ୍ତି। 'ଅବକାଶ ଚିନ୍ତା' ଓ 'କାରାକବିତା' ପାଠ କଲା ପରେ ମନେହୁଏ ଯେ କବି ଗୋପବନ୍ଧୁଙ୍କ ଅନୁଭୂତି ଗଭୀର, ଅଭିଜ୍ଞତା ଅଧିକ ହୋଇଥିବାରୁ କବିତାତକ ଅତ୍ୟନ୍ତ ହୃଦୟସ୍ପର୍ଶୀ।

କବି ଗୋପବନ୍ଧୁଙ୍କ 'ଧର୍ମପଦ' ଗୋଟିଏ କିମ୍ବଦନ୍ତୀମୂଳକ ଗାଥାକାବ୍ୟ। କବି ଏହାର ଭୂମିକାରେ ଉଲ୍ଲେଖ କରନ୍ତି, "ବାଲ୍ୟକାଳରୁ କବି ହେବାର ବାସନା ମୋର ବଳବତୀ ଥିଲା। ବାଲ୍ୟ ସହଜ ଉଦ୍ୟମରେ ମଧ୍ୟ ସେଆଡ଼େ କିଛି କରିଥିଲି। ମାତ୍ର ଘଟଣା ତରଙ୍ଗରେ ଇତସ୍ତତଃ ବିକ୍ଷିପ୍ତ ହୋଇ ଚିରଦିନ ପାଇଁ ସେ ଆଶା ମଉଳିଛି। ଧର୍ମପଦ ସେ ଆଶାର ଅଙ୍କୁର ନୁହେଁ, ଏହା ବିକ୍ଷିପ୍ତ ହୃଦୟର ସାମୟିକ ସ୍ପନ୍ଦନମାତ୍ର।" ଜନଶ୍ରୁତି ନେଇ 'ଧର୍ମପଦ' ଓ କଠୋପନିଷଦକୁ ଅବଲମ୍ବନ କରି 'ନଚିକେତା ଉପାଖ୍ୟାନ' ରଚନା କରିଥିଲେ କବି ଗୋପବନ୍ଧୁ। ଏହି ଦୁଇ ପୁସ୍ତକରେ କବି ଗୋପବନ୍ଧୁଙ୍କ ଜୀବନ ସାଧନା ମନ୍ତ୍ର ପ୍ରତିଫଳିତ ହୋଇଛି। ଦେଶ ଓ ଜାତି ପାଇଁ ବଳିଦାନ ଦେଇଥିବା କିଶୋର ଧର୍ମପଦ ନିଜର ପିତା ବିଶୁ ମହାରଣାଙ୍କୁ ଆଶ୍ୱସ୍ତ କରିବାକୁ ଯାଇ ଯାହା କରିଥିଲା, ତାହାହିଁ ଥିଲା ଗୋପବନ୍ଧୁଙ୍କର ଅନ୍ତର ବାଣୀ -

"କାପୁରୁଷ ପରି ମରିବା ଜଗତେ
ନୁହେଁ ନର ପଉରୁଷ
ପରହିତ ସାଧି ମରେ ଯେ ମହୀରେ
ସେହି ଏକା ସୁପୁରୁଷ ।
ମାନବ ଜୀବନ ନୁହଁଇ କେବଳ
ବର୍ଷ-ମାସ-ଦିନ-ଦଣ୍ଡ
କର୍ମେ ଜୀଏଁ ନର କର୍ମ ଏକା ତାର
ଜୀବନର ମାନଦଣ୍ଡ ।"

କବି ଗୋପବନ୍ଧୁଙ୍କ 'ବନ୍ଦୀର ଆତ୍ମକଥା' ରଚନାଟି ଆତ୍ମଜୀବନୀମୂଳକ। ବ୍ୟକ୍ତିଗତ ଜୀବନର କାରଣ ଏବଂ ବ୍ୟାପକ ରାଜନୈତିକ ଅନୁଭୂତି ଓ ଅଭିଜ୍ଞତା ହିଁ ଏହି କାବ୍ୟିକ ରଚନାକୁ ସଫଳ କରିଛି। 'ବନ୍ଦୀର ଆତ୍ମକଥା'ରେ ଉଗ୍ର ଜାତୀୟତା ଓ ମାନବିକତାର ସୁନ୍ଦର ସମନ୍ୱୟ ଘଟିଛି। ବ୍ୟକ୍ତିନିଷ୍ଠ ଭାବପ୍ରବଣତା ଓ ଆବେଗ 'ବନ୍ଦୀର ଆତ୍ମକଥା'ର ପ୍ରେରଣା ଓ ଭିତ୍ତିଭୂମି। 'ବନ୍ଦୀର ଆତ୍ମକଥା'ର ଐତିହାସିକ ଉପାଦାନ ହେଉଛି ବିହାରର ହଜାରିବାଗ୍ ଜେଲ୍। ଏହି ଐତିହାସିକ ପରିସର ମଧ୍ୟରେ ଏହା ଲିଖିତ ହୋଇଥିଲେ ମଧ୍ୟ ଏହାର ପ୍ରଭାବ ଥିଲା ସୁଦୂର ପ୍ରସାରୀ। ଜାତିର ଜନକ ମହାତ୍ମାଗାନ୍ଧିଙ୍କ ନେତୃତ୍ୱରେ ସମଗ୍ର ଭାରତବର୍ଷରେ ଚାଲିଥିବା ସ୍ୱାଧୀନତା ସଂଗ୍ରାମର ସ୍ୱର, ଜନଜାଗରଣର କାବ୍ୟିକ ଚିତ୍ର 'ବନ୍ଦୀର ଆତ୍ମକଥା'ରେ ପ୍ରତିଫଳିତ। ଏହି ବହୁଚର୍ଚ୍ଚିତ ପୁସ୍ତକ ବିଭିନ୍ନ ବିଭାଗରେ ବିଭକ୍ତ। ବ୍ୟକ୍ତିଗତ ସମ୍ବୋଧନ, ଉତ୍କଳବାସୀଙ୍କଠାରେ ଆଶୀର୍ବାଦ ଭିକ୍ଷା, ସ୍ୱରାଜ୍ୟ ଶାସନ କ୍ଷେତ୍ରରେ ନିଷ୍କ୍ରିୟତା ପରିହାରପୂର୍ବକ ବଳିଷ୍ଠ ନେତୃତ୍ୱ ପ୍ରଦାନ, ନ୍ୟାୟ ଓ ଅହିଂସାର ପରମ୍ପରାରେ ଗଠିତ ଭାରତୀୟ ପ୍ରାଚୀନ ଜୀବନଧାରା ଓ ଉତ୍କଳର ପ୍ରାଚୀନ ପରିଚୟ, ଉତ୍କଳର ସ୍ୱରାଜ୍ୟ ଆନ୍ଦୋଳନର ଅଗ୍ରଗତି, ଭାରତୀୟ ପୃଷ୍ଠଭୂମି ଆନ୍ତର୍ଜାତିକ ତଥା ସାର୍ବଜନୀନ ସମାଜର ଚିତ୍ର ଏହିପରି ବିଭିନ୍ନ ପର୍ଯ୍ୟାୟରେ ବିଭକ୍ତ ଏହି ସଂକଳନର କବି ଗୋପବନ୍ଧୁଙ୍କ ବନ୍ଦୀ ଜୀବନର ସ୍ମୃତି-ବିସ୍ମୃତି, ଆଶା-ନିରାଶା, ସ୍ୱପ୍ନ-ସମ୍ଭାବନାର ଚିତ୍ର ବୈଚିତ୍ର୍ୟପୂର୍ଣ୍ଣ। ଏଥିରେ ରାଜନୈତିକ ଚିନ୍ତା ଓ ଚେତନାର ସ୍ୱର ସ୍ପଷ୍ଟ, ଯାହାକି ଏକ କାବ୍ୟିକ ରୂପାୟନ ପାଇଁ ସଫଳ ଓ ସାର୍ଥକ କୃତି। ତାଙ୍କର ସଂକଳନ 'କାରାକବିତା'ରେ ବନ୍ଦୀ ମାନସିକତା ସ୍ପଷ୍ଟ ରୂପାୟିତ ହୋଇଥିଲେ ମଧ୍ୟ ଏଥିରେ କବି ଗୋପବନ୍ଧୁ ଏକ ଉନ୍ନତ ରୁଚି ତଥା ମାନବଧର୍ମୀ ଚେତନାର ପ୍ରଚାର କରିଛନ୍ତି। କବି 'କାରାକବିତା'ରେ ଲେଖନ୍ତି-

"କେହି ରାଜା ଜଣେ ବିଚାରେ କି କ୍ଷଣେ
ପରଜାଏ ମୋର ପୁଅ ସମାନ
ପରଜାଙ୍କ ହିତ ମୋ ଜୀବନ-ବ୍ରତ
ପରଜା ସୁଖେ ମୋ ସୁଖ ସମାନ ।"

କଳ୍ପନାର କ୍ଷୀପ୍ରତା, ଅନୁଭୂତି, ଉଷ୍ମତା ଓ ଆବେଗର ନିବିଡ଼ତାରେ ତାଙ୍କର ପ୍ରତିଟି ସାହିତ୍ୟ-କୃତି ପରିପୁଷ୍ଟ। ଗୁଣାତ୍ମକ ବୈଶିଷ୍ଟ୍ୟ ପାଇଁ ଓଡ଼ିଆ ସାହିତ୍ୟରେ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ କବି ଗୋପବନ୍ଧୁଙ୍କ କାବ୍ୟ କବିତାରେ କେବଳ ସ୍ୱଦେଶ ପ୍ରେମ ବା ଜାତୀୟତାବୋଧ ନୁହେଁ ବରଂ ରାଜନୈତିକ, ଅର୍ଥନୈତିକ, ସାମାଜିକ ଅଧିକାର ପାଇଁ କାବ୍ୟଦର୍ଶନ ଓ କବି କଳ୍ପନାର ସଫଳ ପ୍ରତିଫଳନ ହୋଇଛି -

"ଗୃହରେ ଅରଟ, ଗ୍ରାମେ ପଞ୍ଚାୟତ
ଗ୍ରାମବାସୀଗଣ ମଧ୍ୟେ ଏକମତ
ସ୍ୱରାଜ୍ୟ-ସାଧନେ ଏହି ତିନିପଦ
ପାଳିଲେ ଖଣ୍ଡିବ ଉତ୍କଳ ବିପଦ।" (ବନ୍ଦୀର ଆତ୍ମକଥା)

କବି ଗୋପବନ୍ଧୁଙ୍କ 'ଅବକାଶ ଚିନ୍ତା', 'କାରାକବିତା', 'ବନ୍ଦୀର ଆତ୍ମକଥା', 'ଧର୍ମପଦ' ତାଙ୍କର କର୍ମମୟ ଜୀବନର ବୈପ୍ଳବିକ ଚିନ୍ତା ସମଷ୍ଟିର ଏକକ ଅଭିବ୍ୟକ୍ତି। ଯଥାର୍ଥରେ କୁହାଯାଏ, ଦେଶ ହିଁ କବି ଗୋପବନ୍ଧୁଙ୍କ କବିତାର ସ୍ୱପ୍ନ, ଜାତି ହିଁ ତାଙ୍କ କବିତାର ଉଦ୍‌ବୋଧନ, ଭଗବତ୍ ବିଶ୍ୱାସ ହିଁ ତାଙ୍କ କବିତାର ନିର୍ଯ୍ୟାସ। କବି ଗୋପବନ୍ଧୁଙ୍କ କାବ୍ୟ କବିତାକୁ ସମାଲୋଚକମାନେ ସମୁଦାୟ ପାଞ୍ଚଭାଗରେ ବିଭକ୍ତ କରିଥାନ୍ତି। ସେହି ବିଭାଗଗୁଡ଼ିକ ହେଲା ପ୍ରକୃତି

ବର୍ଣ୍ଣନାମୂଳକ, ସ୍ୱଦେଶ ପ୍ରୀତିମୂଳକ, ଚିନ୍ତାମୂଳକ, ନରନାରୀଙ୍କର ପରସ୍ପର ସଂପର୍କ ସୂଚକ ଏବଂ ଜଣାଣ ବା ଭଜନ। 'ଅବକାଶ ଚିନ୍ତା' ଓ 'କାରାକବିତା' ଅନ୍ତର୍ଗତ କବିତାଗୁଡ଼ିକ ପ୍ରକୃତି ବର୍ଣ୍ଣନାର ସୂଚନା ଦେଉଥିବାବେଳେ 'ବନ୍ଦୀର ଆତ୍ମକଥା'ରେ ସ୍ୱଦେଶ ପ୍ରୀତି, ନରନାରୀଙ୍କର ପରସ୍ପର ସମ୍ପର୍କ 'ପିତୃପକ୍ଷ ତର୍ପଣରେ', 'ବନ୍ଦୀର ଆତ୍ମକଥା' ଏବଂ ବ୍ୟଥିତ ପ୍ରାଣର ଅନ୍ତିମ ଅଶ୍ରୁରେ ଚିନ୍ତାମୂଳକ ଭାବଧାରା ସମେତ 'ଅବକାଶ ଚିନ୍ତା' ଅନ୍ତର୍ଗତ ବ୍ୟକ୍ତିଗତ ଅନୁଭୂତି ଓ ଆବେଦନ ସର୍ବସ୍ୱ କବିତାଗୁଡ଼ିକ ଭକ୍ତିମୂଳକ। କବି ଗୋପବନ୍ଧୁଙ୍କ 'ପ୍ରାର୍ଥନା', 'ମୋ' ନାନୀ', 'କାଠଯୋଡ଼ି ତୀରେ ସାୟଂକାଳ', 'କବିତାଦେବୀ', 'କୋବିଳ', 'ଗ୍ରୀଷ୍ମେ ଖୁଣ୍ଟା ଗଛ' ପ୍ରଭୃତି ବ୍ୟକ୍ତିଗତ ଅନୁଭୂତିସମ୍ପନ୍ନ ଏବଂ ସାମାଜିକ ଚେତନା ସର୍ବସ୍ୱ। ଇତିହାସ ଓ ପରମ୍ପରା ପ୍ରାଣତା ମଧ୍ୟ ତାଙ୍କ କବିତାରେ ସୁଲଭ। ମାନବିକତା ସହ ସମବେଦନା ଓ ମହାନୁଭୂତିର ଅଭିବ୍ୟକ୍ତି ତାଙ୍କର କବିତା। ବ୍ୟକ୍ତି ଓ ସମାଜ ପାଇଁ ତାଙ୍କର ଅତୁଟ ସମବେଦନା ତାଙ୍କୁ ଅନନ୍ୟ ସ୍ରଷ୍ଟା ଭାବେ ପରିଚିତ କରାଇଥାଏ। 'କାରାକବିତା' ଓ 'ବନ୍ଦୀର ଆତ୍ମକଥା'ରେ ବିଶ୍ୱପ୍ରାଣତା ଓ ବିଶ୍ୱପରାୟଣତା ସହିତ ମାନବିକତାର ଅପୂର୍ବ ମିଳନ ହୋଇଛି –

"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ,
ବିଶ୍ୱହିତେ ହିନ୍ଦୁ ପ୍ରତି ରକ୍ତ ବିନ୍ଦୁ ।
ଦେଖାଅ ଏ ସତ୍ୟ ଆପଣା ପରାଣେ,
ଦିଏ ଏହି ମନ୍ତ୍ର ସର୍ବ ବର୍ଣ୍ଣ କାନେ ।"

କବି ଗୋପବନ୍ଧୁ ବ୍ୟକ୍ତି ପ୍ରାଧାନ୍ୟମୂଳକ କବିତାଗୁଡ଼ିକରେ ବ୍ୟକ୍ତି ଜୀବନ ଅନୁଭୂତିର ଉଷ୍ମତା ଓ ପ୍ରାଚୁର୍ଯ୍ୟ ପ୍ରତିଫଳିତ ହେବା ସହ ଗୀତିକବିତାର ବୈଶିଷ୍ଟ୍ୟ, ବ୍ୟକ୍ତିନିଷ୍ଠତା, ଭାବପ୍ରବଣତା, ମନ୍ମୟତା, ଅଭିଜ୍ଞତାର ନିବିଡ଼ତା, ସଂହତିର ସୂଚନା ଦେଇଛନ୍ତି । ସମାଜ ସଚେତନ ସ୍ରଷ୍ଟା ଗୋପବନ୍ଧୁ ସାହିତ୍ୟରେ ସମାଜକୁ ପ୍ରତିଫଳନ କରିଛନ୍ତି । ସତ୍ୟବାଦୀ ଯୁଗର ଦୁଇଟି ପ୍ରମୁଖ ଆଭିମୁଖ୍ୟ ଜନସେବା ଓ ସାହିତ୍ୟ ସାଧନାକୁ ସେ ସଫଳତାର ସହ ରୂପାୟନ କରି ବିଶ୍ୱପ୍ରୀତି, ଦେଶାତ୍ମବୋଧ, ଆଧ୍ୟାତ୍ମିକତାରେ ତାଙ୍କର ସମଗ୍ର ସାହିତ୍ୟକୁ ସୌନ୍ଦର୍ଯ୍ୟମଣ୍ଡିତ କରିଛନ୍ତି। କବି ଗୋପବନ୍ଧୁ କାବ୍ୟ କବିତା ପରିକ୍ରମା କଲେ ଗୋଟିଏ କଥା ସ୍ପଷ୍ଟ ହୁଏ ଯେ, ସଚେତନ ଓ ଜାଗରଣ ପାଇଁ ତାଙ୍କ ସାହିତ୍ୟ ମନ୍ତ୍ର ସଦୃଶ କାର୍ଯ୍ୟ କରିଥିଲା । ତେଣୁ କୁହାଯାଇ ପାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ କବିତାର ଭାଷା ବିବିଧ ଓ ବୈଚିତ୍ର୍ୟପୂର୍ଣ୍ଣ।

ଡକ୍ଟର ଦେବାଶିଷ ମହାପାତ୍ର ବାଣୀବିହାର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ୧୯୯୦-୯୨ ବ୍ୟାଚ୍ ଛାତ୍ର। ଉତ୍କଳ ବିଶ୍ୱବିଦ୍ୟାଳୟର ମୁଖପତ୍ର 'ବାଣୀବିକାଶ'ର ସେ ସମ୍ପାଦକ ଥିଲେ। ଜଣେ ବ୍ୟଙ୍ଗକବି ଓ ବିଶିଷ୍ଟ ଭାଷାତତ୍ତ୍ୱବିତ୍ ଭାବରେ ସେ ଜଣାଶୁଣା। ବେଶ୍ କିଛିବର୍ଷ ବିଦେଶରେ ଭାଷାବିଜ୍ଞାନର ଅଧ୍ୟାପକ ଭାବେ କାର୍ଯ୍ୟ କରିଥିବା ଡକ୍ଟର ମହାପାତ୍ର ଏବେ ଭୁବନେଶ୍ୱରସ୍ଥିତ ଭାରତ ସରକାରଙ୍କ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଭାବେ କାର୍ଯ୍ୟରତ। ତାଙ୍କ ସହିତ ମୋବାଇଲ ନମ୍ବର ୬୩୭୨୦ ୮୨୬୯୦ରେ ଯୋଗାଯୋଗ କରାଯାଇ ପାରିବ।

ମୁଁ, ଯୋଗ ଓ ବାପା

ଡକ୍ଟର ମିତାଲି ମହାନ୍ତି

ଆଜିକାଲିର ଯୁବପିଢ଼ି ପିତୃ ଦିବସ ପାଳନ କରୁଛନ୍ତି। ବାପାଙ୍କୁ ମୁଣ୍ଡିଆ ମାରି, ଫଟୋ ଉଠାଇ ସୋସିଆଲ ମିଡିଆରେ ଛାଡ଼ିଲେ ଯାଇ ଜଣାପଡ଼ିବ କିଏ ତାଙ୍କ ବାପାଙ୍କୁ କେତେ ଭଲ ପାଉଛି। କିନ୍ତୁ ବାପାଙ୍କ ପାଇଁ ତ ସବୁଦିନ ପିତୃ ଦିବସ। ସେ ଯୋଉଠି ଥିଲେ ବି ତାଙ୍କ ଆଶୀର୍ବାଦ ସର୍ବଦା ପିଲାମାନଙ୍କ ଉପରେ ରହିଥାଏ। ମୋ ବାପା ଆଜିକାଲିର ଯୋଗାଭ୍ୟାସ ପରି ଯୋଗ ସାଧନା କରୁ ନ ଥିଲେ। ହେଲେ ସେ ସମ୍ପୂର୍ଣ୍ଣ ଭାବରେ ଜଣେ କର୍ମଯୋଗୀ ଥିଲେ। ସମୟ ବଦଳିଛି। ଆଧୁନିକ ଚିକିତ୍ସା ବିଜ୍ଞାନ ଠାରୁ ଆରମ୍ଭ କରି ସୋସିଆଲ ମିଡିଆରେ ଘୁରିବୁଲୁଛି ଯୋଗାଭ୍ୟାସ ଉପରେ ଭିନ୍ନଭିନ୍ନ ଆଲୋଚନା ଓ ଯୋଗ ଶିବିର।

ପିଲାଦିନେ ଦେଖିଥିଲି, ବାପାଙ୍କ ସରକାରୀ କ୍ୱାର୍ଟର୍ସରେ କୂଅ କିମ୍ବା ଟ୍ୟୁବୱେଲ ମୂଳରେ ଗାଧୋଇ ସାରିବା ପରେ ଘରର ମଝି ଅଗଣାରେ ଠିଆ ହୋଇ ବାପା ସୂର୍ଯ୍ୟଙ୍କୁ ନମସ୍କାର ହୁଅନ୍ତି। ତାହା ପୁଣି ଓଦା ଗାମୁଛାରେ। ସୂର୍ଯ୍ୟଙ୍କୁ ନମସ୍କାର କରିବାକୁ ସେ ପ୍ରାୟ ଦଶ ମିନିଟ୍ ସମୟ ନିଅନ୍ତି। ସବୁଠାରୁ ବଡ଼କଥା ଦେଖିବାର ଥିଲା ତାଙ୍କର ଅଙ୍ଗଭଙ୍ଗୀ। ସେତେବେଳେ ଆମକୁ ଲାଗୁଥିଲା ଏସବୁ କରିବା କ'ଣ ଦରକାର ? ବାପାଙ୍କ ବଡ଼ ନାତୁଣୀ କିନ୍ତୁ ପଚାରି ଦିଏ ଅଜା ତମେ ଖରାକୁ ଚାହିଁ କ'ଣ ମୁଣ୍ଡିଆ ମାରୁଛ ? ବାପା ତା' କଥାରେ ହସି ଦେଇ ସେତେବେଳେ କହନ୍ତି, ସେ ସମୟ ଆଗକୁ ଆସିବରେ ମାଆ, ତୁ ବଡ଼ ହେଲେ ବୁଝିପାରିବୁ ତା'ର ମାନେ। ମୁଁ ଥିବି କି ନ ଥିବି, ତୁ ମୋତେ ସେତେବେଳେ ମନେ ପକେଇବୁ ନିଶ୍ଚୟ।

ଅଜା ନାତୁଣୀକୁ କୋଳକୁ ନେଇ ଗେଲ କରି ପକେଇ ଆଇକୁ କହନ୍ତି, ଆରେ ଶୁଣୁଛ କି ! କାଲିଠାରୁ ମୁଁ ଗାଧେଇ ଆସିଲା ବେଳକୁ ରୋଜିକୁ ଗୋଟେ ଗାମୁଛା ପିନ୍ଧେଇ ମୋ ପାଖରେ ଛାଡ଼ିଦେବ ତ.... ସେ ବି ଶିଖୁ ସୂର୍ଯ୍ୟ ନମସ୍କାର।

- ଏଁ, କ'ଣ କହିଲ ସୂର୍ଯ୍ୟ ନମସ୍କାର ! ସୂର୍ଯ୍ୟ ତ ଆକାଶରେ। ତମେ ଏତେ ତଳେ, ଏତେ ଅଙ୍ଗଭଙ୍ଗୀରେ ନମସ୍କାର କଲେ ସେ କ'ଣ ଦେଖି ପାରିବେ ! ନା ବାବା ନା... ମୁଁ ଫାଲ୍ତୁରେ ଏତେ ସମୟ ନଷ୍ଟ କରି ପାରିବି ନାହିଁ- ଉତ୍ତର ରଖୁଥିଲା ସେଦିନ ସାତ ବର୍ଷୀୟା ରୋଜି। ସେଦିନର ସେଇ ସାତ ବର୍ଷୀୟା ରୋଜି ଆଜିକାଲି ଯୋଗଗୁରୁ ହେଇଯାଇଛି। ସେ ବର୍ତ୍ତମାନ ଯୋଗଗୁରୁ ହିସାବରେ ବେଶ୍ ଜଣାଶୁଣା।

କାହିଁକି... କାହିଁକି.... ସମସ୍ତେ ଭୁଲି ଯାଉଛନ୍ତି ଆମ ପ୍ରଥା ଓ ପରମ୍ପରାକୁ। ଯୋଗ ଆମ ରକ୍ତରେ ପ୍ରବାହିତ। ଯୋଗ ଆମ ଦୈନନ୍ଦିନ ଜୀବନରେ ଏକ ଅଙ୍ଗ। ଦୁଇ ହଜାର ଚଉଦ ମସିହାରେ ଇଉନାଇଟେଡ ନେସନ୍ ଇଣ୍ଟରନ୍ୟାସନାଲ ଯୋଗ ଡେ ପାଳନ କରିବାକୁ ଚିନ୍ତା କଲା ପରେ ଆମେ ଭାବିଲୁ ଯେ ଏହା ଆମପାଇଁ, ଆମ ସମାଜ ପାଇଁ ଆବଶ୍ୟକ। ତାକୁ ପୁନରୁଜ୍ଜୀବିତ କରିବାକୁ ଆମକୁ ଶିକ୍ଷାନୁଷ୍ଠାନମାନଙ୍କରେ ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମ ସ୍ଥିର କରିବାକୁ ପଡୁଛି। ଯୋଗ ଆମ ସମାଜରେ ଏକ ସୁନ୍ଦର ବ୍ୟବସ୍ଥା ଥିଲା। ଏହାକୁ ଜେଜେ କି ବୁଢ଼ା ବାପାମାନେ ଅଭ୍ୟାସ କରି ରଖିପାରୁଥିଲେ। ଆମେ ତ ରାତିରେ ଡେରିରେ ଶୋଇବା, ଦିନରେ ଡେରିରେ ଉଠିବା, ଆଉ ତରତର ହୋଇ ସକାଳ ଜଳଖିଆ ସ୍କିପ୍ କରି ସ୍କୁଟି ଧରି ଅଫିସ୍ ଯିବା, ଶରୀରକୁ ଅସୁସ୍ଥ କରି ଡାକ୍ତରଙ୍କ ପାଖରେ ଧାରଣା ଦେବା ପରି ଅଭ୍ୟାସକୁ ଆଦରି ନେଇଛୁ। ସାରା ବିଶ୍ୱରେ ଯୋଗ ଉପରେ ବିଭିନ୍ନ କାର୍ଯ୍ୟକ୍ରମ ଦୁଇ ହଜାର ପନ୍ଦର ମସିହାରେ ଆରମ୍ଭ କରାଯାଇ ଥିଲା। ପ୍ରଧାନମନ୍ତ୍ରୀଙ୍କ ଯୋଜନା ଅନୁଯାୟୀ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ସରକାରୀ ଅନୁଷ୍ଠାନମାନଙ୍କରେ ସପ୍ତାହ ବ୍ୟାପୀ ଯୋଗାଭ୍ୟାସ କାର୍ଯ୍ୟକ୍ରମ କରାଯାଉଛି। ଆମର ଏ ଅସଜଡ଼ା ଜୀବନଶୈଳୀକୁ ସଜାଡ଼ିବାକୁ ଆମ ପାଖରେ ସମୟ କାହିଁ ? ମିଛ ବ୍ୟସ୍ତତାର ପୋକ ଆମକୁ ଦିନକୁ ଦିନ ନଷ୍ଟ କରି ସାରିଲାଣି।

ସେଦିନର କୁନି ଝିଅ ରୋଜି କିନ୍ତୁ ଆଜି ଯୋଗ ଗୁରୁ ସାଜିବା ପଛର କାରଣ କେବଳ ତା' ଅଜା ନୁହେଁ; ତା' ମାଆ, ମାନେ ବାପାଙ୍କ ବଡ ଝିଅର ଅକାଳ ବିୟୋଗ। ରୋଜି ଯେତେବେଳେ ସ୍କୁଲରେ ପାଠ ପଢୁଥାଏ ସେହି ସମୟରୁ ତା' ମାଆ ଯୌଥ ପରିବାରରେ ଜଂଜାଳ ଭିତରେ ନିଜ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଇ ବିଭିନ୍ନ ପ୍ରକାର ରୋଗର ଶିକାର ହୋଇଥିଲା। ଆର୍ଥ୍ରାଇଟିସ ନାମକ ରୋଗର ପ୍ରଦୁର୍ଭାବରେ ଶରୀରର ଅଙ୍ଗପ୍ରତ୍ୟଙ୍ଗସବୁ ଅକାମି ହୋଇ ଶେଷରେ ମାତ୍ର ୫୦/୫୧ ବର୍ଷ ବୟସରେ ଅକାଳରେ ଚାଲିଗଲେ। ବିବାହର କିଛି ବର୍ଷ ପରେ ଏକ ପୁତ୍ର ସନ୍ତାନ ଲାଭ କଲାପରେ ଏବଂ ଅନେକ

ଆର୍ଟିକିଲ ପଢ଼ାପଢ଼ି କରି ରୋଜିର ହୃଦବୋଧ ହେଲା ଯେ ଏହି ଆର୍ଥ୍ରାଇଟିସ ରୋଗଟି କିଛି ମାତ୍ରାରେ ବଂଶଗତ। ବାସ୍। ତା'ପରେ ଆରମ୍ଭ ହେଲା ତା'ର ଗବେଷଣା। କିପରି ଏହି ଭୟଙ୍କର ରୋଗ ଦାଉରୁ ନିଜକୁ ଦୂରେଇ ରଖିହେବ ? ଅନେକ ଗବେଷଣାର ଫଳ ସ୍ୱରୂପ ରୋଜି ଆବିଷ୍କାର କଲା ଯେ ନିରନ୍ତର ଯୋଗାଭ୍ୟାସ ହିଁ ଯେ କୌଣସି ଦୁରାରୋଗ୍ୟ ରୋଗରୁ ଆମକୁ ରକ୍ଷା କରିପାରିବ। ତା' ପରେ ଆରମ୍ଭ ହୋଇଗଲା ରୋଜିର ଯୋଗାଭ୍ୟାସ। ସେହି ନିରନ୍ତର ଯୋଗାଭ୍ୟାସର ଲାଭ କେବଳ ତା'ର ହୋଇ ନ ଥିଲା, ସେ ଆରମ୍ଭ କଲା ସମାଜ ସେବା ଅଭିଯାନ। ନିଜେ ପାଇଥିବା ସୁଫଳର ପ୍ରଚାର ସହ ତା'ର ବନ୍ଧୁବାନ୍ଧବ, ସାଙ୍ଗସାଥୀ, ସାଇପଡ଼ିଶାଙ୍କୁ ମଧ୍ୟ ଏଥିରେ ସାମିଲ କରିବାକୁ ଲାଗିଲା ସେ।

ତା'ର ଏ ପ୍ରଚେଷ୍ଟାକୁ ଅଧିକ ସହଜ କରିଦେଲା ତା' ପୁଅ। ସବୁଦିନ ପରି ସେଦିନ ସକାଳୁ ଛାତ ଉପରେ ରୋଜି ସୂର୍ଯ୍ୟ ନମସ୍କାର କରିବା ସମୟରେ ତା'ର ପୁଅ ଭିଡିଓ ସୁଟିଂ କରି ଇନ୍‌ଷ୍ଟାରେ ଛାଡ଼ି ଦେଇଛି। ନିଜେ ପ୍ରାକ୍ଟିକାଲ୍ ନ କରି ଇନ୍‌ଷ୍ଟାରେ ଛାଡ଼ି ଖାଲି ମଜା ଦେଖିବାରେ ଲାଗିଲା ତା' ପୁଅ। ସାଙ୍ଗସାଥିଙ୍କଠାରୁ ଆରମ୍ଭ କରି ତା' ସ୍ୱାମୀଙ୍କ ଅଫିସ୍‌ର କଲିଗମାନେ ମଧ୍ୟ ଫୋନ୍ କରି ଅଥୟ କରିଦେଲେ। ଲାଗୁଚି ରୋଜି ଯେପରି ଏକ ଯୋଗ ଗୁରୁ ପରି ଯୋଗ କରୁଛି। ତେବେ ଏହି ସାଧନାକୁ ଅର୍ଥ ରୋଜଗାରର ବାଟ କାହିଁକି କରୁନି ସେ ?

ବାସ୍! ତା'ପରେ ଆରମ୍ଭ ହେଲା ରୋଜିର ଯୋଗଗୁରୁ ସାଜିବାର ଅଦମ୍ୟ ପ୍ରୟାସ। ଆଉ ଯୋଗର ସାର୍ଟିଫିକେଟ କୋର୍ସ କରି ଯୋଗ ଶିକ୍ଷା, ସାଧନା କରିବା ସହ ସେ ନିଜେ ଆଜି ସମ୍ପୂର୍ଣ୍ଣ ସୁସ୍ଥ ଓ ନିରାମୟ ଜୀବନ ଯାପନ କରୁଛି ଓ ଶହଶହ ଶିଷ୍ୟଙ୍କୁ ପ୍ରେରଣା ଯୋଗାଇ ଚାଲିଛି। ରୋଜି ସୋଫା ଉପରେ ବସି ଭାବୁଥିଲା, ଯାହା ଅତୀତରେ ତା' ଅଜା ତାକୁ ଶିଖେଇଥିଲେ ଓ ସମୟ ଚକ୍ରରେ ସେ ତା'ର ଉପଯୋଗିତାକୁ ହୃଦୟଙ୍ଗମ କରିପାରିଲା, ସେଇ ଶିକ୍ଷା ଓ ଅଭ୍ୟାସ ତାକୁ ଆଜି ଗୋଟେ ନୂଆ ପରିଚୟ ଦେଇ ପାରିଲା।

ରୋଜି ଯେଉଁ ସୁଫଳ ପାଇଲା ତାହା ଦେଖି ମତେ ଲାଗିଲା କେବଳ ନାତୁଣୀ କାହିଁକି, ବାପାଙ୍କ ଝିଅ ହୋଇ ଆମେମାନେ କ'ଣ ତାଙ୍କ ଶିକ୍ଷାକୁ ଆପଣେଇ ସୁସ୍ଥ ଜୀବନ କାଟି ପାରିବାନି ? ସେଥିପାଇଁ ତ ୯୪ ବର୍ଷ ବୟସରେ ଦେହତ୍ୟାଗ କଲାବେଳକୁ ମଧ୍ୟ ସେ ନିଜ କାମ ସବୁ ନିଜେ କରୁଥିଲେ। ସେହିକଥା ମନେ ପକାଇ ବାପାଙ୍କ ବିଦାୟ ପରଠାରୁ ଗତ ଦୁଇବର୍ଷ ଧରି ବର୍ଷକୁ ମାତ୍ର ତିନି ହଜାର ନ ଶହ ଅନେଶୋତ ଟଙ୍କା ଦେଇ ମୋବାଇଲରେ ଯୋଗ ଦେଖୁଛି, ଆଉ ସବୁଦିନ ସକାଳ ୬.୩୦ରେ ମୋବାଇଲ ଖୋଲି ବସିଯାଉଛି ଯୋଗ କରିବାକୁ। ଦିନେ ବି ଯୋଗ କରିବା ବନ୍ଦ ହୋଇଗଲେ କୌଣସି କାରଣରୁ, ଲାଗୁଛି ଯେମିତି ସେଦିନ କ'ଣ ଗୋଟେ ହଜି ଯାଇଛି। ପ୍ରତି ମୁହୂର୍ତ୍ତରେ ବାପାଙ୍କ ଉପଦେଶ ମନରେ ଖେଳିଯାଏ। ସବୁ ସମସ୍ୟାର ସାମ୍ନା କରିବା ପାଇଁ ନିଜ ମନୋବଳ ଦୃଢ଼ କରିବା ଜରୁରୀ, ସୁଯୋଗ ବାରମ୍ବାର ଆସେନି, ଯିଏ ଆସିଥିବା ସମସ୍ତ ସୁଯୋଗର ସଦୁପଯୋଗ ଧୈର୍ଯ୍ୟ ଓ ସାହସର ସହିତ କରେ, ସେ ହିଁ ନିଜ ଭାଗ୍ୟ ବଦଳେଇ ବିଜୟୀ ହୁଏ। ଏହା ହିଁ ଧ୍ରୁବ ସତ୍ୟ। ବାପା ! ବହୁ ସମୟରେ ତମ ଅନୁପସ୍ଥିତି ବହୁତ କଷ୍ଟ ଦେଲେ ବି ତମ ସଂସ୍କାର, ତମ ଆଦର୍ଶ ସେସବୁକୁ ସାମ୍ନା କରିବାକୁ ମନୋବଳ ଦିଏ। ତମ ନିର୍ଭୀକତାର ଛାପ ମୋ ଭିତରେ ବହୁତ ବୋଲି ସମସ୍ତେ କୁହନ୍ତି। ଏତିକି ଜାଣିଛି ମୋ ପାଇଁ ମୋ ବାପା ସର୍ବଶ୍ରେଷ୍ଠ ବାପା ଜନ୍ମଜନ୍ମାନ୍ତର ପାଇଁ। ତାଙ୍କ ପାଦତଳେ ମୋର ଭକ୍ତିପୁତ ଭୂମିଷ୍ଠ ପ୍ରଣାମ।

ଡକ୍ଟର ମିତାଲି ମହାନ୍ତି ବାଣୀବିହାର ମନସ୍ତତ୍ତ୍ୱ ବିଜ୍ଞାନ ବିଭାଗର ୧୯୯୦-୯୨ ବ୍ୟାଚ୍ ଛାତ୍ରୀ। ଅଧୁନା ଜଣେ ମନୋବିଜ୍ଞାନୀ ଓ ସାମାଜିକ କର୍ମୀ ଭାବେ କାର୍ଯ୍ୟରତ ଡକ୍ଟର ମହାନ୍ତି ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘ କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟା ଏବଂ 'ଉତ୍କଳାୟନ' ସମ୍ପାଦକମଣ୍ଡଳୀର ଅନ୍ୟତମ ସଦସ୍ୟା ଅଛନ୍ତି।

ଜୀବନ ଦର୍ଶନ

ଡକ୍ଟର ଚିନ୍ତାମଣି ରାଉତ

ସ୍ରଷ୍ଟାଙ୍କର ସୃଷ୍ଟି ବଡ଼ ବିଚିତ୍ର । ଏହି ବିଚିତ୍ର ସୃଷ୍ଟିକୁ କେଉଁ ଆଦିମ କାଳରୁ ମଣିଷ ବୁଝିବାକୁ ଚେଷ୍ଟା କରୁଛି । କିନ୍ତୁ ଆଜି ପର୍ଯ୍ୟନ୍ତ ସେ ସୃଷ୍ଟିକୁ ବୁଝି ପାରିଲା ନାହିଁ; ଆଉ ସ୍ରଷ୍ଟାଙ୍କୁ ବା ବୁଝିବ କିପରି ? ଏତେବଡ଼ ଧରା ପୃଷ୍ଠର ଯେତେ ଜୀବଜନ୍ତୁ ଅଛନ୍ତି, ମଣିଷ ସେମାନଙ୍କ ମଧ୍ୟରେ ଶ୍ରେଷ୍ଠ, କିନ୍ତୁ ମଣିଷର ବୁଦ୍ଧି ଏ ପର୍ଯ୍ୟନ୍ତ ସୃଷ୍ଟିର ସମସ୍ତ ପଦାର୍ଥର ଗୁଢ଼ତତ୍ତ୍ୱ ଜାଣିବାକୁ ଅକ୍ଷମ । ଜୀବନ କିପରି ସୃଷ୍ଟି ହେଲା, କିପରି ବୃଦ୍ଧି ଘଟୁଛି ଓ ସର୍ବଶେଷରେ କିପରି କ୍ଷୟ ଘଟି ବିଲୁପ୍ତ ହୋଇଯାଉଛି, ତା'ର ହିସାବ ସେ'ବା କିପରି ରଖିବ ?

ଏ ଜୀବନ ବିଷୟରେ ପୃଥିବୀର ବହୁ ମନୀଷୀ ଭିନ୍ନଭିନ୍ନ ମତ ପୋଷଣ କରି ଆସିଛନ୍ତି; ଯେପରିକି ପୃଥିବୀର ଶ୍ରେଷ୍ଠ ଇଂରାଜୀ ସାହିତ୍ୟିକ ଉଇଲିୟମ୍ ସେକ୍ସପିୟର ତାଙ୍କ ରଚିତ ନାଟକ "As You Like It" ନାଟକରେ ଜୀବନକୁ ସାତ ଭାଗରେ ବିଭକ୍ତ କରିଅଛନ୍ତି । ପ୍ରଥମରେ ମଣିଷ ଶିଶୁ ରୂପରେ, ଦ୍ୱିତୀୟରେ ବିଦ୍ୟାଳୟରେ ପଢୁଥିବା ଏକ ଛାତ୍ର ଭାବରେ, ତୃତୀୟରେ ଯୁବକ, ଚତୁର୍ଥରେ ସେ ସୈନ୍ୟ, ପଞ୍ଚମରେ ସେ ବିଚାରପତି, ଷଷ୍ଠରେ ପ୍ରୌଢ଼ ଓ ସପ୍ତମରେ ଅତି ବୃଦ୍ଧ । ଜୀବନର ପ୍ରତ୍ୟେକ ସୋପାନରେ ସେ ନିଜକୁ ଭିନ୍ନଭିନ୍ନ ରୂପରେ ଦେଖେ ଓ ଦେଖାଇହୁଏ । ଜୀବନର ସବୁଠାରୁ ବଡ଼ ଗୁରୁତ୍ୱପୂର୍ଣ୍ଣ ସମୟ ହେଉଛି ଯୌବନ ଓ ବୃଦ୍ଧାବସ୍ଥା । ଏ ଦୁଇଟି ଅବସ୍ଥାରେ ମଣିଷର ପୂର୍ଣ୍ଣତା ଅଟେ ।

ଭାରତୀୟ ଲେଖିକା ସରୋଜିନୀ ନାଇଡୁ ଜୀବନକୁ ମାତ୍ର ତିନିଭାଗରେ ବିଭକ୍ତ କରିଛନ୍ତି; ଯଥା- ଶୈଶବ, ଯୌବନ ଓ ବୃଦ୍ଧାବସ୍ଥା । ତାଙ୍କର ଦୃଷ୍ଟିରେ ଶିଶୁ ଶାନ୍ତ, ସୁନ୍ଦରତାର ପ୍ରତିମୂର୍ତ୍ତି ହୋଇଥିବା ବେଳେ, ଯୌବନରେ ସେ ଅତ୍ୟନ୍ତ ବଳଶାଳୀ ଓ ପ୍ରଭାବଶାଳୀ ହୋଇଥାଏ, ସେତେବେଳେ ତା' ପାଖରେ ସବୁ ଥାଇ କିଛି ନଥିଲା ପରି ଜଣାପଡ଼େ । ତା'ର ସେହି ଯୌବନର ଉଜ୍ଜ୍ୱଳ ଚର୍ମରାଶି ମଳିନ ପଡ଼ିଯାଇ ଲୋଚାକୋଚା ହୋଇଯାଏ, ଦୃଷ୍ଟିଶକ୍ତି କମିଯାଏ, ମସ୍ତିଷ୍କର ସ୍ମରଣଶକ୍ତି କମ୍ ହୋଇଯାଏ, ସେ ଆଉ କୌଣସି କଥା ମନେ ରଖିପାରେ ନାହିଁ, ସବୁକଥା ଭୁଲିଯାଏ । ବୁଢ଼ା ବେଳେ ଆଶାବାଡ଼ିକୁ ଆଶ୍ରା କରି ବାଟ ଚାଲିଥାଏ । ସେତେବେଳେ ସେ ନିଜକୁ କେତେ ଅସହାୟ ମନେକରେ ସତେ !

ଆମ ଦେଶର ଜଣେ ଶ୍ରେଷ୍ଠ ଶିକ୍ଷାବିତ୍, ଆଦର୍ଶ ଗୁରୁ ଓ ପଣ୍ଡିତ ଡକ୍ଟର ସର୍ବପଲ୍ଲି ରାଧାକ୍ରିଷ୍ଣନ୍ ତାଙ୍କ ରଚିତ "Search For Truth" ପୁସ୍ତକରେ ମଣିଷ ସମାଜକୁ ଏକ ଆଦର୍ଶ, ଶାନ୍ତିପୂର୍ଣ୍ଣ ଜୀବନ ଯାପନ କରିବାର ଶିକ୍ଷା ଦେଇଛନ୍ତି । ତାଙ୍କ ମତରେ, ମଣିଷ ଯୁଗେଯୁଗେ ତା'ର ଯୌବନ ଅବସ୍ଥାରେ ବସ୍ତୁବାଦୀ ହୋଇପଡ଼େ । କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଈଶ୍ୱର ବିଶ୍ୱାସୀ ହୁଏ । ସେତେବେଳକୁ ସେ ସବୁକିଛି ହରାଇ ଥାଏ । ଯଦି ଜୀବନର ପ୍ରଥମ ଅବସ୍ଥାରୁ ମଣିଷ ବସ୍ତୁବାଦୀ ନହୋଇ ଆଧ୍ୟାତ୍ମିକ ଚିନ୍ତା କରି ଓ ସେହି ସ୍ରୋତରେ ନିଜକୁ ଅନୁପ୍ରାଣିତ କରନ୍ତା, ତେବେ ସେ ଜୀବନସାରା ସୁଖ, ଶାନ୍ତି ପାଆନ୍ତା ଏବଂ ଶେଷ ଅବସ୍ଥାରେ ନିଜକୁ ଏତେ ଅସହାୟ ମଣନ୍ତା ନାହିଁ ।

ଡକ୍ଟର ରାଧାକ୍ରିଷ୍ଣନ୍ ଉଦାହରଣ ଛଳରେ ଆମକୁ ବହୁତ ଶିକ୍ଷା ଦେଇଛନ୍ତି । ଥରେ ଜଣେ ଋଷି ମୃତ୍ୟୁ ପରେ ସ୍ୱର୍ଗପୁରରେ ପହଞ୍ଚିଲେ । ସେଠାରେ ସେ ଦେଖିଲେ, ଅନ୍ୟ ଋଷିମାନେ ରତ୍ନଖଚିତ ମୁକୁଟ ପିନ୍ଧି ସୁବର୍ଣ୍ଣଖଚିତ ସିଂହାସନରେ ବସିଛନ୍ତି । ଦେବଦୂତମାନେ ମଧ୍ୟ ତାଙ୍କୁ ଏକ ସୁବର୍ଣ୍ଣ ସିଂହାସନରେ ବସାଇଲେ ଓ ଏକ ମୁକୁଟ ପିନ୍ଧାଇଲେ । ସେ ନିଜ ମୁକୁଟକୁ ଦେଖିଲେ ଓ ଅନ୍ୟ ଋଷିମାନଙ୍କର ମୁକୁଟକୁ ମଧ୍ୟ ଦେଖିଲେ । ସେ ଦେବଦୂତମାନଙ୍କୁ ପ୍ରଶ୍ନକଲେ ଅନ୍ୟ ଋଷିମାନଙ୍କ ମୁକୁଟରେ କାହିଁକି ରତ୍ନସବୁ ଲାଗିଛି କିନ୍ତୁ ମୋ ମୁକୁଟରେ କାହିଁକି ରତ୍ନ ଅଳଙ୍କାର ନାହିଁ ? ତାଙ୍କୁ ଉତ୍ତର ଦେବାକୁ ଯାଇ ଦେବଦୂତମାନେ କହିଲେ, "ଆପଣ ମର୍ତ୍ତ୍ୟମଣ୍ଡଳରେ ଥିବାବେଳେ ଈଶ୍ୱରଙ୍କୁ ପୂଜା କରୁଥିଲେ, ସେଥିପାଇଁ ସେହି ପୁଣ୍ୟ ବଳରେ ଆପଣ ସ୍ୱର୍ଗପୁରକୁ ଆସି ପାରିଲେ ଓ ଏକ ସ୍ୱର୍ଣ୍ଣ ସିଂହାସନରେ ବସିବାକୁ ସ୍ଥାନ ପାଇଲେ । କିନ୍ତୁ ଏହି ଋଷିମାନେ ଈଶ୍ୱର ପୂଜା କରୁଥିଲେ, ଆଧ୍ୟାତ୍ମିକବାଦୀ ଥିଲେ ଏବଂ ସେମାନେ ଅନ୍ୟର ଦୁଃଖରେ ଦୁଃଖୀ ହୋଇ ଆଖିରୁ ଲୁହ ଝରାଉଥିଲେ । ମାତ୍ର ଆପଣ ଅନ୍ୟର ଦୁଃଖ ପାଇଁ କେବେହେଲେ ଆଖିରୁ ଲୁହ ଝରାଇ ନାହାଁନ୍ତି । ସେଥିପାଇଁ ସେହି ଲୁହ ରୂପକ ରତ୍ନବିନ୍ଦୁ ଆପଣଙ୍କ ମୁକୁଟରେ ସ୍ଥାନ ପାଇନାହିଁ, ଯାହା ଅନ୍ୟ ଋଷିମାନଙ୍କ ମୁକୁଟରେ ଅଛି ।"

ତେଣୁ ଜୀବନର ଅର୍ଥ କ'ଣ, ତା'ର ସଂଖ୍ୟା ନିରୂପଣ କରିବା ବଡ଼ କଷ୍ଟକର । କେହିକେହି ଜୀବନକୁ ଦୁଃଖପୂର୍ଣ୍ଣ କହିଥିବା

ବେଳେ ଅନ୍ୟ କେହି ଜୀବନକୁ ସୁଖମୟ ଓ ଉପଭୋଗ୍ୟ କହିବାକୁ ଚାହିଁଛନ୍ତି। କିନ୍ତୁ ଜୀବନ କର୍ମମୟ; କର୍ମ କଲେ ଶାନ୍ତି ମିଳେ, ନିଜର ଉପକାର ହୁଏ ଏବଂ ଅନ୍ୟର ମଧ୍ୟ। କର୍ତ୍ତବ୍ୟ ହିଁ ଭଗବାନ। ଈଶ୍ୱର ଆମକୁ ତାଙ୍କର ସୃଷ୍ଟିର ବଗିଚାରେ ସବୁଠାରୁ ସୁନ୍ଦର ଫୁଲ କରି ସୃଷ୍ଟି କରିଛନ୍ତି; ତେଣୁ ଆମେ ମହତ କାମ କରି ତାଙ୍କରି ସଂସାରକୁ ବାସନାରେ ଭରିଦେଲେ, ସୁବାସିତ କରି ରଖିଲେ ଈଶ୍ୱରଙ୍କ ସୃଷ୍ଟି ସଫଳ ହେବ ଏବଂ ଆମ ଜୀବନ ମଧ୍ୟ ଧନ୍ୟ ହେବ।

ଶ୍ରୀମଦ୍ ଭଗବତ୍‌ଗୀତା (ସଂଖ୍ୟାଯୋଗ ୨/୪୭) ପ୍ରଭୁ ଶ୍ରୀକୃଷ୍ଣ ଯୁଦ୍ଧ କ୍ଷେତ୍ରରେ ଅର୍ଜୁନଙ୍କୁ କହିଥିଲେ, "କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ। ମା କର୍ମଫଳ ହେତୁର୍ଭୂର୍ମାତେ ସଙ୍ଗୋଽସ୍ତ୍ୱ କର୍ମଣି।"। କର୍ମ କରିବାର ହିଁ ତୁମର ଅଧିକାର ଅଛି, କର୍ମର ଫଳ ଉପରେ ତୁମର କଦାପି ଅଧିକାର ନାହିଁ। ତେଣୁ ତୁମେ କର୍ମଫଳର କାରଣ ହୁଅ ନାହିଁ ତଥା ତୁମର କର୍ମ ନ କରିବାରେ ବି ଆସକ୍ତି ନ ହେଉ।

ଡକ୍ଟର ଚିନ୍ତାମଣି ରାଉତ ୧୯୯୦-୧୯୯୨ରେ ବାଣୀବିହାର ସ୍ନାତକୋତ୍ତର ଆଇନ ବିଭାଗର ଛାତ୍ର। ଶିକ୍ଷା ସମାପ୍ତି ପରେ ଆଇନ ଅଧ୍ୟାପନାରେ ଦୀର୍ଘ ୩୧ ବର୍ଷ ନିଷ୍ଠାର ସହିତ ଶିକ୍ଷାଦାନ କଲା ପରେ ସେ ୨୦୨୪ ମସିହାରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ***North-Eastern Hill University (NEHU) Shillong, Meghalaya****ରୁ ପ୍ରଫେସର ଭାବେ ଅବସର ଗ୍ରହଣ କରି ଏବେ ଭୁବନେଶ୍ୱରରେ ରହି ନିଜକୁ ଗବେଷଣା କାର୍ଯ୍ୟରେ ନିୟୋଜିତ କରିଛନ୍ତି। ତାଙ୍କ ସହିତ ମୋବାଇଲ ନମ୍ବର ୯୪୩୭୩୩ ୬୧୦୩ରେ ଯୋଗାଯୋଗ କରାଯାଇ ପାରିବ।*

ବାଣୀବିହାର- ଛାତ୍ର ଜୀବନର କିଛି ସ୍ମୃତି ଓ ଅନୁଭୂତି

ପ୍ରଫେସର କବିଚନ୍ଦ୍ର ବେହେରା

ପ୍ରାକ୍ କଥନ:

ବାଣୀବିହାରରେ ମୋ ଛାତ୍ର ଜୀବନର କିଛି ସ୍ମୃତି, ଅନୁଭୂତି, କିଛି ସ୍ପଷ୍ଟ ଓ କିଛି ଅସ୍ପଷ୍ଟ ଅନୁଭବ, ଘଟଣା ବହୁଳ ତିକ୍ତ ମଧୁର ସ୍ମୃତିର ରୋମନ୍ଥନ କଲେ ଇଚ୍ଛାହୁଏ ପୁଣି ସେ ବାଣୀପୀଠରେ ପାଦ ଥାପନ୍ତି। ସେ ଜୀବନ ଥିଲା ଅନେକ ରୋମାଞ୍ଚ, ଆବେଗଭରା ସମ୍ଭାବନା, ସକାଳର ସୁନେଲି ସୂର୍ଯ୍ୟ ପୁଣି ସଂଘର୍ଷମୟ ଜୀବନର ଅସରନ୍ତି ଗାଥା। ମନେପଡ଼ନ୍ତି ପଣ୍ଡିତ ନୀଳକଣ୍ଠ ଦାଶ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ପଣ୍ଡିତ ଗୋଦାବରୀଶ ମିଶ୍ର, ଆହୁରି ଅନେକ ବଦାନ୍ୟ ବ୍ୟକ୍ତି ବିଶେଷ, ଯାହାଙ୍କର ସାଧୁ ଉଦ୍ୟମରେ ୧୯୪୩ ମସିହା ନଭେମ୍ବର ୨୭ ତାରିଖରେ ସ୍ଥାପିତ ହୁଏ ଏହି ମହାନ ବିଶ୍ୱବିଦ୍ୟାଳୟ।

ସ୍ନାତକୋତ୍ତର ରସାୟନ ବିଜ୍ଞାନ ବିଭାଗ:

ସରକାରୀ ମହାବିଦ୍ୟାଳୟ ଅନୁଗୋଳରୁ ରସାୟନ ବିଜ୍ଞାନ ସମ୍ମାନ ସ୍ନାତକ ଶିକ୍ଷା ସମାପ୍ତି ପରେ, ୧୯୮୧ ମସିହା ଜୁଲାଇ ମାସରେ ଆଡ୍‌ମିସନ୍ ନେଲି ବାଣୀବିହାର ସ୍ନାତକୋତ୍ତର ରସାୟନ ବିଜ୍ଞାନ ବିଭାଗରେ। ସେ ସମୟରେ ବିଭାଗ ମୁଖ୍ୟ ଥାଆନ୍ତି ପ୍ରଫେସର ରବି ନନ୍ଦ। ଖ୍ୟାତାନାମା ପ୍ରଫେସର, ବିଦେଶ ଫେରନ୍ତା ଉଚ୍ଚ ବ୍ୟକ୍ତିତ୍ୱ ସମ୍ପନ୍ନ, ଯାହାଙ୍କୁ ଦେଖିଲେ ମନରେ ଭକ୍ତି ଓ ଭୟ ସୃଷ୍ଟି ହୁଏ। ସୁଦୂର ମଫସଲରୁ ଆସିଥିବା ମୋ ଭଳି ଛାତ୍ରଟିଏ ମନରେ ଅନେକ ଆଶା, ସ୍ୱପ୍ନ ଓ ସମ୍ଭାବନା ସୃଷ୍ଟି ହେବା ସ୍ୱାଭାବିକ। ପ୍ରଥମ ବର୍ଷ ମୋତେ ଗୋପବନ୍ଧୁ ଛାତ୍ରାବାସରେ ରହିବାକୁ ଅନୁମତି ମିଳିଲା। ଆମର ଥିଓରି କ୍ଲାସ୍ ସି.ଏଲ୍.ଟିରେ ହୁଏ। କ୍ଲାସ୍ ସରିବା ପରେ ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀମାନଙ୍କ ସହିତ ମିଶିବା ଓ ବନ୍ଧୁତ୍ୱ ସ୍ଥାପନ ସମୟକ୍ରମେ ହୋଇଥିଲା। ମୋର ସାଙ୍ଗ ପ୍ରଦୋଷ ଦାସ, ଶକ୍ତି ଆଚାର୍ଯ୍ୟ, କାଶୀ ପତି, ସୁକାନ୍ତ ରାୟ, ଲଳିତ ଅଗ୍ରୱାଲ, ରଞ୍ଜିତ ସାହୁ, ଭରତ ପ୍ରଧାନ, ଗୌର ନାୟକ, ସ୍ମୃତି ଦାସ, ସୁପ୍ରିମା କାନୁନଗୋ, ଇନ୍ଦିରା ଦାଶ, ପ୍ରତିମା ମିଶ୍ର, ଅଞ୍ଜନା ପଟ୍ଟନାୟକ, ସଙ୍ଗିତା ସିଂହ, ସିପ୍ରା ମହାପାତ୍ରଙ୍କ ବନ୍ଧୁତ୍ୱ ଓ ଆନ୍ତରିକତାକୁ ମୋ ସ୍ମୃତି ଭିତରେ ସାଇତି ରଖିଛି।

ରସାୟନ ବିଜ୍ଞାନ ବିଭାଗ ସାର୍‌ମାନଙ୍କ ସ୍ମରଣେ:

ରସାୟନ ବିଜ୍ଞାନ ବିଭାଗର ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବିଭାଗୀୟ ମୁଖ୍ୟ ପ୍ରଫେସର ଶିବରାମ ମହାନ୍ତି ଜଣେ ଆଣବିକ ବିଜ୍ଞାନୀ ଥିଲେ। ତାଙ୍କ ପ୍ରଚେଷ୍ଟାରୁ ରସାୟନ ବିଜ୍ଞାନ ବିଭାଗରେ ସ୍ପେଶାଲ ପେପର ଫିଜିକାଲ ଆଣ୍ଡ ନ୍ୟୁକ୍ଲିୟର କେମିଷ୍ଟ୍ରି ଅନୁସୃତ ହୋଇଥିଲା। ଅବଶ୍ୟ ମୋ ସମୟରେ ସେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ କୁଳପତି ଭାବରେ ନିଯୁକ୍ତି ପାଇ ସ୍ଥାନାନ୍ତରିତ ହୋଇ ସାରିଥିଲେ। ପରବର୍ତ୍ତୀ ବିଭାଗ ମୁଖ୍ୟ ପ୍ରଫେସର ରବି ନନ୍ଦ ଦୀର୍ଘ ବର୍ଷ ଧରି କେମିଷ୍ଟ୍ରି ଡିପାର୍ଟମେଣ୍ଟକୁ ଉଚ୍ଚ ସୋପାନରେ ସୁନାମ ଆଣିବାରେ ଦକ୍ଷତା ପ୍ରତିପାଦନ କରି ପାରିଥିଲେ। ସେ ଜଣେ ଉଚ୍ଚକୋଟିର ବୈଜ୍ଞାନିକ, ଉଚ୍ଚ ମାନର ଗବେଷକ, ଅଗାଧ ପାଣ୍ଡିତ୍ୟର ଅଧିକାରୀ; ଯାହାଙ୍କର ବ୍ୟକ୍ତିତ୍ୱ, ଶୃଙ୍ଖଳାବୋଧ, ଛାତ୍ରବତ୍ସଳତା ସମସ୍ତଙ୍କ ପାଇଁ ଅନୁକରଣୀୟ ଓ ଅବିସ୍ମରଣୀୟ। ପ୍ରଫେସର ଭାସ୍କର ଦାଶ (ଅର୍ଗାନିକ) ପ୍ରଫେସର ଅନାଦି ଚରଣ ଦାଶ (ଫିଜିକାଲ), ପ୍ରଫେସର କୈଳାଶ ଚନ୍ଦ୍ର ଦାଶ (ଇନ୍-ଅର୍ଗାନିକ) ପ୍ରଫେସର ବିବେକ ଚକ୍ରବର୍ତ୍ତୀ (ଫିଜିକାଲ), ପ୍ରଫେସର ଦୀନବନ୍ଧୁ ଭଞ୍ଜ (ଅର୍ଗାନିକ)ଙ୍କୁ ସ୍ମରଣ କରୁଛି। ସେମାନଙ୍କର ଅଧ୍ୟାପନା ଶୈଳୀ, ଛାତ୍ର ବତ୍ସଳତା, ଶୃଙ୍ଖଳାବୋଧ, ପାଣ୍ଡିତ୍ୟ ଯୋଗୁଁ ରସାୟନ ବିଜ୍ଞାନ ବିଭାଗର ସୁନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ।

ଅନ୍ୟ ବିଭାଗର କିଛି ଖ୍ୟାତନାମା ପ୍ରଫେସରଙ୍କ ଗୌରବମୟ ଗରିମା:

ଆମ ସମୟରେ ଉତ୍କଳ ବିଶ୍ୱବିଦ୍ୟାଳୟର ସୁନାମ ଆଣିଥିବା କିଛି ଖ୍ୟାତାନାମା ପ୍ରଫେସରଙ୍କ ଗୁଣାବଳୀ, ପାଣ୍ଡିତ୍ୟ, ଉଚ୍ଚଗୁଣବତ୍ତା ଅଧ୍ୟାପନା ପ୍ରେରଣାଦାୟୀ ହୋଇପାରିଛି ଆଗାମୀ ଯୁବ ପିଢ଼ି ପାଇଁ। ସର୍ବ ପ୍ରଥମେ ରାଜନୀତି ବିଜ୍ଞାନର ପ୍ରଫେସର ଶ୍ରୀରାମ ଚନ୍ଦ୍ର ଦାଶଙ୍କୁ ସ୍ମରଣ କରୁଛି। ତାଙ୍କର ପ୍ରଚଣ୍ଡ ପ୍ରତିଭା, ଉଚ୍ଚତର ବୌଦ୍ଧିକ ଜ୍ଞାନ, ରାଜନୀତି ବିଜ୍ଞାନ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣାଦାୟୀ ଓ ଜଣେ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ପ୍ରଫେସର ଭାବରେ ସେ ସୁନାମ ଆଣି ପାରିଥିଲେ।

ସେହିଭଳି ଆଉ ଜଣେ ପ୍ରତିଭାଦିପ୍ତ ପ୍ରଫେସର ମନ୍ମଥନାଥ ଦାସ, ଜଣେ ବିଶିଷ୍ଟ ଐତିହାସିକ। ନିଜେ ଇଂଲଣ୍ଡ ଗସ୍ତରେ ଯାଇ ସେଠାକାର ଲାଇବ୍ରେରୀରୁ ଦସ୍ତାବିଜ୍ ସଂଗ୍ରହ କରି ତାଙ୍କର ସିଦ୍ଧାନ୍ତ India After Independence ରେ ଲିପିବଦ୍ଧ କରି ଯାଇଛନ୍ତି। ମନୋବିଜ୍ଞାନ ବିଭାଗ ପ୍ରଫେସର ରାଧାନାଥ ରଥ, ଅର୍ଥନୀତି ପ୍ରଫେସର

ବୈଦ୍ୟନାଥ ମିଶ୍ର, ଇଂରାଜୀ ପ୍ରଫେସର ପ୍ରଭାତ ନଳିନୀ ଦାଶ, ଦର୍ଶନ ବିଭାଗ ପ୍ରଫେସର ଗଣେଶ୍ୱର ମିଶ୍ର, ଓଡ଼ିଆ ବିଭାଗର ପ୍ରଫେସର ବଂଶୀଧର ମହାନ୍ତି, ପଦାର୍ଥ ବିଜ୍ଞାନ ପ୍ରଫେସର ବିଭୂତି ଭୂଷଣ ଦେଓ, ପ୍ରାଣୀ ବିଜ୍ଞାନ ପ୍ରଫେସର ବସନ୍ତ କୁମାର ବେଉରା, ଉଦ୍ଭିଦ ବିଜ୍ଞାନ ପ୍ରଫେସର ବିଦ୍ୟାଧର ପାଢ଼ୀ, ପରିସଂଖ୍ୟାନ ବିଭାଗର ପ୍ରଫେସର ସାଧୁ ଚରଣ ଦାସ, ବାଣିଜ୍ୟ ବିଭାଗର ପ୍ରଫେସର ସୂର୍ଯ୍ୟକାନ୍ତ ଦାସ, ଗଣିତ ବିଭାଗର ପ୍ରଫେସର ଗୋକୁଳାନନ୍ଦ ଦାସ ଇତ୍ୟାଦିଙ୍କର ଖ୍ୟାତି, ପାଣ୍ଡିତ୍ୟ, ଗବେଷଣା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ବାଣୀବିହାର ବିଦ୍ୟାମନ୍ଦିରକୁ ମୁଖରିତ କରିଥିଲା।

ଆମ ସମୟର କୁଳପତି ସାର୍‌ଙ୍କ ପାଇଁ ପଦେ:

ଆମ ସମୟର କୁଳପତି ଥିଲେ ପ୍ରଫେସର ମହେନ୍ଦ୍ର କୁମାର ରାଉତ। ସେ ଜଣେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ରସାୟନବିତ ଓ ବୈଜ୍ଞାନିକ। ଜଣେ ଛାତ୍ରବତ୍ସଳ ପ୍ରଫେସର, ରସାୟନ ବିଜ୍ଞାନ ପ୍ରତି ତାଙ୍କର ଗଭୀର ଆକର୍ଷଣ ଥିବାରୁ କୁଳପତି ପଦରେ ଥାଇ ମଧ୍ୟ ସେ ଏମ.ଏସ୍‌ସି କ୍ଲାସ ନେଉଥିଲେ। ଗବେଷଣାରୁ କେବେ ନିବୃତ୍ତ ନଥିଲେ। ଏମ.ଏସ୍‌ସି ସେକେଣ୍ଡ ଇୟର ବେଳକୁ ନୂତନ କୁଳପତି ଭାବେ ପ୍ରଫେସର ମନ୍ମଥନାଥ ଦାସ ଯୋଗ ଦେଲେ। ସେ ଜଣେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଐତିହାସିକ। ପରବର୍ତ୍ତୀ ଅବସ୍ଥାରେ ନୂତନ କୁଳପତି ଭାବେ ଯୋଗ ଦେଲେ ପ୍ରଫେସର ତ୍ରିଲୋଚନ ପ୍ରଧାନ। ସେ ଜଣେ ଖ୍ୟାତନାମା ପଦାର୍ଥ ବିଜ୍ଞାନୀ। ଇନଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସର ନିର୍ଦ୍ଦେଶକ ଭାବେ ବହୁବର୍ଷ ଧରି କାର୍ଯ୍ୟ କରିଥିଲେ। ପ୍ରଚଣ୍ଡ ସ୍ୱାଭିମାନୀ ଥିଲେ। କାର୍ଯ୍ୟକାଳ ଅଧାରୁ କୁଳପତି ପଦରୁ ଇସ୍ତଫା ଦେଇଥିଲେ। ପରବର୍ତ୍ତୀ ସମୟରେ ୟୁନିଭର୍ସିଟି ଅଫ୍ ହାଇଦ୍ରାବାଦରେ ମୁଁ ରିଫ୍ରେସର କୋର୍ସ ନେବା ସମୟରେ ମୋର ତାଙ୍କ ସହିତ ସାକ୍ଷାତ ହୋଇଥିଲା। ସେ ଭିଜିଟିଂ ପ୍ରଫେସର ଭାବେ ଏକ ସେମିନାରରେ ଟକ୍ ଦେବାକୁ ସେଠାକୁ ନିମନ୍ତ୍ରିତ ହୋଇଥାନ୍ତି। କଥାଛଳରେ ମୁଁ ପଚାରିଲି, ସାର୍ ଆପଣ କାହିଁକି କୁଳପତି ପଦର ହଠାତ୍ ଇସ୍ତଫା ଦେଲେ ? ତା'ପରେ ସେ ବର୍ଣ୍ଣନା କଲେ, "ଛାତ୍ରମାନେ ମୋ ଅଫିସ୍ ସମ୍ମୁଖରେ ଘେରାଉ କଲେ ୧୨ ଘଣ୍ଟା ପର୍ଯ୍ୟନ୍ତ। ଏକା ଜିଦ୍ ପରୀକ୍ଷା ଘୁଞ୍ଚିବ ନଚେତ କୁଳପତି ଇସ୍ତଫା ଦିଅନ୍ତୁ। ଯଦି କୁଳପତିଙ୍କ ଇସ୍ତଫାରେ ଛାତ୍ର ଆନ୍ଦୋଳନର ସମାଧାନ ହେବ ସେହି ମୁହୂର୍ତ୍ତରେ ମୁଁ ଇସ୍ତଫା ଦେଇଦେବି।" ଏକଥା ଚାଲିଥିଲା ବେଳେ ୟୁନିଭର୍ସିଟି ଅଫ୍ ହାଇଦ୍ରାବାଦ ଭି.ସି., ପ୍ରଫେସର ଗୋବର୍ଦ୍ଧନ ମେହେଟ୍ଟା ଆସିଲେ ତାଙ୍କୁ ସ୍ୱାଗତ କରିବା ପାଇଁ। ପ୍ରଫେସର ମେହେଟ୍ଟା ଜଣେ ଉଚ୍ଚକୋଟିର ସୁନାମଧନ୍ୟ ରସାୟନବିତ୍। ତ୍ରିଲୋଚନ ସାର୍ ମୋତେ ପ୍ରଫେସର ମେହେଟ୍ଟାଙ୍କ ସହିତ ପରିଚୟ କରାଇ ଦେଲେ।

ମଧୁସୂଦନ ଛାତ୍ରାବାସ:

ପାଠପଢ଼ାର ଦ୍ୱିତୀୟ ବର୍ଷ ମୋତେ ମଧୁସୂଦନ ଛାତ୍ରାବାସ (ଦ୍ୱିତୀୟ ଛାତ୍ରାବାସ)ରେ ରହିବା ପାଇଁ ଅନୁମତି ମିଳିଲା। ପ୍ରତ୍ୟେକ ରୁମ୍‌ରେ ଗୋଟିଏ ଲେଖାଏଁ ବେଡ୍। ପାଖ ରୁମ୍‌ରେ ଆମ ଗାଁ ପାଖର ଜଣେ ସାଙ୍ଗ ଜ୍ଞାନ ସାମନ୍ତରାୟ (ସାଇକୋଲୋଜି) ରହୁଥାନ୍ତି। ଅବନି ପଟ୍ଟନାୟକ, ରବି ଦାସ, ରବି ମହାନ୍ତି, ବଂଶୀ ନାୟକ ଇତ୍ୟାଦି ସାଙ୍ଗମାନେ ପାଖାପାଖି ରୁମ୍ ପାଇଥାନ୍ତି। ଅନେକ ସାଙ୍ଗଙ୍କ ଅସ୍ପଷ୍ଟ ଚେହେରା ଓ ନାମ ବିସ୍ମରଣ ହୁଏ। ଏହା ଭିତରେ ବାଣୀବିହାର ଛାଡ଼ିବା ଦୀର୍ଘ ୪୪ବର୍ଷ ହେଇଗଲାଣି। ସମୟ ସ୍ରୋତରେ କିଏ କୁଆଡ଼େ ଚାଲିଗଲେଣି। ବେଳେବେଳେ ବିଗତ ଛାତ୍ର ଜୀବନର କିଛି ସ୍ମୃତି ମନକୁ ଆନ୍ଦୋଳିତ କରାଏ। ଇଚ୍ଛାହୁଏ ପୁଣି ସେଦିନ ଫେରି ଆସନ୍ତା କି ! ସେ ସମୟରେ ପରୀକ୍ଷା ପାଇଁ ପ୍ରସ୍ତୁତି, ପ୍ରାକ୍ଟିକାଲ ପରୀକ୍ଷା ପାଇଁ ରେକର୍ଡ ଖାତା ପୂରଣ କରିବା, ରାତି ଉଜାଗର ରହି ପାଠ ପଢ଼ିବା, ସାଙ୍ଗସାଥି ମେଳରେ କେତେ ଆଳାପ ଆଲୋଚନାରେ ରାତି ପାହିଯିବା, ଉତ୍ସାହ, ଉଦ୍ଦୀପନା, ଭୋଜିଭାତରେ ସେ ଦିନଗୁଡ଼ିକ ଚାଲିଗଲା। ଏସବୁ ମନେ ପଡ଼ିଲେ ସ୍ମୃତିଗୁଡ଼ିକ ଜୀବନ୍ତ ହୋଇ ଉଠନ୍ତି। ସେତେବେଳର ସେ ଆବେଗ ଓ ସ୍ପନ୍ଦନ, ଆନନ୍ଦ କାହିଁ ?

ଦ୍ୱିତୀୟ ଛାତ୍ରାବାସର ମୁଖପତ୍ର 'ବାଣୀ ବଳୟ'ର ସମ୍ପାଦନ ଦାୟିତ୍ୱ ମୋତେ ମିଳିଥିଲା। ଲେଖାଗୁଡ଼ିକ ବହୁତ ସୁନ୍ଦର ଓ ଅନୁଭୂତି ପୂର୍ଣ୍ଣ ଥିଲା। ଆମ ହଷ୍ଟେଲର ସୁପରିଣ୍ଟେଣ୍ଡେଣ୍ଟ ଥିଲେ ପ୍ରଫେସର କୃଷ୍ଣଚରଣ ସାହୁ, ଓଡ଼ିଆ ସାହିତ୍ୟର ଜଣେ ବିଶିଷ୍ଟ ପ୍ରାବନ୍ଧିକ, ସମାଲୋଚକ। ସେତେବେଳେ ପତ୍ରିକାରେ ସ୍ଥାନ ପାଇଥିବା ଲେଖାକୁ ସେ ଭାରି ପ୍ରଶଂସା କରିଥିଲେ।

କିଛି ତିକ୍ତ ମଧୁର ସ୍ମୃତି:

ମୋର ଘନିଷ୍ଠ ସାଙ୍ଗ ପ୍ରଦୋଷ ରଞ୍ଜନ ଦାସ ଆମର ସେମିନାର ସେକ୍ରେଟାରୀ ଥିଲେ। ଡିପାର୍ଟମେଣ୍ଟ ସେମିନାର, ଗଣେଶ ପୂଜା, ସରସ୍ୱତୀ ପୂଜା, ପିକ୍‌ନିକ୍, ବିଶେଷ ଉତ୍ସବ ପାଇଁ ତାଙ୍କର ବଳିଷ୍ଠ, ସାଂଗଠନିକ ଦକ୍ଷତାକୁ ମୁଁ ପ୍ରଶଂସା କରେ। ତାଙ୍କରି ପ୍ରଚେଷ୍ଟାରେ "ଭାଇବ୍ରାଣ୍ଟ ବାଣୀବିହାର-୮୩" ଗଠିତ ହୋଇ ପାରିଛି। ବିଭିନ୍ନ ବିଭାଗର ଛାତ୍ରଛାତ୍ରୀମାନେ ବର୍ଷକରେ ଅନ୍ତତଃ ଥରେ ମିଳିତ ହୁଅନ୍ତି। ପିକନିକ୍ ମାଧ୍ୟମରେ ସ୍ମୃତିକୁ ସାଉଣ୍ଟନ୍ତି। ହସଖୁସିରେ ଏକ ପୁନର୍ମିଳନ ହୁଏ।

ବାଣୀବିହାର ଛାତ୍ର ଜୀବନର କିଛି ସଂଘର୍ଷମୟ ଅନୁଭୂତି ଓ ଅନୁଭବର କଥା ପ୍ରକାଶ ନକଲେ ସବୁ ଅଧାଅଧା ଲାଗିବ। ମୁଁ ପଢ଼ିବା ସମୟରେ ଟ୍ୟୁସନ କରୁଥିଲି। ଚାଲିଚାଲି ଶହୀଦ୍ ନଗର, ବିଦ୍ୟୁତ୍ ବୋର୍ଡ କଲୋନୀକୁ ଯିବାକୁ ପଡୁଥିଲା। ଗୋଟିଏ ଦିନ ମୋ ପାଖରେ ଟଙ୍କାଟିଏ ବି ନଥିଲା। ସାଙ୍ଗମାନଙ୍କୁ ଧାର ମାଗିବା ପାଇଁ ମୋ

ବିବେକ ମୋତେ ବାଧା ଦେଲା । ସେଦିନ କେବଳ ପାଣି ପିଇ କ୍ଲାସ୍‌କୁ ଗଲି, ସନ୍ଧ୍ୟା ବେଳକୁ ଟ୍ୟୁସନ ଯିବାକୁ ପଡ଼ିଲା । ରମାଦେବୀ କଲେଜ ନିକଟରେ ଠେଲା ଦୋକାନୀ ପାଖରେ ଠିଆ ହୋଇଥାଏ, ଜଣେ ବାବୁ ମୋତେ ଆସି କୁଣ୍ଢାଇ ପକାଇ କହିଲେ, "ମୋତେ କ'ଣ ଜାଣି ପାରୁନ ? ତମ ଯୋଗୁଁ ମୁଁ ମାଟ୍ରିକ୍ ପରୀକ୍ଷା ଦେଇ ପାସ୍ କରି ଯାଇଛି । ମୋର ଚାକିରିରେ ପ୍ରମୋସନ୍ ହେଇଛି ।" କିଛି ସମୟ ପ୍ରକୃତିସ୍ଥ ହେବାପରେ ମନେ ପଡ଼ିଲା ସେ ଆମ ଗାଁ ପାଖର ପିଲା । ମୋ ସୁପାରିସରେ ଆମ ଘରପାଖ ହାଇସ୍କୁଲରେ ପରୀକ୍ଷା ଦେଇଥିଲେ । ସେ ବାବୁ କହିଲେ ଆସ କିଛି ଜଳଖିଆ ଖାଇବା । ମନାକଲାରୁ ମନଦୁଃଖ କଲେ । ତା'ପରେ ତାଙ୍କ କଥାକୁ ଭାଙ୍ଗି ପାରିଲି ନାହିଁ । ଦୁହେଁ ମିଶି ଜଳଖିଆ ଖାଇଲୁ । ମୁଁ କହିଲି, "ତୁମର ଶୁଭ ଖବର ଶୁଣି ବହୁତ ଖୁସି ଲାଗିଲା । ମୋର ଟ୍ୟୁସନ ସମୟ ହୋଇଗଲାଣି ମୁଁ ଯାଉଛି । ପୁଣି କେବେ ଦେଖା ହେବ ।" ସେ କହିଲେ, "ରୁହନ୍ତୁ ।" ଏତିକି କହି ୫୦ ଟଙ୍କିଆ ନୋଟ୍‌ଟିଏ ମୋ ପକେଟରେ ଭରିଦେଲେ । ଯେତେ ମନାକଲେ ବି ସେ ବାଧ୍ୟ କଲେ ଟଙ୍କା ରଖିବାକୁ । ମୁଁ ମନେମନେ ପ୍ରଭୁଙ୍କୁ ଡାକୁଥାଏ ଜୀବନରେ ଯେତେ ସଂଘର୍ଷ ଆସିଲେ ବି ସବୁବେଳେ ତୁମେ ମୋ ପାଖରେ ଅଛ । ମୋତେ ଏମିତି ପରୀକ୍ଷା କରି କୃପା ବର୍ଷଣ କରୁଥାଅ ।

ବାଣୀବିହାର କ୍ୟାମ୍ପସର କିଛି ଝଲକ:

ଆମ ସମୟରେ ଦୁଇଟି କ୍ୟାଣ୍ଟିନ ଥିଲା । ଗୋଟିଏ ସେଣ୍ଟ୍ରାଲ୍ କ୍ୟାଣ୍ଟିନ୍ ଆଉ ଗୋଟେ ଗ୍ଲାସ୍ କ୍ୟାଣ୍ଟିନ୍ । ବାସୁବାବୁଙ୍କ ସେଣ୍ଟ୍ରାଲ କ୍ୟାଣ୍ଟିନରେ ଖୋଲା ପରିବେଶ ଭଲଲାଗେ ସାଙ୍ଗସାଥୀ ମେଳରେ ବସି ଭୋଜନ କରିବାକୁ । ମଧୁର ଝୁମ୍ପୁଡ଼ି ହୋଟେଲରେ ଭାରି ଭିଡ଼ ଜମେ । ସନ୍ଧ୍ୟାହେଲେ ପାଣି ଟାଙ୍କି ନିକଟ ଜଳଖିଆ ଦୋକାନରେ ଝିଅ ପୁଅମାନଙ୍କର ମଧୁର ଭାବ ବିନିମୟ । ଏଠି ବସନ୍ତର ମଳୟ ପବନରେ ପ୍ରେମୀଯୁଗଳଙ୍କ ସାନିଧ୍ୟରେ ଫଗୁଣର ଫଗୁ ଦେହ ଓ ମନକୁ ଉଲ୍ଲସିତ କରେ । ସନ୍ଧ୍ୟା ହେଲେ ଲେଡିଜ୍ ହଷ୍ଟେଲ ପାଖରେ ପ୍ରେମୀଯୁଗଳଙ୍କ ପ୍ରବଳ ଭିଡ଼ ଜମେ । କଥାର ପସରା ମେଲେ ... କେବେ ସରେ ନାହିଁ । ଛାତ୍ରାବାସର ଲ୍ୟାଣ୍ଡଫୋନ୍ ପୁଅଝିଅଙ୍କ ସମ୍ପର୍କର ସେତୁକୁ ସୁଦୃଢ଼ କରେ । ଏହି ତ ବାଣୀବିହାର ଗୋପନଗରୀର ଅସରନ୍ତି କବିତା ।

ଉପସଂହାର:

ବାଣୀବିହାର ପୁରାତନ ଛାତ୍ରସଂଘ ଜରିଆରେ ସମ୍ପର୍କର ସେତୁକୁ ସଂଯୋଗ କରିବା ଓ ଅତୀତର ଛାତ୍ର ଜୀବନର ସ୍ମୃତିକୁ ରୋମନ୍ଥନ କରିବା, ବାଣୀ ମାତା କୋଳକୁ ଫେରିଆସିବା, ଏ ବିଦ୍ୟାମନ୍ଦିର ପରିବେଶ ଓ ପ୍ରଗତି ପାଇଁ ଆମେ ସମସ୍ତେ ଚେଷ୍ଟିତ ହେବା, ଏତିକି କାମ୍ୟ । ପୁରାତନ ଛାତ୍ରସଂଘର ସମସ୍ତ କର୍ମକର୍ତ୍ତାଙ୍କର ମହତ ଉଦ୍ୟମକୁ ମୁଁ ଉଚ୍ଚ ପ୍ରଶଂସା କରୁଛି । ପ୍ରଭୁ ଜଗନ୍ନାଥ ସମସ୍ତଙ୍କ ମଙ୍ଗଳ କରନ୍ତୁ ।

ପ୍ରଫେସର କବିଚନ୍ଦ୍ର ବେହେରା ବାଣୀବିହାର ରସାୟନ ବିଜ୍ଞାନ ବିଭାଗର ୧୯୮୧-୮୩ ବ୍ୟାଚ୍ ଛାତ୍ର । ଅଧ୍ୟାପନା ବୃତ୍ତିରେ ରହି ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଜଗତସିଂହପୁରରୁ ଆସୋସିଏଟ୍ ପ୍ରଫେସର ଭାବେ ଅବସର ଗ୍ରହଣ କରିଛନ୍ତି । ତାଙ୍କ ସହିତ ମୋବାଇଲ ନମ୍ବର ୯୮୫୩୩ ୫୦୬୪୨ରେ ଯୋଗାଯୋଗ କରାଯାଇପାରିବ ।

ENGLISH SECTION

SHORT STORIES



FLESH

Mrutyunjay Sarangi

"Why did you call me to this place? Anything special?"

Asit looked at the cheap, ordinary restaurant and flinched within. Not a place worth a glance of a billionaire like him. But when the doctor had telephoned him, he had said it was important. Under the dim light of the small restaurant the two individuals looked different, a contrast to each other. Asit was a young man in his early thirties, looking a little pale, but unmistakably handsome. Doctor Samar Ballav - old, haggard, ravaged by the many storms of life - his rugged body seemed to have been consumed by a raging fire for quite some time. He was smoking the fourth cigarette of the evening, smoke going up from his parched lips in a tragic curl. Unkempt dress, unruly hair and a shaking hand spoke of a disturbed personality.

"I called you here, because I went through your reports again. I want to ask you a few questions. From your past".

Asit became alert. Questions? What questions? Why is the doctor sounding so ominous? What could be his problem? What kind of problem could visit a young man like him, rich, powerful and influential - owner of the two best cinema halls, four big hotels and a dozen petrol pumps in the sprawling town. Add to that the dealership of Maruti cars - his wealth was a stuff of dreams. Seven years back when he returned from the U.S. after doing an MBA, his father handed over the reins of all that business to him. "Son, I have built this vast empire with a lot of sweat. Now it's for you to manage them and enjoy the dividends. You are an MBA, I am sure you will do justice to the business." Asit had promised to his dad he would take good care of the business and would not let his father down.

"What past? I am only thirty two years! Not ancient like you."

The doctor hastened to correct him, "No. No. Not the distant past, not your childhood or your adolescence, I guess you would have had a fabulous life, with all the riches of your father. I just want to know how you have been spending your time after you returned from the U.S. You have so much wealth, you virtually float in money, you can buy anything you want, no one to stop you from doing whatever you want. So what is left for you to enjoy? What do you want from life, what are your cravings?"

"You are right doctor, with money I have acquired a lot. I have purchased many powerful people. With just a phone call I can summon half a dozen MLAs who will rush to my hotel with their body guards. All of them are on my payroll. I can walk into a Minister's room and get anything done with just a snap of my fingers. Two rooms in my best hotel are kept ready for such big bosses and many other VIPs, for whatever use they want to make of them, no questions asked. Their flunkeys bring girls and eunuchs for them. The best imported whisky is kept ready for them all the time. If there are cries from the victims from perverted brutalities of these worthies, they remain within the four walls. Often the girls are dragged out after the bosses have had their enjoyment and the flunkeys pounce upon them like hungry dogs. In the morning their almost lifeless bodies are packed in vans and sent home. No questions asked. Such is life doctor, all full of

colour and music, one has to know how to enjoy life."

The doctor probably knew all that, he wanted to probe Asit's life, "Yes, all that is true, but tell me how do you enjoy life? What is it that you crave?"

Asit smiled, a cruel yet dream like smile, "Flesh!"

The doctor sat up, "Excuse me? What is that?"

The smile widened, "Yes, flesh of young, innocent girls. I buy it, no question asked on the amount. Sometimes I ensnare them, beautiful, young girls, draped in exquisite sarees, or tight dresses, their eyes shining with love, for a billionaire and his fathomless wealth. I promise them the moon and in the hope of becoming Mrs. Asit Mahanty they give themselves to me, a total surrender. I just use them for a couple of weeks and then discard them. My PRO procures a new girl for me in no time. It is amazing what money can buy - body, heart and soul, everything Doctor, you can't even imagine that. You, with your limited income and middle class mentality."

After a long speech Asit felt tired. Little beads of sweat appeared on his face. He wiped it with his kerchief, took a sip of water and sat back.

The doctor was impressed, "So, how many girls you have used like that and thrown away?"

Asit exploded, "What? You think Asit Mahanty is so cheap? To keep count of the girls he sleeps with? It is for my PRO to keep a count of that and settle their accounts. Some of them get desperate, they had already built massive dreams, as the future Mrs. Asit Mahanty. They scream, whine before the PRO, but he is a real gem. Nothing moves him. If some one tries to be difficult he blackmails her with a couple of her intimate photographs with me. She runs away without looking back."

"Why do you do that? You can get married to a billionaire's daughter and enjoy your flesh anytime you want."

Asit laughed, a derisive laughter throwing the doctor off guard.

"You know, my dad had asked me, a couple of years after I took over the business, what kind of girl I would like as a wife. I laughed at the idea, told him I don't want to be tied down to a cow, a bloody cow, like my Mom who never even answered back my dad and worshipped the ground he trod upon. Asit Mahanty is different, so bloody different. Doctor, do you eat meat?"

"I used to, but gave up two years back."

"Tell me, which meat is the best, the tastiest?"

"To me all meat used to taste the same, what is the difference?"

"There is a difference doctor, in the pleasure you get from eating meat. It's all psychological, you know, all pleasure is in the mind. See, you can get meat in three different ways - you can buy it, you can go to the jungle, shoot a deer and eat its meat. But you know which is the best meat you can have? When you rear a goat or a deer at home, give him all the attention you can, make him feel so happy and secure. Then one day you drag him to the slaughter point and kill him with your own hands. The look of disbelief, sadness and betrayal in his eyes is something so rare and so deep, it will make you feel powerful, immensely powerful. You had the power to give him life and then you decided to take it away. For him, in his last moments, you played God. That's what I like doctor. With my girls also. I bring them home, give them lots of hope, they just soak in it. Gradually they start getting aggressive, throw their weight around with the servants and one day I just throw them away like soiled napkins. My PRO secretly records the video of their pleading with him to give one more chance to meet me, to grant just a few minutes with me. They sob, whine and almost fall at his feet. The video really turns me on. Ah, the power of playing with people's fate! Only two persons can do it. God and Asit Mahanty! Doctor, you

cannot understand it, the power of playing God - making and breaking people's lives!"

Asit again took a few sips of water, wondering what was happening to him, why he was feeling so tired frequently. The doctor watched him closely, puffing away at his cigarette. Something was bothering him and he wanted to ask Asit about that.

"Wasn't there anyone who you liked, may be a little more than others? Someone special?"

Asit paused for a moment, a wistful smile playing on his lips, "Yes, there was one. A really innocent, cute girl. She was not procured by my PRO. My car had accidentally brushed her from the side when she was walking back from the college. One look at her, and I was floored. She was beautiful, like a freshly bloomed flower and I was mad to get her. After six weeks of wooing I won her and one winter afternoon ravished her in my penthouse. I can never forget the way she cried, as if I had taken away the virginity of her whole clan! It was a big victory for me. I love it when the girls resist and I ultimately conquer them."

The doctor lit another cigarette, "Did you throw her away also?"

"Yes, I got tired of her telling me all the time, she loved me, only me as Asit Mahanty and didn't care for my riches, that even if I had nothing she would have loved me with her heart and soul. To my horror, I saw in her another cow like my mother and in a couple of days after she professed her eternal love to me, I asked the PRO to take care of her. But Shefali was different, not like others who got intimidated by threats of blackmail, her nude photographs and pictures of the intimate moments she shared with me. A couple of months later she stormed into my office, created a big scene. Told me she was pregnant with my child. Foolish girl, she thought she could nail me down with that! I used the only weapon that I knew would shatter her. I simply told her that she was of loose character, if she could sleep with me, God knows how many men she would have slept with. I can never forget the way her face became ashen, she trembled and collapsed on the floor. She reminded me of a pet doe I had killed a year earlier, the way she had looked at me, tears in her eyes when I went near her with a sharp knife. I asked the watchman to throw her out. I never saw her again."

"What happened to her?"

"How do I know? I don't care what happens to the girls I discard. They mean nothing to me."

The doctor looked at Asit, a feeling of revulsion sweeping over him, the young man was again sweating and wiping his face with his kerchief. In a trembling voice, the doctor said, "I know what happened to her. She was the only child of her parents, their sweet darling, the throb of their heart. When she told them of her plight they were shattered. Her father quit his job and they all left for Delhi. He took up a job as a research scientist at the National Institute of Immunology. Shefali remained in deep depression and one afternoon when her mother was away to buy some vegetables, she hanged herself from the ceiling fan. Her mother was devastated by this tragedy and lived for just six months after that. After her death, the father also wanted to end his life, but then he thought how will he face his wife and daughter in heaven if he leaves without taking revenge on the devil who destroyed a happy innocent family. So I came back here..."

Before he could finish, Asit cut him short, "You? You are Shefali's father?"

"Yes, I am her father and I returned to this sad place to rid you of your habit of enjoying flesh. Asit Mahanty, your days of enjoying flesh are over. In a few months you will look like an old dog, your skin peeled off, your hair gone, you will be sitting in your lawn and panting like a decrepit dog that you are."

Asit turned pale, his face distorted by a grimace, "Why? What has happened to me?"

